ବର୍ଷ-୫୩ : ସଂଖ୍ୟା-୩ ମାର୍ଚ୍ଚ, ୨୦୨୨ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ମାର୍ଚ୍ଚ, ୨୦୨୨


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ୨୧ ଫେବ୍ରୁଆରୀ, ୨୦୨୨ରେ ଆଶ୍ରମରେ ବିତରିତ ବାଣୀ | ... | ଶ୍ରୀଅରବିନ୍ଦ | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୫ |
| ବାର୍ତ୍ତାଳାପ ସମ୍ପର୍କରେ | ... | ଶ୍ରୀମା | ... | ୬ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ | | | | |
| ଦ୍ୱିତୀୟ ଅନୁକ୍ରମ : ଦ୍ୱିତୀୟ ଭାଗ (ପଞ୍ଚଦଶ ଅଧ୍ୟାୟ) | | | | |
| ପୁରୁଷତ୍ରୟ | ... | ଶେଖ ଅବଦୁଲ କାଶମ | ... | ୭ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୦୪) | ... | ... | ... | ୧୧ |
| ପାଷାଣ ପ୍ରତିମା (କବିତା) | ... | ସନ୍ତୋଷ ରଥ | ... | ୧୬ |
| ପରିବାର ଓ ଯୋଗ ସାଧନା | ... | ରାମକୃଷ୍ଣ ଦାସ | ... | ୧୭ |
| ସମାଧାନର ଚାବିକାଠି ଊର୍ଦ୍ଧ୍ୱରେ | ... | ପ୍ରପତ୍ତି | ... | ୨୦ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୫୯) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୨୨ |
| 'ଓଁ' ସଂପର୍କରେ | ... | ଶ୍ରୀଅରବିନ୍ଦ | ... | ୨୫ |
| ଶ୍ରୀଅରବିନ୍ଦଙ୍କ ଶରୀର ତ୍ୟାଗ (୬) | ... | ସାହାନା ଦେବୀ | ... | ୨୬ |
| କୃତଜ୍ଞତା ସମ୍ପର୍କରେ (୨) | ... | କୁମାର ଚନ୍ଦ୍ର ମିଶ୍ର | ... | ୨୯ |
| କବି ନିଶିକାନ୍ତ (୧୮) | ... | ... | ... | ୩୬ |
| ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ (୨୦) | ... | ଗୟାଧର ଦାଶ | ... | ୪୦ |
| ତୁମେ ଅବତରି ଆସ ! (କବିତା) | ... | ସୁନାମଣି ରାଉତ | ... | ୪୩ |
| ଆମ ପରୀକ୍ଷାର ବେଳ | ... | ପ୍ରସାଦ ତ୍ରିପାଠୀ | ... | ୪୪ |
| ସଂସ୍କୃତ ବିଷୟରେ କେତୋଟି ଜାଣିବା କଥା | ... | ନରେନ୍ଦ୍ର | ... | ୪୭ |
| ଇତିହାସର କେତୋଟି ମୁହୂର୍ତ୍ତ | ... | ମନୋଜ ଦାସ | ... | ୪୯ |
| ମନ-ବଚନ-କର୍ମ | ... | କୃଷ୍ଣାଦେବୀ | ... | ୫୨ |
| ବିଭିନ୍ନ ଯୋଗମାର୍ଗ : ହେତୁ ଓ ପରିଣତି | | | | |
| ଏବଂ ଅହଂର ପ୍ରଥମ ଲକ୍ଷଣ | ... | ମନୋଜ ଦାସ | ... | ୫୬ |


❖

# ପ୍ରାର୍ଥନା

... ... କ୍ରମଶଃ ଦିଗ୍‌ବଳୟ ହୋଇଉଠୁଛି ସୁସ୍ପଷ୍ଟ, ପଥ ହେଉଛି ପରିଷ୍କାର ଏବଂ ଅଧିକରୁ ଅଧିକ ନିଶ୍ଚୟତା ଦିଗରେ ଆମେ ଗତିରତ ।

ସହସ୍ର ସହସ୍ର ସତ୍ତା ଯଦି ପ୍ରଗାଢ଼ ଅନ୍ଧକାରରେ ନିମଜ୍ଜିତ ରହିଛନ୍ତି, ସେଥିରେ କିଛି ଯାଏ ଆସେ ନାହିଁ; ଆମେ ଗତକାଲି ଯାହାଙ୍କୁ ଦେଖିଲୁ, ସେ ଏହି ପୃଥିବୀରେ ବିଦ୍ୟମାନ; ତାଙ୍କ ଉପସ୍ଥିତିହିଁ ଏତକ ପ୍ରମାଣ କରିବା ନିମନ୍ତେ ଯଥେଷ୍ଟ ଯେ ଦିନ ଆସିବ ଯେବେ ଅନ୍ଧକାର ହେବ ଆଲୋକରେ ରୂପାନ୍ତରିତ ଏବଂ ଧରିତ୍ରୀ ଉପରେ ପ୍ରତିଷ୍ଠିତ ହେବ ବାସ୍ତବରେ ତୁମରି ରାଜତ୍ୱ ।

ହେ ପ୍ରଭୁ, ଏହି ମହତୀ ବିସ୍ମୟର ହେ ଦିବ୍ୟ ନିର୍ମାତା, ଏହା ଭାବିବା ବେଳେ ମୋ ହୃଦୟ ଆନନ୍ଦ ଓ କୃତଜ୍ଞତାରେ ଉଚ୍ଛୁଳି ଉଠୁଛି, ଏବଂ ମୋ ପ୍ରତ୍ୟାଶାର ସୀମା ନାହିଁ ।

ମୋ ଆରାଧନା ସକଳ ବାକ୍ୟର ଅତୀତ, ନିଃଶବ୍ଦ ମୋର ଭକ୍ତିମୟ ଶ୍ରଦ୍ଧା ।

ମାର୍ଚ୍ଚ ୩୦, ୧୯୧୪ — ଶ୍ରୀମା



## ୨୧ ଫେବୃଆରୀ, ୨୦୨୨ରେ ଆଶ୍ରମରେ ବିତରିତ ବାଣୀ

There is one divine Force which acts in the universe and in the individual and is also beyond the individual and the universe. The Mother stands for all three, but she is working here in the body to bring down something not yet expressed in this material world so as to transform life here – it is so that you should regard her as the Divine Shakti working here for that purpose. She is that in the body, but in her whole consciousness she is also identified with all the other aspects of the Divine Force.

– Sri Aurobindo

ଏକହିଁ ଭାଗବତୀ ଶକ୍ତି ଅଛି ଯାହା ବିଶ୍ୱ ତଥା ବ୍ୟକ୍ତି ମଧ୍ୟରେ କ୍ରିୟା କରୁଛି ଏବଂ ବ୍ୟକ୍ତି ତଥା ବିଶ୍ୱର ଅତୀତ ହୋଇ ମଧ୍ୟ ବିଦ୍ୟମାନ ରହିଛି । ମା ଏହି ତିନୋଟି ଯାକର ପ୍ରତିନିଧିତ୍ୱ କରନ୍ତି, ମାତ୍ର ସେ ଏଠାରେ ଶରୀରରେ ଥାଇ ଏହି ଜଡ଼ ଜଗତରେ ଏଯାବତ୍ ପ୍ରକାଶିତ ହୋଇ ନଥିବା ଏପରି କିଛିକୁ ଓହ୍ଲାଇ ଆଣିବାକୁ କାର୍ଯ୍ୟ କରୁଛନ୍ତି ଯଦ୍ଦ୍ୱାରା ଜୀବନ ଏଠାରେ ରୂପାନ୍ତରିତ ହେବ – ଏହିପରି ଭାବରେହିଁ ତୁମେ ତାଙ୍କୁ ଭାଗବତୀ ଶକ୍ତି ରୂପେ ସେହି ଉଦ୍ଦେଶ୍ୟ ସାଧନ ନିମିତ୍ତ ଏଠାରେ କ୍ରିୟା କରୁଛନ୍ତି ବୋଲି ବିଚାର କରିବା ଉଚିତ । ଶରୀର ସ୍ତରରେ ସେ ତାହାହିଁ ଅଟନ୍ତି, ମାତ୍ର ତାଙ୍କର ସମଗ୍ର ଚେତନାରେ ସେ ଭାଗବତୀ ଶକ୍ତିର ଅନ୍ୟାନ୍ୟ ବିଭାବ ସହିତ ମଧ୍ୟ ଏକୀଭୂତ ।

– ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଦଶମ ସର୍ଗ, କ୍ଷୁଦ୍ର ମାନସର ରାଜ୍ୟ ଓ ଦେବଗଣ

## (The Kingdoms and Godheads of the Little Mind)

## (୧୧୪)

## ଶ୍ରୀଅରବିନ୍ଦ

A dwarf three-bodied trinity was her serf.
ବାମନାକୃତି ଏକ ତ୍ରିଦେହୀ ତ୍ରୟୀ ଥିଲା ତା'ର ଦାସ ।
First, smallest of the three, but strong of limb,
A low-brow with a square and heavy jowl,
A pigmy Thought needing to live in bounds
For ever stooped to hammer fact and form.
ପ୍ରଥମଟି, ତ୍ରୟୀ ମଧ୍ୟରେ କ୍ଷୁଦ୍ରତମ, ଅଥଚ ସବଳ ଅଙ୍ଗଯୁକ୍ତ, ସଂକୀର୍ଣ୍ଣ କପାଳ, ଦୃଢ଼ ଚତୁଷ୍କୋଣୀ ତଥା ଗୁରୁଭାର କପୋଳ ବିଶିଷ୍ଟ, ସୀମାବନ୍ଧନ ଭିତରେ ବଂଚିବାକୁ ଲୋଡ଼ୁଥିବା ଏକ ଖର୍ବକାୟ ଭାବନା ତଥ୍ୟ ଓ ରୂପ ଉପରେ ହାତୁଡ଼ି ପ୍ରହାର ପାଇଁ ସତତ ଅବନତ ହୋଇ ଆସୁଥିଲା ।
Absorbed and cabined in external sight,
It takes its stand on Nature's solid base.
ବାହ୍ୟ ଦୃଷ୍ଟିରେ ନିବିଷ୍ଟ ଓ କକ୍ଷବଦ୍ଧ, ପ୍ରକୃତିର ସୁଦୃଢ଼ ଭିତ୍ତିଭୂମି ଉପରେ ତାହା ଦଣ୍ଡାୟମାନ ରହିଥିଲା ।
A technician admirable, a thinker crude,
A riveter of Life to habit's grooves,
Obedient to gross Matter's tyranny,
A prisoner of the moulds in which it works,
It binds itself by what itself creates.
ଏକ ପ୍ରଶଂସନୀୟ କାରିଗର, ଏକ ଅପରିଣତ ଭାବୁକ, ଅଭ୍ୟାସର ଗୁଳାଗୁଡ଼ିକ ଭିତରେ ଜୀବନର ଏକ ନିବଦ୍ଧକାରୀ, ସ୍ଥୂଳ ଜଡ଼ର ଉତ୍ପୀଡ଼ନ ପ୍ରତି ଅନୁଗତ, ଯେଉଁ ଆକାରଗୁଡ଼ିକ ମଧ୍ୟରେ ତାହା କର୍ମ କରୁଥାଏ, ସେସବୁର ଏକ ବନ୍ଦୀ, ଆପଣାର ସର୍ଜନା ଦ୍ୱାରାହିଁ ତାହା ଆପଣାକୁ ବନ୍ଧନଯୁକ୍ତ କରେ ।
A slave of a fixed mass of absolute rules,
It sees as Law the habits of the world,
It sees as Truth the habits of the mind.
ଅଟଳ ଚୂଡ଼ାନ୍ତ ନିୟମାବଳୀର ଏକ କ୍ରୀତଦାସ, ଜଗତର ଅଭ୍ୟାସ ସମୂହକୁ ତାହା ବିଧିବିଧାନ ରୂପେ ଦେଖୁଥାଏ, ମନର ଯାବତୀୟ ଅଭ୍ୟାସକୁ ପରମ ସତ୍ୟ ରୂପେ ଅବଲୋକନ କରୁଥାଏ ।
In its realm of concrete images and events
Turning in a worn circle of ideas
And ever repeating old familiar acts,
It lives content with the common and the known.
ଆପଣାର ପ୍ରମୂର୍ତ୍ତ ରୂପରାଜି ଓ ଘଟଣାବଳୀର ରାଜ୍ୟରେ ମାନସ-ଧାରଣାର ଚିରାଚରିତ ଆବର୍ତ୍ତ ମଧ୍ୟରେ ଘୂର୍ଣ୍ଣାୟମାନ ହୋଇ ଏବଂ ପୁରୁଣା ଅଭ୍ୟସ୍ତ କର୍ମସକଳର ନିୟତ ପୁନରାବୃତ୍ତି ଭିତରେ ସାଧାରଣ ଓ ପରିଚିତକୁ ନେଇ ତାହା ରହିଥାଏ ସଂତୃପ୍ତ ।
It loves the old ground that was its dwelling-place :
Abhorring change as an audacious sin,
Distrustful of each new discovery
Only it advances step by careful step
And fears as if a deadly abyss the unknown.
ତାହା ଭଲପାଏ ସେଇ ପୁରାତନ ଭୂମିଟିକୁ ଯାହା ଥିଲା ତା'ର ନିବାସ ସ୍ଥଳ : ପରିବର୍ତ୍ତନକୁ ଧୃଷ୍ଟତାପୂର୍ଣ୍ଣ ପାପ ବୋଲି ତୀବ୍ର ଘୃଣା କରି, ପ୍ରତିଟି ନୂତନ ଆବିଷ୍କାର ଉପରେ ଅବିଶ୍ୱାସ ପୋଷଣ କରି କେବଳ ଗୋଟିଏ ପରେ ଗୋଟିଏ ସତର୍କ ପଦକ୍ଷେପ ସହିତ ତାହା ଅଗ୍ରସର ହେଉଥାଏ ଏବଂ ଅଜ୍ଞାତକୁ ଭୟ କରୁଥାଏ ସତେ ଅବା ତାହା ଏକ ମାରାତ୍ମକ ରସାତଳ ।

(*କ୍ରମଶଃ...*)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ

❑❑❑

# ବାର୍ତ୍ତାଳାପ ସମ୍ପର୍କରେ

## ଶ୍ରୀମା

### ନିରର୍ଥକ ବାକ୍ୟାଳାପ ନିମ୍ନଗାମୀ କରେ

ଏପରି ଏକ ଅବସ୍ଥା ଆସିପାରେ ଯେତେବେଳେ ତୁମେ ଅନ୍ୟମାନଙ୍କ ସହିତ ସାଧାରଣ ଗଳ୍ପ କରୁ କରୁ ଅନୁଭବ କଲ ଯେ ତୁମେ ଖୁବ୍ ସାଧାରଣ ସ୍ତରକୁ ଖସି ପଡୁଛ ଓ ଯଦି ବେଶୀ ସମୟ ତୁମେ ସେହି ବାଜେ ଗଳ୍ପ, ଆଳାପରେ ରହିଲ – ତେବେ ତୁମର ମୁଣ୍ଡ ବ୍ୟଥା ଆରମ୍ଭ ହୋଇଯିବ, ତୁମେ ପେଟରେ ଅସ୍ୱସ୍ତି ଅନୁଭବ କରିବ ଏବଂ ଆଉ ବେଶୀ ହେଲେ ତୁମକୁ ଜ୍ୱର ମଧ ହୋଇଯାଇପାରେ । ମୁଁ ଅବଶ୍ୟ ସେଇସବୁ ନିରର୍ଥକ ଅଯଥା ବାକ୍ୟାଳାପ କଥା କହୁଛି । ମୋର ବିଶ୍ୱାସ, ଅଳ୍ପ କେତେଜଣଙ୍କୁ ଛାଡ଼ି ଦେଲେ, ପ୍ରତ୍ୟେକ ଲୋକ ଏଥିରେ ମାତନ୍ତି ଏବଂ ଏପରି ସବୁକଥା ଗପନ୍ତି ଯାହା ସେମାନଙ୍କର ନ କହିବା ଉଚିତ କିଂବା ଅନ୍ୟ କଥା ଗପିବା ଉଚିତ । ଏହା କ୍ରମଶଃ ଏପରି ସ୍ୱାଭାବିକ ହୋଇଯାଏ ଯେ ତୁମେ ତଦ୍ଵାରା କିଛି ଅସୁବିଧା ଭୋଗ କରି ନ ଥାଅ । କିନ୍ତୁ ତୁମେ ଯଦି ଏହିସବୁ ଅଯଥା ବାକ୍ୟାଳାପରେ ମାତି ରୁହ, ତେବେ ତୁମର ଚେତନା ଊର୍ଦ୍ଧ୍ୱକୁ ଉଠିବା ପଥରେ ତୁମେ ବାଧା ସୃଷ୍ଟି କର; ତୁମେ ନିଜକୁ ନିମ୍ନ ଧରଣର ସାଧାରଣ ଚେତନା ସହିତ ଲୌହ ଶିକୁଳିରେ ବାନ୍ଧିରଖ ଏବଂ ତୁମର ଅବଚେତନାରେ ଯେଉଁସବୁ କାର୍ଯ୍ୟ କରାଯିବା କଥା ତାହା କରାହୋଇ ନ ଥାଏ କିଂବା ତାହା ଆରମ୍ଭ ମଧ ହୋଇ ନ ଥାଏ । ଯେଉଁମାନେ ଊର୍ଦ୍ଧ୍ୱକୁ ଉଠିବା ଲାଗି ଇଚ୍ଛା କରନ୍ତି, ସେମାନେ ବାହାରୁ କୌଣସି ପ୍ରୋତ୍ସାହନ ନ ପାଇଥିଲେ ବି ଅନେକ ଅସୁବିଧା ସେମାନଙ୍କ ଭିତରେ ଆଗରୁ ରହିଥାଏ ।...

ତୁମେ କେବେ ବି ତୁମର ମନକୁ ନିମ୍ନଗାମୀ ହେବା ଲାଗି ପ୍ରଶ୍ରୟ ଦେବ ନାହିଁ: ନିରର୍ଥକ ଗପସପ ତୁମକୁ ନିମ୍ନଗାମୀ କରାଏ ଏବଂ ଯଦି ତୁମେ ଯୋଗ କରିବାକୁ ଚାହଁ, ତେବେ ନିଜକୁ ଏଥିରୁ ନିବୃତ୍ତ କରିବା ଉଚିତ । ଏଇ ହେଲା କଥା ।

### ସେତିକି କୁହ, ଯାହା ଅପରିହାର୍ଯ୍ୟ

ମୁଁ କହୁଛି ଯେ ତୁମେମାନେ ସମସ୍ତେ ଏକ ଚେଷ୍ଟା କର – ଓଃ ! ମୁଁ ବେଶୀ ସମୟ ପାଇଁ କରିବାକୁ କହୁନି, ଦିନକୁ ମାତ୍ର ଗୋଟିଏ ଘଣ୍ଟା ଚୁପ୍ ରୁହ – କେବଳ ଯେତିକି ନିତାନ୍ତ ଦରକାର ସେତିକି ବ୍ୟତୀତ ଅନ୍ୟକିଛି କହିବ ନାହିଁ, ଗୋଟିଏ ଶବ୍ଦ ବେଶୀ ନୁହେଁ କି ଗୋଟିଏ ଶବ୍ଦ କମ୍ ନୁହେଁ ।

ଦୈନନ୍ଦିନ ଜୀବନରେ ମାତ୍ର ଘଣ୍ଟାଏ ନିଅ, ଯେଉଁ ସମୟଟି ତୁମ ପାଇଁ ସବୁଠୁ ସୁବିଧାଜନକ, ଏବଂ ସେହି ସମୟତକ ନିଜକୁ ଭଲଭାବେ ନିରୀକ୍ଷଣ କର ଏବଂ ସେତେବେଳେ ଯାହା ଯେତିକି ନିତାନ୍ତ ଦରକାର ସେତିକିଟି ମାତ୍ର ଶବ୍ଦ ଉଚ୍ଚାରଣ କର ।

ପ୍ରଥମରୁ, ତୁମ ପାଇଁ ଏହା ଅବଶ୍ୟ କଷ୍ଟକର ହେବ – ତୁମେ କିପରି ଜାଣିବ ଯେ କେଉଁଟା ନିତାନ୍ତ ଦରକାର ଓ କେଉଁଟା ଦରକାର ନୁହଁ । ଏହା ତୁମେ ପ୍ରତିଦିନ ନିଜକୁ ନିଜେ ବିଚାର କରି ଜାଣିପାରିବ ଏବଂ ପ୍ରତିଦିନ ତୁମେ ଏଥିରେ ପ୍ରଗତି କରିପାରିବ ।

ତା'ପରେ ତୁମେ ଦେଖିବ ଯେ ଯେପର୍ଯ୍ୟନ୍ତ ତୁମେ କିଛି କହୁ ନାହଁ, ସେପର୍ଯ୍ୟନ୍ତ ତୁମେ ସଂପୂର୍ଣ୍ଣ ନୀରବ ରହିବା କଷ୍ଟକର ହେଉ ନାହିଁ । କିନ୍ତୁ ଯେତେବେଳେ ତୁମେ କଥାପଦେ କହିବାକୁ ଆରମ୍ଭ କଲ ସେତେବେଳେ ତୁମେ ଲକ୍ଷ୍ୟ କରିବ ଯେ ପ୍ରାୟ ସର୍ବଦା ତୁମେ ଆବଶ୍ୟକତାଠାରୁ ଦୁଇଟି, ତିନୋଟି କିଂବା ଦଶଟି ବା କୋଡ଼ିଏଟି ଅଦରକାରୀ ଶବ୍ଦ କହିସାରିଛ ଯାହାକି ଆଦୌ ଦରକାର ନ ଥିଲା ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## ଦ୍ୱିତୀୟ ଅନୁକ୍ରମ : ଦ୍ୱିତୀୟ ଭାଗ

## (ପଞ୍ଚଦଶ ଅଧ୍ୟାୟ)

## ପୁରୁଷତ୍ରୟ

ଶେଖ ଅବଦୁଲ କାଶମ

ଗୀତା ବିବିଧ ଆଧ୍ୟାତ୍ମିକ ଅନୁଭୂତିକୁ ଅନୁଶୀଳନ କରି ଏକ କେନ୍ଦ୍ରୀୟ ଭାବଧାରାରେ ପହଞ୍ଚିଛି ଯାହା ତ୍ରିବିଧ ଚେତନାର ପରିକଳ୍ପନା ଉପରେ ପର୍ଯ୍ୟବସିତ । ସ୍ଥିତି ଓ ସ୍ତର ଅନୁସାରେ ଚେତନା ତ୍ରିବିଧ ହେଲେ ମଧ୍ୟ ଏହା ଏକ ଓ ଅଦ୍ୱିତୀୟ । ସେହି ଏକହିଁ ଚେତନା ସୃଷ୍ଟିର ସମସ୍ତ ପର୍ଯ୍ୟାୟରେ ବିଦ୍ୟମାନ । ଏହି ଜଗତ୍ ମଧ୍ୟରେ ଆମେ ଯେଉଁ ଅସଂଖ୍ୟ ରୂପ ଓ ଶକ୍ତିକୁ ଦେଖିବାକୁ ପାଉ ସେସବୁ ଏକମେବ ପରମ ଅଧ୍ୟାତ୍ମ ସତ୍ତାରହିଁ ଏକ ଏକ ଅଂଶ । ସକଳ ଦେବ, ମାନବ, ଜୀବ, ବସ୍ତୁ, ଶକ୍ତି, ଗୁଣ, ପରିମାଣ ଓ ବିଭୂତି ତାଙ୍କରହିଁ ପ୍ରକାଶ ଓ ସମ୍ଭୂତି । ଆମ୍ଭେମାନେ ଯେଉଁ ପ୍ରକୃତିକୁ ପ୍ରତ୍ୟକ୍ଷ କରୁଛୁ ତାହା ଯନ୍ତ୍ରବତ୍ ତାହାର କ୍ରିୟା କରି ଚାଲିଛି । ଅନ୍ତର୍ନିହିତ ଅଧ୍ୟାତ୍ମ ସତ୍ତା ସମ୍ବନ୍ଧରେ ସେ ସଚେତନ ନୁହେଁ । ପ୍ରକୃତି ମଧ୍ୟସ୍ଥ ଜୀବ ମଧ୍ୟ ଜ୍ଞାନହୀନ ଭାବରେ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ କାର୍ଯ୍ୟ କରି ଚାଲିଛି ଏବଂ ତଜ୍ଜନିତ ନାନା ପରିଣାମ ଭୋଗ କରୁଛି । ପ୍ରକୃତି ମଧ୍ୟରେ ଅନ୍ତର୍ନିହିତ ହୋଇ ରହିଛି ବିଶ୍ୱ-ଆତ୍ମା ବା କ୍ଷର ପୁରୁଷ ଯାହା ସର୍ବଭୂତ ରୂପେ ଦୃଶ୍ୟମାନ ଏବଂ ଯାହା ଅକ୍ଷର ପୁରୁଷ ଓ ପରମପୁରୁଷଙ୍କ ସହିତ ଏକ ଓ ଅଭିନ୍ନ । ପରିବର୍ତ୍ତନଶୀଳ ବାହ୍ୟ ରୂପ ସବୁର ପଶ୍ଚାତରେ ରହିଥିବା ଅଧ୍ୟାତ୍ମସତ୍ତାକୁ ଆବିଷ୍କାର କରିବା ହେଉଛି ଆମର ପ୍ରଥମ କର୍ତ୍ତବ୍ୟ । ତା'ପରେ ସାଧନାର ଗଭୀରରୁ ଗଭୀରକୁ ଗଲେ ଆମର ଦୃଷ୍ଟି ପ୍ରସାରିତ ହୋଇ ଚାଲିବ ଏବଂ ଆମେ ଦେଖି ପାରିବା ଯେ ବ୍ୟଷ୍ଟିଗତ, ବିଶ୍ୱଗତ ଓ ବିଶ୍ୱାତୀତ ଏହି ତିନୋଟି ସ୍ତରରେ ଏକହିଁ ଭଗବାନ୍ ବିଦ୍ୟମାନ ରହିଛନ୍ତି ।

ଆମ୍ଭେମାନେ ଯେତେବେଳେ ଅନ୍ତର୍ମୁଖୀ ହୋଇ ଦେଶ ଓ କାଳକୁ ଅତିକ୍ରମ କରିଯାଉ ସେତେବେଳେ ଆମେ ଏପରି ଏକ ଅଧ୍ୟାତ୍ମ ସତ୍ତାକୁ ଉପଲବ୍ଧି କରୁ ଯିଏକି ଶାଶ୍ୱତ, ନିଶ୍ଚଳ, ଉଦାସୀନ ଓ ସ୍ପର୍ଶାତୀତ । ସେ ହେଉଛନ୍ତି ଅଚଳ, ଅବିଭକ୍ତ, ନୈର୍ବ୍ୟକ୍ତିକ ସ୍ୱୟଂଭୂ ସତ୍ତା । ସେ କୌଣସି ବସ୍ତୁ ବା ଶକ୍ତି ଦ୍ୱାରା ପରିବର୍ତ୍ତିତ ହୁଅନ୍ତି ନାହିଁ । ଆମେ ତାଙ୍କୁ ଦେଶ ମଧ୍ୟରେ ପରିବ୍ୟାପ୍ତ ହୋଇଥିବା ଓ କାଳ ମଧ୍ୟରେ କ୍ରିୟାଶୀଳ ହେଉଥିବା ଦେଖିଥାଉ, ମାତ୍ର ସେ ଦେଶ ଓ କାଳର ଅତୀତ ଅଟନ୍ତି । ସେ ହେଉଛନ୍ତି ସର୍ବଭୂତର ଆତ୍ମା, ସକଳ ବସ୍ତୁ ତାଙ୍କ ଉପରେ ନିର୍ଭରଶୀଳ ଅଟନ୍ତି ।

ବୁଦ୍ଧି ଦ୍ୱାରା ସଦାଚଞ୍ଚଳ ମାନସିକ ସତ୍ତାରୁ ନିଜକୁ ପ୍ରତ୍ୟାହାର କରି ଆଣିଲେ ମନୁଷ୍ୟ ସ୍ଥିର ଶାଶ୍ୱତ ଅଧ୍ୟାତ୍ମ ସତ୍ତାକୁ ଉପଲବ୍ଧି କରେ । ଏହା ଫଳରେ ସେ ଜନ୍ମ ଓ କର୍ମର ବନ୍ଧନରୁ ମୁକ୍ତ ହୋଇଯାଏ । ଏହିପରି ଭାବରେ ଆମେ କ୍ଷର ଓ ଅକ୍ଷର ଏହି ଦୁଇ ପ୍ରକାର ପୁରୁଷଙ୍କର ପରିଚୟ ଲାଭ କରୁ । ଗୋଟିଏ ପୁରୁଷ ବାହ୍ୟରୂପ ସବୁର ପଶ୍ଚାତରେ, ସକଳ ଆବରଣର ଅନ୍ତରାଳରେ ରହିଥା'ନ୍ତି ଏବଂ ଅନ୍ୟଟି ମନ ଓ ବୁଦ୍ଧିକୁ ଅତିକ୍ରମ କରି ନୀରବତା ମଧ୍ୟରେ ନିଶ୍ଚଳ ହୋଇ ବିଦ୍ୟମାନ ଥା'ନ୍ତି । ଏହି ଦୁଇ ପୁରୁଷ ପରସ୍ପର ସାମଞ୍ଜସ୍ୟହୀନ ସମ୍ପୂର୍ଣ୍ଣ ବିପରୀତ ପରି ମନେ ହୁଏ । କ୍ଷର ପୁରୁଷ କର୍ମ କରିଥା'ନ୍ତି, କର୍ମର ପ୍ରେରଣା ଦେଇଥା'ନ୍ତି । ମାତ୍ର ଅକ୍ଷର ପୁରୁଷ ଦୂରରେ ନିଷ୍କ୍ରିୟ ହୋଇ ରହିଥା'ନ୍ତି, ଆତ୍ମସମାହିତ ହୋଇ ରହିଥା'ନ୍ତି । ତେବେ ଏହି ଦୁଇ ପୁରୁଷ ଏକହିଁ ଶାଶ୍ୱତ ସତ୍ତାର ଦ୍ୱୈତ ସ୍ଥିତି ମାତ୍ର, ମୂଳତଃ ଏ ଦୁହେଁ ଭିନ୍ନ ନୁହନ୍ତି । ପ୍ରତ୍ୟେକ ପୁରୁଷ ନିଜର ମୂଳ ସତ୍ତାରେ ସ୍ୱୟଂସିଦ୍ଧ, ଅନନ୍ତ ଓ ପୂର୍ଣ୍ଣ । ଈଶୋପନିଷଦ୍ କହିଛି ଯେ ବ୍ରହ୍ମ ଉଭୟ ସଚଳ ଓ ନିଶ୍ଚଳ ଅଟନ୍ତି । ସେ ଏକ ସଙ୍ଗେ ବିଦ୍ୟା ଓ ଅବିଦ୍ୟା, ଏକ ଏବଂ ବହୁ । ତାଙ୍କର ଗୋଟିଏ ବିଭାବ ହେଉଛି ସନାତନ ଅଜାତ ସ୍ଥିତି ଏବଂ ଅନ୍ୟ ବିଭାବଟି ହେଉଛି ସର୍ବଭୂତର ସମ୍ଭୂତି । ଏ ଦୁଇଟି ମଧ୍ୟରୁ ଗୋଟିକରେ ବାସ କରି ଅନ୍ୟ ବିଭାବକୁ ଉପେକ୍ଷା କରିବା ହେଉଛି ଏକଦେଶଦର୍ଶୀ ଜ୍ଞାନର ଅନ୍ଧକାର (ଅନ୍ଧଂ ତମଃ) ବୋଲି ଉପନିଷଦ୍‌ରେ କୁହାଯାଇଛି ।

ଗୀତା ବହୁପୁରୁଷ ତତ୍ତ୍ୱକୁ ସ୍ୱୀକାର କରିଛି । ଏହାର ଦୃଷ୍ଟିରେ ସମସ୍ତ ପୁରୁଷ ମଧ୍ୟରେ ଶାଶ୍ୱତ ଐକ୍ୟ ନିହିତ ହୋଇ ରହିଛି । ଗୋଟିଏ ପୁରୁଷ ଅପର ପୁରୁଷର ସତ୍ୟକୁ ଖଣ୍ଡନ କରୁ ନାହିଁ । ତେଣୁ ଭଗବାନଙ୍କ ସମସ୍ତ ତତ୍ତ୍ୱ (ସମଗ୍ରଂ ମାମ୍)କୁ ନ ଜାଣିବା ପର୍ଯ୍ୟନ୍ତ ଜ୍ଞାନ ଓ ଉପଲବ୍ଧି ସମ୍ପୂର୍ଣ୍ଣ ହୁଏ ନାହିଁ । କେବଳ ଅକ୍ଷର ସତ୍ତାଙ୍କୁ ଉପଲବ୍ଧି କରିବା ଓ ତାଙ୍କ ମଧ୍ୟରେ ନିଜକୁ ଲୟ ପ୍ରାପ୍ତ କରି ଦେବା ଜୀବାତ୍ମାର ଚୂଡ଼ାନ୍ତ ଲକ୍ଷ୍ୟ ହୋଇ ନପାରେ ।

କ୍ଷର ପୁରୁଷ ଓ ଅକ୍ଷର ପୁରୁଷ ମଧ୍ୟରେ ସମନ୍ୱୟ ସାଧନ କରିବା ପାଇଁ ଗୀତା ପୁରୁଷୋତ୍ତମ ତତ୍ତ୍ୱକୁ ଉପସ୍ଥାପିତ କରି କହିଛି –

''ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେତ୍ୟୁଦାହୃତଃ ।
ଯୋ ଲୋକତ୍ରୟମାବିଶ୍ୟ ବିଭର୍ତ୍ତ୍ୟବ୍ୟୟ ଈଶ୍ୱରଃ ॥''
(୧୫/୧୭)

ଅର୍ଥାତ୍, ''କ୍ଷର ଓ ଅକ୍ଷରରୁ ଉତ୍ତମ ପୁରୁଷ ପୃଥକ୍, ସେ ପରମାତ୍ମା ରୂପେ ଖ୍ୟାତ, ସେ ଅକ୍ଷୟ ଈଶ୍ୱର, ସେ ଲୋକତ୍ରୟ ମଧ୍ୟରେ ପ୍ରବେଶ କରି ସେମାନଙ୍କୁ ପ୍ରତିପାଳନ କରୁଛନ୍ତି ।''

ଗୀତା କହିଛି ଯେ ଯେଉଁମାନେ ଅନିର୍ଦ୍ଦେଶ୍ୟର ଉପାସନା କରନ୍ତି ସେମାନେ ମଧ୍ୟ ଶାଶ୍ୱତ ଭଗବାନଙ୍କୁ ଲାଭ କରନ୍ତି । ଏଥିରୁ ସ୍ପଷ୍ଟ ହୁଏ ଯେ ପରମ ଅବ୍ୟୟ ଅକ୍ଷର (ପରଃ ଅବ୍ୟକ୍ତଃ) ମଧ୍ୟ ପୁରୁଷୋତ୍ତମ ଅଟନ୍ତି । ପୁରୁଷୋତ୍ତମହିଁ ସର୍ବଭୂତର ଅକ୍ଷର ଆତ୍ମା । କ୍ଷର ଭିତରେ ସେ ଈଶ୍ୱର ରୂପେ ପ୍ରଚ୍ଛନ୍ନ ଭାବରେ ରହି ସବୁକିଛିକୁ ପରିଚାଳିତ ଓ ନିୟନ୍ତ୍ରିତ କରୁଛନ୍ତି । ଭଗବାନ୍ ହେଉଛନ୍ତି ପରମ ରହସ୍ୟମୟ, ସର୍ବମୟ କର୍ତ୍ତା । ସେ ବିଶ୍ୱର ମାତା ଓ ପିତା, ସବୁକିଛିର ଶାଶ୍ୱତ ଆଶ୍ରୟ । ସକଳ ସୃଷ୍ଟ ଜୀବର ସେ ପରମପ୍ରଭୁ । କ୍ଷର ଓ ଅକ୍ଷର ମଧ୍ୟରେ ସେ ଏକ ସଙ୍ଗେ ବିଦ୍ୟମାନ । କିନ୍ତୁ ସେ କ୍ଷର ଓ ଅକ୍ଷରଠାରୁ ମହତ୍ତର ଏକ ସ୍ଥିତିରେ ପୁରୁଷୋତ୍ତମ ରୂପେ ରହିଛନ୍ତି । ସେ କାଳ ମଧ୍ୟରେ ବିଶ୍ୱପୁରୁଷ ରୂପେ ଲୀଳାରତ । ଅଗଣିତ ବିଭୂତି ମଧ୍ୟରେ ସେ ନିଜକୁ ପ୍ରକଟିତ କରିଛନ୍ତି । ପୁରୁଷୋତ୍ତମ ତାଙ୍କ ପରାତ୍ପର ସ୍ଥିତିରେ ସୀମାବଦ୍ଧ ନୁହନ୍ତି । ଏହିପରି ଭାବରେ ଭଗବାନଙ୍କୁ ସମଗ୍ର ଭାବରେ ଜାଣିବା ଦ୍ୱାରା ମନୁଷ୍ୟ ନିମ୍ନ ପ୍ରକୃତିର ବଶ୍ୟତାରୁ ମୁକ୍ତ ହୋଇ ପାରିବ ଏବଂ ଅମରତ୍ୱକୁ ମଧ୍ୟ ଉପଲବ୍ଧି କରି ପାରିବ ।

ଦୁଇ ପୁରୁଷ ମଧ୍ୟରେ ଥିବା ଆପାତ ବୈପରୀତ୍ୟକୁ ସମାଧାନ କରିବା ଏକ କଠିନ ବ୍ୟାପାର । କାରଣ ଯେତେବେଳେ ଆମେ ସକ୍ରିୟ ସମ୍ଭୂତି ମଧ୍ୟରେ ବାସ କରୁ ଅର୍ଥାତ୍ ଭଗବାନଙ୍କ ସଚଳ ବିଭାବକୁ ଉପଲବ୍ଧି କରୁ ସେତେବେଳେ ଭଗବାନଙ୍କ କାଳାତୀତ ସତ୍ତା ମଧ୍ୟରେ ବାସ କରିପାରୁ ନାହିଁ । ସେହିପରି ଯେତେବେଳେ ଆମ୍ଭେମାନେ କାଳାତୀତ ସତ୍ତା ମଧ୍ୟରେ ବାସ କରୁ ସେତେବେଳେ ଆମ ଚେତନାରୁ ଦେଶ, କାଳ ଓ ଜାଗତିକ ଘଟଣାବଳି ଅନ୍ତର୍ହିତ ହୋଇଯାଏ । ଏହି ସମସ୍ୟାର ସମାଧାନ ପାଇଁ କେତେକ ଅଧ୍ୟାତ୍ମ ସାଧକ ''ବ୍ରହ୍ମ ସତ୍ୟ, ଜଗତ୍ ମିଥ୍ୟା''ର ସିଦ୍ଧାନ୍ତକୁ ଗ୍ରହଣ କରିଥା'ନ୍ତି । କିନ୍ତୁ ଗୀତା ଏହି ସିଦ୍ଧାନ୍ତକୁ ସ୍ୱୀକାର କରି ନାହିଁ । ଏହା କହିବାକୁ ଚାହିଁଛି ଯେ ଜଗତ୍ ଈଶ୍ୱରଙ୍କ ମଧ୍ୟରୁ ଉତ୍ପନ୍ନ ହୋଇଥିବାରୁ ତାହା ସତ୍ୟ ଅଟେ । ଜଗତରେ ଯାହା କିଛି ରହିଛି ସେ ସମସ୍ତ ପରବ୍ରହ୍ମଙ୍କର ଅଭିବ୍ୟକ୍ତି, ତାଙ୍କର ଆତ୍ମ-ରୂପାୟନ । ଆମ ମନର ସୀମିତ ଓ ଅପୂର୍ଣ୍ଣ ଦୃଷ୍ଟି ଯୋଗୁଁ ଜଗତଟି ମିଥ୍ୟା ଓ ମାୟା ବୋଲି ପ୍ରତୀୟମାନ ହେଉଛି ।

ଶାଶ୍ୱତ ଆତ୍ମା ଯେଉଁ ଶକ୍ତି ଦ୍ୱାରା ତ୍ରିଗୁଣମୟୀ ପ୍ରକୃତିର କ୍ରିୟା ମଧ୍ୟରେ ନିଜକୁ ଜଡ଼ିତ କରିଦିଏ ସେହି ଶକ୍ତିକୁ ମାୟା ବୋଲି କୁହାଯାଏ । ଏ କ୍ଷେତ୍ରରେ ଆତ୍ମା ସ୍ୱେଚ୍ଛାରେ ଅଜ୍ଞାନକୁ ବରଣ କରିଥାଏ । ସେତେବେଳେ ଏହା ପରୋକ୍ଷଭାବେ କାର୍ଯ୍ୟ କରିଥାଏ । ଅନ୍ୟ ପକ୍ଷରେ କ୍ଷର-ପୁରୁଷର ଊର୍ଦ୍ଧ୍ୱକୁ ଉଠିଲେ ଆମେ ଦେଖିବା ଯେ ସେହି ଏକହିଁ ଶାଶ୍ୱତ ଆତ୍ମା ପ୍ରତ୍ୟକ୍ଷ ଭାବେ ତଥା ପୂର୍ଣ୍ଣ ଚେତନା ଓ ଜ୍ଞାନର ସହ କାର୍ଯ୍ୟ କରୁଛି । ସୁତରାଂ ଅକ୍ଷର ଯେମିତି ଦିବ୍ୟ ଅଟେ, କ୍ଷର ମଧ୍ୟ ମୂଳ ସ୍ୱରୂପରେ ଦିବ୍ୟ ଅଟେ । ଅକ୍ଷରହିଁ କ୍ଷରକୁ ଆଧାର ଯୋଗାଇଥାଏ । ଅକ୍ଷରର ସହାୟତା ବିନା କ୍ଷରର ଅସ୍ତିତ୍ୱ ସମ୍ଭବ ହୁଅନ୍ତା ନାହିଁ ବା ତାହା କ୍ରିୟାଶୀଳ ହୋଇ ପାରନ୍ତା ନାହିଁ । ସୁତରାଂ ଏହି ପୃଥିବୀରେ ଭଗବାନ୍ ପ୍ରଚ୍ଛନ୍ନ ହୋଇ ରହିଥିବା ହେତୁ ଏହାକୁ ମାୟା ବା ମିଥ୍ୟା ବୋଲି କହି ଏଠାରୁ ପଳାୟନ କରିବା ଆଦୌ ସମୀଚୀନ ନୁହେଁ । କର୍ମକୁ ପରିତ୍ୟାଗ କରିବାର ମଧ୍ୟ କୌଣସି ଔଚିତ୍ୟ ନାହିଁ । ଭଗବାନ୍ ଶ୍ରୀକୃଷ୍ଣ ଗୀତାରେ ଅର୍ଜୁନଙ୍କୁ ଈଶ୍ୱରଦତ୍ତ କର୍ମ କରିବା ନିମିତ୍ତ ବାରଂବାର ସଚେତନ କରି ଦେଇଛନ୍ତି । ସେ ଏକଥା ବି ସୂଚେଇ ଦେଇଛନ୍ତି ଯେ ଆମେ ନିଶ୍ଚଳ ଆତ୍ମାର ନୀରବତା ଭିତରେ ବାସ କରୁଥିଲେ ମଧ୍ୟ ଜଗତରେ ସକଳ କର୍ମ ସମ୍ପାଦନ କରି ପାରିବା । ନିମ୍ନ ପ୍ରକୃତିର ବଶ୍ୟତାରୁ ମୁକ୍ତ ହୋଇ ଆମେ ଭାଗବତ ପ୍ରକୃତି ମଧ୍ୟକୁ ଉନ୍ନୀତ ହୋଇ ଯାଇପାରିବା ।

ଗୀତା ପୁରୁଷୋତ୍ତମ ତତ୍ତ୍ୱ ଭିତରେ ଏକତ୍ୱର ସୂତ୍ରକୁ ଆବିଷ୍କାର କରିଛି । ତେଣୁ କ୍ଷର ପୁରୁଷ ଓ ଅକ୍ଷର ପୁରୁଷ ମଧ୍ୟରେ ଏହା କୌଣସି ଅସାମଞ୍ଜସ୍ୟ ବା ବୈପରୀତ୍ୟ ଦେଖି ନାହିଁ । ପ୍ରକୃତରେ କ୍ଷର ଓ ଅକ୍ଷର ଏହି ଦୁଇ ତତ୍ତ୍ୱ ପରସ୍ପରର ପରିପୂରକ ଅଟନ୍ତି । ଜଣେ ଯଦି କ୍ଷର ଭିତରେ ଜଡ଼ିତ ନ ହୋଇ ନିଜର ଚେତନାକୁ ସେଥିରୁ ପ୍ରତ୍ୟାହୃତ କରି ଆଣେ ତେବେ ସେ ଅନିର୍ବଚନୀୟ ପ୍ରଶାନ୍ତି ଓ ସ୍ଥିରତା ପ୍ରାପ୍ତ ହେବା ସହ ଶାଶ୍ୱତଙ୍କୁ ଉପଲବ୍ଧି କରିପାରେ । ମାତ୍ର ଏପରି କ୍ଷେତ୍ରରେ କ୍ଷରର ଅସ୍ତିତ୍ୱ ଓ ପ୍ରୟୋଜନୀୟତାକୁ ଅସ୍ୱୀକାର କରିବା ଏକ ବିରାଟ ପ୍ରମାଦ ହେବ ।

ଭାଗବତ ପ୍ରକୃତିକୁ ଲାଭ କରିବା ସକାଶେ ଆମ୍ଭମାନଙ୍କୁ ପ୍ରଥମେ ପୂର୍ଣ୍ଣ ଅଧ୍ୟାତ୍ମ ସମତାରେ ପ୍ରତିଷ୍ଠିତ ହେବାକୁ ପଡ଼ିବ, ତ୍ରିଗୁଣମୟୀ ନିମ୍ନ ପ୍ରକୃତିର ଊର୍ଦ୍ଧ୍ୱକୁ ଉଠିବାକୁ ହେବ । ଏହି ଧାରାରେ ସାଧନା ଆମକୁ ସମସ୍ତ ସଂକୀର୍ଣ୍ଣତାରୁ ମୁକ୍ତ କରି ଦେବ । ଏହା ଦ୍ୱାରା ଆମେ ନୈର୍ବ୍ୟକ୍ତିକତାର ଦୃଢ଼ ସ୍ଥିତି ଲାଭ କରିବା । ପରମ ଅବ୍ୟକ୍ତ ଅକ୍ଷର ପୁରୁଷ ଯେ ପୁରୁଷୋତ୍ତମଙ୍କରହିଁ ଏକ ବିଭାବ ତାହା ଆମ ଆଗରେ ସ୍ପଷ୍ଟ ହୋଇଯିବ । ଆମେ ଏହା ମଧ୍ୟ ଉପଲବ୍ଧି କରିବା ଯେ ବ୍ୟକ୍ତିତ୍ୱ ମଧ୍ୟ ଭଗବାନଙ୍କର ଏକ ସ୍ୱରୂପ । ସେହି ବ୍ୟକ୍ତିତ୍ୱ ନିମ୍ନ ପ୍ରକୃତି ଦ୍ୱାରା ବଶୀଭୂତ ନୁହେଁ, ବରଂ ତାହା ମହିମାନ୍ୱିତ, ବିଶ୍ୱମୟ ଓ ବିଶ୍ୱାତୀତ । ପରମପୁରୁଷଙ୍କ ସହିତ ପ୍ରେମ ଓ ଭକ୍ତିର ସମ୍ବନ୍ଧ ସ୍ଥାପନ କରାଯାଇପାରେ । ତାଙ୍କ ପାଖରେ ଆତ୍ମ ସମର୍ପଣ ଦ୍ୱାରା ଆମେ ପରିପୂର୍ଣ୍ଣ ଜ୍ଞାନର ଅଧିକାରୀ ହୋଇ ପାରିବା । ଏହିପରି ଭାବରେ ବ୍ରାହ୍ମୀସ୍ଥିତିର ଦୁଇଟି ସ୍ୱତନ୍ତ୍ର ପନ୍ଥା ଆମ ଆଗରେ ପ୍ରକାଶିତ ହୁଏ । ଗୋଟିଏ ହେଉଛି ଆତ୍ମାର ସମତାର ପଥ ଓ ଅନ୍ୟଟି ଭକ୍ତିର ପଥ । ଅର୍ଥାତ୍ ଗୋଟିଏ ଶାନ୍ତିମୟ ସନ୍ନ୍ୟାସର ପଥ ଏବଂ ଅନ୍ୟଟି ଦିବ୍ୟପ୍ରେମ ଓ ଦିବ୍ୟ କର୍ମର ପଥ । ଗୀତା ପୁରୁଷୋତ୍ତମଙ୍କ ମଧ୍ୟରେ ବ୍ୟକ୍ତିକ ଓ ନୈର୍ବ୍ୟକ୍ତିକ ଉଭୟ ବିଭାବର ସମନ୍ୱୟ ସାଧନ କରି ଆମ ପାଇଁ ପୂର୍ଣ୍ଣ ଜ୍ଞାନ ଓ ପୂର୍ଣ୍ଣ ସିଦ୍ଧିର ପ୍ରତିଶ୍ରୁତି ବହନ କରିଛି ।

ଉପନିଷଦ୍ ଏବଂ ଗୀତାରେ ବିଶ୍ୱପ୍ରପଞ୍ଚକୁ ଅଶ୍ୱତ୍ଥ ବୃକ୍ଷ ରୂପେ ବର୍ଣ୍ଣନା କରାଯାଇଛି । ଏହି ବିଶ୍ୱରୂପୀ ବୃକ୍ଷର ମୂଳ ଊର୍ଦ୍ଧ୍ୱରେ ଶାଶ୍ୱତଙ୍କ ମଧ୍ୟରେ ରହିଛି (ଊର୍ଦ୍ଧ୍ୱମୂଳମ୍) ଏବଂ ଏହାର ଶାଖାଗୁଡ଼ିକ ନିମ୍ନ ଦିଗରେ ବିସ୍ତୃତ ହୋଇଛି । ଏହି ବୃକ୍ଷ ପ୍ରକୃତିର ଗୁଣସମୂହ ଦ୍ୱାରା ବର୍ଦ୍ଧିତ ହୋଇଥାଏ । ବୃକ୍ଷର ଶାଖାଗୁଡ଼ିକ ମାନବଲୋକରେ ପ୍ରସାରିତ ହୋଇଛି । ଏଗୁଡ଼ିକ ମନୁଷ୍ୟ ଜୀବନର କାମନା, ଆସକ୍ତି ଓ ଇନ୍ଦ୍ରିୟଗତ ବାସନାର ଅନ୍ତହୀନ ବିସ୍ତୃତିକୁ ସୂଚିତ କରୁଛି । ବେଦର ସ୍ତୋତ୍ରଗୁଡ଼ିକୁ ଏହି ବୃକ୍ଷର ପତ୍ରସମୂହ ସହିତ ତୁଳନା କରାଯାଇଛି । ଯେଉଁ ମନୁଷ୍ୟ ବିଶ୍ୱରୂପୀ ଏହି ଅଶ୍ୱତ୍ଥ ବୃକ୍ଷକୁ ଜାଣେ ସେ ବେଦବିଦ୍ ରୂପେ ପରିଚିତ ହୁଏ । ବେଦ ହେଉଛି ଜ୍ଞାନର ଶାସ୍ତ୍ର । ଏଥିରେ ସକାମ ଯଜ୍ଞ ଓ ତା'ର ଫଳ ବିଷୟରେ ବର୍ଣ୍ଣନା କରାଯାଇଛି । ଯିଏ ବିଶ୍ୱବୃକ୍ଷର ଶାଖାଗୁଡ଼ିକ ଭିତରେ ସୀମିତ ହୋଇ ରହିଯାଏ ଅର୍ଥାତ୍ ତ୍ରିଗୁଣର କ୍ରିୟା ଭିତରେ ଆସକ୍ତ ଓ ଆବଦ୍ଧ ହୋଇ ରହିଯାଏ ସେ ମୂଳ ପରମ ଅଧ୍ୟାତ୍ମ ସତ୍ୟକୁ ଲାଭ କରିପାରେ ନାହିଁ । ଜନ୍ମ ଓ କର୍ମର ବନ୍ଧନରୁ ମୁକ୍ତ ହେବାକୁ ହେଲେ ଗୁଣ ସମୂହରୁ ଊର୍ଦ୍ଧ୍ୱକୁ ଉଠିବାକୁ ହେବ, ସମସ୍ତ ବାସନାର ମୂଳକୁ ଛେଦନ କରିବାକୁ ହେବ ତଥା ସକଳ ପ୍ରକାର ଆସକ୍ତିକୁ ପରିତ୍ୟାଗ କରିବାକୁ ହେବ ।

କ୍ଷର ପୁରୁଷ ହେଉଛନ୍ତି ଆମ୍ଭମାନଙ୍କ ଜୀବନର ଭୋକ୍ତା । ସେ ମଧ୍ୟ ସେହି ପୁରୁଷୋତ୍ତମ ଯିଏ ଶାଶ୍ୱତ, ବହୁ ରୂପରେ ଜୀବମାନଙ୍କ ଭିତରେ ପ୍ରକଟିତ । ପ୍ରତ୍ୟେକ ଜୀବ ଭଗବାନଙ୍କର ସନାତନ ଅଂଶ । ଜୀବର ଚୂଡ଼ାନ୍ତ ଲକ୍ଷ୍ୟ ଲୟ ପ୍ରାପ୍ତି ନୁହେଁ, ବରଂ ପରମପଦ ପ୍ରାପ୍ତି ଅର୍ଥାତ୍ ପୁରୁଷୋତ୍ତମଙ୍କ ମଧ୍ୟରେ ବାସ କରିବାହିଁ ତାହାର ପ୍ରକୃତ ନିୟତି ଅଟେ । ମନୁଷ୍ୟ ତାହାର ମନ ଓ ଇନ୍ଦ୍ରିୟ ଦ୍ୱାରା ଯାହା କିଛି ଦେଖେ ତାହା ପୂର୍ଣ୍ଣ ସତ୍ୟ ନୁହେଁ, ତାହା ଭ୍ରାନ୍ତିଯୁକ୍ତ । ସତ୍ୟକୁ ପୂର୍ଣ୍ଣ ରୂପେ ଦର୍ଶନ କରିବାକୁ ହେଲେ ବହିର୍ମୁଖୀ ଚେତନାରୁ ନିଜକୁ ପ୍ରତ୍ୟାହୃତ କରି ଗଭୀରତମ ଚେତନା ଭିତରେ ପ୍ରବେଶ କରିବାକୁ ହେବ । ଏହା ଫଳରେ ଯେଉଁ ଅଧ୍ୟାତ୍ମ ଦୃଷ୍ଟି ଓ ଜ୍ଞାନ ଲାଭ ହେବ ତଦ୍ଦ୍ୱାରା ମନୁଷ୍ୟ ନିଜ ମଧ୍ୟରେ ଈଶ୍ୱରଙ୍କୁ ଦର୍ଶନ କରି ପାରିବ ତଥା ବିଶ୍ୱ ମଧ୍ୟରେ ବି ତାହାଙ୍କୁ ଦର୍ଶନ କରି ପାରିବ । ସେ ଦେହ, ମନ ଓ ପ୍ରାଣର ସୀମାବନ୍ଧନରୁ ମୁକ୍ତ ହୋଇଯିବ । ସେ ଜାଣିବାକୁ ପାଇବ ଯେ ଭଗବାନ୍ କେବଳ ବୁଦ୍ଧିର ଅତୀତ ଅତିମାନସ ମଧ୍ୟରେ ନାହାନ୍ତି, ସେ ଜଡ଼, ପ୍ରାଣ ଓ ମନର ମର୍ମସ୍ଥଳରେ ମଧ୍ୟ ବିଦ୍ୟମାନ ରହିଛନ୍ତି ।

ସୂର୍ଯ୍ୟ, ଚନ୍ଦ୍ର ଓ ଅଗ୍ନିର ଜ୍ୟୋତି ହେଉଛି ଭଗବାନଙ୍କରହିଁ ଜ୍ୟୋତି । ଭଗବାନ୍ ସ୍ୱୟଂ ଏହି ପୃଥିବୀରେ ପରିଣତ ହୋଇଛନ୍ତି । ସେ ନିଜର ଶକ୍ତି ଦ୍ୱାରା ଯାବତୀୟ ବସ୍ତୁକୁ ଧାରଣ କରିଛନ୍ତି । ସମଗ୍ର ବିଶ୍ୱର ମୂଳତତ୍ତ୍ୱ ଯେହେତୁ ଶାଶ୍ୱତଙ୍କ ମଧ୍ୟରେ

ରହିଛି ତେଣୁ ଏହା ନିଶ୍ଚିତ ଯେ ମନୁଷ୍ୟର କର୍ମପ୍ରବୃତ୍ତି ମଧ୍ୟ ସେହି ଅନାଦି ପୁରୁଷଙ୍କଠାରୁହିଁ ନିଃସୃତ ହୋଇଛି (ଆଦ୍ୟଂ ପୁରୁଷଂ ଯତଃ ପ୍ରବୃତ୍ତିଃ ପ୍ରସୃତା ପୁରାଣୀ) । ଈଶ୍ୱର ଏକ ଓ ଅଦ୍ୱିତୀୟ ହୋଇ ମଧ୍ୟ ତାଙ୍କର ଶାଶ୍ୱତ ବହୁତ୍ୱ ଦ୍ୱାରା ଆମ୍ଭମାନଙ୍କ ମଧ୍ୟରେ ଅମର ଆତ୍ମା ରୂପେ ନିବାସ କରୁଛନ୍ତି । ଏହା ତାଙ୍କର ଅନନ୍ତ ପ୍ରକାଶର ସାମର୍ଥ୍ୟ ଯୋଗୁଁ ସମ୍ଭବ ହେଉଛି ।

ରହସ୍ୟମୟ ଏହି ପୁରୁଷତତ୍ତ୍ୱକୁ ସ୍ପଷ୍ଟ କରିବାକୁ ଯାଇ ଶ୍ରୀଅରବିନ୍ଦ କହନ୍ତି —

"But the Divine is neither wholly the Kshara, nor wholly the Akshara. He is greater than the immutable Self and he is much greater than the Soul of mutable things. If he is capable of being both at once, it is because he is other than they, *anyaḥ*, the Purushottama above all cosmos and yet extended in the world and extended in the Veda, in self-knowledge and in cosmic experience."

(*Essays On The Gita*, P. 447)

ଅର୍ଥାତ୍, ''ଭଗବାନ୍ କେବଳ ସମ୍ପୂର୍ଣ୍ଣ ରୂପେ କ୍ଷର ନୁହନ୍ତି, କେବଳ ସମ୍ପୂର୍ଣ୍ଣ ରୂପେ ଅକ୍ଷର ମଧ୍ୟ ନୁହନ୍ତି । ସେ ଅକ୍ଷର ଆତ୍ମା ଅପେକ୍ଷା ମହତ୍ତର ଏବଂ ପରିବର୍ତ୍ତନଶୀଳ ବସ୍ତୁ ସମୂହର ଆତ୍ମା ଅପେକ୍ଷା ଆହୁରି ଅଧିକ ମହତ୍ତର । ସେ ଯେ ଯୁଗପତ୍ ଉଭୟ ହୋଇ ପାରନ୍ତି ତାହାର କାରଣ ଏହି ଯେ ସେ ସେମାନଙ୍କଠାରୁ ଭିନ୍ନ, ଅନ୍ୟ; ସେ ସକଳ ବିଶ୍ୱର ଊର୍ଦ୍ଧ୍ୱରେ ପୁରୁଷୋତ୍ତମ, ଅଥଚ ସେ ଜଗତରେ ବ୍ୟାପ୍ତ ହୋଇ ରହିଛନ୍ତି, ବେଦରେ ବ୍ୟାପ୍ତ ହୋଇ ରହିଛନ୍ତି, ଆତ୍ମଜ୍ଞାନରେ ବ୍ୟାପ୍ତ ହୋଇ ରହିଛନ୍ତି, ବିଶ୍ୱ-ଉପଲବ୍ଧିରେ ବ୍ୟାପ୍ତ ହୋଇ ରହିଛନ୍ତି ।''

(ଗୀତା-ନିବନ୍ଧମାଳା, ପୃଷ୍ଠା. ୫୫୦)

ଏହିପରି ଭାବରେ ଭଗବାନଙ୍କୁ ସମଗ୍ର ରୂପେ ଯିଏ ଜାଣେ ସେ ଯଥାର୍ଥ ଜ୍ଞାନୀ । ଏପରି ବ୍ୟକ୍ତିଙ୍କୁ ବିଶ୍ୱବେତ୍ତା ଓ ସର୍ବବିଦ୍ ବୋଲି କୁହାଯାଏ । ସେ କ୍ଷର ଓ ଅକ୍ଷରକୁ ପୁରୁଷୋତ୍ତମଙ୍କ ମଧ୍ୟରେ ସଂଯୋଗ ସାଧନ କରିଥା'ନ୍ତି । ପୂର୍ଣ୍ଣ ସମତାରେ ତାଙ୍କର ସମଗ୍ର ସତ୍ତା ପ୍ରତିଷ୍ଠିତ ଥାଏ । ପ୍ରବୃତ୍ତି ବା ନିବୃତ୍ତି କୌଣସିଟି ଦ୍ୱାରା ସେ ସୀମାବଦ୍ଧ ହୋଇ ନଥା'ନ୍ତି । ସର୍ବତ୍ର ସେ ଭାଗବତ ଏକତ୍ୱକୁ ଦର୍ଶନ କରି ପାରନ୍ତି । ଗୀତା ବର୍ଣ୍ଣିତ ଅଦ୍ୱୈତ ଅନୁଭୂତି ତାଙ୍କୁ ପ୍ରାପ୍ତ ହୋଇଥାଏ । ଯେଉଁ ଶାଶ୍ୱତ ସତ୍ତା ଏକ ସଙ୍ଗେ ଜଗତ୍ ମଧ୍ୟରେ ଓ ବାହାରେ ଅଛନ୍ତି, ନିକଟବର୍ତ୍ତୀ ଓ ଦୂରବର୍ତ୍ତୀ ହୋଇ ରହିଛନ୍ତି, ତାଙ୍କୁ ଏହି ଜ୍ଞାନୀ ବ୍ୟକ୍ତି ନିଜର ସମଗ୍ର ସତ୍ତା ସହିତ ଭକ୍ତି କରନ୍ତି ଓ ପୂଜା କରନ୍ତି । ଦିବ୍ୟ ପ୍ରେମ, ଦିବ୍ୟ କର୍ମ ଓ ଦିବ୍ୟ ଜ୍ଞାନକୁ ସେ ନିଜ ଜୀବନରେ ପ୍ରତିଷ୍ଠିତ କରି ପରିଶେଷରେ ମୁକ୍ତି, ଅମରତ୍ୱ ଓ ପରିପୂର୍ଣ୍ଣତା ଲାଭ କରନ୍ତି ।

(କ୍ରମଶଃ)

❑❑❑

ତୁମକୁ ଭଗବାନଙ୍କ ଉପରେ ନିର୍ଭରତା ରଖିବାକୁ ପଡ଼ିବ ଏବଂ ତଥାପି ଲକ୍ଷ୍ୟ ଦିଗରେ ସହାୟକ କିଛି ସାଧନା କରିବାକୁ ପଡ଼ିବ — ଭଗବାନ୍ ସାଧନାର ଅନୁପାତରେ ଫଳଦାନ କରି ନ ଥା'ନ୍ତି, କରିଥା'ନ୍ତି ଆତ୍ମାର ଆନ୍ତରିକତା ତଥା ଅଭୀପ୍ସାର ଅନୁପାତରେ । (ଆତ୍ମାର ଆନ୍ତରିକତା କହିଲେ ଭଗବାନଙ୍କ ଦିଗରେ ଏହାର ବ୍ୟାକୁଳତା ଓ ଉଚ୍ଚତର ଜୀବନ ଦିଗରେ ଏହାର ଅଭୀପ୍ସା ଅର୍ଥରେ ମୁଁ କହୁଛି ।) ଆହୁରି ମଧ୍ୟ ବିବ୍ରତ ହେବା ଦ୍ୱାରା କିଛି ଲାଭ ହୁଏ ନାହିଁ — ''ମୁଁ ଏଇଆ ହେବି, ମୁଁ ସେଇଆ ହେବି, ମୁଁ କ'ଣ ହେବି ?'' ଏପରି କହିବା ପରିବର୍ତ୍ତେ କୁହ : ''ମୁଁ ନିଜେ କ'ଣ ଚାହୁଁଛି ତା' ନ ହୋଇ ଭଗବାନ୍ ମୋତେ କ'ଣ ହେବାକୁ ଚାହୁଁଛନ୍ତି ତାହା ହେବାକୁ ମୁଁ ପ୍ରସ୍ତୁତ ଅଛି,'' — ଅବଶିଷ୍ଟ ସବୁକିଛି ସେହି ଭିତ୍ତି ଉପରେ ଗଢ଼ି ଉଠିବ ।

— ଶ୍ରୀଅରବିନ୍ଦ

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୦୪)

### 'ଗୋଲକୁଣ୍ଡ' ସମ୍ପର୍କରେ ଶ୍ରୀଅରବିନ୍ଦ :

ଶ୍ରୀମା'ଙ୍କର 'ଗୋଲକୁଣ୍ଡ' ନିର୍ମାଣ କରିବାର ମୂଳ ଉଦ୍ଦେଶ୍ୟ ଥିଲା – ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସାଧକ-ସାଧିକାମାନେ ଅନାୟାସରେ ବସବାସ କରିବେ । କିନ୍ତୁ ପରବର୍ତ୍ତୀ କେତୋଟି ବର୍ଷ ମଧ୍ୟରେ ଶ୍ରୀମା ପରିସ୍ଥିତିର ଚାପରେ ଅନନ୍ୟୋପାୟ ହୋଇ ପରିଶେଷରେ ଏହାକୁ ଏକ 'ଗେଷ୍ଟ୍ ହାଉସ୍' ରୂପେ ବ୍ୟବହାର କରିବାକୁ ଅନୁମତି ଦେଇଥିଲେ । କିନ୍ତୁ ସେ ଏହାର ନୀତି-ନିୟମ ଓ ଶୃଙ୍ଖଳା ସମ୍ବନ୍ଧରେ କାଣିଚାଏ ମଧ୍ୟ ପରିବର୍ତ୍ତନ କରିବାକୁ ଚାହିଁ ନଥିଲେ । ତେଣୁ ଏହି ନୂତନ ବ୍ୟବସ୍ଥାରେ ଏହାର ରକ୍ଷଣାବେକ୍ଷଣ କରିବାର ସମ୍ପୂର୍ଣ୍ଣ ଦାୟିତ୍ୱରେ ଥିବା ମୋନା 'ଗୋଲକୁଣ୍ଡ'ର ପୂର୍ବ-ଗୌରବକୁ ସର୍ବୋତ୍କୃଷ୍ଟ ଭାବରେ ଅକ୍ଷୁଣ୍ଣ ରଖିବାକୁ ବଦ୍ଧପରିକର ଥିଲେ । ଏହାହିଁ ଥିଲା ତାଙ୍କର ସାଧନାର ଲକ୍ଷ୍ୟ ଓ ଜୀବନର ମୁଖ୍ୟ ଉଦ୍ଦେଶ୍ୟ । ଏବଂ ଗୋଲକୁଣ୍ଡର ଅନ୍ତରାତ୍ମା ସହିତ ସେ କାୟମନୋବାକ୍ୟରେ ଏକାତ୍ମ ହୋଇ ଉଠିଥିଲେ । କହିବା ବାହୁଲ୍ୟ, ଏଥିସକାଶେ ସେ ଶ୍ରୀମାଶ୍ରୀଅରବିନ୍ଦଙ୍କର ଅତ୍ୟନ୍ତ ସ୍ନେହଭାଜନ ମଧ୍ୟ ଥିଲେ । ତେଣୁ ଏହି ଆୟାସସାଧ୍ୟ କର୍ତ୍ତବ୍ୟ-ପାଳନରେ ଅନ୍ତେବାସୀଙ୍କର କାଣିଚାଏ ଦୋଷତ୍ରୁଟିକୁ ସେ ଘୁଣାକ୍ଷରରେ ମଧ୍ୟ ବରଦାସ୍ତ କରିପାରୁ ନଥିଲେ, ତେଣୁ ଚକ୍ଷୁ ସାମନାରେ କୌଣସି ତ୍ରୁଟି ଦେଖିବା ମାତ୍ରେ ତାଙ୍କର ରୁଦ୍ରମୂର୍ତ୍ତି ସମ୍ମୁଖକୁ ଆସି ଯାଉଥିଲା; ସେ ଚିତ୍କାର କରି ଉଠୁଥିଲେ । ତେଣୁ ପ୍ରଥମରୁହିଁ 'ଗୋଲକୁଣ୍ଡ' କେବେହେଲେ ଏକ ସାଧାରଣ 'ଗେଷ୍ଟ ହାଉସ୍' ନଥିଲା, ଏବେ ବି ନୁହେଁ ।

ଏକ ବିଶେଷ ପରିସ୍ଥିତିରେ ଶ୍ରୀଅରବିନ୍ଦ ଗୋଲକୁଣ୍ଡ ସମ୍ବନ୍ଧରେ ଏକ ସୁଦୀର୍ଘ ପତ୍ର ଲେଖିଥିଲେ । ଘଟଣାଟି ଥିଲା ଏହିପରି – ୧୯୪୫ର ଫେବ୍ରୁଆରୀ ଦର୍ଶନକୁ ଜଣେ ସୁପରିଚିତ ଡାକ୍ତର ଆଶ୍ରମକୁ ଆସି 'ଗୋଲକୁଣ୍ଡ'ରେ ରହିବାର ଅନୁମତି ପ୍ରାପ୍ତ ହୋଇଥିଲେ । ଡାକ୍ତର ଜଣଙ୍କ ତଦାନୀନ୍ତନ ଆଶ୍ରମ ଅନ୍ତେବାସୀ ଦିଲୀପ କୁମାର ରାୟଙ୍କର ଘନିଷ୍ଠ ବନ୍ଧୁ ଥିଲେ । 'ଗୋଲକୁଣ୍ଡ'ରେ ରହିଥିବା ବେଳେ ଡାକ୍ତର ଜଣଙ୍କ ତାଙ୍କ କକ୍ଷରେ ଥିବା ସୁନ୍ଦର ମସୃଣ ଟେବୁଲ ଉପରେ ନିଜର ହ୍ୟାଣ୍ଡ୍ ବ୍ୟାଗ୍‌ଟିକୁ ଟାଣି ଆଣିବା ଦ୍ୱାରା ଟେବୁଲରେ ରାମ୍ପୁଡ଼ା ଦାଗ ହୋଇ ଯାଇଥିଲା ।... ମୋନା ଘଟଣାକ୍ରମେ ସେଠାକୁ ଆସି ଡାକ୍ତରଙ୍କୁ ଖୁବ୍ ଭର୍ତ୍ସନା କରିଥିଲେ । ମୋନାଙ୍କ ବ୍ୟବହାରରେ ଡାକ୍ତର ଖୁବ୍ ଅପମାନିତ ଓ କ୍ରୋଧାନ୍ୱିତ ହୋଇ ଦିଲୀପଙ୍କୁ ଏ ସମ୍ବନ୍ଧରେ ଜଣାଇଥିଲେ । କାଳବିଳମ୍ବ ନ କରି ଦିଲୀପ ବନ୍ଧୁଙ୍କ ତରଫରୁ ତୀବ୍ର ଅଭିଯୋଗପୂର୍ବକ ଶ୍ରୀଅରବିନ୍ଦଙ୍କୁ ଏକ ପତ୍ର ଲେଖିଲେ, ଯେଉଁଥିରେ ସେ ମୋନାଙ୍କୁ ଭର୍ତ୍ସନା କରିବା ସହିତ ଏକଥା ବି ଉଲ୍ଲେଖ କରିଥିଲେ ଯେ 'ଗୋଲକୁଣ୍ଡ'ରେ 'ନିରର୍ଥକ ନିୟମାବଳି' ('the meaningless rules') ନିଧାର୍ଯ୍ୟ କରାଯାଇଛି ।

ଏହି ପରିପ୍ରେକ୍ଷୀରେ ଶ୍ରୀଅରବିନ୍ଦ ଦିଲୀପଙ୍କୁ ଦୀର୍ଘ ପତ୍ରଟିଏ ଲେଖିଥିଲେ, ଯାହାକି ଏକାଧାରରେ ଏକ ଅତ୍ୟୁତ୍କୃଷ୍ଟ ସାହିତ୍ୟର ନମୁନା ସ୍ୱରୂପ ଏବଂ ଜଣେ ଦିବ୍ୟଦ୍ରଷ୍ଟାଙ୍କର ସର୍ବୋଚ୍ଚ ସ୍ତରର ଦିବ୍ୟ ସତ୍ୟର ଏକ ତାତ୍ପର୍ଯ୍ୟପୂର୍ଣ୍ଣ ସୂକ୍ଷ୍ମ ଦର୍ଶନ ତଥା ଭୌତିକ ବସ୍ତୁକୁ ଯତ୍ନ ସହକାରେ ବ୍ୟବହାର କରିବା ସକାଶେ ଉଦ୍ଦିଷ୍ଟ ମୂଳନୀତିର ଏକ ସୁସ୍ପଷ୍ଟ ଓ ବାସ୍ତବ ଉଦାହରଣ ।

ଶ୍ରୀଅରବିନ୍ଦଙ୍କ ପତ୍ର : "...'କ' (ଜନୈକ ଅନ୍ତେବାସୀ)ର କଥାନୁସାରେ ସେ (ଡାକ୍ତର) କଥା ପ୍ରସଙ୍ଗରେ କହିଥିଲେ ଯେ ଶୃଙ୍ଖଳାର ଅଭାବହିଁ ଭାରତବର୍ଷର ବଡ଼ ଦୁର୍ଯୋଗ ବା ସର୍ବନାଶର କାରଣ : ବ୍ୟକ୍ତିଗତ କ୍ଷେତ୍ରରେ ବା ଗୋଷ୍ଠୀଗତ କ୍ଷେତ୍ରରେ କାହାରି ବି କୌଣସି ଶୃଙ୍ଖଳା ନାହିଁ । ତା'ହେଲେ କେବଳ ଏଇ କାରଣରୁହିଁ ଯେଉଁ ସ୍ଥାନରେ ତାଙ୍କର ହ୍ୟାଣ୍ଡ୍ ବ୍ୟାଗ୍ ରଖା ହେବା କଥା ନୁହେଁ, ସେଠାରେ ରଖିବାକୁ ତାଙ୍କୁ ଅନୁମତି ଦିଆଯାଇ ନଥିବାରୁ ସେ କାହିଁକି ବିଳାପ (weep) କରୁଛନ୍ତି ? ତାଙ୍କର ଧାରଣା ଯେ ଆଶ୍ରମରେ ପୂର୍ଣ୍ଣ ଶୃଙ୍ଖଳା ରହିଛି – ମୁଁ ନିଜେ କିନ୍ତୁ ତାଙ୍କର ଏହି ଧାରଣାରେ ଏକମତ ନୁହେଁ; ବିପରୀତ ପକ୍ଷରେ, ଆଶ୍ରମରେ ଶୃଙ୍ଖଳାର ବେଶ୍ ଅଭାବ ରହିଛି, ଅନେକ ବିଶୃଙ୍ଖଳା, ପରସ୍ପର ମଧ୍ୟରେ କଳହ ଓ ଦୃଢ଼ ଭାବରେ ଆତ୍ମ-

ସମର୍ଥନ ଜାରି ରଖିବାର ପ୍ରବଣତା ରହିଛି । ଆଶ୍ରମରେ ଯାହା ରହିଛି, ସେଇଟି ହେଉଛି ଏସବୁ ବିପରୀତ ଗୁଣ ଥିବା ସତ୍ତ୍ୱେ ଶ୍ରୀମା ଏକ ସଙ୍ଗଠନ ଓ ସୁବ୍ୟବସ୍ଥା ପ୍ରତିଷ୍ଠା କରିବାକୁ ସକ୍ଷମ ହୋଇଛନ୍ତି । ଏହି ସଙ୍ଗଠନ ଓ ସୁବ୍ୟବସ୍ଥା ପ୍ରତ୍ୟେକଟି ସାମୂହିକ କର୍ମ ସକାଶେ ଏକାନ୍ତ ଆବଶ୍ୟକ । ବାହାରୁ ଯେଉଁମାନେ ଆଶ୍ରମ ପରିଦର୍ଶନରେ ଆସନ୍ତି, ସେମାନେ ପ୍ରତ୍ୟେକେ ଆଶ୍ରମର ଏହି ସଙ୍ଗଠନ ଓ ସୁବ୍ୟବସ୍ଥାକୁ ଦେଖି ଖୁବ୍ ପ୍ରଶଂସା କରନ୍ତି, ଆଶ୍ଚର୍ଯ୍ୟ ବି ହୁଅନ୍ତି । କେବଳ ଏହି କାରଣରୁହିଁ ଆଶ୍ରମ ଏପର୍ଯ୍ୟନ୍ତ ତିଷ୍ଠି ରହିପାରିଛି ଏବଂ ବାରବାର ଅନେକଙ୍କର ମନ୍ଦ ଉଦ୍ଦେଶ୍ୟ ଥିବା ପ୍ରବଳ ଆକ୍ରମଣରୁ ନିଜକୁ ବଞ୍ଚାଇ ପାରିଛି; ଯେଉଁମାନେ କି ବହୁ ପୂର୍ବରୁ ଏହାର ଅସ୍ତିତ୍ୱ ଲୋପ କରି ଦେଇ ସାରନ୍ତେଣି । ଶ୍ରୀମା ଭଲ ରୂପେ ଜାଣନ୍ତି ଯେ ସେ କ'ଣ କରୁଛନ୍ତି ଏବଂ ତାଙ୍କ କାର୍ଯ୍ୟ ସକାଶେ କ'ଣ କ'ଣ ଆବଶ୍ୟକ ।

''ଏହି ଶୃଙ୍ଖଳା ତା'ର ମୂଳ ସ୍ୱରୂପରେ, ବିଶେଷ କରି ପାଶ୍ଚାତ୍ୟର ନୁହେଁ — ଜାପାନ, ଚୀନ ଓ ଭାରତ ସଦୃଶ ଏକଦା ପ୍ରାଚ୍ୟ ଦେଶମାନଙ୍କରେ ଏହା ଥିଲା ସର୍ବନିୟାମକ ଏବଂ ଏପରି କଠୋର ରୀତି ବା ପ୍ରଥା ଦ୍ୱାରା ଅନୁମୋଦିତ ଥିଲା ଯେ ଯାହାକୁ ପାଶ୍ଚାତ୍ୟବାସୀଙ୍କ ପକ୍ଷରେ ସହ୍ୟ କରିବା ଦୁରୂହ । ସାମାଜିକ ଦୃଷ୍ଟିକୋଣରୁ ଆମେ ଏହା ଉପରେ ଯେତେ ପ୍ରକାର ପ୍ରତିକୂଳ ମନ୍ତବ୍ୟ ଦେଲେ ମଧ୍ୟ, ଏହା ନିରାଟ ସତ୍ୟ ଯେ ଏହି ଶୃଙ୍ଖଳାହିଁ ପ୍ରକୃତରେ ହିନ୍ଦୁ ଧର୍ମ ଓ ହିନ୍ଦୁ ସମାଜକୁ ଯୁଗ ଯୁଗ ଧରି ପରିବର୍ତ୍ତନ ଓ ଭାଗ୍ୟର ଅନିଶ୍ଚିତତା ମଧ୍ୟରେ ନିରାପଦରେ ରକ୍ଷା କରି ଆସିଛି । ବିପରୀତ ପକ୍ଷରେ ରାଜନୀତି କ୍ଷେତ୍ରରେ ରହି ଆସିଛି ବିଶୃଙ୍ଖଳା, ବ୍ୟକ୍ତି-ସ୍ୱାତନ୍ତ୍ର୍ୟ ଓ ଯାବତୀୟ କଳହ, ବିବାଦ, ଦ୍ୱନ୍ଦ୍ୱ; ଭାରତର ହଠାତ୍ ପତନ ଏବଂ ଦାସତ୍ୱ ସ୍ୱୀକାର କରିବାର ଏହା ଏକ ଅନ୍ୟତମ କାରଣ । ସଙ୍ଗଠନ, ଶୃଙ୍ଖଳା ଓ ନିୟନ୍ତ୍ରଣ ପ୍ରବର୍ତ୍ତନପୂର୍ବକ ସୁବ୍ୟବସ୍ଥା ଆଣିବାରେ ଉଦ୍ୟମ କରାଯାଇଥିଲେ ମଧ୍ୟ ସ୍ଥାୟୀ ରୂପେ କାର୍ଯ୍ୟକାରୀ ହୋଇ ଉଠିବାରେ ସଫଳତା ଲାଭ କରି ପାରି ନଥିଲା । ଏପରିକି ଆଧ୍ୟାତ୍ମିକ କ୍ଷେତ୍ରରେ ମଧ୍ୟ ଭାରତବର୍ଷରେ କେବଳ ଯେ ସ୍ୱେଚ୍ଛାକୃତ ବିଧାନରେ କାଳାତିପାତ କରୁଥିବା ଆତ୍ମସଂଯମୀ ପରିବ୍ରାଜକ ବୈରାଗୀ ବା ସନ୍ନ୍ୟାସୀ ଥିଲେ, ତା' ନୁହେଁ; ବରଂ ଏହି ଆଧ୍ୟାତ୍ମିକ କ୍ଷେତ୍ରରେ ଭାରତବର୍ଷ ନିଜସ୍ୱ ନିୟମ-ଶୃଙ୍ଖଳା ଥିବା ସନ୍ନ୍ୟାସୀ ସମ୍ପ୍ରଦାୟର ପରିଚାଳନା ସଂସ୍ଥାସବୁରେ ବିଧିସଙ୍ଗତ କ୍ଷମତା ଓ ଆଇନର ଆଜ୍ଞାନୁବର୍ତ୍ତୀ ହେବାରେ ଆଗ୍ରହପୂର୍ବକ ଶୃଙ୍ଖଳାର ପ୍ରଣୟନ କରିଥିଲା ଏବଂ ସେତେବେଳେ ଭାରତବର୍ଷରେ ମଧ୍ୟ କଠୋର ଶୃଙ୍ଖଳା ଥିବା ମଠମାନ ସ୍ଥାପିତ ହୋଇଥିଲା । ଯେହେତୁ ଏହିସବୁ ନିୟମ-ଶୃଙ୍ଖଳା ବିନା କୌଣସି କର୍ମକୁ ସଫଳତାର ସହିତ ସମ୍ପାଦନ କରାଯାଇ ପାରେ ନାହିଁ । ଏପରିକି ବ୍ୟକ୍ତିଗତ କର୍ମୀ, ଉଦାହରଣସ୍ୱରୂପ ଜଣେ ଶିଳ୍ପୀ, ଦକ୍ଷ ଓ ସୁରୁଚିସମ୍ପନ୍ନ କଳାକାରକୁ ମଧ୍ୟ ନିଜର ଦକ୍ଷତା ହାସଲ ସକାଶେ କଠୋର ଶୃଙ୍ଖଳା ମଧ୍ୟ ଦେଇ ଯିବାକୁ ପଡ଼ିଥାଏ । ତେଣୁ ଏହି କର୍ମଠାରୁ ଅତ୍ୟନ୍ତ କଠିନ କର୍ମ ସମ୍ପାଦନ କରିବାର ଗୁରୁ ଦାୟିତ୍ୱ ବହନ କରିଥିବା ଶ୍ରୀମା ସମସ୍ତଙ୍କୁ ଶୃଙ୍ଖଳା ରକ୍ଷା କରିବା ସକାଶେ ଜୋର୍ ଦେଉଛନ୍ତି ବୋଲି ତାଙ୍କୁ କ'ଣ ପାଇଁ ଦୋଷାରୋପ କରାଯିବ ?

''ମୁଁ ବୁଝିପାରୁ ନାହିଁ ତୁମେ କେଉଁ ଦୃଷ୍ଟିରୁ ଆଶା ପୋଷଣ କରିପାରୁଛ ଯେ ଏକ ଆଧ୍ୟାତ୍ମିକ ଗୋଷ୍ଠୀ ଓ ପ୍ରତିଷ୍ଠାନକୁ କୌଣସି ନିୟମ ଓ ଶୃଙ୍ଖଳା ବ୍ୟତିରେକେ କିପରି ନିୟମିତ ଚଳାଯାଇ ପାରିବ । ମନେ ହେଉଛି ତୁମେ କହିବାକୁ ଚାହୁଁଛ ଯେ ପ୍ରତ୍ୟେକଙ୍କୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯିବା ଉଚିତ, କେବଳ ସେମାନେ ସ୍ୱେଚ୍ଛାରେ ନିଜର ପସନ୍ଦ ଅନୁଯାୟୀ ନିଜ ଉପରେ ଆରୋପ କରୁଥିବା ଶୃଙ୍ଖଳାଟିକୁ ମାନି ଚଳିବେ । ଏପରି ସମ୍ଭବ ହୁଅନ୍ତା ଯଦି ପ୍ରତିଷ୍ଠାନର ପ୍ରତିଟି ବ୍ୟକ୍ତିର କେବଳ କିଛି ଆନ୍ତର ଉପଲବ୍ଧି କରିବାର ଲକ୍ଷ୍ୟ ରହିଥା'ନ୍ତା, ବାହ୍ୟ ଜୀବନ ସହିତ କୌଣସି ସମ୍ପର୍କ ନଥା'ନ୍ତା କିଂବା କୌଣସି ଗୋଷ୍ଠୀଗତ ବା ସାମୂହିକ ଜୀବନ ବା କର୍ମ ନଥା'ନ୍ତା ଅଥବା ସେସବୁର କୌଣସି ଗୁରୁତ୍ୱ ନଥା'ନ୍ତା । କିନ୍ତୁ ଆଶ୍ରମର କଥା ସ୍ୱତନ୍ତ୍ର । ଆମେ ଏପରି ଏକ କର୍ମର ଦାୟିତ୍ୱ ଗ୍ରହଣ କରିଛୁ ଯାହାକି ବାହ୍ୟ ଜୀବନ, କର୍ମ ଓ ଭୌତିକ ଜଗତ୍ ସହିତ ଜଡ଼ିତ । ଯାହା ସକାଶେ ମୁଁ ପ୍ରୟାସ କରି ଚାଲିଛି — ସେଥିପାଇଁ ପ୍ରଥମ ଆବଶ୍ୟକ ହେଲା ଆଧ୍ୟାତ୍ମିକ ଉପଲବ୍ଧି, କିନ୍ତୁ ଏହା ପୂର୍ଣ୍ଣାଙ୍ଗ ହୋଇ ପାରିବ ନାହିଁ ଯେତେବେଳ ପର୍ଯ୍ୟନ୍ତ ଜୀବନରେ, ମାନବଜାତି ମଧ୍ୟରେ ଏବଂ ଭୌତିକ ଜଗତରେ ବାହ୍ୟ ଉପଲବ୍ଧି ନହୋଇଛି । ଅନ୍ତରରେ ଆଧ୍ୟାତ୍ମିକ ଚେତନାରେ ବାସ କରୁଥିବା ସତ୍ତ୍ୱେ ବାହ୍ୟ ଜଗତରେ ଆଧ୍ୟାତ୍ମିକ ଜୀବନଯାପନର ଗୁରୁତ୍ୱ ରହିଛି । ବର୍ତ୍ତମାନ ଆଶ୍ରମ ଯେପରି ଅବସ୍ଥାରେ ରହିଛି, ସେଥିରେ ଉପରୋକ୍ତ ଆଦର୍ଶ ରୂପ ପାଇ ନାହିଁ, କାରଣ ସେଥିପାଇଁ ପ୍ରତ୍ୟେକ ଆଶ୍ରମବାସୀକୁ ସାଧାରଣ ଅହଂସର୍ବସ୍ୱ ମନ ତଥା ମୁଖ୍ୟତଃ ରାଜସିକ, ପ୍ରାଣିକ ସ୍ୱଭାବ ବା ପ୍ରକୃତି ମଧ୍ୟରେ ବାସ

ନକରି ଆଧ୍ୟାତ୍ମିକ ଚେତନାରେ ବାସ କରିବାକୁ ହେବ । କିନ୍ତୁ ଏହା ଏପରି ଅପକ୍ୱ ଅବସ୍ଥାରେ ରହିଥିଲେ ମଧ୍ୟ, ଆଶ୍ରମହିଁ ଆମ ପ୍ରୟାସର ପ୍ରଥମ ରୂପ ନେଇଛି ଏବଂ ଏକ କ୍ଷେତ୍ରସ୍ୱରୂପ ହୋଇ ଉଠିଛି, ଯେଉଁଥିରେ ପ୍ରସ୍ତୁତିମୂଳକ କାର୍ଯ୍ୟ ସମ୍ପନ୍ନ କରିବାକୁ ହେବ । ଶ୍ରୀମା'ଙ୍କୁ ଏହି ଗୁରୁଦାୟିତ୍ୱ ବହନ କରି ଏହାର ରକ୍ଷଣାବେକ୍ଷଣ କରିବାକୁ ହେବ ଏବଂ ସେଇଥିପାଇଁ ଏହିସବୁ ଶୃଙ୍ଖଳା ଓ ସଙ୍ଗଠନ ଆବଶ୍ୟକ ଏବଂ ଶୃଙ୍ଖଳା ଓ ନିୟମ ବ୍ୟତିରେକେ ଏହି ଦାୟିତ୍ୱ ବହନ କରିବା ଅସମ୍ଭବ । ଏପରିକି ଅହଂଭାବ ଓ ମାନସିକ ପସନ୍ଦ-ଅପସନ୍ଦର ରୁଚିବୋଧ ତଥା ରାଜସିକ, ପ୍ରାଣିକ ପ୍ରକୃତିକୁ ଜୟ କରିବା ପାଇଁ ବା ଅନ୍ତତଃପକ୍ଷେ ସେ ଦିଗରେ ସାହାଯ୍ୟ କରିବା ସକାଶେ ଶୃଙ୍ଖଳାର ଆବଶ୍ୟକତା ରହିଛି । ଯଦି ଏହିସବୁ ପ୍ରବୃତ୍ତି ଉପରେ କର୍ତ୍ତୃତ୍ୱ ହାସଲ କରାଯାଏ, ତେବେ ବାହ୍ୟ ନିୟମସବୁର ଆବଶ୍ୟକତା ଅନେକ କମି ଯାଇଥାଏ । ତା' ସ୍ଥାନରେ ସ୍ୱତଃସ୍ଫୂର୍ତ୍ତ ବୁଝାମଣା, ଐକ୍ୟଭାବ, ସଂହତି ଏବଂ ସ୍ୱତଃସ୍ଫୂର୍ତ୍ତ ଯଥାର୍ଥ କର୍ମ-ସମ୍ପାଦନର ଆବହାଉଆ ସୃଷ୍ଟି ହୋଇଥାଏ । କିନ୍ତୁ ଯେପର୍ଯ୍ୟନ୍ତ ବ୍ୟକ୍ତି ମଧ୍ୟରେ ତଥାପି ଅପରିଣତ ଅବସ୍ଥା ବିଦ୍ୟମାନ ରହିଥାଏ, ସେପର୍ଯ୍ୟନ୍ତ ନିଜର ପସନ୍ଦ-ଅପସନ୍ଦ ମୁତାବକ ନିଜ ଉପରେ ଆରୋପ କରିଥିବା ଶୃଙ୍ଖଳା ବ୍ୟତୀତ ସଙ୍ଗଠନର ଅନ୍ୟ ସମସ୍ତ ଶୃଙ୍ଖଳାକୁ ବର୍ଜନ କରେ ବା ବାଦ୍ ଦିଏ, ତେଣୁ ତଦ୍ୱାରା ଯଥାର୍ଥ କର୍ମରେ ନିଷ୍ଫଳତା ଓ ବିପର୍ଯ୍ୟୟ ଆସିଥାଏ ।... ସେହି ନୀତି ଉପରେ କାର୍ଯ୍ୟ କରିଥିଲେ କାର୍ଯ୍ୟଟିର ସତ୍ୟାନାଶ ଘଟିଥା'ନ୍ତା; ସେଥିରେ କେବଳ ଲାଗି ରହିଥା'ନ୍ତା ବିବାଦ, ନିରନ୍ତର ସଂଘର୍ଷ ଓ ପ୍ରତ୍ୟେକ କର୍ମୀ ତା'ର ନିଜସ୍ୱ ଧାରଣା ଓ ସ୍ୱେଚ୍ଛାଚାରିତାକୁ ଜାହିର କରିବାର ପ୍ରବଣତା । ଏପରିକି ବର୍ତ୍ତମାନର ଆଶ୍ରମରେ ଏସବୁର ପ୍ରାବଲ୍ୟ ବେଶ୍ ରହିଛି ଏବଂ କେବଳ ଶ୍ରୀମା'ଙ୍କର କର୍ତ୍ତୃତ୍ୱ, ତାଙ୍କ ପ୍ରଦତ୍ତ କର୍ମର ଶୈଳୀ ଏବଂ ପରସ୍ପର ମଧ୍ୟରେ ଅସଙ୍ଗତି ଓ ଅସାମଞ୍ଜସ୍ୟ ରହିଥିବା ଅନ୍ତେବାସୀଙ୍କୁ ନେଇ ଏକତ୍ର କର୍ମ କରାଇବାର ତାଙ୍କର ଅପରୂପ କୌଶଳ ଯୋଗୁଁହିଁ ଆଶ୍ରମର ସବୁ କାର୍ଯ୍ୟ ସୁରୁଖୁରୁରେ ଚାଲିଛି ।

''ମୁଁ ବୁଝିପାରୁ ନାହିଁ ଯେ ଶ୍ରୀମା କିପରି ଜଣେ କଠୋର ଶୃଙ୍ଖଳାବାଦୀ । ଅପରପକ୍ଷରେ ମୁଁ ଲକ୍ଷ୍ୟ କରିଛି ସେ କିପରି ଅବିରତ ସଦୟ, ସହନଶୀଳତା, ଧୈର୍ଯ୍ୟ ଓ ଅନୁକମ୍ପା ସହିତ ତାଙ୍କୁ ଘେରି ରହିଥିବା ବିପୁଳ ବିଶୃଙ୍ଖଳା, ଅବାଧ୍ୟତା, ଆତ୍ମମ୍ଭରିତା ଓ ବିଦ୍ରୋହର ସମ୍ମୁଖୀନ ହେଉଥିଲେ । ଏପରିକି ତାଙ୍କ ସମ୍ମୁଖରେ ନାନା ବିଦ୍ରୋହାତ୍ମକ ଆଚରଣ ଓ କଟୂକ୍ତି ତଥା ତାଙ୍କୁ ଆକ୍ଷେପମୂଳକ ଚିଠିସବୁର ସମ୍ମୁଖୀନ ହେବାକୁ ପଡୁଥିଲା । ଜଣେ କଠୋର ଶୃଙ୍ଖଳାବାଦୀ ଏହିସବୁ ସମସ୍ୟାଗୁଡ଼ିକ ସହିତ କେବେ ବି ଏମିତି ଆଚରଣ କରି ପାରିବେ ନାହିଁ ।

''ଶୃଙ୍ଖଳା ରକ୍ଷା କରିବା ସକାଶେ କେତେକ ନିୟମ ମାନି ଚଳିବାରେ ଦୃଢ଼ ଦାବୀ କରାଯାଇଥିବା ସମ୍ବନ୍ଧେ ତୁମର ଅଭିଯୋଗ ବ୍ୟତୀତ ମୁଁ ବୁଝି ପାରୁ ନାହିଁ ଯେ ଦର୍ଶନାର୍ଥୀମାନେ କି ପ୍ରକାର ଖରାପ ବ୍ୟବହାର ପାଇଲେ; କିନ୍ତୁ ଏହା ଏକ ସାର୍ବଜନୀନ ବା ବ୍ୟାପକ ଅଭିଯୋଗ ହୋଇ ନପାରେ, ସେପରି ହୋଇଥିଲେ ଦର୍ଶନାର୍ଥୀମାନଙ୍କ ସଂଖ୍ୟା ଅବିରତ ବୃଦ୍ଧି ହୁଅନ୍ତା ନାହିଁ କିଂବା ଏତେ ଲୋକ ବାରଂବାର ଏଠାକୁ ଆସନ୍ତେ ନାହିଁ କି ସବୁ ଥର 'ଦର୍ଶନ'କୁ ଆସନ୍ତେ ନାହିଁ ଅଥବା ଏତେ ଲୋକ ଏଠାରେ ରହିଯିବାକୁ ଶ୍ରୀମା'ଙ୍କର ଅନୁମତି ଚାହାଁନ୍ତେ ନାହିଁ । ସେ ଯାହାହେଉ, ସେମାନେ କୌଣସି ସାମାଜିକ ଆବଶ୍ୟକତା ଯୋଗୁଁ ଏଠାକୁ ଆସନ୍ତି ନାହିଁ, ଯାହାଙ୍କୁ ସେମାନେ ଆଧ୍ୟାତ୍ମିକ ଦୃଷ୍ଟିରୁ ମହାନ୍ ବୋଲି ବିବେଚନା କରନ୍ତି, ତାଙ୍କରି ଦିବ୍ୟ-ଦର୍ଶନ ଲାଭ ସକାଶେ ଅଥବା ବରାବର ଆସୁଥିବା ଦର୍ଶନାର୍ଥୀମାନଙ୍କ କ୍ଷେତ୍ରରେ, ସେମାନେ ଆସନ୍ତି ଆଶ୍ରମ-ଜୀବନଧାରାରେ କିଛି ଦିନ ଅବଗାହନ କରି ଆଧ୍ୟାତ୍ମିକ ଉପଲବ୍ଧିର ଉପଯୋଗ କରିବାକୁ । ଏବଂ ଉପରୋକ୍ତ ଏହି ଦୁଇଟି ଉଦ୍ଦେଶ୍ୟ ରଖି ଏଠାକୁ ଆସୁଥିବା ଦର୍ଶନାର୍ଥୀମାନଙ୍କଠାରୁ ଏତିକି ଆଶା କରାଯାଇଥାଏ ଯେ ସେମାନେ ଅନ୍ତତଃ ଧାର୍ଯ୍ୟ କରାଯାଇଥିବା ଶୃଙ୍ଖଳା-ବ୍ୟବସ୍ଥାକୁ ସ୍ୱେଚ୍ଛାକୃତ ଭାବରେ ମାନି ଚଳିବେ ଏବଂ ସାମାନ୍ୟ ଆରାମର ଅଭାବ ସକାଶେ କିଛି ବି ମନେ କରିବେ ନାହିଁ ।

''ଗୋଲକୁଣ୍ଡ ଓ ଶୃଙ୍ଖଳା ରକ୍ଷା ସକାଶେ ଏହାର ନିୟମ ଓ ବ୍ୟବସ୍ଥାସବୁ ସମ୍ପର୍କରେ – ସେସବୁକୁ ଆଶ୍ରମରେ ଅନ୍ୟତ୍ର କେଉଁଠି ଧାର୍ଯ୍ୟ କରାଯାଇ ନାହିଁ – ସେସବୁକୁ ଏଠାରେ ଧାର୍ଯ୍ୟ କରାଯିବାରେ ଏକ ବିଶେଷ କାରଣ ରହିଛି ଏବଂ ନିରର୍ଥକ ଭାବରେ ଏହା ଧାର୍ଯ୍ୟ କରାଯାଇ ନାହିଁ । ଗୋଲକୁଣ୍ଡରେ ରେମଣ୍ଡ, ସ୍ୟାମାର ଓ ଅନ୍ୟମାନଙ୍କ ମାଧ୍ୟମରେ ଶ୍ରୀମା ତାଙ୍କର ପରିକଳ୍ପନାକୁ ବାସ୍ତବ ରୂପ ଦେଇ ପାରିଛନ୍ତି । ପ୍ରଥମତଃ ଶ୍ରୀମା ବିଶ୍ୱାସ କରନ୍ତି ଯେ ସୌନ୍ଦର୍ଯ୍ୟ ହେଉଛି ଦିବ୍ୟ-ଜୀବନ ଓ ଆଧ୍ୟାତ୍ମିକତାର ଏକ ଅଙ୍ଗସ୍ୱରୂପ; ଦ୍ୱିତୀୟତଃ ସେ ବିଶ୍ୱାସ କରନ୍ତି ଯେ ଜୀବନ୍ତ-ସତ୍ତା ପରି ସ୍ଥୂଳ ବସ୍ତୁସବୁରେ ମଧ୍ୟ ଦିବ୍ୟ-

ପରମଚେତନା ଅନ୍ତର୍ନିହିତ ହୋଇ ରହିଛି; ଏବଂ ତୃତୀୟତଃ ସେହି ବସ୍ତୁଗୁଡ଼ିକର ନିଜସ୍ୱ ବ୍ୟକ୍ତିତ୍ୱ ରହିଛି ଏବଂ ସେଇଥିପାଇଁ ସେସବୁକୁ ଯଥାର୍ଥ ଭାବରେ ବ୍ୟବହାର କରିବା ଉଚିତ, ଠିକ୍ ଠିକ୍ ଉପଯୋଗ କରାଯିବା ଉଚିତ; ଅପବ୍ୟବହାର ବା ଅନୁଚିତ ଭାବରେ ବ୍ୟବହାର କରିବା ଅଥବା ଆଘାତ ବା ଉପେକ୍ଷା କରିବା ଉଚିତ ନୁହେଁ – ଯଦ୍ଦ୍ୱାରା ସେଗୁଡ଼ିକ ଶୀଘ୍ର ନଷ୍ଟ ହୋଇଯିବ ଓ ସେସବୁର ପୂର୍ଣ୍ଣ ସୌନ୍ଦର୍ଯ୍ୟ ଓ ମୂଲ୍ୟ ହ୍ରାସ ପାଇବ । ଶ୍ରୀମା ବସ୍ତୁଗୁଡ଼ିକର ଅନ୍ତର୍ନିହିତ ଚେତନାକୁ ଅନୁଭବ କରିପାରନ୍ତି ଏବଂ ସେଗୁଡ଼ିକ ପ୍ରତି ଏତେ ସହାନୁଭୂତିଶୀଳ ରହିଥା'ନ୍ତି ଯେ ଯେଉଁ ବସ୍ତୁଗୁଡ଼ିକ ଅଳ୍ପ ସମୟ ମଧ୍ୟରେ ଅନ୍ୟମାନଙ୍କ ହାତରେ ନଷ୍ଟ ବା କ୍ଷୟ ପ୍ରାପ୍ତ ହୋଇ ପାରିଥା'ନ୍ତା, ତାହା ତାଙ୍କ ହାତରେ ବର୍ଷ ବର୍ଷ ଧରି, ଏପରିକି ଦଶ ବର୍ଷରୁ ଅଧିକ କାଳ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଥାଏ । ଏହି ଭିତ୍ତି ଉପରେ ସେ ଗୋଲକୁଣ୍ଡର ଯୋଜନା କରିଥିଲେ । ପ୍ରଥମେ ସେ ଚାହିଁଥିଲେ ଉଚ୍ଚସ୍ତରର ଏକ ସ୍ଥାପତ୍ୟକଳାର ସୌନ୍ଦର୍ଯ୍ୟ ଏବଂ ଏଥିରେ ସେ ସାଫଲ୍ୟ ଲାଭ କରିଥିଲେ – ସ୍ଥପତି ବିଦ୍ୟାବିଦ୍ ଓ ସ୍ଥାପତ୍ୟ ପ୍ରଣାଳୀ ସମ୍ବନ୍ଧରେ ଜ୍ଞାନ ଥିବା ଜ୍ଞାନୀଗଣ ଏହାକୁ ଏକ ଉଲ୍ଲେଖଯୋଗ୍ୟ କୃତି ବୋଲି ଉତ୍ସାହର ସହିତ ଉଚ୍ଚ ପ୍ରଶଂସା କରୁଛନ୍ତି । ଜଣେ ମନ୍ତବ୍ୟ ଦେଇଥିଲେ ଯେ ସେ ଦେଖିଥିବା ଏ ଧରଣର ଅଟ୍ଟାଳିକାମାନଙ୍କ ମଧ୍ୟରେ ଏହା ହେଉଛି ସର୍ବୋତ୍କୃଷ୍ଟ ଅଟ୍ଟାଳିକା ଏବଂ ସମଗ୍ର ଇଉରୋପ ତଥା ଆମେରିକାରେ ଏହାର ସମକକ୍ଷ ଅଟ୍ଟାଳିକା ନାହିଁ । ଜଣେ ବିଖ୍ୟାତ ସ୍ଥାପତ୍ୟବିଦ୍ ଗୁରୁଙ୍କର ଫରାସୀ ଛାତ୍ର ଜଣେ କହିଥିଲେ ଯେ ତାଙ୍କ ଗୁରୁ ଯେଉଁ କଳ୍ପନାକୁ ରୂପ ଦେବାକୁ ତୀବ୍ର ପ୍ରୟାସ କରି ସେଥିରେ ସେ ଶେଷ ପର୍ଯ୍ୟନ୍ତ କୃତକାର୍ଯ୍ୟ ହୋଇ ପାରି ନଥିଲେ; ତାହା ଗୋଲକୁଣ୍ଡରେ ଅତି ଉତ୍କୃଷ୍ଟ ଭାବରେ ରୂପାୟିତ ହୋଇଛି । ଏତତ୍ ବ୍ୟତୀତ ଶ୍ରୀମା ମଧ୍ୟ ଚାହିଁଥିଲେ ଯେ ଏହି ଅଟ୍ଟାଳିକାଟିର ପ୍ରତିଟି ପ୍ରକୋଷ୍ଠ, ଏହାର ଆସବାବପତ୍ର, କାଷ୍ଠ ନିର୍ମିତ ପ୍ରତ୍ୟେକଟି ବସ୍ତୁ ଯେପରି ହୋଇ ଉଠିବେ ନିଜସ୍ୱ କଳା-ନୈପୁଣ୍ୟରେ ପରିପୂର୍ଣ୍ଣ ଯଦ୍ଦ୍ୱାରା କକ୍ଷଟିରେ ଏକ ସାମଗ୍ରିକ ସୁସମଞ୍ଜସତା ସୃଷ୍ଟି କରି ପାରିବେ । ଏହିଟିକୁ ମଧ୍ୟ ଅତି ଯତ୍ନର ସହିତ ସମ୍ପାଦନ କରାଯାଇଛି । ଅଧିକନ୍ତୁ, ପ୍ରତ୍ୟେକଟି ବସ୍ତୁକୁ ତା' ନିଜସ୍ୱ ଯଥାର୍ଥ ଉପଯୋଗ ଦୃଷ୍ଟିରୁ ସୁବ୍ୟବସ୍ଥିତ କରି ରଖା ଯାଇଛି, ପ୍ରତ୍ୟେକଟି ବସ୍ତୁ ସକାଶେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନ ନିର୍ଧାର୍ଯ୍ୟ କରାଯାଇଛି ଏବଂ ଏହି ବ୍ୟବସ୍ଥାରେ ଯେପରି କୌଣସି ବିଶୃଙ୍ଖଳା ବା ଗୋଳମାଳ ବା ଅପବ୍ୟବହାର ନହୁଏ, ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖାଯାଏ । କିନ୍ତୁ ଏସବୁ ବ୍ୟବସ୍ଥାକୁ ଅକ୍ଷୁଣ୍ଣ ରଖି ବ୍ୟାବହାରିକ କ୍ଷେତ୍ରରେ କାର୍ଯ୍ୟକାରୀ କରିବାକୁ ହେବ; କାରଣ ସେଠାରେ ରହୁଥିବା ଦାର୍ଶନାର୍ଥୀମାନଙ୍କ ପକ୍ଷରେ ଅଳ୍ପ ଦିନ ମଧ୍ୟରେ ସାଜସରଞ୍ଜାମଗୁଡ଼ିକୁ ଅପବ୍ୟବହାର କରିବା ଅଥବା ଅବ୍ୟବସ୍ଥା ଓ ବିନଷ୍ଟ କରି ପକାଇବା ଅତି ସହଜ । ସେଥି ସକାଶେହିଁ ନିୟମଗୁଡ଼ିକ ପ୍ରଣୟନ କରାଯାଇଛି ଏବଂ ଅନ୍ୟ କିଛି ଉଦ୍ଦେଶ୍ୟ ରଖି ନୁହେଁ । ଶ୍ରୀମା ଆଶା କରିଥିଲେ ଯେ ଯଦି ଗୋଲକୁଣ୍ଡରେ ଉପଯୁକ୍ତ ଲୋକଙ୍କୁ ରଖାଯାଏ ବା ମାମୁଲି ଲୋକମାନଙ୍କୁ ନରଖି ଯଦି ଅନ୍ତତଃ କମ୍ ରୁକ୍ଷ ଓ ସୁବ୍ୟବସ୍ଥିତ ଜୀବନଯାପନ କରିବାରେ ତାଲିମ ପ୍ରାପ୍ତ ବ୍ୟକ୍ତିଙ୍କୁ ରଖାଯାଏ, ତେବେ ଶ୍ରୀମା'ଙ୍କର ପରିକଳ୍ପନା ଅକ୍ଷୁଣ୍ଣ ରହିପାରନ୍ତା ଏବଂ ଯାବତୀୟ ଶ୍ରମ ଓ ଅର୍ଥର ଅପଚୟକୁ ଏଡ଼େଇ ଦେଇ ହୁଅନ୍ତା ।

''ଦୁର୍ଭାଗ୍ୟବଶତଃ, ଆଶ୍ରମକୁ ଆସୁଥିବା ଆଗନ୍ତୁକ-ମାନଙ୍କର ରହିବାର ସ୍ଥାନ ନେଇ ସମସ୍ୟା ଦେଖା ଦେଲା ଏବଂ ଆମେ ବାଧ୍ୟ ହୋଇ ସେହି ଲୋକମାନଙ୍କୁ ରଖିଲୁ, ଯେଉଁମାନଙ୍କୁ ଅନ୍ୟତ୍ର କେଉଁଠି ରଖା ହୋଇ ପାରିଲା ନାହିଁ । ଏବଂ ସେଇଥି ସକାଶେ ସେସବୁର ନିର୍ବାଚନ ଯଥୋଚିତ ଭାବେ କରାଯାଇ ପାରିଲା ନାହିଁ । ତେଣୁ ଅଳ୍ପ ଦିନର ବ୍ୟବଧାନରେ ସେଠାରେ ପୁନଃ ପୁନଃ ଆସବାବପତ୍ରସବୁର ଅପବ୍ୟବହାର ହେବାକୁ ଲାଗିଲା । ଏବଂ ପ୍ରତି ଦର୍ଶନ ପରେ ସେସବୁର ମରାମତି ଓ ପୁନଃସ୍ଥାପନ କରିବାରେ ଶ୍ରୀମା'ଙ୍କୁ ଦୁଇ ଶହରୁ ତିନି ଶହ ଟଙ୍କା ବ୍ୟୟ କରିବାକୁ ହେଉଛି, ଯଦ୍ଦ୍ୱାରା ଗୋଲକୁଣ୍ଡ ପୁଣି ତା'ର ବାସ୍ତବ ରୂପ ଫେରି ପାଇବ । ଗୋଲକୁଣ୍ଡ ଅଟ୍ଟାଳିକାକୁ ଏବଂ ତା'ର ପ୍ରତ୍ୟେକଟି ବସ୍ତୁକୁ ଯଥାସମ୍ଭବ ସର୍ବୋତ୍କୃଷ୍ଟ ଭାବରେ ଯତ୍ନ ନେବାର ଦାୟିତ୍ୱ ମୋନା ଗ୍ରହଣ କରିଛନ୍ତି । ସେଇଥି ସକାଶେ ସେ ହ୍ୟାଣ୍ଡ୍‌ବ୍ୟାଗ୍ ସମ୍ପର୍କରେ ଘଟିତ ଘଟଣାରେ ହସ୍ତକ୍ଷେପ କଲେ – ଏହା ସମାନ ଭାବେ ଟେବୁଲ ଓ ଡାକ୍ତର ଉଭୟଙ୍କ ସକାଶେ ଏକ ଶୋଚନୀୟ ଘଟଣା । କାରଣ ସେହି ହ୍ୟାଣ୍ଡ୍‌ବ୍ୟାଗ୍ ଦ୍ୱାରା ଟେବୁଲ ଉପରେ ଦାଗ ପଡ଼ି ନଷ୍ଟ ହୋଇ ଯାଇଛି । ତେଣୁ ମୋନା ସେ ବ୍ୟାଗ୍ ସହିତ ଖିଅର ଜିନିଷପତ୍ରକୁ ନିରୂପିତ ସ୍ଥାନରେ ରଖିବା ପାଇଁ ଚେଷ୍ଟା କରିଥିଲେ । ମୁଁ ଯଦି ଡାକ୍ତରଙ୍କ ସ୍ଥାନରେ ଥା'ନ୍ତି, ତେବେ ମୁଁ ଭଦ୍ରମହିଳାଙ୍କ ଉପରେ ରାଗିବା ପରିବର୍ତ୍ତେ ଜିନିଷପତ୍ର ପ୍ରତି ତାଙ୍କର ଯତ୍ନ ଓ ଆଗ୍ରହ ଦେଖି ତାଙ୍କ ପାଖରେ କୃତଜ୍ଞ ରହିଥା'ନ୍ତି । ଡାକ୍ତର ଏହି

ଘଟଣାଟିକୁ ଏତେ ପ୍ରାଧାନ୍ୟ ନଦେଇ ହାଲୁକା ଭାବରେ ଗ୍ରହଣ କରିନେବା ଉଚିତ ଥିଲା, ଯଦିଓ ଦାୟିତ୍ୱ ଦୃଷ୍ଟିରୁ ଭଦ୍ରମହିଳାଙ୍କ ପାଇଁ ଏହା ଥିଲା ଗୁରୁତ୍ୱପୂର୍ଣ୍ଣ । ଯାହାହେଉ, ଗୋଲକୁଣ୍ଡରେ ରଖାଯାଇଥିବା ନିୟମ-ଶୃଙ୍ଖଳାସବୁର ଏହାହିଁ ମୂଳ କାରଣ ବା ଯୁକ୍ତିଯୁକ୍ତ ଆଧାର ଏବଂ ମୋର ମନେହୁଏ ନାହିଁ ଯେ ସେହି ବିଧାନ ଓ ଶୃଙ୍ଖଳାଗୁଡ଼ିକ ନିରର୍ଥକ ।

‘‘ପରିଶେଷରେ, ଆର୍ଥିକ ବ୍ୟବସ୍ଥା ସମ୍ପର୍କରେ : କ୍ରମାଗତ ବୃଦ୍ଧି ପାଉଥିବା ଆଶ୍ରମବାସୀଙ୍କ ସଂଖ୍ୟା ସହିତ ଆଶ୍ରମକୁ ଚଳାଇବା ଏବଂ ସମୟ ସମୟରେ ଚଳାଇବା ସକାଶେ ସର୍ବନିମ୍ନ ଆବଶ୍ୟକ ଅର୍ଥର ଅଭାବ ଓ ଏହାର ପରିଣାମକୁ ରୋକିବା ଶ୍ରୀମା’ଙ୍କ ପକ୍ଷେ ଏବଂ ମୋ ପକ୍ଷେ ଏକ ଦୁଃସହ ଓ କଷ୍ଟସାଧ ବ୍ୟାପାର । ବିଶେଷତଃ ଏହି ଯୁଦ୍ଧ ସମୟରେ, ଯେତେବେଳେ ଖର୍ଚ୍ଚର ମାତ୍ରା ଅଭୁତ ଭାବରେ ହତବୁଦ୍ଧି କରି ପକାଏ, ସେତେବେଳେ ଏସବୁ ପରିସ୍ଥିତିରେ ଅଭ୍ୟସ୍ତ ଥିବା ବା ସମାନ ଧରଣର ଦାୟିତ୍ୱ ବହନ କରିଥିବା ବ୍ୟକ୍ତିହିଁ କେବଳ ହୃଦୟଙ୍ଗମ କରିପାରିବ ଯେ ଆମେ କି ଅବସ୍ଥା ଭିତର ଦେଇ ଗତି କରୁଛୁ । ଯଦି ଦିବ୍ୟ ଶକ୍ତି ଏଠାରେ କ୍ରିୟାଶୀଳ ନଥା’ନ୍ତା, ତେବେ କୌଣସି ନିର୍ଦ୍ଦିଷ୍ଟ ଆୟ ବିନା ଏଭଳି ଏକ ବିରାଟ ଅନୁଷ୍ଠାନକୁ ଚଳାଇବା ଅସମ୍ଭବ ହୁଅନ୍ତା । ଆମେ ଯେଉଁ କର୍ମର ଭାର ଏଠାରେ ଗ୍ରହଣ କରିଛୁ ସେଥିରେ ଦାତବ୍ୟ-କର୍ମର କୌଣସି ସ୍ଥାନ ନାହିଁ; ସେଇ ଧରଣର କର୍ମ କରିବା ସକାଶେ ଅନ୍ୟମାନେ ଅଛନ୍ତି । ଆମର ଏହି କାର୍ଯ୍ୟରେ ସବୁକିଛି ଖର୍ଚ୍ଚ ନିଜକୁ ତୁଲାଇବାକୁ ପଡ଼ିବ ଏବଂ ଆମର ଆବଶ୍ୟକତା ତୁଳନାରେ ଆମେ ଯାହା ପାଉ ସେତକ କିଛି ବି ନୁହେଁ । ସାଧାରଣ ପ୍ରଚଳିତ ପଦ୍ଧତିରେ ଅର୍ଥୋପାର୍ଜନ କରିବା ସକାଶେ ଆମେ କୌଣସି କାର୍ଯ୍ୟ ହାତକୁ ନେଇ ପାରିବୁ ନାହିଁ । ଯେଉଁ ପଦକ୍ଷେପ ନେବା ଆମ ପକ୍ଷେ ସମ୍ଭବ, ଆମେ କେବଳ ସେତିକିର ବ୍ୟବହାର କରି ପାରିବୁ । ଏମିତି କୌଣସି ସାଧାରଣ ନିୟମ ନାହିଁ ଯେ ଆଧ୍ୟାତ୍ମିକ ମାର୍ଗର ବ୍ୟକ୍ତିମାନେ ଦାତବ୍ୟ-କର୍ମ କରିବାକୁ ବାଧ୍ୟ କିଂବା ଯେକୌଣସି ଅତିଥି-ଅଭ୍ୟାଗତ ଆସିଲେ ସେମାନଙ୍କୁ ସ୍ୱାଗତ କରିବା ଉଚିତ ବା ସେମାନଙ୍କର ଚର୍ଚ୍ଚା କରିବା, ରହିବାର ସ୍ଥାନ ଓ ଭୋଜନର ବନ୍ଦୋବସ୍ତ କରିବା ଉଚିତ ।... ଶ୍ରୀମା ଦର୍ଶନାର୍ଥୀମାନଙ୍କଠାରୁ ରହିବା ସକାଶେ ଓ ଭୋଜନ ସକାଶେ ଖର୍ଚ୍ଚ ନିଅନ୍ତି, କାରଣ ତାଙ୍କୁ ନାନାପ୍ରକାର ବ୍ୟୟ ତୁଲାଇବାକୁ ହୋଇଥାଏ ଏବଂ ସେ ଏଥିସକାଶେ ଶୂନ୍ୟରୁ ଟଙ୍କା ଯୋଗାଡ଼ କରିପାରିବେ ନାହିଁ । ପ୍ରକୃତରେ କହିବାକୁ ଗଲେ ସେ ବ୍ୟୟ ତୁଳନାରେ କମ୍ ମାଗିଥା’ନ୍ତି । ଏହା ସମ୍ପୂର୍ଣ୍ଣତଃ ସ୍ୱାଭାବିକ ଯେ ଯେଉଁ ଦର୍ଶନାର୍ଥୀମାନେ ତାଙ୍କ ଠାରୁ ଫାଇଦା ଉଠାଇବାକୁ ଚାହାନ୍ତି, ସେ ସେମାନଙ୍କୁ ଆଦୌ ପସନ୍ଦ କରନ୍ତି ନାହିଁ ଏବଂ ଯେଉଁମାନେ ମିଥ୍ୟା ଆଳ ଦେଖାଇ ଡାଇନିଂ ରୁମ୍‌ରେ ଖାଇବାକୁ ଚେଷ୍ଟା କରନ୍ତି, ସେ ସେମାନଙ୍କୁ ସେପରି କରିବାକୁ ଅନୁମତି ଦିଅନ୍ତି ନାହିଁ; ଯଦିଓ ପ୍ରଥମେ ପ୍ରଥମେ ସେପରି ବ୍ୟକ୍ତିଙ୍କ ସଂଖ୍ୟା ଖୁବ୍ କମ୍ ଥିଲା, ତଥାପି ସେଇ ଧରଣର ବ୍ୟକ୍ତିଙ୍କୁ ଅନୁମତି ଦିଆଗଲେ, ଏହି କମ୍ ସଂଖ୍ୟା ଅଳ୍ପ ଦିନ ମଧ୍ୟରେ ଏକ ବିରାଟ ଗୋଷ୍ଠୀରେ ପରିଣତ ହୋଇ ଉଠିବ । ବିନା ଅନୁମତିରେ ଦର୍ଶନ ସକାଶେ ଦର୍ଶନାର୍ଥୀମାନଙ୍କୁ ଅବାଧରେ ଆସିବାକୁ ଦେବା ସମ୍ପର୍କରେ – ଯଦି ଏମିତି କରିବାକୁ ଅନୁମତି ଦିଆଯାଏ, ତେବେ ମୁଁ ଅବିଳମ୍ବେ ଜନସାଧାରଣଙ୍କ ସମ୍ମୁଖରେ ଏକ ପ୍ରଦର୍ଶନୀ ପୁରୁଷ ଓ କୌତୂହଳର ବସ୍ତୁରେ ପରିଣତ ହୋଇ ଉଠିବି, ଯେଉଁ କୌତୂହଳ କି ଅନେକ ସମୟରେ ସମାଲୋଚନାତ୍ମକ ବା ବିରୋଧାତ୍ମକ ହୋଇଥାଏ । ଏ କ୍ଷେତ୍ରରେ ମୁଁ ହିଁ ହେଉଛି ସର୍ବପ୍ରଥମ ବ୍ୟକ୍ତି ଯିଏକି ସଶବ୍ଦେ କହି ଉଠିବ ‘ବନ୍ଦ କର’ (‘stop’) ।

‘‘ଆମର ଦୃଷ୍ଟିକୋଣକୁ ବୁଝାଇବା ପାଇଁ ଚେଷ୍ଟା କରିଛି, ଏବଂ କିଞ୍ଚିତ୍ ବିଶଦ ଭାବରେହିଁ କରିଛି । ଏହା ସହିତ କେହି ଏକମତ ହୁଅନ୍ତୁ ବା ନ ହୁଅନ୍ତୁ, ଯାହା ହେଲେ ବି ଏହା ଏକ ଦୃଷ୍ଟିକୋଣ ଏବଂ ମୁଁ ଭାବୁଛି ବେଶ୍ ଯୁକ୍ତିଯୁକ୍ତ । ମୁଁ କେବଳ ବିଷୟବସ୍ତୁଟିର ଉପରିଭାଗକୁ ନେଇ ଲେଖିଛି ଏବଂ ଏହାର ପଶ୍ଚାତରେ ଥିବା ବା ଯୌଗିକ ଦୃଷ୍ଟିକୋଣରୁ କିଛି କହି ନାହିଁ; ଯେଉଁ ଯୌଗିକ ଚେତନାରୁ ଆମେ କାର୍ଯ୍ୟ କରିଥାଉ ସେହି ଦୃଷ୍ଟିକୋଣରୁ ବ୍ୟକ୍ତ କରିବା ଅଧିକ କଠିନ । ମୋର ଏହି ପତ୍ରଟି କେବଳ ଏକ ବିକଶିତ ବୁଦ୍ଧିସମ୍ପନ୍ନ ବ୍ୟକ୍ତିଙ୍କୁ ସନ୍ତୁଷ୍ଟ କରିବା ନିମିତ୍ତ ଏବଂ ଏଥିରେ ଯୁକ୍ତିତର୍କ କରିବାର ଅବକାଶ ସର୍ବଦାହିଁ ରହିଛି ।’’

(୨୫-୨-୧୯୪୫) – ଶ୍ରୀଅରବିନ୍ଦ

(SABCL : Vol. 25; pp. 228-32)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

ସିନ୍ଧୁରୁ ବିନ୍ଦୁଏ :

# ପାଷାଣ ପ୍ରତିମା

**ସନ୍ତୋଷ ରଥ**

ସହର ସାରା ମନ୍ଦିରେ ଭରା
ସ୍ଥାପତ୍ୟେ ନାହିଁ ଊଣା
ଛୋଟ ଏକ ଦେଉଳ ଗର୍ଭେ
ଦେବୀଙ୍କ ଆରାଧନା ।୧।

ବିଗ୍ରହ ନୁହେଁ ଜାଗ୍ରତ ସେ ଯେ
ଦିବ୍ୟତା ଉଦ୍‌ଭାସି
ଅସୀମ, ଅନନ୍ତ, ଅମରତ୍ୱ ମିଶି
ଶରଣ ପଶନ୍ତି ଆସି ।୨।

ମହୀୟସୀ ତୁମେ ବିଶ୍ୱଜନନୀ
ସଂକଳ୍ପେ ଅଟଳ ମନ
ସୁପ୍ତିମଗ୍ନା ଧରଣୀର ବକ୍ଷେ
ବିସ୍ତରିଛ ବିତାନ ।୩।

ପ୍ରଜ୍ଞା ପ୍ରସୂତା ବାକ୍ ବିରହିଣୀ
ସର୍ବ ଶକ୍ତିମୟୀ
ମରୁ ପ୍ରାନ୍ତର ନଭମଣ୍ଡଳ
ନିଶ୍ଚଳେ ଥା'ନ୍ତି ଚାହିଁ ।୪।

ମନ ଓଢ଼ଣିର ଆଚ୍ଛାଦନେ ରହି
କହୁ ନାହଁ କଥା ପଦେ
ତୁମେ ସର୍ବଜ୍ଞାତା, ଭୂତ ଭବିଷ୍ୟତ
କଳିକେ ପାରିବ ସତେ ।୫।

ଯେ ଯାଏଁ ମଣିଷ ତୁମ ଆଗମନ
ରହସ୍ୟକୁ ଭେଦି ନାହିଁ
ସେ ଯାଏଁ ତୁମର ପ୍ରଜ୍ଞା ପ୍ରସୂନ
ଗୁପ୍ତରେ ଥିବ ରହି ।୬।

ସୌମ୍ୟା ଶ୍ରୀମୟୀ ପାଷାଣ ତନୁରେ
ହୃଦୟକୁ ଯାଅ ଛୁଇଁ
ରହସ୍ୟମୟି ଗୋ ! ସ୍ଥିର ଅଚଞ୍ଚଳା
ପୂଜକ ହୃଦୟ ଗ୍ରାହୀ ।୭।

(ଶ୍ରୀଅରବିନ୍ଦଙ୍କ ରଚିତ 'The Stone Goddess' କବିତାର ମର୍ମଲିଖନ)

❑❑❑

---

'The Stone Goddess' କବିତା ସମ୍ପର୍କରେ ପଦେ :

ବରୋଦା ରହଣିକାଳରେ ଶ୍ରୀଅରବିନ୍ଦ ଏକଦା ନର୍ମଦା ନଦୀ କୂଳରେ ଥିବା ଚାଣୋଦ-କର୍ଣ୍ଣାଲି ସହରକୁ ଭ୍ରମଣ ଉଦ୍ଦେଶ୍ୟରେ ଯାଇଥିଲେ । ସଙ୍ଗରେ ଥିବା ବନ୍ଧୁମାନେ ସେଠାକାର ମହାକାଳୀ ମନ୍ଦିର ଦର୍ଶନ କରିବାର ପ୍ରସ୍ତାବ ଦେଲେ । ମନ୍ଦିରର କାରୁଶିଳ୍ପ ଥିଲା ଖୁବ୍ ଉଚ୍ଚମାନର । ଶ୍ରୀଅରବିନ୍ଦ ଏଥିରେ ସମ୍ମତ ହୋଇଥିଲେ, ଯଦିଓ ସେ ପ୍ରତିମା ପୂଜା ପ୍ରତି ଏତେ ବେଶୀ ଆଗ୍ରହୀ ନଥିଲେ । ମାତ୍ର ସେଦିନ ସେଠାରେ ତାଙ୍କର ଏକ ଅଭିନବ ଅନୁଭୂତି ପ୍ରାପ୍ତ ହୋଇଥିଲା । ମହାକାଳୀଙ୍କର ସେହି ପାଷାଣ ପ୍ରତିମା ମଧ୍ୟରେ ଶ୍ରୀଅରବିନ୍ଦ ହଠାତ୍ ବିଶ୍ୱଜନନୀଙ୍କ ଅସୀମ ଶକ୍ତିର ବିଭାମୟତାକୁ ସନ୍ଦର୍ଶନ କରି ମୁଗ୍ଧ ହୋଇ ଯାଇଥିଲେ । ସେ ଅନୁଭବ କଲେ ମା'ଙ୍କର ଦୃଷ୍ଟି ସତେ ଯେମିତି ତାଙ୍କ ଅନ୍ତଃସତ୍ତାକୁ ଭେଦ କରିଯାଉଛି ।

ଅବଶ୍ୟ ଶ୍ରୀଅରବିନ୍ଦ ଏହି ଅନୁଭୂତିକୁ ପରବର୍ତ୍ତୀ କାଳରେ 'Letters on Yoga' (SABCL, Vol. 22, p. 199) ପୁସ୍ତକରେ ପ୍ରକାଶ କରିଛନ୍ତି ଏବଂ ୧୯୩୪ ରୁ ୧୯୩୭ ମସିହା ମଧ୍ୟରେ ଲିଖିତ ସନେଟ୍‌ଗୁଡ଼ିକ ମଧ୍ୟରେ 'The Stone Goddess' (Collected Poems, CWSA : Vol. 2, p. 608) କବିତାଟି ଅନ୍ୟତମ, ଯାହାକି ଏହି ଅନୁଭୂତି ଉପରେ ପର୍ଯ୍ୟବସିତ ।

ଏବେ ମଧ୍ୟ ମନ୍ଦିରର ମୁଖ୍ୟ ଦ୍ୱାର ନିକଟରେ ମହାଯୋଗୀ ଶ୍ରୀଅରବିନ୍ଦଙ୍କର ଏହି ଅନୁଭୂତି ସମ୍ପର୍କରେ ଉଲ୍ଲେଖ ରହିଛି । ❑

# ପରିବାର ଓ ଯୋଗ ସାଧନା

## ରାମକୃଷ୍ଣ ଦାସ

*ପ୍ରଶ୍ନ : ଏହି ଯୋଗରେ ମା'ଙ୍କୁ ସମର୍ପଣ କରିବା ଛଡ଼ା ଅନ୍ୟ ଉପାୟ ନାହିଁ । ଏହା ଠିକ୍ । କିନ୍ତୁ ଯେଉଁମାନେ ଘର-ପରିବାର ଛାଡ଼ି ଆଶ୍ରମରେ ରହୁଛନ୍ତି ସେମାନଙ୍କ କଥା ଭିନ୍ନ । ଆମ୍ଭେମାନେ ଘରେ ରହୁଛୁ । ମନ ଏକକ୍ଷଣ ନିମନ୍ତେ ସ୍ଥିର ନାହିଁ । ସକାଳୁ ଉଠିଲେ ଲୁଣ-ତେଲଠାରୁ ଆରମ୍ଭ କରି ଧାନ-ଚାଉଳର ଚିନ୍ତା, ପିଲାର ରୋଗ, ଝିଅର ବିଭାଘର, ଶାଶୁ ବୋହୂର କଳି, ପଡ଼ୋଶୀ ସହିତ ମାଲିମକଦ୍ଦମା । ଆଜି ଗୋଟାଏ ବସ୍ତୁର ଅଭାବ ତ' କାଲି ଅନ୍ୟଟା । ଅନ୍ୟାୟରେ ହେଉ ବା ନ୍ୟାୟରେ ହେଉ ଉପର ଅଫିସରଙ୍କୁ ଖୁସି ରଖିବାକୁ ହେବ । ସ୍ତ୍ରୀ ଦୀର୍ଘଦିନ ରୋଗ-ଗ୍ରସ୍ତା, ବିଛଣାରୁ ଉଠିବାର ଶକ୍ତି ନାହିଁ । ଛୋଟ ଛୋଟ ପିଲାଗୁଡ଼ିକୁ ସମ୍ଭାଳିବ କିଏ ? ମା' ଚାହେଁ ନାତି-ନାତୁଣୀଙ୍କର ଆହ୍ଲାଦକାରୀ ଅସ୍ପଷ୍ଟ କଥା । ତାକୁ ସନ୍ତୁଷ୍ଟ କଲେ ମହାବିପଦ । ବୃଦ୍ଧା ମାତାର ଦୁଃଖ ଯୋଗୁଁ ହୃଦୟ ଅଶାନ୍ତ । ଏହିପରି ବହୁ ପ୍ରକାର ଦୁଃଖ-ଦୁର୍ଦ୍ଦଶା ଏବଂ ଅଭାବ-ଅନଟନ ମଧ୍ୟରେ ଅଧ୍ୟାତ୍ମ-ସାଧନା କିପରି ହେବ ? ସେଥିପାଇଁ ଶାନ୍ତ, ନୀରବ, ଏକାଗ୍ରତାର ଆବଶ୍ୟକ । ଏହି ପ୍ରତିକୂଳ ଅବସ୍ଥାରେ ଆମ୍ଭେମାନେ କିପରି ମା'ଙ୍କୁ ସ୍ମରଣ କରିବୁ ? ସ୍ମରଣ ନ କଲେ ସକଳ କର୍ମ ମା'ଙ୍କୁ ସମର୍ପଣ କରିବା ସମ୍ଭବ ନୁହେଁ । ଏହାର ଯଦି କୌଣସି ସରଳ ମାର୍ଗ ଥାଏ କୁହନ୍ତୁ ।*

**ଉତ୍ତର** : ସରଳ ମାର୍ଗ ହେଲା ଦୃଢ଼ ନିଷ୍ଠା । ମନୁଷ୍ୟ ଯେକୌଣସି କାର୍ଯ୍ୟକୁ ଦୃଢ଼ ନିଷ୍ଠା ସହ କରିବାକୁ ଚାହିଁଲେ ତାହା ସେ କରିପାରେ ଏବଂ ସେଥିରେ ଭଗବାନ୍ ସାହାଯ୍ୟ କରନ୍ତି । କିନ୍ତୁ କର୍ମ ହେବା ଉଚିତ ସତ୍ୟ ତଥା ଯଥାର୍ଥ ନିଷ୍ଠା ସହ ନିଷ୍କପଟ ଭାବରେ ।

ଯେଉଁ ସଂସାର-ଜଞ୍ଜାଳକୁ ସାଧନାର ମହାନ୍ ପ୍ରତିକୂଳ ଅବସ୍ଥା ବୋଲି କହୁଛନ୍ତି ତାହା ପ୍ରକୃତରେ ପ୍ରତିକୂଳ ନୁହେଁ । ତାହା ଭଗବତ୍ ପ୍ରାପ୍ତିର ଗୋଟିଏ ମାର୍ଗ ବା ଉପାୟ । ତାହାରି ମଧ୍ୟଦେଇ ବ୍ୟକ୍ତିକୁ ଯାତ୍ରା କରିବାକୁ ହୁଏ । ପ୍ରତିକୂଳ ହୁଏ କେବଳ ନିଜର ଆସକ୍ତି ଓ ମୋହ । ଶୁଆ ଧରିବା ବ୍ୟକ୍ତି ଗୋଟିଏ ବେତକୁ ମଣ୍ଡଳାକାର କରି, ଦୁଇଟି ବଡ଼ ବଡ଼ ଖୁଣ୍ଟି ପୋତି ମଝିରେ ଖଣ୍ଡିଏ କାଠ ଲଗାଇ ଦିଅନ୍ତି ଏବଂ ମଝିରେ ଥିବା କାଠ ଉପରେ ଗୋଟିଏ ପତଳା କାଠରେ ଆଶ୍ରୟରେ ମଣ୍ଡଳାକାର ବେତକୁ ରଖି ତା' ପାଖରେ ଫଳ ରଖିଦିଅନ୍ତି । ଫଳ ଲୋଭରେ ଶୁଆ ମଣ୍ଡଳାକାର ବେତ ଉପରେ ବସେ । ଶୁଆ ବସିବା ସଙ୍ଗେ ସଙ୍ଗେ ମଣ୍ଡଳାକାର ବେତକୁ ଧରିଥିବା କାଠଟି ପଡ଼ିଯାଏ ଏବଂ ହଠାତ୍ ମଣ୍ଡଳାକାର ବେତଟି ବୁଲିଯାଏ । ଶୁଆ ଧରିଥାଏ ବେତକୁ, କିନ୍ତୁ ତା'ର ପିଠି ହୋଇଯାଏ ଭୂମି ଆଡ଼କୁ । ସେ ବେତ ଛାଡ଼ି ସହଜରେ ଉଡ଼ି ପଳାଇ ପାରନ୍ତା, ମାତ୍ର ମୋହ ଏବଂ ଅଜ୍ଞାନବଶତଃ ନିଜର ଉଡ଼ିବା ଶକ୍ତିକୁ ଭୁଲିଯାଏ ଏବଂ ଭାବେ, ''ବେତ ଛାଡ଼ି ଦେଲେ ପଡ଼ିଯିବି ।'' ସେହି ସକାଶେ ସେ ବେତକୁ ଛାଡ଼ିପାରେ ନାହିଁ । ଲୋକମାନେ ଆସି ତାକୁ ଧରିନିଅନ୍ତି । ମନୁଷ୍ୟ ଠିକ୍ ଏହିପରି ଅଜ୍ଞାନ ଓ ମୋହ ଯୋଗୁଁ ପାରିବାରିକ ଦୁଃଖ-କଷ୍ଟ ଭୋଗୁଥାଏ, ସେଥିରୁ ଉଦ୍ଧାର ହୋଇପାରେ ନାହିଁ । ପ୍ରଥମରେ ପରିବାରର ସ୍ୱରୂପକୁ ଜାଣିବାକୁ ହେବ, ତା'ପରେ ବ୍ୟକ୍ତି ଚାହିଁଲେ ଠିକ୍ ଠିକ୍ କର୍ତ୍ତବ୍ୟ କରିପାରିବ ।

*

*ପ୍ରଶ୍ନ : ପରିବାରର ଯଥାର୍ଥ ଉଦ୍ଦେଶ୍ୟ କ'ଣ ?*

**ଉତ୍ତର** : ପରସ୍ପର ସାହାଯ୍ୟରେ ବ୍ୟକ୍ତିର ଆତ୍ମ-ବିକାଶ ସକାଶେ ପରିବାର ଏକ କେନ୍ଦ୍ର; ମୋହ-ଆସକ୍ତିର ଜାଲ ନୁହେଁ । ପ୍ରତ୍ୟେକ ବ୍ୟକ୍ତି ପ୍ରତ୍ୟେକ କର୍ମକୁ ଭଗବତ୍ ସେବା ଭାବରେ କରି ଭଗବାନଙ୍କୁ ଅର୍ପଣ କଲେ ସେଥିରେ ବ୍ୟକ୍ତିର ଆତ୍ମ-ବିକାଶ ହୁଏ ତଥା ଜୀବନର ଲକ୍ଷ୍ୟ ପ୍ରାପ୍ତି ହୁଏ । ସୃଷ୍ଟି ସେହି ଏକ ଭଗବାନଙ୍କର, ସୃଷ୍ଟିକର୍ତ୍ତା ମଧ୍ୟ ସେ । ଅଜ୍ଞାନ ଦ୍ୱାରା ସୃଷ୍ଟି ପରିଚାଳିତ ହୁଏ । ସେହି ସକାଶେ ଅଜ୍ଞାନକୁ ଭଗବାନ୍ ଜଗତରେ ଛାଡ଼ି ଦେଇଛନ୍ତି । ବ୍ୟକ୍ତି ଅଜ୍ଞାନ, ମୋହର ଦାସ ହୋଇ ରହିବା ଭଗବାନଙ୍କର ଉଦ୍ଦେଶ୍ୟ ନୁହେଁ । ଏହି ଅଜ୍ଞାନ ମଧ୍ୟଦେଇ ଜ୍ଞାନରେ ପଦାର୍ପଣ କରିବା ତାଙ୍କ ସୃଷ୍ଟିର ଉଦ୍ଦେଶ୍ୟ । ଜ୍ଞାନ ମଧ୍ୟରେ ପ୍ରବେଶ କରିବା କାର୍ଯ୍ୟରେ ଜୀବକୁ ସାହାଯ୍ୟ କରିବା

ସକାଶେ ଭଗବାନ୍ ବାରଂବାର ଏହି ପୃଥିବୀରେ ମାନବ ଶରୀରରେ ଅବତାର ନିଅନ୍ତି ।

ପ୍ରତ୍ୟେକ ଜୀବ ଏହି ସଂସାରକୁ ଆସନ୍ତି ନିଜ ନିଜ ବିକାଶ ସକାଶେ । ବିକାଶ ହୁଏ ଏହି ମୃତ୍ୟୁପୁରୀରେ । ସ୍ୱର୍ଗ ଏବଂ ଅନ୍ୟାନ୍ୟ ଦିବ୍ୟଲୋକରେ ବିକାଶ ହୁଏ ନାହିଁ । ବ୍ୟକ୍ତି ସେବା କରିବା ସଦୃଶ ଏହି ଲୋକରେ କର୍ମ କରେ ଏବଂ ପେନ୍‌ସନ୍ ପାଇବା ସଦୃଶ ଦିବ୍ୟଲୋକକୁ ପ୍ରାପ୍ତ ହୁଏ । ଏହି ପୃଥିବୀକୁ ଆସିଲେ ମାତାପିତା ବା ପରିବାରର ଆବଶ୍ୟକ ହୁଏ । କାରଣ ଶରୀର ହେଲା ନିର୍ଭରଶୀଳ । ବାଲ୍ୟାବସ୍ଥାରେ ମାତାପିତାଙ୍କର ଲାଳନପାଳନ ବିନା ଶିଶୁ ନିଜ ଶରୀର ରକ୍ଷା କରିବାରେ ଅସମର୍ଥ । ବୃଦ୍ଧ ମାତାପିତାଙ୍କର ପାଳନ-ପୋଷଣର ଭାର ପଡ଼େ ସନ୍ତାନ ଉପରେ । ବ୍ୟକ୍ତିର ଶରୀର ରକ୍ଷା ସକାଶେ ଭଗବାନ୍ ପରିବାରର ବ୍ୟବସ୍ଥା କରିଛନ୍ତି । ଏହାରି ନାମ ସଂସାର । ମନୁଷ୍ୟର ଯଦି ଏତିକି ବୋଧ ନିଜ ଚେତନାରେ ଥା'ନ୍ତା ତେବେ ତାକୁ କୌଣସି ଦୁଃଖକଷ୍ଟ ହୁଅନ୍ତା ନାହିଁ । ଭଗବାନ୍ ଏହିଠାରେ ରଖିଦେଲେ ତାଙ୍କ ମାୟାକୁ । ବ୍ୟକ୍ତି ଏହି ସଂସାରକୁ କାହିଁକି ଆସିଛି, ତା'ର ଲକ୍ଷ୍ୟ କ'ଣ ଏବଂ ପରିବାରରେ ତା'ର ସମ୍ବନ୍ଧ କ'ଣ – ଏହା ସେ ଭୁଲିଗଲା । ମୋହାନ୍ଧ ହୋଇ ଆସକ୍ତିବଶତଃ ଭାବିଲା; ସ୍ତ୍ରୀ, ପୁତ୍ର, କନ୍ୟା, ଘର, ସମ୍ପତ୍ତି, ପଦମର୍ଯ୍ୟାଦା, ମାନସମ୍ମାନ 'ମୋର' । 'ମୋର' ମନେ କରିବାଟା ହେଲା ମୋହ ଏବଂ ଅଜ୍ଞାନ । କେବଳ ଏହି ସକାଶେ ମନୁଷ୍ୟ ଦୁଃଖକଷ୍ଟ ଭୋଗେ । ଅନ୍ୟାୟ, ଅସତ୍ୟ କର୍ମ କରେ ଏବଂ ତା'ର ପରିଣାମ ଭୋଗ କରେ । ପୁତ୍ର ରୋଗରେ ପଡ଼ିଲେ ବ୍ୟକ୍ତି ମର୍ମାହତ ହୋଇପଡ଼େ, କନ୍ୟାର ନିନ୍ଦାରେ ହୃଦୟ ବିଦୀର୍ଣ୍ଣ ହୋଇଯାଏ, ପତ୍ନୀର ତିରସ୍କାରରେ ହୃଦୟ ଜଳିଯାଏ; ଶତ୍ରୁର ଶ୍ରୀବୃଦ୍ଧିରେ କାତର ହୋଇପଡ଼େ, ମନରେ ଉଦ୍‌ବେଗ ଓ ବ୍ୟଥା ଆସେ, ମନ ସ୍ଥିର ହୋଇପାରେ ନାହିଁ କିଂବା ଯଥାର୍ଥ ଚିନ୍ତା କରିବାର ଅବକାଶ ପାଏ ନାହିଁ । ଶେଷରେ ଜୀବନକୁ ନଷ୍ଟ କରେ ।

*

*ପ୍ରଶ୍ନ : ଏଥିରୁ ଏକେବାରେ ସ୍ପଷ୍ଟ ହେଉଛି ଯେ ପାରିବାରିକ ମୋହ କାରଣରୁ ବ୍ୟକ୍ତି ଭଗବତ୍ ପ୍ରାପ୍ତି ନିମିତ୍ତ ସାଧନା କରିବାରେ ଅସମର୍ଥ ହୁଏ; ଏଥିରୁ ମୁକ୍ତ ହେବାର ଉପାୟ କ'ଣ ?*

**ଉତ୍ତର :** ଏଥିରୁ ମୁକ୍ତ ହେବାର ଉପାୟ ହେଲା ପ୍ରଥମେ ନିଜ ଜୀବନର ଲକ୍ଷ୍ୟ ଜାଣିବା । ଏ ବିଷୟ ପୂର୍ବେ ଆଲୋଚିତ ହୋଇଛି । ତା'ପରେ ପରିବାରର ସ୍ୱରୂପ ଜାଣିବା, ତାହା ମଧ୍ୟ ଆଲୋଚିତ ହେଲା । ବର୍ତ୍ତମାନ ଜାଣିବାକୁ ହେବ ପରିବାରର ବ୍ୟକ୍ତିଙ୍କ ସହିତ କିପରି ଭାବେ ବ୍ୟବହାର କଲେ ବ୍ୟକ୍ତି ଏହି ଦ୍ୱନ୍ଦ୍ୱରୁ ମୁକ୍ତ ହୋଇପାରିବ ।

ଏହା ଏକବାରେ ସ୍ପଷ୍ଟ ଯେ ସମସ୍ତ ବ୍ୟକ୍ତି ଆସିଛନ୍ତି ନିଜ ନିଜ ବିକାଶ ସକାଶେ । ମାତାପିତା, ସ୍ତ୍ରୀ-ପୁତ୍ରାଦି ପାରିବାରିକ ସମ୍ବନ୍ଧ ଏକେବାରେ ଭ୍ରମ । ଏହି ସମ୍ବନ୍ଧ ପୂର୍ବେ ନଥିଲା, ପରେ ରହିବ ନାହିଁ; ବର୍ତ୍ତମାନ ଭ୍ରମବଶତଃ ସ୍ୱପ୍ନକୁ ବ୍ୟକ୍ତି ସତ୍ୟ ମାନିବା ସଦୃଶ ଏହି ସମ୍ବନ୍ଧକୁ ସତ୍ୟ ମାନି ଦୁଃଖ ଭୋଗୁଅଛି । ଏହାର ପ୍ରତ୍ୟକ୍ଷ ପ୍ରମାଣ ହେଉଅଛି ଏହି – ଯେଉଁ ବ୍ୟକ୍ତି ପୁତ୍ର, କନ୍ୟା, ସ୍ତ୍ରୀଙ୍କୁ ନିଜର ମନେକରେ, ସେମାନଙ୍କ ସକାଶେ ଦୁଃଖ କଷ୍ଟ ଭୋଗ କରେ, ମୃତ୍ୟୁପରେ ଅନ୍ୟ ଘରେ ଜନ୍ମ ହେଲେ ତାକୁ ସେମାନେ ଚିହ୍ନନ୍ତି ନାହିଁ, ଏପରିକି ତା'ର ମୃ୍ୟତ୍ୟୁ ପରେ ପରଜନ୍ମରେ ତା'ସହିତ ଶତ୍ରୁତା ମଧ୍ୟ ଆଚରଣ କରିପାରନ୍ତି । ସେ ଅନ୍ୟାୟ ଓ ଅସତ୍ୟ ଆଚରଣରେ ଆତ୍ମବଳି ଦେଇ ଗରିବଙ୍କ ତଣ୍ଟି ଚିପି ଯେଉଁ ଧନ ସଞ୍ଚୟ କରିଥାଏ, ସେହି ଧନର ମାଲିକ ହୋଇ ଥାଆନ୍ତି ସ୍ତ୍ରୀ, ପୁତ୍ର ଅଥବା ଅନ୍ୟ କୌଣସି ବ୍ୟକ୍ତି । ସେହି ଉପାର୍ଜିତ ଧନରୁ ଗୋଟିଏ ମାତ୍ର ପଇସା ପାଇବାକୁ ହକଦାର ସେ ନୁହେଁ । ମନୁଷ୍ୟର ଆସକ୍ତି ଥାଏ ଏହି ପରିବାର, ଧନସମ୍ପତ୍ତି ଏବଂ ମାନ-ପ୍ରତିଷ୍ଠାନରେ । ଏହା ସବୁ ଅସତ୍ୟ ଏବଂ ଆରୋପିତ । ଯଥାର୍ଥରେ ଏ ସମସ୍ତ ଭଗବାନଙ୍କର । ଏହା ପୂର୍ବେ ଭଗବାନଙ୍କର ଥିଲା, ପରେ ରହିବ । ବର୍ତ୍ତମାନ ମଧ୍ୟ ରହିଛି । ଭଗବାନ୍ ଚାହାନ୍ତି ପ୍ରତ୍ୟେକ ପ୍ରାଣୀର ବିକାଶ । ସେହି ସକାଶେ ସେ ସଂସାର ଓ ପରିବାରର ବ୍ୟବସ୍ଥା କରିଛନ୍ତି । ପରିବାର ନିମିତ୍ତ ବ୍ୟକ୍ତିର ଯେଉଁ କର୍ତ୍ତବ୍ୟ ବା ସେବା ତାହା ଯଥାର୍ଥରେ ଭଗବାନଙ୍କର । ଭଗବାନ୍ ତା'କୁ ତା'ର ଆତ୍ମବିକାଶ ସକାଶେ ନିଯୁକ୍ତ କରିଛନ୍ତି – ସେ ଏହି ପରିବାରକୁ ଭଗବାନଙ୍କର ଏବଂ ଏହି ସେବାକୁ ଭଗବାନଙ୍କର ମାନି ତାଙ୍କୁ ସମର୍ପଣ କଲେ ତା'ର ଆତ୍ମବିକାଶ ହୁଏ ଓ ସେ ସୁଖଶାନ୍ତିମୟ ଜୀବନଯାପନ କରେ । ଭଗବାନଙ୍କର ଏହି ବସ୍ତୁକୁ ମୋହ ଓ ଅଜ୍ଞାନର ବଶହୋଇ ବ୍ୟକ୍ତି ନିଜର ମାନି ନେବାରୁ ଚୋର ଅନ୍ୟର ଧନକୁ ଅପହରଣ କରି ଦଣ୍ଡ ଭୋଗ କରିବା ଭଳି ନାନା ପ୍ରକାର ଦୁଃଖକଷ୍ଟ ଭୋଗେ ଏବଂ ଜନ୍ମ-ମରଣଚକ୍ରରେ ଭ୍ରମଣ କରେ ।

ପ୍ରତ୍ୟେକ ବ୍ୟକ୍ତି ଏହି ସଂସାରକୁ ଆସିବା ପୂର୍ବରୁ ନିଜର ଆତ୍ମବିକାଶ ସକାଶେ ସୁଖ, ଦୁଃଖ, ଭଲ, ମନ୍ଦ, ରୋଗ, ମୃତ୍ୟୁ ନିର୍ଦ୍ଧାରଣ କରେ । ତା'ର ବିକାଶ ଶେଷ ହେଲେ ଶରୀର ତ୍ୟାଗ କରି ଚାଲିଯାଏ । ମାତାପିତାମାନେ ମୋହବଶ ହୋଇ ପୁତ୍ରର ଏହି ଜୀବନ-ରହସ୍ୟକୁ ଭେଦ କରି ନପାରି ତା'ର ରୋଗ ତଥା ଭଲ ମନ୍ଦରେ ମର୍ମାହତ ହୋଇ ପଡ଼ନ୍ତି; ତା'ର ମୃତ୍ୟୁରେ ସେମାନଙ୍କ ଜୀବନ ବ୍ୟର୍ଥ ଏବଂ ଯାତନାମୟ ବୋଲି ସେମାନେ ମନେ କରନ୍ତି । ଏହି ବିକାଶଶୀଳ ଗୋଟିଏ ଆତ୍ମାକୁ ନିଜର ପୁତ୍ର ବୋଲି ମନେକରି ଥିବାରୁ ମାତାପିତାଙ୍କୁ ଅପାର ଦୁଃଖ ହୁଏ । ଏହି ଦୁଃଖର କାରଣ ପୁତ୍ର ନୁହେଁ, କାରଣ କେବଳ ନିଜର ମୋହ । ଅନ୍ୟର ପୁତ୍ରର ଦୁଃଖ, ଶୋକ ବା ମୃତ୍ୟୁରେ ଅନ୍ୟ ମାତାପିତାଙ୍କୁ ଦୁଃଖ ହୁଏ ନାହିଁ, କାରଣ ସେଥିରେ ସେମାନଙ୍କର ମୋହ ନଥାଏ । ସୁତରାଂ ଆତ୍ମା କାହାର ପିତା ବା କାହାର ପୁତ୍ର ? ସେ ତ ଭଗବତ୍ ଦିବ୍ୟ ଅଂଶ ଏବଂ ଶାଶ୍ୱତ । ସେ ଶରୀର ଧାରଣ କରେ ବିକାଶ ସକାଶେ । ତା'ର ନିର୍ଦ୍ଧାରିତ ବିକାଶ ହୋଇ ଗଲେ ସେ ଶରୀର ଛାଡ଼ି ଚାଲିଯାଏ । ଯେପର୍ଯ୍ୟନ୍ତ ସେ ବିକାଶର ଶେଷ ଲକ୍ଷ୍ୟରେ ନ ପହଞ୍ଚେ ସେପର୍ଯ୍ୟନ୍ତ ସେ ଶରୀର ଧାରଣ କରୁଥାଏ । ଏହାହିଁ ଜୀବନ ଏବଂ ସଂସାରର ରହସ୍ୟ । ମୋହ ମାୟାଗ୍ରସ୍ତ ବ୍ୟକ୍ତି ଏହି ରହସ୍ୟ ନ ଜାଣି ସ୍ତ୍ରୀ-ପୁତ୍ରାଦିରେ ଆସକ୍ତ ହୋଇ ନିଜ ଆତ୍ମୋନ୍ନତିରେ ବ୍ୟାଘାତ ଘଟାଏ ।

ଘର-ପରିବାର, ସ୍ତ୍ରୀ-ପୁତ୍ର, ଭାଇ-ବନ୍ଧୁଙ୍କୁ ତଥା ସମସ୍ତ ସମ୍ପତ୍ତି ଏବଂ ନିଜକୁ ଭଗବାନଙ୍କର ମାନି ନିଅ । ଭଗବତ୍ ପ୍ରାପ୍ତି ସକାଶେ ଏହି ସେବାରେ ଭଗବାନ୍ ନିଯୁକ୍ତ କରିଛନ୍ତି ଜାଣି ପରିବାର ଅର୍ଥେ ସମସ୍ତ କର୍ମ ଭଗବାନଙ୍କ ସେବାରୂପେ ସମ୍ପନ୍ନ କରି ତାଙ୍କରି ଚରଣରେ ତାହା ସମର୍ପଣ କର । କର୍ମ କର ନ୍ୟାୟ, ସତ୍ୟ ଏବଂ ଯଥାର୍ଥ ଭାବରେ । କାରଣ ଭଗବାନ୍ ସର୍ବସ୍ଥାନରେ ବିଦ୍ୟମାନ । ସେ ତୁମର ସମସ୍ତ କର୍ମ ଦେଖୁଛନ୍ତି, ତୁମର ସମସ୍ତ ଭାବ ଜାଣୁଛନ୍ତି । ତାଙ୍କୁ ତୁମେ ଠକି ପାରିବ ନାହିଁ । ଭଗବାନଙ୍କ ସେବା ଭାବରେ ନିଜ ଶରୀର ରକ୍ଷାର୍ଥେ ସ୍ନାନ-ଭୋଜନ-ବିଶ୍ରାମ କର । କାରଣ ପ୍ରକୃତରେ ଶରୀର ଭଗବାନଙ୍କର, ଭଗବାନଙ୍କଠାରୁ ଆସିଛି । ଶିଶୁକୁ ଲାଳନ-ପାଳନ କର, ବେମାର ହେଲେ ଔଷଧ ଦିଅ, ପାଠ ପଢ଼ାଅ, ସଦୁପଦେଶ ଦିଅ, ଅନ୍ୟାୟ କାର୍ଯ୍ୟରୁ ନିବୃତ୍ତ କରାଅ, ସମୟ ଅନୁସାରେ ଭୟ, ତ୍ରାସ ଦେଖାଅ ଏବଂ ସ୍ନେହ କର । କିନ୍ତୁ ସବୁ କର ଭଗବାନଙ୍କ ସେବା ରୂପେ, ନିଜ ଆସକ୍ତି ସକାଶେ ନୁହେଁ । ତୁମ କର୍ମରେ କୌଣସି ତ୍ରୁଟି କରିବ ନାହିଁ, କରିବ ଯଥାର୍ଥ ଭାବେ, ଆତ୍ମବିକାଶର ପ୍ରଣାଳୀରେ; ଯଥା – ସନ୍ତାନର ରୋଗ, ପରୀକ୍ଷାରେ ଫେଲ୍, ଜୀବନର ସୁଖ, ଦୁଃଖ, ମୃତ୍ୟୁ ଇତ୍ୟାଦିରେ ଚିନ୍ତିତ ହେବ ନାହିଁ । କାରଣ ସେଥିରେ ତୁମର କୌଣସି ଅଧିକାର ନାହିଁ, ସମ୍ବନ୍ଧ ନାହିଁ, ସେ ପ୍ରଣାଳୀକୁ ପରିବର୍ତ୍ତନ କରିବାର ସାମର୍ଥ୍ୟ ତୁମର ନାହିଁ; ଯଦି କରିପାର ତେବେ ସେଥିରେ ତା' ଜୀବନର କୌଣସି ଲାଭ ହେବ ନାହିଁ । ତା'ର ଆତ୍ମ-ବିକାଶ କରିବ ସେ ନିଜେ, ଆତ୍ମ-ନିର୍ଦ୍ଧାରିତ ମାର୍ଗରେ । ତୁମକୁ କେବଳ କରିବାକୁ ହେବ ଭଗବତ୍ ସେବା ଭାବରେ କର୍ମ । ଏହାହିଁ ହେଲା ତୁମର କର୍ତ୍ତବ୍ୟ । ପରିବାରର ଯଥାର୍ଥ ସ୍ୱରୂପ ଏହି ।

(ଶ୍ରୀଅରବିନ୍ଦ-ଆକ୍ସନ୍, ମାର୍ଚ୍ଚ ୧୯୭୧, ପୃ. ୪ ଓ ୫ରୁ ସଂଗୃହୀତ)

❑❑❑

ବାକେ ଗପରେ ଅଭ୍ୟସ୍ତ ବ୍ୟକ୍ତି ସବୁବେଳେ ଏକ ପ୍ରତିବନ୍ଧକ ରୂପେ କାର୍ଯ୍ୟ କରିଥାଏ । ସ୍ଥୂଳ ଭୌତିକ ପରିବର୍ତ୍ତନ ନିମିତ୍ତ ବାକ୍-ସଂଯମ ବହୁତ ଆବଶ୍ୟକ । କଥାବାର୍ତ୍ତା କମ୍ କରିଦେବା ଉଭୟ ଯଥାର୍ଥ କର୍ମ ଓ ଆନ୍ତର ସାଧନା ନିମନ୍ତେ ନିଶ୍ଚିତ ରୂପେ ସହାୟକ ହୋଇଥାଏ ।

– ଶ୍ରୀଅରବିନ୍ଦ

# ସମାଧାନର ଚାବିକାଠି ଊର୍ଦ୍ଧ୍ୱରେ

## ପ୍ରପତ୍ତି

ଏହି ଯେଉଁ ଦୃଶ୍ୟମାନ ଜଗତ୍ ଆମ୍ଭେମାନେ ଦେଖୁଛୁ,— ଜଡ଼, ପ୍ରାଣ, ମନର ବିଭିନ୍ନ ଭୂମି ଓ ପ୍ରକାଶ, — ତାହା କ'ଣ ? ତାହା ପ୍ରକୃତରେ, ଯଥାର୍ଥରେ ବିଭିନ୍ନ ଶକ୍ତିରାଜିର ଖେଳା, — ଅନ୍ଧ ଓ ଅଜ୍ଞାନର ଖେଳା । ଏହି ପୃଥିବୀ ହେଲା ବିଭିନ୍ନ ଅନ୍ଧ ଓ ଅଜ୍ଞାନ ଶକ୍ତିରାଜିର ଯୁଧମାନ ଭୂମି — ଜଡ଼, ପ୍ରାଣ ଓ ମନ ଅଜ୍ଞାନର ଅନ୍ତର୍ଗତ, ଅପରା ପ୍ରକୃତିର ଅନ୍ତର୍ଗତ । ଯାହା ଅଜ୍ଞାନ ମଧ୍ୟରେ ବୁଡି ରହିଛି, ଯାହା ଅନ୍ଧ ଭାବରେ ଚାଲିଛି, ସେଠାରେ ଦୁଃଖ, ବିପଦ, ମୃତ୍ୟୁହିଁ ସାର । ଏ ଦୁଃଖର ସୀମା ନାହିଁ, ଏ ମୃତ୍ୟୁରୁ ନିସ୍ତାର ନାହିଁ । ସେଥିପାଇଁ ବୌଦ୍ଧ ଧର୍ମରେ ସମଗ୍ର ସୃଷ୍ଟି ଅବିଦ୍ୟା ସମ୍ଭୂତ ହୋଇଛି ବୋଲି ଘୋଷଣା କରାଯାଇଛି । ଏହି ଯେଉଁ ଅବିଦ୍ୟା, ଅଜ୍ଞାନ, ଅନ୍ଧକାରର ରାଜତ୍ୱ ଏ ପୃଥିବୀରେ ଚାଲିଛି, ଏହାର ସମାଧାନର ପଥ କେଉଁଠି ? ଏହି ଯେଉଁ ଅନ୍ଧ ଯୁଧମାନ ଶକ୍ତିରାଜିର ବିଶୃଙ୍ଖଳ ଓ ଦ୍ୱନ୍ଦ୍ୱମୂଳକ କ୍ରିୟା ତାହାର ସମାଧାନ କେଉଁଠି ?

ଅଜ୍ଞାନର ଅର୍ଥହିଁ ହେଲା ଅସ୍ୱଚ୍ଛତା, ଦୃଷ୍ଟିହୀନତା, ଅକ୍ଷମତା, ଦୁର୍ବଳତା । ''କାହିଁକି ଜନ୍ମ ହେଲୁ, କାହିଁକି ବଞ୍ଚି ରହିଛୁ, କାହିଁକି ଦୁଃଖ ଭୋଗକରି ଶେଷରେ ମୃତ୍ୟୁମୁଖରେ ଭାସିଯିବୁ'' — ଏ ନୈରାଶ୍ୟଜନକ ପ୍ରଶ୍ନର ଉତ୍ତର ନାହିଁ । ନିଜ ସମ୍ବନ୍ଧରେ, ନିଜର ପରିବେଶ ସମ୍ବନ୍ଧରେ, ବିଶ୍ୱ ସମ୍ବନ୍ଧରେ କୌଣସି ଜ୍ଞାନ ନାହିଁ । ଏସବୁର ଯଥାର୍ଥ ସମାଧାନର ଚାବିକାଠି କେଉଁଠି ?

ବସ୍ତୁରାଜି ଓ ଘଟଣାବଳିର ସତ୍ୟ ଓ ରହସ୍ୟ ଉଦ୍‌ଘାଟନ କରିବାକୁ ହେଲେ ଏହି ନିମ୍ନଭୂମିରୁ ଊର୍ଦ୍ଧ୍ୱଭୂମିକୁ ଉଠିଯିବାକୁ ହେବ; ଏହି କ୍ଷୁଦ୍ର, ସୀମିତ, ଖଣ୍ଡିତ ଚେତନା ମଧ୍ୟରୁ ଏକ ବୃହତ୍ତର ଓ ବିଶାଳତର ଚେତନା ମଧ୍ୟରେ ପ୍ରବେଶ କରିବାକୁ ହେବ । କୌଣସି ଘଟଣାର ସତ୍ୟ ଓ ମହତ୍ତ୍ୱ ତା'ର ଅନ୍ତରାଳରେ ବା ଊର୍ଦ୍ଧ୍ୱରେ ନିହିତ । ଘଟଣାର କ୍ରିୟମାଣ ଓ ଦୃଶ୍ୟମାନ ଭୂମିରେ ସତ୍ୟ ଓ ଆଲୋକ ନାହିଁ । ସେଥିପାଇଁ ଯେକୌଣସି ପରିସ୍ଥିତିରେ, ଯେକୌଣସି ଘଟଣାରେ ସର୍ବଦାହିଁ ଉଚ୍ଚତମ ଚେତନା, ଶକ୍ତି ଓ ଜ୍ୟୋତିଃର ଆଶ୍ରୟ ନେବାକୁ ହେବ, ସର୍ବଦାହିଁ ଊର୍ଦ୍ଧ୍ୱଦୃଷ୍ଟି ରଖିବାକୁ ହେବ । ଏହି ଭୂମିର ଝଗଡ଼ା, କଳହ, ଅଶାନ୍ତି ଓ ବାସ୍ତବତାର ସମାଧାନ ଏହି ଭୂମିରେ ନାହିଁ । ସବୁବେଳେ ନିମ୍ନରୁ ଊର୍ଦ୍ଧ୍ୱକୁ, ବାହ୍ୟରୁ ଅନ୍ତରାଳକୁ, ସ୍ଥୂଳରୁ ସୂକ୍ଷ୍ମ ମଧ୍ୟରେ ପ୍ରବେଶ କରି ମୀମାଂସାର ଚାବିକାଠି ଖୋଜିବାକୁ ହେବ । ପଦ୍ମର ରହସ୍ୟ ସୂର୍ଯ୍ୟଙ୍କ ମଧ୍ୟରେ, ପଙ୍କ ମଧ୍ୟରେ ନାହିଁ । ସୁତରାଂ ଆମର ବିଭିନ୍ନ ସମସ୍ୟାର ଚାବିକାଠି ସର୍ବଦାହିଁ ଊର୍ଦ୍ଧ୍ୱରେ ।

**ଶିକ୍ଷାର ନୂତନ ଦୃଷ୍ଟିକୋଣ :**

ଏହା ନିଶ୍ଚିତ ଯେ ବର୍ତ୍ତମାନର ଏହି ଜଗତ୍ ଦୁଃଖକଷ୍ଟ, ବିଭେଦ, ଅନୈକ୍ୟ, ଅସଂହତି ଓ ବିଶୃଙ୍ଖଳାର ଲୀଳା କ୍ଷେତ୍ରରେ ପରିଣତ ହୋଇ ଉଠିଛି । ଏହା ମଧ୍ୟରେ ଆମ୍ଭମାନଙ୍କ ଜୀବନର କୌଣସି ମହତ୍ତର ଲକ୍ଷ୍ୟ ବା ସାର୍ଥକତା ଅଛି ବୋଲି ଉପଲବ୍ଧି କରି ହେଉ ନାହିଁ । ଗଭୀର ଦୃଷ୍ଟିପାତ କଲେ ଜଣାଯିବ ଯେ ଯେଉଁ ଦୃଷ୍ଟିକୋଣ, ବୋଧଶକ୍ତି ଓ ଚେତନା ସାହାଯ୍ୟରେ ଆମ୍ଭେମାନେ ଜଗତ୍ ଓ ଜୀବନକୁ ଏପରି ଭାବେ ଦେଖୁଥାଉ, ତାହା ନିର୍ଭର କରେ — ସେହି ଦୃଷ୍ଟିକୋଣ, ବୋଧଶକ୍ତି ଓ ଚେତନାକୁ ଯେଉଁ ଉପକରଣ ସାହାଯ୍ୟରେ ଆମ୍ଭେମାନେ ପ୍ରାପ୍ତ ହୋଇଥାଉ ଏବଂ ସେଗୁଡ଼ିକୁ ଯେପରି ଭାବେ ବିକଶିତ, ଉନ୍ନତ ଓ ସଂସ୍କୃତ ହୋଇ ଗଢ଼ି ଉଠିବାକୁ ଶିକ୍ଷା ବା ତାଲିମ ଦେଇଥାଉ । ଏହି ଦୃଷ୍ଟିରୁ ଦେଖିବାକୁ ଗଲେ ସମଗ୍ର ଜଗତ୍ ଓ ଜୀବନର ମହତ୍ତ୍ୱ ବା ସାର୍ଥକତାର ଉପଲବ୍ଧି ଆମ୍ଭମାନଙ୍କ ଶିକ୍ଷାଲାଭର ଉପକରଣ, ଦୃଷ୍ଟିକୋଣ ବା ଆଦର୍ଶ ଏବଂ ତଦ୍ଦ୍ୱାରା ପରିଚାଳିତ କ୍ରିୟାକଳାପ ଉପରେହିଁ ନିର୍ଭର କରେ ।

ସକଳ ବ୍ୟକ୍ତିଗତ ତଥା ବିଶ୍ୱଗତ ଦୁଃଖ-ଦୁର୍ଦ୍ଦଶା ଓ ଅଜ୍ଞାନତାଜନିତ ସମସ୍ୟାକୁ ଅନୁଶୀଳନ କଲେ ଆମ୍ଭେମାନେ ଏହାର ତିନୋଟି ପ୍ରଧାନ କାରଣ ଦେଖିବୁ । ପ୍ରଥମତଃ, ମନୁଷ୍ୟର ଶିକ୍ଷାଲାଭ ଓ ଜ୍ଞାନ-ଆହରଣର ଉପକରଣସକଳ ହେଲେ — ପ୍ରାଣଶକ୍ତିରେ ପରିପୁଷ୍ଟ ଇନ୍ଦ୍ରିୟସକଳ ଓ ଯୁକ୍ତିବୁଦ୍ଧିସମ୍ପନ୍ନ ମନ । ଏଗୁଡ଼ିକ ଏହି ଦୃଶ୍ୟମାନ ଜଗତର ଅନ୍ତରାଳରେ ଥିବା ସତ୍ୟକୁ ଉପଲବ୍ଧି କରିବାକୁ ଅକ୍ଷମ ଏବଂ ନିଜର ଅହଂମୂଳକ ପ୍ରବୃତ୍ତି ଓ ଭେଦଗତ ଦୃଷ୍ଟିକୋଣ ଦ୍ୱାରା ସବୁକିଛିକୁ ବିକୃତ, ବିକଳାଙ୍ଗ

ରୂପରେ ଦେଖ୍ ଏଗୁଡ଼ିକ ତାହାରହିଁ ଯନ୍ତ୍ର ହୋଇ ଉଠନ୍ତି ଏବଂ ତେଣୁହିଁ ଜଗତରେ ଗଢ଼ିଉଠିଛି ଏହି ମିଥ୍ୟାଲୀଳା । ଦ୍ୱିତୀୟତଃ, ଏକହିଁ ସତ୍ୟ ଯେ ନିଜର ବିଚିତ୍ର ବହୁଭଙ୍ଗିମ ରୂପ, ଗୁଣ, ସମ୍ଭାରକୁ ନେଇ ଏହି ବିଶ୍ୱରେ ଲୀଳାୟିତ ହୋଇ ଚାଲିଛି, ତାହା ଉପଲବ୍ଧି କରି ନ ପାରିବା ଯୋଗୁହିଁ ସକଳ ଅନୈକ୍ୟ ଓ ଅସଂହତି ପରିଦୃଷ୍ଟ ହୁଏ । ତୃତୀୟତଃ, ସ୍ୱ-ବ୍ୟକ୍ତିତ୍ୱର ପ୍ରଭୁତ୍ୱ ବିସ୍ତାର, ସ୍ୱାର୍ଥ ସାଧନ ଓ ଆତ୍ମତୁଷ୍ଟିକରଣର ପ୍ରୟାସହିଁ ଅପର ବ୍ୟକ୍ତିତ୍ୱର ସ୍ୱାଧୀନତା ଓ ବିକାଶଶକ୍ତିକୁ ଅପହରଣ କରି ପରାଧୀନତା ଓ ବନ୍ଧନ ସୃଷ୍ଟି କରେ ।

ଏହାହିଁ ଯଦି ମାନବର ଚିରାଚରିତ ଶିକ୍ଷାପଦ୍ଧତିର ତ୍ରୁଟି ଏବଂ ଏହି ତ୍ରୁଟିପୂର୍ଣ୍ଣ ଶିକ୍ଷା ଫଳରେ ଯଦି ଆମେ ଜଗତକୁ ବିକୃତଭାବେ ଉପଲବ୍ଧି କରୁ ଏବଂ ତଦନୁଯାୟୀ ଭ୍ରାନ୍ତ କ୍ରିୟାକଳାପର ବଶବର୍ତ୍ତୀ ହୋଇ ଜଗତକୁ ଏକ ଦୁଃଖମୟ ଅନ୍ଧକାର ବୀଭତ୍ସ କ୍ଷେତ୍ରରେ ପରିଣତ କରୁ, ତେବେ ଜୀବନ ଓ ଜଗତର ମହତ୍ତ୍ୱ ଉପଲବ୍ଧି ନିମିତ୍ତ ଆମ୍ଭମାନଙ୍କ ଶିକ୍ଷାପଦ୍ଧତିରେ ଏକ ନୂତନ ଦୃଷ୍ଟିକୋଣ ଓ ଆଦର୍ଶ ଏକାନ୍ତ ଆବଶ୍ୟକ ।

ଏ ସମ୍ବନ୍ଧରେ ଶ୍ରୀମା ଓ ଶ୍ରୀଅରବିନ୍ଦ ଆମ୍ଭମାନଙ୍କୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଛନ୍ତି ଏବଂ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ତାହାକୁ କାର୍ଯ୍ୟକାରୀ କରିବାର ଏକ ଅଭିନବ ପ୍ରଚେଷ୍ଟା ଚାଲିଛି । ନିକଟରେ ଉପଯୁକ୍ତ ସମସ୍ୟାର ତ୍ରୁଟି ତ୍ରୟର ସମାଧାନ-ସୂତ୍ର ରୂପେ ଶ୍ରୀମା' କହିଛନ୍ତି ଯେ ଶିକ୍ଷାର ନୂତନ ଆଦର୍ଶ ହେବା ଉଚିତ – ସତ୍ୟ (Truth), ସଂହତି (Harmony) ଓ ସ୍ୱାଧୀନତା (Liberty) ।

ତେବେ କି ଭାବରେ ଏହି ନୂତନ ଆଦର୍ଶକୁ କାର୍ଯ୍ୟକାରୀ କରାଯିବ ଏବଂ ଆମ୍ଭମାନଙ୍କ ପ୍ରଚଳିତ ଶିକ୍ଷାଲାଭର ଉପକରଣରେ କି ପରିବର୍ତ୍ତନ ଆବଶ୍ୟକ ? ଶିକ୍ଷାଲାଭ ନିମିତ୍ତ ଭୌତିକ ଜଗତକୁ ବିଶ୍ଳେଷଣ କରିବାର ଯେଉଁ ଭୌତିକ ଇନ୍ଦ୍ରିୟ ଓ ଯୁକ୍ତିବୁଦ୍ଧିମୂଳକ ମନର ଆଶ୍ରୟ ଆମ୍ଭେମାନେ ଏପର୍ଯ୍ୟନ୍ତ ନେଇଆସିଛୁ ତାହା ଆମ୍ଭମାନଙ୍କ ଉପକରଣର ସର୍ବସ୍ୱ ନୁହେଁ । ଆମ୍ଭମାନଙ୍କୁ ଉପଲବ୍ଧି କରିବାକୁ ହେବ ଯେ ଏହି ଦୃଶ୍ୟମାନ ଭୌତିକ ବିଶ୍ୱର ଅନ୍ତରାଳରେ ଏକ ବିଶ୍ୱାତୀତ ଅତିଚେତନ ସତ୍ତା ବା ପରମ ସତ୍ୟ ବିଦ୍ୟମାନ ଏବଂ ତାହାହିଁ ବ୍ୟକ୍ତିଗତ ଓ ବିଶ୍ୱଗତ ସକଳ କ୍ରିୟାକଳାପକୁ ନିୟନ୍ତ୍ରିତ କରେ; ସବୁକିଛି ମଧ୍ୟରେ ଆଣି ଦେଇପାରେ ଏକ ସତ୍ୟଦୃଷ୍ଟି, ସଂହତି, ସ୍ୱାଧୀନତା, ଐକ୍ୟ, ସମନ୍ୱୟ, ଆନନ୍ଦ ଓ ଆଲୋକର ଧାରା । ପୁନଶ୍ଚ ଏହି ପରମ ସତ୍ୟର ବୀଜ ବିଶ୍ୱର ପ୍ରତ୍ୟେକ ବ୍ୟକ୍ତିଗତ ସତ୍ତାର ଅନ୍ତରରେ ନିହିତ । ଏହି ସତ୍ୟବୀଜର ବା ଚୈତ୍ୟସତ୍ତାର ଆବିଷ୍କାର କରି ତାହାକୁହିଁ ଆମ୍ଭମାନଙ୍କ ନୂତନ ଶିକ୍ଷାପଦ୍ଧତିର ନବୀନ ଉପକରଣ ରୂପେ ଗ୍ରହଣ କରିବାକୁ ହେବ, ଯାହା ବିଶ୍ୱାତୀତ ସହ ସ୍ୱଚ୍ଛନ୍ଦ ସମ୍ପର୍କ ସ୍ଥାପନର ମାଧ୍ୟମ ହୋଇ ଶିକ୍ଷାକୁ ପୂର୍ଣ୍ଣାଙ୍ଗ କରି ଗଢ଼ି ତୋଳିବ ଏବଂ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାହିଁ ସକଳ ବ୍ୟକ୍ତିଗତ ତଥା ବିଶ୍ୱଗତ ସମସ୍ୟାର ସମାଧାନ କରି ବିଶ୍ୱରେ ବିଶ୍ୱାତୀତଙ୍କର ପୂର୍ଣ୍ଣ ଅଭିବ୍ୟକ୍ତି ନିମିତ୍ତ ହୋଇ ଉଠିବ ଦୃଢ଼ଭିତ୍ତି ।

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ. ୯୮-୧୦୦) ❑

ମା'ଙ୍କୁ ସ୍ମରଣ ରଖ ଏବଂ ସ୍ଥୂଳ ଦୃଷ୍ଟିରୁ ତାଙ୍କଠାରୁ ଦୂରରେ ଥିଲେ ବି ସେ ତୁମ ସହ ଅଛନ୍ତି ବୋଲି ଅନୁଭବ କର ଏବଂ ତୁମର ଆନ୍ତରସତ୍ତା ତାଙ୍କ ଇଚ୍ଛା ବୋଲି ତୁମକୁ ଯାହା ଜଣାଇ ଦେଉଛି ସେହି ଅନୁଯାୟୀ କାର୍ଯ୍ୟ କର । ତା'ହେଲେ ତୁମେ ମା'ଙ୍କର ଓ ମୋର ଉପସ୍ଥିତି ସର୍ବୋତ୍ତମଭାବେ ଅନୁଭବ କରିପାରିବ ଏବଂ ତୁମ ଚାରିପଟେ ଏକ ରକ୍ଷାକବଚ ସଦୃଶ ଆମର ସାନ୍ନିଧ୍ୟ ଓ ନିଶ୍ଚଳତାର ଏକ ପରିବେଶ ବହନ କରି ଚାଲିବ ଏବଂ ସବୁ କ୍ଷେତ୍ରରେ ଆମର ଆଲୋକ ତୁମ ସହ ରହିବ ।

– ଶ୍ରୀଅରବିନ୍ଦ

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୫୯)

## ମହେନ୍ଦ୍ରନାଥ ସ୍ୱାଇଁ

**ସୁରକ୍ଷାବଳୟ :**

"The tide of materialistic thoughts is always on the watch, waiting for the least weakness, and if we relax but one moment from our vigilance, if we are even slightly negligent, it rushes in and invades us from all sides, submerging under its heavy flood the result sometimes of numberless efforts. Then the being enters a sort of torpor, its physical needs of food and sleep increase, its intelligence is clouded, its inner vision veiled, and in spite of the little interest it really finds in such superficial activities, they occupy it almost exclusively. This state is extremely painful and tiring, for nothing is more tiring than materialistic thoughts, and the mind, worn out, suffers like a caged bird which cannot spread its wings and yet longs to be able to soar freely.

"But perhaps this state has its own use which I do not see.... In any case, I do not struggle; and like a child in its mother's arms, like a fervent disciple at the feet of his master, I trust myself to Thee and surrender to Thy guidance, sure of Thy victory."

(Prayers and Meditations, P. 46)

''ବୈଷୟିକ ବା ବସ୍ତୁଗତ ଚିନ୍ତା ସକଳ ସର୍ବଦା ସତର୍କ ଭାବେ ଅପେକ୍ଷା କରି ରହିଛନ୍ତି ଆମର ଏତେ ଟିକିଏ ଦୁର୍ବଳତାକୁ, ଏବଂ ଆମେ ଯଦି ଆମ ସତର୍କତାକୁ ଟିକିଏ ଢିଲା କରି ବିଶ୍ରାମ ନେବାକୁ ଚାଲିଗଲୁ, ଆମେ ଯଦ୍ୟପି ଅଳ୍ପ ଟିକିଏ ଅବହେଳା ପ୍ରଦର୍ଶନ କରିଦେଲୁ, ଏହା ଆମ ଭିତରକୁ ଧସେଇ ପଶିବ ଚତୁର୍ଦ୍ଦିଗରୁ ଏବଂ ଆମକୁ କବଳିତ କରିଦେବ, ଆମର ସକଳ ପ୍ରକାର ଅଗଣିତ ପ୍ରଚେଷ୍ଟା ଏହାର ପ୍ରବଳ ବନ୍ୟାର ପ୍ଲାବନରେ ନିମଜ୍ଜିତ ହୋଇଯିବେ । ତତ୍ପରେ ସତ୍ତାଟି ଏକପ୍ରକାର ନିଷ୍କ୍ରିୟତା ଭିତରେ ପ୍ରବେଶ କରିଯାଏ, ଶରୀର ଚାହୁଁଥିବା ଖାଦ୍ୟ ଓ ଶୋଇବାର ସମୟରେ ବୃଦ୍ଧି ଘଟିଥାଏ, ବୁଦ୍ଧି ବା ଧୀଶକ୍ତି ଉପରେ ବାଦଲ ଢାଙ୍କି ହୋଇଯାଏ, ତା'ର ଅନ୍ତର୍ଦୃଷ୍ଟି ଘୋଡ଼େଇ ହୋଇପଡ଼େ; ଏବଂ ସ୍ୱଳ୍ପ ଆଗ୍ରହ ଥିବା ସତ୍ତ୍ୱେ ମଧ୍ୟ ସତ୍ତା ନିଜର ଉପର ଠାଉରିଆ ଓ ଅଧାପନ୍ତରିଆ (Superficial) କାର୍ଯ୍ୟକଳାପ ଭିତରେ ଲିପ୍ତ ହୋଇଯାଏ, ସେମାନେ ଜୀବ-ସତ୍ତାକୁ ସମ୍ପୂର୍ଣ୍ଣ ଭାବରେ ଗ୍ରାସ କରିଯାଆନ୍ତି, ନିଜ ଅକ୍ତିଆରକୁ ନେଇଯା'ନ୍ତି । ଏହି ଅବସ୍ଥାଟି ଅତ୍ୟଧିକ ଯନ୍ତ୍ରଣାଦାୟକ ଏବଂ କ୍ଲାନ୍ତିକର, କାରଣ ବୈଷୟିକ ଚିନ୍ତାଠାରୁ ଅଧିକ କ୍ଲାନ୍ତିଜନକ ଅବସ୍ଥା ଆଉ କିଛି ନାହିଁ, ଏବଂ ଜୀର୍ଣ୍ଣ ମନଟି ପରିତ୍ୟକ୍ତ ପଞ୍ଜୁରି ଭିତରେ ଥିବା ଚଢ଼େଇଟି ଭଳି ଛଟପଟ ହେଉଥାଏ, କଷ୍ଟ ଭୋଗୁଥାଏ, ଯିଏକି ତା'ର ପକ୍ଷ ବିସ୍ତାର କରିପାରୁ ନଥାଏ, ତଥାପି ମୁକ୍ତ ଆକାଶକୁ ଉଡ଼ିଯିବାର ପ୍ରଚେଷ୍ଟାରେ ଲାଗିଥାଏ ।''

''କିନ୍ତୁ, ବୋଧହୁଏ ଏହି ଅବସ୍ଥାଟିର ନିଜସ୍ୱ ପ୍ରୟୋଗର ଆବଶ୍ୟକତା ରହିଛି ଯାହାକୁ ଆମେ ଦେଖିପାରୁ ନାହିଁ... । ସେ ଯାହା ହେଉନା କାହିଁକି, ମୁଁ ସଂଘର୍ଷ କରେ ନାହିଁ; ଏବଂ ଏକ ଛୋଟ ଶିଶୁ ଯେପରି ତା'ର ମା' କୋଳରେ ନିଶ୍ଚିନ୍ତରେ ରହି ଥିବା ପରି, ଏକ ଆଗ୍ରହାନ୍ୱିତ (fervent) ଶିଷ୍ୟଟିଏ ଗୁରୁଙ୍କ ପାଦତଳେ ବସିଥିବା ପରି ମୁଁ ସମ୍ପୂର୍ଣ୍ଣ ରୂପେ ଆପଣଙ୍କ ଉପରେ ଆସ୍ଥା ସ୍ଥାପନ କରିଛି ଏବଂ ଆପଣଙ୍କ ଦିଗ୍‌ଦର୍ଶନ ନିକଟରେ ସମ୍ପୂର୍ଣ୍ଣ ରୂପେ ସମର୍ପିତ ହୋଇ ଯାଇଛି, ମୁଁ ଦୃଢ଼ ନିଶ୍ଚିତ ଯେ ଆପଣଙ୍କର ବିଜୟ ନିଶ୍ଚୟ ହେବ ।''

ଆଲୋଚ୍ୟ ପ୍ରାର୍ଥନାଟିର ପ୍ରଥମ ଅନୁଚ୍ଛେଦରେ ଦିବ୍ୟଜନନୀ ଶ୍ରୀମା ଆମ୍ଭମାନଙ୍କ ଭିତରେ ସକଳ ପ୍ରକାର ଅନାବଶ୍ୟକ ଆବଶ୍ୟକତା ସମ୍ବନ୍ଧୀୟ ଚିନ୍ତା ଓ ଭାବନାମାନଙ୍କୁ

ଆଣି ବାହାରେ ଠିଆ କରାଇ ଦେଇଛନ୍ତି । ଆମର ବୈଷୟିକ ଚିନ୍ତା ଅଧିକ ଧନ, ଯଶ, ମାନସମ୍ମାନ, ପ୍ରତିପତ୍ତି ଇତ୍ୟାଦିକୁ ଠୁଳ କରିବା ଏବଂ ସେମାନଙ୍କର ବଳୟ ଭିତରେ ଆନନ୍ଦରେ ରହି କାଳାତିପାତ କରିବା – ଆମର ଦୁର୍ବଳତା ବିରୋଧୀ ଶକ୍ତିମାନଙ୍କ ଦୃଷ୍ଟିରେ ପଡ଼ିଯାଏ, କାରଣ ସେମାନେ ସଦାସର୍ବଦା ଆମକୁ ଲକ୍ଷ୍ୟ କରୁଥା'ନ୍ତି; ଆମର ଟିକିଏ ଦୁର୍ବଳତା, ଅବହେଳା (negligence) ବା ଆରାମ କରିବାର ଇଚ୍ଛାକୁ ସେମାନେ ତାଙ୍କର ସ୍ୱାଭାବିକ ପଦ୍ଧତିରେ ଧରି ଦିଅନ୍ତି । ଆମେ ତାଙ୍କ ଜାଲରେ ପଡ଼ିଯାଉ; ଆମର ଆଚାର ବ୍ୟବହାରରେ ପରିବର୍ତ୍ତନ ଦେଖାଦିଏ, ପୋଷାକପତ୍ର, କଥାବାର୍ତ୍ତାର ଢଙ୍ଗ, ଉଚ୍ଚାରଣ ମଧ୍ୟ ବଦଳି ଯାଏ, ଏପରିକି ପୁରୁଣା ବନ୍ଧୁମାନେ ଆମର ଏପ୍ରକାର ସ୍ୱଭାବ ଦେଖି ଆମକୁ ଛାଡ଼ି ଚାଲିଯା'ନ୍ତି ଏବଂ ଆମକୁ ନୂତନ ବନ୍ଧୁମାନେ ମିଳିଯା'ନ୍ତି ଆମ ଅହଂକାର ସହିତ ତାଳ ଦେଇ ଚାଲିବା ପାଇଁ ।

ଶ୍ରୀମା କହୁଛନ୍ତି ଯେ – ବିରୋଧୀଶକ୍ତିମାନେ ବ୍ୟକ୍ତି ସତ୍ତାକୁ ନିଜ ଇଚ୍ଛା ଅନୁସାରେ ପରିଚାଳନା କରନ୍ତି, ନିଜେ ପ୍ରସ୍ତୁତ କରିଥିବା ଖାଦ୍ୟ ଖାଇବା ପାଇଁ ଆମକୁ ବାଧ୍ୟ କରନ୍ତି, ଆମ ନିଦ ହଜେଇ ଦିଅନ୍ତି, ରାତ୍ରିରେ ଶୋଇବା ମଧ୍ୟ ଆମ ପକ୍ଷରେ କଷ୍ଟକର ହୋଇପଡ଼େ, ଶୋଇବା ସମୟରେ ବ୍ୟତିକ୍ରମ ଦେଖାଦିଏ, ଆମେ ନିଜ ଭିତରେ ବନ୍ଦୀ ହୋଇ ରହିଥାଉ, ମୁକ୍ତ ଭାବରେ ଚଳପ୍ରଚଳ ହେବାର କ୍ଷମତା ହରାଇଥାଉ । ଏହି ଅବସ୍ଥାରୁ ଉଦ୍ଧାର ପାଇବା ନିମନ୍ତେ ଶ୍ରୀମା ଦୁଇଟି ଚମତ୍କାର ଉଦାହରଣ ପ୍ରଦାନ କରିଛନ୍ତି । ପ୍ରଥମଟି ହେଲା ମା'ର କୋଳରେ ନିଶ୍ଚିନ୍ତରେ ଶୋଇଥିବା ଶିଶୁ ଏବଂ ଅନ୍ୟଟି ଗୁରୁଙ୍କ ପାଦତଳେ ବସି ନୀରବରେ ଆଦେଶକୁ ଅପେକ୍ଷା କରି ରହିଥିବା ଉତ୍‌ଫୁଲ୍ଲିତ ଶିଷ୍ୟ । ଏହି ଦୁଇଟି ଚିତ୍ରକଳ୍ପ ହେଉଛନ୍ତି ସମର୍ପଣର ସର୍ବୋତ୍କୃଷ୍ଟ ପ୍ରତୀକ । ''ମା'ଙ୍କ କୋଳ'' ଏବଂ ''ଗୁରୁଙ୍କର ପାଦତଳ'' ହେଉଛି ସମ୍ପୂର୍ଣ୍ଣ ସୁରକ୍ଷା ବଳୟ, ଯିଏ ସେହି ଦୁଇଟି ସ୍ଥାନକୁ ବାଛି ନେଇଥାଏ ତା'ର ଆଉ କାହାକୁ ଭୟ ନଥାଏ । ଆମ ସମସ୍ତଙ୍କ ପାଇଁ ଦିବ୍ୟଜନନୀ ଶ୍ରୀମା'ଙ୍କର ଏହା ଏକ ଦିଗ୍‌ଦର୍ଶନ – ବିରୋଧୀ ଶକ୍ତିମାନେ ବିସ୍ତାର କରିଥିବା ଜାଲରୁ ରକ୍ଷା ପାଇବାର ଉପାୟ ।

ପୂର୍ଣ୍ଣଯୋଗ ସାଧନାରେ ଶ୍ରୀମା ଶ୍ରୀଅରବିନ୍ଦ ହେଉଛନ୍ତି ସାଧକ, ସାଧିକାମାନଙ୍କର ଦିବ୍ୟଗୁରୁ । ମା'ଙ୍କର ପାଦ ଏହି ଧରାପୃଷ୍ଠରେ ଯେଉଁଠି ପଡ଼ିଛି, ସେହି ପଦ୍ମପାଦ-ଯୁଗଳ ତଳେ ଯେଉଁମାନେ ଆଶ୍ରୟ ନେଇଛନ୍ତି, ସେହି ସ୍ଥାନ ତଥା ସେହି ବ୍ୟକ୍ତି ଧନ୍ୟ ହୋଇ ଯାଇଛନ୍ତି । ଏହି ପରିପ୍ରେକ୍ଷୀରେ ସ୍ୱୟଂ ଦିବ୍ୟଜନନୀ ଶ୍ରୀମା ସାଧକ ମୋନା ସରକାରଙ୍କ ନିକଟରେ ଦୟାପରବଶ ହୋଇ ଯାହା ଉନ୍ମୋଚିତ କରି ଦେଇଛନ୍ତି ତାହା ଆମ ସମସ୍ତଙ୍କର ପ୍ରଣିଧାନ ଯୋଗ୍ୟ ।

ଶ୍ରୀମା କହନ୍ତି, ''ତୁମେ ଜାଣିଛ, ଏହି ଧରିତ୍ରୀ ବକ୍ଷରେ ମୋର ପ୍ରତି ପଦପାତ ମାଧ୍ୟମରେ – ସର୍ବତ୍ର, ସବୁ ସ୍ଥାନରେ ମୋର ରୂପାନ୍ତରକାରିଣୀ ଶକ୍ତି ଓ ଆଲୋକ ସେଠାରେ ସ୍ଥିତ ଅଣୁ ପରମାଣୁ ଭିତରେ ମୁଁ ପ୍ରବେଶ କରାଇ ଦେଇଥାଏ ଏବଂ ଏହି ଅତ୍ୟାବଶ୍ୟକୀୟ ରୂପାନ୍ତର କାର୍ଯ୍ୟ ନିମନ୍ତେ ସେମାନଙ୍କୁ ପ୍ରସ୍ତୁତ କରାଇ ଥାଏ । ମୋ ଇଚ୍ଛା ଅନୁସାରେ ଯେଉଁଠି ପାଦ ପକାଏ, ସେହି ସ୍ଥାନରେ ଥିବା ଅଣୁ ପରମାଣୁ ଭିତରକୁ ଏକ ସ୍ପନ୍ଦନ ପ୍ରବେଶ କରାଇ ଦେଇଥାଏ; ସେହି ସ୍ପନ୍ଦନର ସୂକ୍ଷ୍ମ-ସଞ୍ଚାରଣ ଜଡ଼ର ନିଶ୍ଚେତନା ଭିତରକୁ ପ୍ରବେଶ କରି ତା'ର ନିଦ୍ରାଭଙ୍ଗ କରିଥାଏ, ଫଳରେ ତା' ଭିତରେ ଏକ ସଙ୍ଗତିପୂର୍ଣ୍ଣ ମୂର୍ଚ୍ଛନା ସୃଷ୍ଟି ହୋଇ ସୌନ୍ଦର୍ଯ୍ୟ ଓ ସତ୍ୟ-ଚେତନା ଜାଗ୍ରତ୍ ହୋଇଥାଏ । ସେମାନେ ମୋ ପଦ ସ୍ପର୍ଶର ଉଷ୍ମତାର ପ୍ରଭାବରେ ଚକ୍ଷୁ ଉନ୍ମୀଳିତ କରି ଦିଅନ୍ତି ଏବଂ ଏହି ରୂପାନ୍ତର ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ନିମନ୍ତେ ଚେଷ୍ଟା କରୁଥା'ନ୍ତି । ଏସବୁ କଥା କେହି କେବେ ହେଲେ ମନରେ ଭାବି ପାରିବେ ନାହିଁ । ସେମାନେ କିପରି ଗୋଟିଏ ମୁହୂର୍ତ୍ତରେ ତତ୍‌କ୍ଷଣାତ୍ ନିଜକୁ ସମର୍ପିତ କରି ଦେଇଥା'ନ୍ତି, ରୂପାନ୍ତର କାର୍ଯ୍ୟରେ ଅଂଶଗ୍ରହଣ କରିଥା'ନ୍ତି ଏବଂ ପୃଥିବୀ ମଧ୍ୟସ୍ଥ ସକଳ ଉପାଦାନର ଆନ୍ତର ପ୍ରକୃତିର ପରିବର୍ତ୍ତନରେ ସାହାଯ୍ୟ କରୁଥା'ନ୍ତି ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଏହି ପ୍ରକ୍ରିୟାର ପ୍ରଭାବ ଶରୀର ବା ଜଡ଼ର ଉପରି ଭାଗରେ ପରିଦୃଷ୍ଟ ହେଉ ନଥିଲେ ମଧ୍ୟ ଅଭ୍ୟନ୍ତରସ୍ଥ ଅବଚେତନାର ଗଠନ ଉପରେ ତା'ର ପ୍ରଭାବ ପଡୁଥାଏ ।

ସେହି ଅଣୁ-ପରମାଣୁମାନଙ୍କର ଗଠନ, ମନର (କାରଣ ପ୍ରତ୍ୟେକ ଜୀବକୋଷର ମନଟିଏ ରହିଛି) ଗତିଶୀଳତା, କ୍ରିୟା ଓ ପ୍ରତିକ୍ରିୟା ଉପରେ ଏହି ସ୍ପର୍ଶର ପ୍ରଭାବ ପ୍ରଚ୍ଛନ୍ନ ଭାବରେ ପଡୁଥାଏ ଏବଂ ସେମାନଙ୍କୁ ନୂତନ ଭାବରେ ନବ ଦିଗ୍‌ଦର୍ଶନ ପ୍ରଦାନ କରୁଥାଏ – ଏହା ହେଉଛି ପ୍ରକୃତ ଚେତନାର ଏକ ଆଲୋକ ଯାହା ପ୍ରତ୍ୟେକ ପରମାଣୁକୁ ଆଲୋକିତ କରୁଥାଏ ।

ଏହି ପ୍ରକ୍ରିୟା ସମ୍ପର୍କରେ ମା ପୁନଶ୍ଚ କହୁଛନ୍ତି : ''...becomes something benign, something

sacred where the past with its pernicious load will be effaced'' ।

(The Supreme, p. 60)

Benignର ଅର୍ଥ ନମ୍ର, ଧୀର ଓ ପବିତ୍ର – ଯାହାର ପ୍ରଭାବ ଅତୀତର ସକଳ ପ୍ରକାର କ୍ଷତିକାରକ ଓ ଭୟଙ୍କର (pernicious), ଧ୍ୱଂସାତ୍ମକ, ଅନିଷ୍ଟକାରୀ ବୋଝକୁ ପୋଛି ଦେଇଥାଏ, ଫଳତଃ ଅତୀତ ଆଉ ପଥରୋଧ କରି ପ୍ରତିବନ୍ଧକଟିଏ ହୋଇ ଠିଆ ହୋଇପାରେ ନାହିଁ ।

(ମୋନା ସରକାରଙ୍କ ଦ୍ୱାରା ଲିଖିତ 'The Supreme' ପୁସ୍ତକର ପୃଷ୍ଠା ୬୦ରୁ ସଂଗୃହୀତ)

ପୁନଶ୍ଚ ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା ହସୁଥିବା ଶିଶୁଟିଏ ମା' କୋଳରେ ସୁରକ୍ଷିତ ଭାବରେ ନିଶ୍ଚିନ୍ତରେ ଶୋଇ ମୁରୁକି ମୁରୁକି ହସୁଥାଏ,– ମା'ଙ୍କର ଏ ସମ୍ପର୍କରେ ୧୯୮୯ ମସିହାରେ ଘଟିଥିବା ଏକ ଘଟଣାର ଉପସ୍ଥାପନା କଲେ ତାହା ସ୍ପଷ୍ଟ ହୋଇଯିବ । ଘଟଣାଟି ହେଲା –

ଆଶ୍ରମର ଜନୈକ ଅନ୍ତେବାସୀ ସାଧକଙ୍କୁ ହାଇଦ୍ରାବାଦସ୍ଥିତ ''ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହ୍ୟୁମାନ୍ ଷ୍ଟଡ଼ିଜ୍''ର ରୌପ୍ୟଜୟନ୍ତୀ ଉତ୍ସବରେ ଯୋଗ ଦେବା ପାଇଁ ନିମନ୍ତ୍ରଣ ଆସିଥିଲା । ସେ ଚାର୍‌ମିନାର୍ ଏକ୍‌ସପ୍ରେସ୍ ଟ୍ରେନ୍‌ରେ ଗୋଟିଏ ସଂରକ୍ଷିତ ଅପରବର୍ଥରେ ଯାତ୍ରା କରୁଥା'ନ୍ତି । ରାତ୍ରି ପ୍ରାୟ ଚାରିଟା ହେବ । ଏକ ଭୟଙ୍କର ଶବ୍ଦ ଶୁଣି ତାଙ୍କର ନିଦ ଭାଙ୍ଗିଗଲା, ସେ ଏକ ଶକ୍ତ ଧକ୍‌କା ଅନୁଭବ କଲେ । କେତେକ ଯାତ୍ରୀ ମଧ୍ୟ ବସିଥିବା ଏବଂ ଶୋଇଥିବା ସ୍ଥାନରୁ ତଳକୁ ଖସି ପଡ଼ିଲେ । ସମସ୍ତେ ଭୟଭୀତ, କାହାରି ପାଟିରୁ କଥା ବାହାରୁ ନାହିଁ । ତା'ପରେ ତାଙ୍କର ବଗିଟି ଭୀଷଣ ଶବ୍ଦ କରି ଦୋହଲିବାକୁ ଲାଗିଲା । ସେ ଚକ୍ଷୁ ମୁଦ୍ରିତ କରି ମା'ଙ୍କୁ ପ୍ରାର୍ଥନା ନିବେଦନ କରି କହିଲେ, ''ହେ ମା, ଦିବ୍ୟଜନନି ! ରକ୍ଷା କରନ୍ତୁ, ଆର୍ତ୍ତକଣ୍ଠରେ ମୁଁ ପ୍ରାର୍ଥନା ଜଣାଉଛି ।'' ହଠାତ୍ ଏକ ଚମତ୍କାର ଘଟଣା ଘଟିଲା, ତାଙ୍କର ବଗିଟି ଉପରକୁ ଉଠିଗଲା ଏବଂ ପୁଣି ଅଧମିନିଟ ମଧ୍ୟରେ ଆସ୍ତେ ଆସ୍ତେ ତଳକୁ ଆସି ଭୂଇଁ ଉପରେ ସ୍ଥିର ହୋଇ ରହିଗଲା । ସେହି ବଗିରେ ଥିବା ସାଧକ ଏବଂ ତାଙ୍କର ସହଯାତ୍ରୀମାନଙ୍କର କୌଣସି କ୍ଷତି ହୋଇ ନଥିଲା । ଏହିପରି ଅବସ୍ଥାରେ କିଛି ସମୟ ବିତିଗଲା । ଚାରିଆଡ଼େ କିଟିମିଟିଆ ଅନ୍ଧକାର । ସାହସ କରି କେହି ବାହାରକୁ ବାହାରୁ ନଥା'ନ୍ତି । କିଛି ସମୟ ପରେ ପୂର୍ବାକାଶରେ ସିନ୍ଦୂରା ଫାଟିଲା, ଝାପସା ଝାପସା ଆଲୁଅ ଦେଖାଗଲା । ବଗିରେ ଥିବା ଅନ୍ୟ ସହଯାତ୍ରୀମାନଙ୍କ ସହ ତଳକୁ ଓହ୍ଲାଇ ସେ ଯାହା ଦେଖିଲେ ସେଥିରେ ଆଶ୍ଚର୍ଯ୍ୟ ଚକିତ ହୋଇଗଲେ । ସେମାନଙ୍କର ବଗିଟି ଆସ୍ତେ ପେଟମାଡ଼ି ମାଟି ଉପରେ ରହିଯାଇଛି, ସେହି ବଗିଟିର ସମ୍ମୁଖ ଭାଗରେ ଥିବା ସମସ୍ତ ବଗି ଲେଉଟି ପଡ଼ିଛି; କବାଟ, ଝରକା କଟାଯାଇ ଲୋକମାନଙ୍କୁ ଉଦ୍ଧାର କରାଯାଉଛି, ଟ୍ରେନ୍‌ର ଇଞ୍ଜିନଟି ପ୍ରାୟ ଚାରିଶହ ମିଟର ଦୂରରେ ଯାଇ ଚୂର୍ଣ୍ଣୀଭୂତ ହୋଇ ଲେଉଟି ପଡ଼ିଛି; ରେଳଧାରଣା ଭାଙ୍ଗି ଛିନ୍ନଛତ୍ର ହୋଇ ଏଠିସେଠି ପଡ଼ିଛି । ଆହତ ବ୍ୟକ୍ତିମାନଙ୍କ ବୁକୁଫଟା ଚିତ୍କାର ଏବଂ ମୃତ ବ୍ୟକ୍ତିମାନଙ୍କର ଆତ୍ମୀୟ ସ୍ୱଜନଙ୍କର କ୍ରନ୍ଦନରେ ଦିଗ୍‌ବିଦିଗ ପ୍ରକମ୍ପିତ ହେଉଛି ।

ସାଧକ ପୁଣିଥରେ ଆଖିବୁଜି ମା'ଙ୍କୁ ସ୍ମରଣ କରି ସେଠାରେ ଘଟିଥିବା ସବୁକଥା ନିବେଦନ କରି କହିଲେ, ''ମା, ମୁଁ ତ ଆପଣଙ୍କ କୋଳରେ ନିଶ୍ଚିନ୍ତରେ ଶୋଇଥିଲି, ମୁଁ ଅନୁଭବ କଲି କୌଣସି ଏକ ଅଦୃଶ୍ୟ ଶକ୍ତିର ହସ୍ତ, ବଗିଟି ଉପରକୁ ଉଠିଯାଇ ତଳକୁ ପଡ଼ି ଯାଉଥିବା ବେଳେ ଧରିପକାଇ ଆସ୍ତେ ଧୀରେ ମାଟି ଉପରେ ଥୋଇ ଦେଲା । ମା ଆପଣଙ୍କ ସୁରକ୍ଷାର ହସ୍ତ ଆମ ସମସ୍ତଙ୍କୁ ତା'ର ଆବେଷ୍ଟନୀ ମଧ୍ୟରେ ଜଡ଼ାଇ ଧରିଥିଲା ।'' ଏତିକି କହି ତାଙ୍କ ଚକ୍ଷୁଦ୍ୱୟରୁ ବହି ଆସୁଥିବା ଅଶ୍ରୁଧାରକୁ ସେ ପୋଛୁଥିଲେ ଏବଂ ବାରଂବାର ପ୍ରଣାମ ଜଣାଉଥିଲେ ।

('ଦିବ୍ୟ ସମାଚାର' ପୁସ୍ତକର, ପୃ. ୧୪୦-୧୪୧ରୁ ସଂଗୃହୀତ)

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା :**

(୧) Prayers and Meditations – The Mother
(୨) The Supreme – Mona Sarkar
(୩) Musing on the Mother's Prayers and Meditations – Shyam Kumari

# 'ଓଁ' ସଂପର୍କରେ

## ଶ୍ରୀଅରବିନ୍ଦ

### ଓଁ ହେଉଛି ମୌଳିକ ସୃଜନାତ୍ମକ ଶବ୍ଦ

ଆମ୍ଭେମାନେ ଜାଣିଛେ ରୂପକୁ ସୃଷ୍ଟି କରିବା ପାଇଁ ଏବଂ ନଷ୍ଟ କରିବା ପାଇଁ ଶବ୍ଦ-ଜନିତ ସ୍ପନ୍ଦନର ଶକ୍ତି ରହିଛି। ଆଧୁନିକ ବିଜ୍ଞାନର ଏହା ହେଉଛି ଏକ ସାଧାରଣ କଥା।

... ବାସ୍ତବିକ ବାକ୍‌ଶକ୍ତି ହେଉଛି ସୃଜନଶୀଳ। ଏହା ଆବେଗର ଆକୃତି, ମାନସିକ ପ୍ରତିବିମ୍ବ ଏବଂ କାର୍ଯ୍ୟ କରିବା ନିମନ୍ତେ ପ୍ରବୃତ୍ତି ସୃଷ୍ଟି କରିଥାଏ। ପୁରାତନ ବୈଦିକ ସିଦ୍ଧାନ୍ତ ଏବଂ ଅଭ୍ୟାସ ଓ ମନ୍ତ୍ରର ବ୍ୟବହାର ବାକ୍‌ଶକ୍ତିର ଏହି ସୃଜନଶୀଳ କାର୍ଯ୍ୟକୁ ପ୍ରସାରିତ କରିଥାଏ। ମନ୍ତ୍ରର ନିୟମ ହେଲା – ଏହା ହେଉଛି ଶକ୍ତିର ଏକ ଶବ୍ଦ ଯାହାକି ଆମ୍ଭମାନଙ୍କ ସତ୍ତାର ନିଭୃତ ଗଭୀରତା ମଧ୍ୟରୁ ଉତ୍ପନ୍ନ ହୋଇଥାଏ ଯେଉଁଠାରେ କି ମନ ଅପେକ୍ଷା ଏକ ଗମ୍ଭୀର ଚେତନା ଦ୍ୱାରା ଏହା ଚିନ୍ତା କରାଯାଇଥାଏ, ଯାହାକି ବୁଦ୍ଧି ଦ୍ୱାରା ନୁହେଁ ହୃଦୟ ଦ୍ୱାରା ଗଠନ କରାଯାଇଥାଏ, ମନ ମଧ୍ୟରେ ଧାରଣ କରାଯାଇଥାଏ, ପରେ ଜାଗ୍ରତ୍ ମାନସିକ ଚେତନାରେ ଏକାଗ୍ର ହୋଇ ନୀରବରେ କିଂବା ସଶବ୍ଦରେ ବାହାରକୁ ପ୍ରକାଶିତ ହୋଇଥାଏ। କଥିତ ଶବ୍ଦ ଅପେକ୍ଷା ନୀରବ ଶବ୍ଦ ବୋଧହୁଏ ଅଧିକ ଶକ୍ତିଶାଳୀ ବୋଲି ଧରାଯାଏ। ନିଶ୍ଚିତ ରୂପେ ସୃଷ୍ଟିର କାର୍ଯ୍ୟ ନିମନ୍ତେ ଏପରି କରାଯାଇଥାଏ। ମନ୍ତ୍ର ଆମ୍ଭମାନଙ୍କ ମଧ୍ୟରେ କେବଳ ଯେ ନୂତନ ମାନସିକ ଅବସ୍ଥା ସୃଷ୍ଟି କରେ ତାହା ନୁହେଁ, ଏହା ଆମର ଚୈତ୍ୟସତ୍ତାକୁ ପରିବର୍ତ୍ତନ କରେ, ପୂର୍ବରୁ ଆମର ନ ଥିବା ଜ୍ଞାନ ଏବଂ ବିଶେଷ ଦକ୍ଷତାକୁ ପ୍ରକାଶ କରେ। କେବଳ ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟମାନଙ୍କ ମନରେ ଯେ ସେହି ପ୍ରକାର ପରିଣତି ସୃଷ୍ଟି କରେ ତାହା ନୁହେଁ, କିନ୍ତୁ ମାନସିକ ଏବଂ ପ୍ରାଣିକ ବାତାବରଣରେ ଏହା ସ୍ପନ୍ଦନ ସୃଷ୍ଟି କରେ ଯାହାକି ପରିଣାମରେ, କାର୍ଯ୍ୟରେ, ଏପରିକି ଜାଗତିକ ସ୍ତରରେ ମଧ୍ୟ ଜଡ଼ବସ୍ତୁ ରୂପରେ ପ୍ରକାଶିତ ହୋଇଥାଏ।

... ସର୍ବୋତ୍ତମ ଶବ୍ଦ, ସର୍ବୋତ୍ତମ ବାକ୍ୟର ଭାଷା... ହେଉଛି ପବିତ୍ର ଅସ୍ତିତ୍ୱର ସ୍ପନ୍ଦନ, ଅସୀମ ଓ ସର୍ବଶକ୍ତିମାନ୍ ଚେତନାର ଅନୁଭୂତିସମ୍ପନ୍ନ ଏବଂ ମୌଳିକ ଶକ୍ତି ବିଶିଷ୍ଟ ପ୍ରବୃତ୍ତି। ତାହା ମାନସିକ ଶକ୍ତି ପଶ୍ଚାତରେ ଥିବା ସର୍ବୋଚ୍ଚ ମନ ଦ୍ୱାରା ସତ୍ୟ ସମ୍ବନ୍ଧୀୟ ଅବଶ୍ୟମ୍ଭାବୀ ଶବ୍ଦର ରୂପ ଧାରଣ କରିଛି। ଯେକୌଣସି ସ୍ତରରେ ଥିବା ଯେକୌଣସି ପଦାର୍ଥ ମଧ୍ୟରୁ ଏପ୍ରକାର ସୃଜନଶୀଳ କାର୍ଯ୍ୟ-ସାଧନର ଉପାୟ ଦ୍ୱାରା ଏହି ରୂପ କିଂବା ଭୌତିକ ପ୍ରକାଶ ଦୃଷ୍ଟି ଗୋଚର ହୋଇଥାଏ। ଏହି ପରମସତ୍ୟକୁ ବ୍ୟବହାର କରୁଥିବା ଅତିମାନସ ହେଉଛି ସୃଜନଶୀଳ ପ୍ରତୀକ।

ପରମ ଶବ୍ଦର ନିଜସ୍ୱ ମୌଳିକ ଧ୍ୱନି ରହିଛି – ବେଦରେ ଥିବା ଶାଶ୍ୱତ ଶବ୍ଦ 'ଓଁ' ସମ୍ବନ୍ଧରେ ଓ ତାନ୍ତ୍ରିକମାନଙ୍କର ମୌଳିକ ଧ୍ୱନି ସମ୍ବନ୍ଧରେ ଏହା ସୂଚନା ଦେଇଥାଏ, ଯାହାକି ସମସ୍ତ ବିଷୟବସ୍ତୁର ମୂଳତତ୍ତ୍ୱ ବହନ କରିଥାଏ। ଏହାର ନିଜର ରୂପ ଅଛି, ଯାହାକି ପ୍ରକାଶମାନ ଏବଂ ଉତ୍ସାହପ୍ରଦ ବାକ୍ୟାଂଶର ପଶ୍ଚାତରେ ଥାଏ। ତାହା ମଣିଷର ଉଚ୍ଚତମ ପ୍ରବୃତ୍ତି ଜାଗ୍ରତ୍ କରାଏ। ଏମାନେ ସମସ୍ତେ ବିଶ୍ୱ ମଧ୍ୟରେ ବସ୍ତୁର ଆକୃତି ଗଠନ ନିମନ୍ତେ ବାଧ୍ୟ କରନ୍ତି। ଏହାର ଏକ ପ୍ରକାର ଛନ୍ଦ ଥାଏ – ଯାହାକି କୌଣସି ବିଶୃଙ୍ଖଳ କମ୍ପନ ନୁହେଁ। କିନ୍ତୁ ଏହା ବିରାଟ ଜାଗତିକ ପରିସର ମଧ୍ୟକୁ ଗତି କରେ – ଏବଂ ଛନ୍ଦ ଅନୁସାରେ ଯେଉଁ ପୃଥିବୀ ସୃଷ୍ଟି ହୁଏ ତାହାର ନିୟମ, ବ୍ୟବସ୍ଥା, ସମନ୍ୱୟ ଓ କାର୍ଯ୍ୟ କରିବାର ବିଧି ଏହା ପ୍ରସ୍ତୁତ କରେ। ଆମର ଜୀବନ ହେଉଛି ଭଗବାନଙ୍କର ଏକ ଛନ୍ଦ।

କିନ୍ତୁ ପୃଥିବୀରେ ଚେତନା ସମ୍ମୁଖରେ ଶବ୍ଦ ଦ୍ୱାରା କ'ଣ ପ୍ରକାଶିତ ହୁଏ ? ଏହା 'ବ୍ରହ୍ମନ୍' ନୁହେଁ, କିନ୍ତୁ 'ବ୍ରହ୍ମନ୍'ର ଅସାଧାରଣ ରୂପ ସମୂହ। 'ବ୍ରହ୍ମନ୍' ଶବ୍ଦ ନୁହନ୍ତି କିଂବା ସେ ଶବ୍ଦ ଦ୍ୱାରା ପ୍ରକାଶିତ ହୋଇ ପାରିବେ ନାହିଁ। ସେ ନିଜର ପ୍ରକାଶ ନିମନ୍ତେ ଶବ୍ଦକୁ ବ୍ୟବହାର କରନ୍ତି ନାହିଁ, କିନ୍ତୁ ତାଙ୍କର ଆତ୍ମ-ସଚେତନତା ତାଙ୍କୁ ଜାଣିଥାଏ। ଏପରିକି ତାଙ୍କର ସତ୍ୟ ଯାହାକି ଜାଗତିକ ବସ୍ତୁର ଆକାର ପଶ୍ଚାତରେ ଥାଏ, ତାହା ସର୍ବଦା ତାଙ୍କ ନିଜର ଶାଶ୍ୱତ ଦୃଷ୍ଟିରେ ପ୍ରକାଶିତ ହୋଇଥାଏ। ବାକ୍‌ଶକ୍ତି ସୃଷ୍ଟି କରେ, ନିଜକୁ ବ୍ୟକ୍ତ କରେ, କିନ୍ତୁ ତାହା ନିଜେ କେବଳ ଏକ ସୃଷ୍ଟି ଏବଂ ଅଭିବ୍ୟକ୍ତି। 'ବ୍ରହ୍ମନ୍' ବାକ୍‌ଶକ୍ତି ଦ୍ୱାରା ପ୍ରକାଶିତ ହୁଅନ୍ତି ନାହିଁ, କିନ୍ତୁ ବାକ୍‌ଶକ୍ତି ନିଜେ 'ବ୍ରହ୍ମନ୍'ଙ୍କ ଦ୍ୱାରା ପ୍ରକାଶିତ ହୁଏ।

ଅତଏବ ଆମେ ସର୍ବଶେଷରେ ପୃଥିବୀର ଘଟଣାବଳୀ ଓ ଦୃଶ୍ୟମାନ ବସ୍ତୁ ସମୂହକୁ ଆମର ବିଚାର୍ଯ୍ୟ ବିଷୟ ରୂପେ ଗ୍ରହଣ କରିବା ନାହିଁ । କିନ୍ତୁ ଯେଉଁ ମହାନ୍ ଶକ୍ତି ତାଙ୍କ ନିଜ ଭିତରୁ 'ଶବ୍ଦ'କୁ ବାହାର କରିବା ଫଳରେ ସେସବୁ ଆମ ଚେତନା ଦ୍ୱାରା ଓ ଆମର ଇଚ୍ଛାଶକ୍ତି ଦ୍ୱାରା ବିଚାର କରିବା ପାଇଁ ଆକାର ରୂପେ ପ୍ରାପ୍ତ ହୋଇପାରୁଛି, ତାହାକୁ ବିଚାର୍ଯ୍ୟ ବିଷୟ ରୂପେ ଗ୍ରହଣ କରିବା । ଅନ୍ୟ ଭାଷାରେ କହିବାକୁ ଗଲେ ସର୍ବୋତ୍ତମ ଅସ୍ତିତ୍ୱହିଁ ସମସ୍ତ ସୃଷ୍ଟିର ମୂଳ ।

(All India Magazine, Dec. 2001, p. 25)

ଅନୁବାଦ : ପ୍ରୀତି ପଟ୍ଟନାୟକ ❑

## କଥା କହିବାର ଫଳ

ଶିକାରୀଟିଏ ଜଙ୍ଗଲରେ ବୁଲୁଥିଲା । ଦେଖିଲା ଘୋର ଜଙ୍ଗଲ ମଧ୍ୟରେ ପଡ଼ିଛି ମଣିଷ ଖପୁରିଟିଏ । ସେ ବହୁତ ଆଶ୍ଚର୍ଯ୍ୟ ହୋଇ ପଚାରିଲା, ''ତୁମେ ଏଠାକୁ କିପରି ଆସିଲ ?''

ଖପୁରି ଉତ୍ତର ଦେଲା – ''କଥା କହିବାର ଦୋଷ ଯୋଗୁଁ ମୋର ଏପରି ଦୁର୍ଦ୍ଦଶା ହୋଇଛି ।''

ଖପୁରିଟି କଥା କହିବାର ଦେଖି ଶିକାରୀଟି ଆଶ୍ଚର୍ଯ୍ୟ ହୋଇଗଲା ଓ ଏ ସମ୍ବାଦ ରାଜାଙ୍କୁ ଦେବାକୁ ତତ୍‌କ୍ଷଣାତ୍ ଦୌଡ଼ିଲା । ରାଜାଙ୍କ ପାଖରେ ପହଞ୍ଚି କହିଲା, ''ମହାରାଜ, ଖପୁରିଟିଏ କଥା କହିବାର ମୁଁ ଜଙ୍ଗଲରେ ଶୁଣିଲି ଆଉ ଦେଖିଲି ।'' ରାଜା ବା ତାଙ୍କ ପାତ୍ରମନ୍ତ୍ରିବର୍ଗ କେହି ଏକଥା ବିଶ୍ୱାସ କଲେ ନାହିଁ । ତେବେ ଏହା କେତେ ଦୂର ସତ୍ୟ ପରୀକ୍ଷା କରିବା ପାଇଁ ରାଜା ପାତ୍ରମନ୍ତ୍ରୀ ଧରି ଜଙ୍ଗଲକୁ ଗଲେ ।

ସେମାନେ ଯାଇ ମଣିଷ ମୁଣ୍ଡର ଖପୁରି ହାଡ଼ ପାଖରେ ପହଞ୍ଚିଲେ । ପୂର୍ବ ପରି ଶିକାରୀ ପଚାରିଲା, ''ତୁମେ ଏଠାକୁ କିପରି ଆସିଲ ?'' କୌଣସି ଉତ୍ତର ନାହିଁ । ଖପୁରିଟି ନୀରବ । ରାଜା ରାଗିଗଲେ ଭୀଷଣ ଭାବରେ । ତାକୁ ମିଛୁଆ ବୋଲି କହିଲେ ଏବଂ ଦେହରକ୍ଷୀମାନଙ୍କୁ କହିଲେ, ''ଏହି ମିଥ୍ୟାଚାରୀ, ଠକ ଲୋକଟାର ଶୀଘ୍ର ଶିରଚ୍ଛେଦନ କର ଓ ତା'ର ମୁଣ୍ଡଟା ସେହି ଖପୁରି ପାଖରେ ଫିଙ୍ଗି ଦିଅ ।'' ରାଜାଙ୍କ ଆଦେଶ ତତ୍‌କ୍ଷଣାତ୍ ପାଳନ କରାଗଲା । ଶିକାରୀର ମୁଣ୍ଡକାଟ ହେଲା ଓ ମୁଣ୍ଡଟିକୁ ପୂର୍ବ ଖପୁରି ପାଖରେ ଫିଙ୍ଗି ଦିଆଗଲା । ତା'ପରେ ରାଜା ପାତ୍ରମନ୍ତ୍ରୀ ଧରି ନିଜ ରାଜ୍ୟକୁ ପ୍ରତ୍ୟାବର୍ତ୍ତନ କଲେ ।

ସମସ୍ତେ ଚାଲିଯିବା ପରେ ଖପୁରିଟି ଶିକାରୀର କଟାମୁଣ୍ଡକୁ ଚାହିଁ ପଚାରିଲା, ''ବନ୍ଧୁ, ତୁମେ ଏଠାକୁ କିପରି ଆସିଲ ?''

ଶିକାରୀର କଟା ମୁଣ୍ଡ କହିଲା – ''କଥା କହିବା ଯୋଗୁଁ ମୋର ଏ ଦୁର୍ଦ୍ଦଶା । ସେଥିପାଇଁ ମୁଁ ଏଠାକୁ ଆସିଲି ।''

( 'ଗଳ୍ପ ଅନନ୍ୟ', ପୃଷ୍ଠା ୩୭ରୁ ସଂଗୃହୀତ, ରଚନା : ଫାଲ୍‌ଗୁନୀ)

ପ୍ରଥମ କଥା ଯାହା ଆବଶ୍ୟକ ତାହା ହେଉଛି ନିଜ ଉପରେ ସଂଯମ, ବିଶେଷ କରି ନିଜ ବାକ୍‌ଶକ୍ତି ଉପରେ । ଯଦି ଲୋକମାନେ ନୀରବ ରହିବାକୁ ଶିକ୍ଷା କରିପାରନ୍ତେ ତେବେ କେତେ ଅସୁବିଧାକୁ ଏଡ଼େଇ ଦେଇ ହୁଅନ୍ତା !

– ଶ୍ରୀମା

# ଶ୍ରୀଅରବିନ୍ଦଙ୍କ ଶରୀର ତ୍ୟାଗ

## (୬)

## ସାହାନା ଦେବୀ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

''A consciousness lay still, devoid of forms,
Free, wordless, uncoerced by sign or rule,''
(Savitri, p. 297)

**କ'ଣ ଦେଖିଛି ଏଇ ଚକ୍ଷୁରେ ସେତେବେଳେ !**

... ତେବେ ବି ଆମେ ସମସ୍ତେ ବାରଂବାର ଯାଉଛୁ ଏବଂ ଆସୁଛୁ । ଦେଖୁଛି ସମସ୍ତଙ୍କ ମନରେ ଏକ ଭିନ୍ନ ଭାବ ଜନ୍ମ ନେଇଛି – ଶ୍ରୀଅରବିନ୍ଦ ସଶରୀରେ ଅଛନ୍ତି, ଶରୀର ଛାଡ଼ି ଯାଇ ନାହାନ୍ତି । ଆମ ସମସ୍ତଙ୍କର ଅନ୍ତର ବର୍ତ୍ତମାନ ସେଇ ବିଶ୍ୱାସ ଅବିଶ୍ୱାସର ଭଙ୍ଗାରୁଜା ପଥ ଦେଇ ଚାଲୁ ନାହିଁ । ସେଇ ପଥରେ ପାଦ ଥାପିଛି ଯାହାର ଆଲୋକରେ ଦେଖୁଛି ପରମ ଆଶ୍ଚର୍ଯ୍ୟର ସହ : ଆଶ୍ଚର୍ଯ୍ୟକୁ ଆଶ୍ଚର୍ଯ୍ୟ କରିଦେଇ ଦେଖୁଛି ସେଇ ଏକ ପ୍ରକାରର ଭାବରେ, ସେଇ ପ୍ରକାଶିତ ଅବର୍ଣ୍ଣନୀୟ ଦିବ୍ୟ-ସ୍ୱରୂପରେ ତାଙ୍କର ବିଦ୍ୟମାନ ରହିବା – କେଉଁଠି କୌଣସି ପରିବର୍ତ୍ତନ ନାହିଁ । ଗୃହ ମଧ୍ୟକୁ ପ୍ରବେଶ କରିବା ସଙ୍ଗେ ସଙ୍ଗେ ଗଭୀରରୁ ଗଭୀରତର, ସ୍ପଷ୍ଟରୁ ସ୍ପଷ୍ଟତର ହୋଇ ଉଠୁଥାଏ ଏଇ ଅନୁଭବ – କୌଣସି ଏକ ଅପାର୍ଥିବ ଦିବ୍ୟ ମାନବତାର ଅଭିନବ, ଅପ୍ରତିମ ପ୍ରକାଶରେ ପ୍ରକୋଷ୍ଠ ମଧ୍ୟରେ କିଛି ଯେପରି ଭାସ୍ୱର ହୋଇ ଉଠୁଛି ! ସେଇ ସମୟର ବିଚିତ୍ରତମ, ଅମୂଲ୍ୟ, ମହାଶ୍ଚର୍ଯ୍ୟଜନକ ଅଭିଜ୍ଞତାର, ତାଙ୍କର ସେହି ମହାମହିମମୟ ରୂପ ଦର୍ଶନର ଅନୁଭୂତି ସବୁ ମୋର ଅନ୍ତର ମଧ୍ୟରେ ପ୍ରକାଶ ନିମନ୍ତେ ପଥ ଖୋଜି ବୁଲୁଛନ୍ତି । କହିବାକୁ ଗଲେ କେବଳ ଯେପରି ଜଣାଯାଉଛି ଅନୁଭୂତି ମଧ୍ୟରେ ଭାଷା ସ୍ତବ୍ଧ ହୋଇ ଯାଉଛି । ଏତିକି ହୁଏତ କୁହାଯାଇପାରେ ଯେ ବନ୍ଦ ହୋଇଥିବା କୌଣସି ଏକ ଊର୍ଦ୍ଧ୍ୱଲୋକର ତୋରଣ ଦ୍ୱାର କେହି ଯେପରି ଖୋଲି ଦେଇଛି – ସେଇ ଦିଗକୁ ଦୃଷ୍ଟି ଆକର୍ଷଣ କରୁଛି ବାରଂବାର, ଦୃଷ୍ଟି ନିବଦ୍ଧ ହେଉଛି ତାହାରି ଉପରେହିଁ । କେତେବେଳେ ମୋର ରୂପର ଆକାର(form)ର ଦୃଷ୍ଟି ଘୁଞ୍ଚି ଯାଇଛି ତାହା ବୁଝି ବି ପାରିନି – ଦେଖୁଛି ସେଇ ଅଜଣାଲୋକର ମଝିରେ ଶାୟିତ ଭାବରେ ଯେପରି ରୂପାତୀତ ଏକ ଅମିତ ଆଭା ! –

ଚାରିଦିନ କଟିଗଲା ଏଇ ଅବସ୍ଥାରେ । ଆଗ୍ରହ ସହକାରେ ବାରଂବାର ଯାଉଛି ଏବଂ ଆସୁଛି, କ୍ରମଶଃ ଆଶାର ଆଲୋକରେ କ'ଣ ଘଟିବାକୁ ଯାଉଛି ତାହା ଫୁଟି ଉଠିବାକୁ ଲାଗିଲା – ପ୍ରଭାତର ଆଲୋକ ପରି ଧୀରେ ଧୀରେ । ତାଙ୍କର ଏଇ ଅବ୍ୟକ୍ତ ସ୍ୱରୂପର ପ୍ରତିଭାତ ପ୍ରଭାରେ ଆମେ ସେତେବେଳେ ଦେଖୁଛୁଁ ସବୁ ଅନ୍ୟ ପ୍ରକାରର । ଅନ୍ତରର କୌଣସି ଦ୍ୱାର ଯେପରି ଖୋଲି ଗଲା – ସମସ୍ତଙ୍କ ମଧ୍ୟରେ ଏକ ନିଶ୍ଚିତ ଭାବ; ବିଶ୍ୱାସ ବସା ବାନ୍ଧୁଛି ଯେ ଅସମ୍ଭବ କିଛି ସମ୍ଭବ ହେବାକୁ ଯାଉଛି, ଅସାମାନ୍ୟ କିଛି ଘଟିବାକୁ ଯାଉଛି – କିଛି ଗୋଟାଏ ଅଘଟଣ ଘଟିବାର ସମ୍ଭାବନା ସମସ୍ତେ ମନରେ ଭାବୁଛନ୍ତି, ଠିକ୍ ସେଇ ସମୟରେ ପଞ୍ଚମ ଦିନ ଅର୍ଥାତ୍ ୯ ଡିସେମ୍ବର ସକାଳେ ଆମ ସମସ୍ତଙ୍କୁ ଜଣାଇ ଦିଆଗଲା – ଶ୍ରୀଅରବିନ୍ଦଙ୍କ ଶରୀରକୁ ସମାଧିସ୍ଥ କରାହେବ ଅପରାହ୍ନ ୫ଟା ସମୟରେ, ଏଇ ଖବରରେ ହଠାତ୍ ସବୁ ଆଲୋକ ଲିଭିଗଲା । ଅନ୍ଧକାର ଘନଘୋର ହୋଇ ଘନେଇ ଆସିଲା ସମସ୍ତ ସତ୍ତାକୁ ଆଚ୍ଛନ୍ନ କରି, ସବୁ ସମ୍ଭାବନାକୁ ନିର୍ମୂଳ କରି, ଲୁପ୍ତ କରି ! ପୁଣି ଭିତରୁ ବାଣୀ ଆସିଲା – ''ଶ୍ରୀଅରବିନ୍ଦ ତ ଚାଲି ଯାଇ ନାହାନ୍ତି, ଘୁଞ୍ଚି ଯାଇଛନ୍ତି କେବଳ'' – ଆଲୋକ ଜଳି ଉଠିଲା ଅନ୍ତରର ନିଭୃତ କକ୍ଷରେ । ସେଇ ଆଲୋକରେ ଶ୍ରୀଅରବିନ୍ଦଙ୍କୁ ଦେଖିଲି ଯେଉଁ ଆଲୋକ ଲିଭିବ ନାହିଁ – ଦେଖିଲି ସେ ହେଉଛନ୍ତି ଅଦ୍ୱିତୀୟ ! ମାନବ ରୂପରେ ହେଉ, ବିଧାତାଙ୍କ ସ୍ୱରୂପରେ ହେଉ, ତାଙ୍କର ତୁଳନା କେବଳ ଏକମାତ୍ର ସେ – ଏକ ଏବଂ ଅଦ୍ୱିତୀୟ !

୯ ଡିସେମ୍ବରରେ ସେଇ ସମୟରେ ଯାଇ ଛିଡ଼ା ହେଲି ଦ୍ୱାର ନିକଟରେ ଯେଉଁ ପଥ ଦେଇ ଅବତରଣ କରାହେବ ତାଙ୍କର ପୁଣ୍ୟ ଦେହାଧାର; ସମାଧିସ୍ଥ କରାହେବ ଏଇ ଦିବ୍ୟତନୁ, ଯେଉଁ ତନୁ ଧାରଣ କରି ସେ ଆସିଥିଲେ ଆମ ନିକଟକୁ,

ଦେଖା ଦେଇଥିଲେ ଏକାଧାରରେ ସେଇ ଅଦ୍ୱିତୀୟ କରୁଣାମୟ, ପ୍ରେମମୟ, କ୍ଷମାମୟ, ସର୍ବମଙ୍ଗଳମୟ, ଅଭୟଦାତା, ପ୍ରେରଣାଦାତା, ପରିତ୍ରାତା ଉଠାଇ ଦେବାକୁ, ଉଠାଇ ନେବାକୁ ଆପଣାର ବକ୍ଷ ମଧ୍ୟରେ ଚିର ଆଶ୍ରୟରେ ଆପଣାର ହୋଇ ଦେଉଥିଲେ ଏପରି ଏକ ସ୍ଥାନ ଯେଉଁଠାରେ ଆଉ କେହି ସ୍ଥାନ ଦେଇ ପାରେନା । ତାଙ୍କର ଅପରିସୀମ ସ୍ନେହମୟ ସହାନୁଭୂତିପୂର୍ଣ୍ଣ ମଧୁବୋଳା ବ୍ୟବହାରର ଦୃଷ୍ଟାନ୍ତ – ଏଇ ସମସ୍ତହିଁ କୃତଜ୍ଞତାପୂର୍ଣ୍ଣ ଅନ୍ତରକୁ କେବଳ ଅଶ୍ରୁଉଜ୍ଜ୍ୱଳ କରି ତୋଳୁଥିଲା ! ତାଙ୍କର ସ୍ୱର୍ଗୀୟ ଶରୀର ଗୋଟିଏ ମନୋରମ କାଷ୍ଠ ନିର୍ମିତ ପେଟିକା ମଧ୍ୟରେ ରଖା ହୋଇଥିଲା – ଯେଉଁମାନେ ତା'କୁ ବହନ କରି ନେଇ ଆସିଲେ ତାଙ୍କ ମଧ୍ୟରେ ଚମ୍ପକଲାଲ, ଦ୍ୟୁମାନ୍, ମନେହେଉଛି ନୀରଦକୁ ମଧ୍ୟ ଦେଖିଲି, ଆହୁରି ସବୁ କିଏ ଥିଲେ ନୟନର ଅଶ୍ରୁଧାରାରେ ସବୁ ଝାପ୍‌ସା ହୋଇ ଯାଉଥିଲା, ସେ ଆଡ଼କୁ ଆଉ ମନ ବି ନଥିଲା । ଧୀରେ ଧୀରେ ସମାଧିସ୍ଥ କରାହେଲା ଏଇ ଶରୀର ! ଦେଖିଲି, ସହ୍ୟ କଲି ! ତା'ପରେ ସର୍ବଶେଷରେ ବାଲି ମାଟି ଦେଇ ସମାଧିର ସବୁ ଅଂଶକୁ ଢାଙ୍କି ଦିଆଗଲା । ଆମେ ସମସ୍ତେ ମଧ୍ୟ ଝୁଡ଼ିରୁ ମାଟି ନେଇ ତାଙ୍କ ମହାସମାଧି ଉପରେ ଦେଇଥିଲୁ !

– ''ଏ ମହାସମାଧି, ନୁହେଁ ଶେଷ, ନୁହେଁ ସମାପ୍ତି
କର୍ମ ଜୀବନର ତବ,
ଏ ନୁହେଁ ତିରୋଧାନ ମର୍ତ୍ତ୍ୟଭୂମି ଠାରୁ;
– ପଟପରିବର୍ତ୍ତନ ଏ ନବ ପନ୍ଥା ଅବଲମ୍ବନର
ଅତି ଅବଶ୍ୟମ୍ଭାବିତ ବିଜୟର ନବତର ପଥେ ।'' –

ତେବେ କ'ଣ ଶରୀରର ଶେଷ ?
ନୁହେଁ, ତା ବି ନୁହେଁ, ଶେଷ ନାହିଁ କୌଣସି ଠାରେ,
ମାଟି ସଙ୍ଗେ ମାଟି ହୋଇ
ରହିବେ ପୃଥିବୀରେ
ପରଶି ଦେଉଥିଲେ ଆଶୀର୍ବାଦ ରୂପେ
ହୋଇ ତା'ର ଭାରବାହୀ,
ଅନ୍ଧକାର-ଅନ୍ତଃସ୍ଥଳବର୍ମ ଭେଦୀ ନିରନ୍ଧ୍ର ତିମିରେ
ଯେତେଦିନ ଆଲୋକ ନାହିଁ ପଶେ ।''...

– କ'ଣ ଦେଖୁଛି ଏହି କେତେ ଦିନ କେବଳ ତାଙ୍କୁହିଁ ଦେଖୁଛି ଯେପରି । ଅନ୍ତରାତ୍ମାରେ ମଧ୍ୟ ଘାରି ରହିଛି ତାହାରି ପ୍ରଭାବ ।

କିଛିକାଳ କଟିଗଲା, ମୁଁ ଲକ୍ଷ୍ୟ କରୁଛି ମୁଁ ଯେପରି କେମିତି ହୋଇ ଯାଉଛି । ମୋ ଭିତରେ ସବୁ କିଛିରେ ଏକ ଅବସନ୍ନ, ଭରସାହୀନତାର ଭାବ, କିଛି ବି ଭଲ ଲାଗୁ ନାହିଁ, ବୁଝି ପାରୁଛି ଅବସ୍ଥାଟା ବିଶେଷ ସୁବିଧାର ନୁହେଁ, ତେବେ ବି ତା'ର ପ୍ରତିକାରର ଚେଷ୍ଟା ବା ତା'ର କୌଣସି ପ୍ରକାର ଉତ୍ତର ଭିତରୁ ଆସୁ ନାହିଁ, ସେଇ ରୂପେ ଚାଲିଛି । କ୍ରମଶଃ ମୁଁ ଯେ ଏକ ଅନ୍ଧକାରାଚ୍ଛନ୍ନ ଅବସ୍ଥା ମଧ୍ୟରେ ପ୍ରବେଶ କରୁଛି, ତାହା ବି ଦେଖି ପାରୁଛି ପରିଷ୍କାର ଭାବରେ । କେବେଠାରୁ ଏଇ ଅବସ୍ଥାର ଆରମ୍ଭ ତାହା ବି ଠିକ୍ କହି ପାରିବି ନାହିଁ । ତେବେ ଶ୍ରୀଅରବିନ୍ଦଙ୍କ ତିରୋଧାନ ପରଠାରୁ ଧୀରେ ଧୀରେ ଅନ୍ଧକାରଗାମୀ ଏକ ପଥରେଖା ଯେମିତି ମୋତେ କେବଳ ଟାଣୁଥାଏ । ମୁଁ ମଧ୍ୟ ଯେପରି ନିଜକୁ କେତେକ ପରିମାଣରେ ଛାଡ଼ି ଦେଇଛି, କୌଣସି କିଛିକୁ ମୁଁ ବିଶେଷ ଜୋର୍ ଦେଉ ନଥିଲି, ପୁଣି ମୁଁ ଯେ ଏକେବାରେ ଉଦାସୀନ ତାହା ବି ଠିକ୍ କୁହାଯିବ ନାହିଁ, କିପରି ଏକ ଶରୀର ଛାଡ଼ିବାର କଠିନ ଭାବ । ତା'ପରେ ମୁଁ ଦେଖିଲି ମୋ ଭିତରେ ଘନେଇ ଆସିବାକୁ ଲାଗିଲା ଏକ ଘୋର ଅନ୍ଧକାର ଏବଂ ତାହା କ୍ରମଶଃ ମୋତେ ଆଚ୍ଛନ୍ନ କରି ଶେଷରେ ସମ୍ପୂର୍ଣ୍ଣ ଗ୍ରାସ କରି ପକାଇଲା । ମୋ ମଧ୍ୟରେ ଜାଗି ଉଠିଲା ନିଜକୁ ଚିରଦିନ ଲାଗି ନିଃଶେଷ କରି ଦେବାର ଏକ ପ୍ରଚଣ୍ଡ, ଅଦମ୍ୟ, ଉତ୍କଟ, ଉଦ୍ଦାମ ପ୍ରବଣତା ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑

ଶ୍ରୀଅରବିନ୍ଦ ନିରନ୍ତର ଆମ ମେଳରେ ଉପସ୍ଥିତ ଅଛନ୍ତି ଏବଂ ଯେଉଁମାନେ ତାଙ୍କୁ ଦେଖିବାକୁ ଓ ଶୁଣିବାକୁ ପ୍ରସ୍ତୁତ ଅଛନ୍ତି ସେମାନଙ୍କ ନିକଟରେ ସେ ନିଜକୁ ଅଭିବ୍ୟକ୍ତ କରୁଛନ୍ତି ।

ଆଶୀର୍ବାଦ – ଶ୍ରୀମା

# କୃତଜ୍ଞତା ସମ୍ପର୍କରେ

## (୨)


## କୁମାର ଚନ୍ଦ୍ର ମିଶ୍ର


[ଶ୍ରୀମା'ଙ୍କ ପ୍ରତୀକରେ ଦର୍ଶାଯାଇଥିବା ବାର ପ୍ରକାରର ପୁଷ୍ପ ବାରଟି ଶ୍ରେୟୋଗୁଣକୁ ପ୍ରତିନିଧିତ୍ୱ କରନ୍ତି । ସେହି ଶ୍ରେୟୋଗୁଣଗୁଡ଼ିକ ମଧ୍ୟରୁ 'କୃତଜ୍ଞତା' (GRATITUDE) ହେଉଛି ଅନ୍ୟତମ । ଶ୍ରୀମା ଅମରୀ ଫୁଲକୁ କୃତଜ୍ଞତାର ଆଧ୍ୟାତ୍ମିକ ପ୍ରତିନିଧି ରୂପେ ଗ୍ରହଣ କରିଛନ୍ତି । ଇଂରାଜୀରେ ଏହି ଫୁଲର ସାଧାରଣ ନାମ ହେଲା "Wooden Rose" ଓ ବୈଜ୍ଞାନିକ ନାମ ''Ipomea Carnea'' କୁହାଯାଏ ।

ଦିବ୍ୟଜନନୀ ଶ୍ରୀମା କହନ୍ତି : ''କୃତଜ୍ଞତା : ତୁମେ ନିଜେହିଁ ଯାବତୀୟ ନିବୁଜ ବାତାୟନଗୁଡ଼ିକୁ ଉନ୍ମୁକ୍ତ କରିଦିଅ ଓ ପରିତ୍ରାଣକାରୀ ସେହି ଦିବ୍ୟକୃପାକୁ ଗଭୀରଭାବେ ଭେଦକରି ପ୍ରବେଶ କରିବାକୁ ଅନୁମତି ଦେଇଥାଅ ।''

"Gratitude : it is you who open all the closed doors and let the Grace which saves penetrate deeply." (CWM Vol. 14, p. 154)

ନିମ୍ନଲିଖିତ ଆଲୋଚନାଟିରେ କୃତଜ୍ଞତା ସମ୍ପର୍କିତ କିଛି ତଥ୍ୟ ଓ ତତ୍ତ୍ୱ ଉପସ୍ଥାପନ କରାଯାଇଛି ।]

**ଦିବ୍ୟଜନନୀ ଶ୍ରୀମା କହନ୍ତି :**

''The nobility of a being is measured by its capacity of gratitude.''

(CWM : Vol. 14, p. 155)

ଅର୍ଥାତ୍, ''କୃତଜ୍ଞତା ଲାଗି ଗୋଟିଏ ସତ୍ତାର ପ୍ରକୃତରେ କେତେ ସାମର୍ଥ୍ୟ ରହିଛି, ସେଇଥିରୁହିଁ ତାହାର ମହାନତା କଳନା କରାଯାଇପାରେ ।''

ଏ ପ୍ରସଙ୍ଗରେ ରାମାୟଣରେ ବର୍ଣ୍ଣିତ କେତୋଟି ଘଟଣା ସ୍ମୃତିପଟରେ ଉଙ୍କିମାରେ । କଶ୍ୟପ ଋଷିଙ୍କ ଔରସରୁ ଓ ବିନତା ଦେବୀଙ୍କ ଗର୍ଭରୁ ଜନ୍ମିତ ପୁତ୍ର 'ଅରୁଣ' ସୂର୍ଯ୍ୟଦେବଙ୍କ ରଥର ସାରଥି ଥିଲେ । ଅରୁଣ ଦେବଙ୍କ ଦୁଇ ପୁତ୍ରଙ୍କ ନାମ ଥିଲା ଜଟାୟୁ ଓ ସମ୍ପାତି । ସେମାନେ ଥିଲେ ଶକୁନ ଦେହଧାରୀ ଦୁଇଟି ଦିବ୍ୟପକ୍ଷୀ, ସେ ଦୁହେଁ ଥିଲେ ଅମିତ ପରାକ୍ରମୀ, ଶୌର୍ଯ୍ୟ, ବୀର୍ଯ୍ୟ ଓ ବୀରତ୍ୱରେ ଅଦ୍ୱିତୀୟ । ଦିନେ ଗୃଧ୍ରରାଜ ଜଟାୟୁ ଦଣ୍ଡକ ବନର ଆକାଶରେ ସ୍ୱଚ୍ଛନ୍ଦରେ ବିଚରଣ କଲାବେଳେ ଲକ୍ଷ୍ୟକଲେ ଯେ ଦୁରାଚାରୀ ଦୁଷ୍ଟ ରାବଣ ସତୀ ଶିରୋମଣି ସୀତାଙ୍କୁ ତା'ର ପୁଷ୍ପକ ବିମାନରେ ବସାଇ ବଳପୂର୍ବକ ଦକ୍ଷିଣ ମୁହାଁ ଉଡ଼େଇ ନେଉଛି । ଗୃଧ୍ରରାଜ ଜଟାୟୁ ପ୍ରାଣମୂର୍ଚ୍ଛା ରାବଣର ଗତିରୋଧ କରି ଯୁଦ୍ଧ କରିଥିଲେ; ମାତ୍ର କ୍ରୂର ରାବଣ ତା'ର ତରବାରିରେ ତାଙ୍କର ଗୋଟିଏ ପକ୍ଷ ଛେଦନ କରି ଶରୀରଟିକୁ ରକ୍ତାକ୍ତ କରି ଦେଇଥିଲା । ବୃଦ୍ଧାବସ୍ଥାଜନିତ ଦୁର୍ବଳତା ଯୋଗୁଁ ଜଟାୟୁ ମୂର୍ଚ୍ଛିତ ହୋଇ ଭୂପୃଷ୍ଠରେ ପଡ଼ିରହିଲେ । ଶ୍ରୀରାମଚନ୍ଦ୍ର ସତୀ ସୀତାଙ୍କୁ ଅନ୍ୱେଷଣ କରୁଥିବା ଅବସରରେ ଦଣ୍ଡକାରଣ୍ୟରେ ଜଟାୟୁଙ୍କୁ ମୁମୂର୍ଷୁ ଅବସ୍ଥାରେ ଦେଖି ଅଟକି ଗଲେ । ସେତେବେଳେ ଗୃଧ୍ରରାଜ ଜଟାୟୁ ନିଜ ପରିଚୟ ଦେଇ ତାଙ୍କୁ ସନ୍ଦେଶ ଦେଇଥିଲେ ଯେ ରାବଣ ସତୀ ସୀତାଙ୍କୁ ଅପହରଣ କରି ଦକ୍ଷିଣ ଦିଗକୁ ପୁଷ୍ପକ ବିମାନରେ ଉଡ଼ିଯାଇଛି । ଏହାପରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ଶ୍ରୀରାମଚନ୍ଦ୍ର ବିଗଳିତ ହୃଦୟରେ ଜଟାୟୁଙ୍କୁ କୋଳାଗ୍ରତ କରିଥିଲେ । ଶୋକ-ବିହ୍ୱଳିତ ହୋଇ ବୃଦ୍ଧ ଜଟାୟୁଙ୍କୁ ନିଜ ପିତୃତୁଲ୍ୟ ମନେ କରି ସେ ଭ୍ରାତା ଲକ୍ଷ୍ମଣଙ୍କ ସହାୟତାରେ ମରଣୋତ୍ତର ଅନ୍ତ୍ୟେଷ୍ଟିକ୍ରିୟା ନିଷ୍ଠାର ସହ ସମ୍ପାଦନ କରିଥିଲେ ।

ଲଙ୍କା ଆକ୍ରମଣ କରିବା ନିମିତ୍ତ ସମୁଦ୍ରରେ ସେତୁ ନିର୍ମାଣ ହେଉଥିବା ସମୟରେ ପର୍ଣ୍ଣମୃଗ(ଗୁଣ୍ଡୁଚି ମୂଷା)ଟିଏ ଓଦା ଦେହରେ ବାଲି ବୋଳି ହୋଇ ସେତୁ ଉପରେ ବାର ବାର ଝାଡ଼ି ଦେଇ ତାକୁ ସୁଦୃଢ଼ କରିବାର ପ୍ରୟାସକୁ ଲକ୍ଷ୍ୟକରି ତ୍ରେତୟା ଯୁଗର ଅବତାର ପୁରୁଷ ଶ୍ରୀରାମଚନ୍ଦ୍ର ତିନି ଅଙ୍ଗୁଳିରେ ତାକୁ ସସ୍ନେହରେ ଆଉଁଶି ଦେଇ ଆପଣାର କୃତଜ୍ଞତା ଜଣାଇଥିଲେ । ବୀର ହନୁମାନ ସୁଦୂର ହିମାଳୟରୁ ବିଶଲ୍ୟକରଣୀ ଜଡ଼ିବୁଟି ଆଣି ଇନ୍ଦ୍ରଜିତର ଶସ୍ତ୍ରାଘାତରେ ମୂର୍ଚ୍ଛିତ ହୋଇଥିବା ଭ୍ରାତା

ଲକ୍ଷ୍ମଣଙ୍କର ପ୍ରାଣରକ୍ଷା କରିଥିବାରୁ ଶ୍ରୀରାମଚନ୍ଦ୍ର ହନୁମାନଙ୍କୁ କୃତଜ୍ଞତାଭରା ଶୁଭେଚ୍ଛା ଜଣାଇଥିଲେ ଓ ଆଲିଙ୍ଗନ କରିଥିଲେ । ମହାଯୋଗୀ ଶ୍ରୀଅରବିନ୍ଦ ମଧ୍ୟ ମହାପ୍ରୟାଣ ପୂର୍ବରୁ ତାଙ୍କର ପରମଭକ୍ତ ଓ ସେବକ ଚମ୍ପକଲାଲଜିଙ୍କୁ ବାରମ୍ବାର ଆଲିଙ୍ଗନ କରି ଆପଣା କୃତଜ୍ଞତା ଜ୍ଞାପନ କରିଥିଲେ । ଜୀବ ଭଗବାନଙ୍କ ଠାରୁ କୃପା ପ୍ରାପ୍ତ କରି ଭଗବାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ସ୍ୱାଭାବିକ ମନେହୁଏ । ତେବେ ଭଗବାନ୍ ମଧ୍ୟ ଜୀବ ପ୍ରତି କୃତଜ୍ଞ ହୋଇପାରନ୍ତି – ଏହି ଘଟଣାସବୁ ତାହାର ଜ୍ୱଳନ୍ତ ପ୍ରମାଣ ଦିଏ । କୃତଜ୍ଞତାହିଁ ଜଣେ ବ୍ୟକ୍ତିର ମହାନତାର ପରିମାପକ ଓ ପରିଚାୟକ । ପରମେଶ୍ୱରଙ୍କ ମହାନତା ଅମାପ, ଅସୀମ, ଅକଳ୍ପନୀୟ ।

ଦିବ୍ୟକୃପା ମଣିଷକୁ ମହାନ୍ କରେ, ତା'ର ଚେତନାକୁ ସଂପ୍ରସାରିତ କରେ; ଅପୂର୍ବ, ଅସୀମ, ଅନୁପମ ଆନନ୍ଦ ଦେଇଥାଏ, ଅହଂକାରକୁ ବିଲୁପ୍ତ କରେ, ଆଧାରରେ ଶୁଦ୍ଧତା ଭରି ଦିଏ ।

ଏକଦା ଦିବ୍ୟଜନନୀ ଶ୍ରୀମା ଜନୈକ ସାଧକଙ୍କୁ କହିଥିଲେ : ପରମଙ୍କର ଚମତ୍କାର ଦିବ୍ୟକରୁଣା ପ୍ରତି କୃତଜ୍ଞତା ଜଣାଇବା ଲାଗି କଦାପି ଭୁଲିଯାଅ ନାହିଁ – ଯିଏକି ପ୍ରତ୍ୟେକ ବ୍ୟକ୍ତିକୁ ତା'ର ଦିବ୍ୟ ଲକ୍ଷ୍ୟ ଦିଗରେ ସଂକ୍ଷିପ୍ତତମ ମାର୍ଗରେ ପରିଚାଳିତ କରୁଛନ୍ତି – ତା'ର ଯାବତୀୟ ତ୍ରୁଟିବିଚ୍ୟୁତି ସତ୍ତ୍ୱେ – ତା'ର ଅଜ୍ଞାନତା ଓ ଅବୁଝାମଣା, ତା'ର ଅହଂକାର, ପ୍ରତିବାଦ ଓ ତା'ର ବିଦ୍ରୋହ ସତ୍ତ୍ୱେ ।

କୃତଜ୍ଞତାବୋଧର ପବିତ୍ର ଶିଖାଟି ଆମ ହୃଦୟରେ ସଦାସର୍ବଦା ପ୍ରଜ୍ୱଳିତ ହୋଇ ରହିଥିବା ଆବଶ୍ୟକ – ଉଷ୍ମ, ମଧୁର, ପ୍ରଦୀପ୍ତ ହୋଇ – ଯାବତୀୟ ଅହଂକାର, ଯାବତୀୟ ଅସ୍ୱଷ୍ଟତାକୁ ବିଲୁପ୍ତ କରିଦେବା ଲାଗି । ପରମଙ୍କ ଦିବ୍ୟକୃପା ପ୍ରତି କୃତଜ୍ଞତାବୋଧର ଜ୍ୱଳନ୍ତ ଶିଖାଟି ଯାହା ସାଧକକୁ ତା' ଲକ୍ଷ୍ୟ ଦିଗରେ ମାର୍ଗ ଦେଖାଏ ଓ ସେ ଯେତେ ଅଧିକରୁ ଅଧିକ କୃତଜ୍ଞ ହୁଏ, ଏହି ଦିବ୍ୟକୃପାର କ୍ରିୟାକୁ ସ୍ୱୀକୃତି ପ୍ରଦାନ କରେ ଓ ଧନ୍ୟବାଦ ଜଣାଏ, ସାଧନା ପଥଟି ତା'ର ସେତେ ଅଧିକ ସଂକ୍ଷିପ୍ତତର ହୁଏ ।

ବୋଧହୁଏ ସବୁ ଗତିବୃତ୍ତି ମଧ୍ୟରୁ ଯାହା ସବୁଠୁ ଅଧିକ ଆନନ୍ଦ ଦିଏ – ଏକ ଅବିମିଶ୍ରିତ ଆନନ୍ଦ, ଅହଂ ଦ୍ୱାରା ଅକଳଙ୍କିତ ଆନନ୍ଦ, ତାହା ହେଲା ସ୍ୱତଃସ୍ଫୂର୍ତ୍ତ କୃତଜ୍ଞତା ।

ଏହା ଏପରି କିଛି ବିଷୟ ଯାହା ଏକଦମ ନିଆରା । ଏହା ପ୍ରେମ ନୁହେଁ, ଏହା ଆତ୍ମଦାନ ନୁହେଁ, ଏହା ଏକ ପରିପୂର୍ଣ୍ଣ ଆନନ୍ଦ – ଅତିଶୟ ପରିପୂର୍ଣ୍ଣ ।

କୃତଜ୍ଞତା ଏକ ବିଶେଷ ସ୍ପନ୍ଦନ, ଏହାର ସମତୁଲ୍ୟ ଆଉ କୌଣସି ସ୍ପନ୍ଦନ ନାହିଁ ଯାହା ତୁମକୁ ସଂପ୍ରସାରିତ କରି ପାରିବ, ତୁମକୁ ତୃପ୍ତ କରି ପାରିବ – ଏହା ଏତେ ବେଶୀ ଭାବ ବିହ୍ୱଳିତ ଓ ଆଗ୍ରହପ୍ରଦ ।

ମାନବୀୟ ଚେତନାର ପହଞ୍ଚରେ ଥିବା ଯାବତୀୟ ଗତିବୃତ୍ତିଗୁଡ଼ିକ ମଧ୍ୟରୁ ଏହା ସୁନିଶ୍ଚିତ ରୂପେ ଏପରି ଏକ ବିଭାବ ଯାହା ତୁମ ଅହଂକାର ଗର୍ଭରୁ ତୁମକୁ ଟାଣିଆଣେ । ଅହଂକାରକୁ ବିଲୋପ କରେ ।

ଏହି ସ୍ପନ୍ଦନର ଶୁଦ୍ଧତା, ପବିତ୍ରତା, ନିର୍ମଳତା ମଧ୍ୟରେ ତୁମେ ଯେତେବେଳେ ଅବଗାହନ କରିବ, ତୁମେ ତତ୍କ୍ଷଣାତ୍ ଅନୁଭବ କରିବ ଯେ ଏହାର ସ୍ପନ୍ଦନ ଓ ପରମ ଦିବ୍ୟପ୍ରେମର ସ୍ପନ୍ଦନ ମଧ୍ୟରେ ସମରୂପତା ବା ସମଞ୍ଜସତା ରହିଛି ।

ଏହା ଦିଗବିହୀନ... ସର୍ବଶେଷରେ କୃତଜ୍ଞତା ହେଲା ପରମଦିବ୍ୟ ପ୍ରେମର ମୌଳିକ ସ୍ପନ୍ଦନର ଅତି ସାମାନ୍ୟଭାବେ ରଙ୍ଗାୟିତ ଛାୟା ମାତ୍ର ।

(Ref. Conversation with a disciple,
AIM, Jan. 2020, page. 34)

ଏକଦା ଜଣେ ସାଧକ ଦିବ୍ୟଜନନୀ ଶ୍ରୀମାଙ୍କୁ ପ୍ରଶ୍ନ କରିଥିଲେ –

*ମଧୁମୟି ମାଆ, ମନୁଷ୍ୟ ପ୍ରତି ଏବଂ ପରମ ଦିବ୍ୟ ସତ୍ତାଙ୍କ ପ୍ରତି ଜଣେ ନିଜର କୃତଜ୍ଞତା ଜଣାଇବାର ପ୍ରକୃତ ଉପାୟ କ'ଣ ?*

ଶ୍ରୀମା'ଙ୍କ ଉତ୍ତର : ମନୁଷ୍ୟକୁ ଓ ଦିବ୍ୟ ପରମସତ୍ତାଙ୍କୁ ତୁମେ କାହିଁକି ଏକାଠି ଆଣି ରଖିଦେଇଛ ?

ଏହା ସତ୍ୟ ଯେ ମଣିଷ ହେଉଛି ମୂଳତଃ ଦିବ୍ୟ, କିନ୍ତୁ ବର୍ତ୍ତମାନ ସ୍ଥିତିରେ, ଅତି ବିରଳ ଓ ଅତି ଅଳ୍ପ ସଂଖ୍ୟକ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ମଣିଷ ନିଜ ଭିତରେ ବହନ କରୁଥିବା ପରମ ଦିବ୍ୟ ସତ୍ତାଙ୍କ ବିଷୟରେ ସମ୍ପୂର୍ଣ୍ଣ ଅଚେତନ ହୋଇ ରହିଛି ଏବଂ ଏହି ଅଚେତନତାହିଁ ଜଡ଼ସ୍ଥ ପୃଥିବୀର ମିଥ୍ୟାକୁ ତିଆରି କରିଛି ।

ମୁଁ ତୁମକୁ ଆଗରୁ କହିଛି ଯେ ଆମର କୃତଜ୍ଞତା ସେହି ଦିବ୍ୟ ପରମ ସତ୍ତାଙ୍କ ଲାଗି ଅଭିପ୍ରେତ ହୋଇ ରହିବା ଉଚିତ ଓ ମନୁଷ୍ୟମାନଙ୍କ କ୍ଷେତ୍ରରେ ସଦିଚ୍ଛା, ବୁଝାମଣା

ଏବଂ ପାରସ୍ପରିକ ସାହାଯ୍ୟର ଏକ ଦୃଷ୍ଟିକୋଣ ରହିଥିବା ଆବଶ୍ୟକ ।

ଦିବ୍ୟ ପରମ ସତ୍ତାଙ୍କ ପ୍ରତି ଏକ ଗଭୀର, ପ୍ରଗାଢ଼ ଏବଂ ଅଖଣ୍ଡ ସମଗ୍ର କୃତଜ୍ଞତାବୋଧ,– ତାହାହିଁ ସୁଖୀ ଏବଂ ଶାନ୍ତ ହେବାର ସର୍ବୋତ୍ତମ ଉପାୟ ।

ଏବଂ, ଦିବ୍ୟ ପରମସତ୍ତାଙ୍କ ପ୍ରତି ଆପଣାର କୃତଜ୍ଞତା ଜଣାଇବାର ଏକମାତ୍ର ଉପାୟ ହେଉଛି ତାଙ୍କ ସହିତ ଐକ୍ୟ ବା ତାଦାତ୍ମ୍ୟତା ଅର୍ଜନ କରିବା !

ଶେଷ ଦୁଇଟି ପଙ୍କ୍ତି ଅତି ଉପାଦେୟ ଯୁଗାନ୍ତକାରୀ ବାଣୀ ଯାହା ମଣିଷକୁ ଯୁଗେ ଯୁଗେ ସୁଖ, ଶାନ୍ତି, ଆନନ୍ଦ ଓ ଐକ୍ୟର ମାର୍ଗ ପ୍ରଦୀପ୍ତ କରି ରଖିଥିବ । ଇଂରାଜୀରେ ସେ ଦୁଇଟି ବାକ୍ୟ ହେଲା –

''To feel deeply, intensely and constantly a total gratitude towards the Divine is the best way to be happy and peaceful.''

''And the only true way of expressing one's gratitude to the Divine is to identify with Him.'' (CWM : Vol. 16, p. 313 - 314)

**ଅକୃତଜ୍ଞତା :**

ବଙ୍ଗଳା ଗଦ୍ୟ ସାହିତ୍ୟର ଜନକ, ସମାଜ ସଂସ୍କାରକ, ବିଧବା ବିବାହର ପ୍ରବର୍ତ୍ତକ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର (୧୮୨୦ – ୧୮୯୧)ଙ୍କୁ ଜଣେ କେହି କହିଲା, ''ଜଣେ ବ୍ୟକ୍ତି ଆପଣଙ୍କୁ ଅନେକ ଗାଳି ଦେଉଛି ।'' ବିଦ୍ୟାସାଗରଙ୍କ ଉତ୍ତର ଥିଲା, ''ମୁଁ ତ ତା'ର କେବେ କିଛି ଉପକାର କରି ନାହିଁ ।''

ଏହି ପରିପ୍ରେକ୍ଷୀରେ ମହାଯୋଗୀ ଶ୍ରୀଅରବିନ୍ଦ କହନ୍ତି :

''The unregenerate vital is not grateful for a benefit, it resents being under an obligation. So long as the benefit continues, it is effusive and says sweet things, as soon as it expects nothing more it turns round and bites the hand that fed it. Sometimes it does that even before, when it thinks it can do it. ... ...Of course, people with a developed psychic element are by nature grateful and do not behave in this way.''

(CWSA : Vol. 31, p. 250)

ଏହାର ଭାବାନୁବାଦ ହେଲା : ''ଅମାର୍ଜିତ ପ୍ରାଣସତ୍ତା ପ୍ରାପ୍ତ କରିଥିବା ଉପକାର ଲାଗି କୃତଜ୍ଞତା ଅନୁଭବ କରେ ନାହିଁ । ଏହା କୃତଜ୍ଞତାଜନିତ କର୍ତ୍ତବ୍ୟବୋଧର ବଶବର୍ତ୍ତୀ ହେବା ଲାଗି ପସନ୍ଦ କରେ ନାହିଁ । ଯେତେବେଳ ଯାଏ ଉପକାର ପାଉଥାଏ, ସେତେବେଳ ଯାଏ ସେ ପ୍ରକାଶମୁଖର ବା ଉଚ୍ଛ୍ୱସିତ ହୋଇ ମଧୁର ବଚନ କହୁଥାଏ, ଯେଉଁ ମୁହୂର୍ତ୍ତରେ ଆଉ କିଛି ପାଇବାର ପ୍ରତ୍ୟାଶା ତା' ପାଇଁ ନଥାଏ, ସେ ମୁହଁ ବୁଲେଇଦିଏ ଓ ଯେଉଁ ହାତ ପୋଷଣ ଦେଉଥିଲା ତାକୁହିଁ କାମୁଡ଼ିଦିଏ । ବେଳେବେଳେ ତା' ପୂର୍ବରୁ ବି ସେ ଏହିପରି କରିଥାଏ, ଯେତେବେଳେ ସେ ଅନୁଭବ କରେ ଯେ ସେ ସେହିପରି କରିପାରିବ ।... ... ଅବଶ୍ୟ ଯେଉଁମାନଙ୍କର ଚୈତ୍ୟସତ୍ତା ବିକଶିତ, ସେହିପରି ବିକଶିତ ଚୈତ୍ୟ ଉପାଦାନ ସ୍ୱଭାବତଃ କୃତଜ୍ଞ ଓ ଏହିପରି ଭାବରେ ବ୍ୟବହାର କରେ ନାହିଁ ।''

ଜୀବନ ପ୍ରତି ଦୃଷ୍ଟିପାତ କଲାବେଳେ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଆମେ ପାଇଥିବା ବିଷୟ ସକଳକୁ ନ୍ୟାଯ୍ୟ ଦାବି ରୂପେ ଗ୍ରହଣ କରି ଯାଉଛେ ନା କୃତଜ୍ଞତାସହ ଗ୍ରହଣ କରୁଛେ – ତାହାହିଁ ଆମ ଜୀବନ ବଞ୍ଚି ରହିବାର ମାନ ନିର୍ଦ୍ଧାରଣ କରିବ । ସର୍ବଦା ସବୁ ଦିଗରୁ ସୀମିତ ଜୀବନକୁ କୃତଜ୍ଞତାବୋଧ ଦ୍ୱାରା ପରିପ୍ଳୁତ ଜୀବନ 'କିଛି ନଥାଇ ବି ସବୁକିଛି ଅଛି'ର ଜୀବନରେ ପରିବର୍ତ୍ତିତ କରିଦିଏ ।

**କାଳ୍ପନିକ କାହାଣୀଟିଏ :** ଗଜେନ୍ଦ୍ରବାବୁ ନିଜ ଅଫିସ ରୁମ୍‌ରେ ବସି କାର୍ଯ୍ୟରେ ନିମଜ୍ଜିତ । ଫାଇଲ୍ ପରେ ଫାଇଲ୍ ଆସି ଗଦା ହେଉଛି । ନିଃଶ୍ୱାସ ମାରିବାକୁ ଫୁରୁସତ ନାହିଁ । ତେଣେ ଘରେ ଅସଂଖ୍ୟ ସମସ୍ୟା, କହିଲେ ନସରେ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ଠିକ୍ ନାହିଁ । ଝିଅ ଛାଡ଼ପତ୍ର ଦେଇ ଘରେ ବସିଛି । ପୁଅ ଗୋଟାଏ ଅଜାତି ଝିଅକୁ ବାହା ହୋଇ ବେଙ୍ଗାଲୁରୁ ଚାଲିଗଲା । ପୁରୁଣା କାର୍‌ଟା ମରାମତି ହୋଇପାରୁ ନାହିଁ । ବ୍ୟକ୍ତିଗତ କାମ କରିବା ଲାଗି ଆଦୌ ଫୁରୁସତ ନାହିଁ । ଏହିପରି ଭାବୁ ଭାବୁ ଆଖି ପଡ଼ିଯାଏ ସାମନା ଝରକା ଦେଇ ବାହାର ରାସ୍ତା ଉପରେ । ଯାଉଥାଏ ଜଣେ ଭିକାରି । ଚିରା ଫଟା ମଇଳା ଲୁଗା ପିନ୍ଧିଛି । ରାସ୍ତାରେ ଯିବା ଆସିବା କରୁଥିବା ଲୋକଙ୍କୁ ବିକଳରେ ମାଗୁଥାଏ କିଛି ପଇସା । ବୋଧେ କେତେ ଦିନ ହେଲା

ପେଟରେ ଦାନା ପଡ଼ିନି । ମନେ ମନେ ଗଜେନ୍ଦ୍ର ବାବୁ ଭାବିଲେ ଯାହାହେଉ ଭଗବାନଙ୍କ କୃପାରୁ ମୁଁ ଭିକାରି ହୋଇ ନାହିଁ । ଜୀବନରେ ଦାନାକନାର ଅଭାବ ନାହିଁ । ଆପେ ଆପେ ହାତ ଦୁଇଟି ଉଠିଯାଏ ମସ୍ତକ ଉପରକୁ ସେହି ଉପରବାଲାଙ୍କୁ କୃତଜ୍ଞତା ଜଣାଇବା ଲାଗି ।

ଭିକାରି ତା'ର ରାସ୍ତାରେ ଆଗଉଥାଏ । ରାସ୍ତାରେ ଦେଖିଲା ଜଣେ ପାଗଳ ଟଳି ଟଳି ସାମନାରୁ ଆସୁଛି । ମଇଳା, ଛିଣ୍ଡା କୋତରା ଲୁଗା, ଶୁଖିଲା ମୁକୁଳା ବାଳ ଫୁର୍‌ଫୁର୍ ଉଡ଼ୁଛି । ମନେ ମନେ କ'ଣ ସବୁ ବକର ବକର ହୋଇ କହୁଥାଏ । ଭିକାରି ମନେ ମନେ ଭାବିଲା – ଯାହାହେଉ ମୁଁ ପାଗଳ ହୋଇ ନାହିଁ । ଭିକ ଦିଟା ଆଦାୟ କରି ଯେକୌଣସିମତେ ଚଳିଯାଉଛି । ଏହା ଉପରବାଲାର ଆଶୀର୍ବାଦ ।

ପାଗଳ ଆଗେଇ ଯାଉଥିବା ବେଳେ ସାମନାରୁ ଆସିଲା ସତର୍କ ଘଣ୍ଟି ବଜେଇ ଗୋଟିଏ ଆମ୍ବୁଲାନ୍‌ସ । ରୋଗୀକୁ ନେଇ ଯାଉଛି ହସ୍‌ପିଟାଲ । ପାଗଳ ମନେ ମନେ କହୁଛି, ''ଯାଆ, ଯାଆ, ହସ୍‌ପିଟାଲ୍‌ରେ ମରିବୁ । ମୁଁ ଠିକ୍ ଅଛି ଦେଖୁନୁ – ଚାଲୁଛି – ବୁଲୁଛି । ଉପରବାଲାର କି ଦୟା !''

ରୋଗୀଟିଏ ଆମ୍ବୁଲାନ୍‌ସରୁ ବାହାରି ଖଟିଆରେ ବୁହାହୋଇ ହସ୍‌ପିଟାଲ୍ ଭିତରକୁ ଗଲାବେଳେ ଦେଖିଲା ଗୋଟିଏ ଶବକୁ ଠେଲାଗାଡ଼ିରେ ଠେଲି ଠେଲି ନିଆଯାଉଛି । ରୋଗୀ ଭାବୁଛି : ''ଦେହଟା ସିନା ଟିକିଏ ବିଗିଡ଼ି ଯାଇଛି, କିଛି ଦିନ ପରେ ଭଲ ହୋଇ ଘରକୁ ଫେରିବି । ଜୀବନଟା ତ ଅଛି । ଉପରବାଲାଙ୍କର କେତେ କୃପା !''

ଅବଶ୍ୟ ଶବ ଆଉ କିଛି କହିପାରୁନି କି ଭାବିପାରୁନି !

ତେବେ ଜୀବନ ଥିବାଯାଏ ପ୍ରତିମୁହୂର୍ତ୍ତରେ, ସବୁ ପରିସ୍ଥିତିରେ ସେହି ଉପରବାଲାଙ୍କର କରୁଣା, କୃପା ବା ଅନୁଗ୍ରହ ପ୍ରତି କୃତଜ୍ଞତା ଜଣାଇବା ଅବସରଟିଏ ନିଶ୍ଚୟ ରହିଛି – ଏହା ଆମେ ନିଃସନ୍ଦେହରେ କହିପାରିବା ।

ସାଧାରଣ ଜୀବନରେ ଆମେ କ୍ୱଚିତ ଅନୁଭବ କରିଥାଉ ଯେ ଆମେ ଯେତିକି ଦେଇଥାଉ ତା'ଠାରୁ ବହୁତ ଅଧିକ କିଛି ପାଇଥାଉ ଓ କେବଳ କୃତଜ୍ଞତା ଭାବ ପୋଷଣ କରିବା ଦ୍ୱାରାହିଁ ଜୀବନ ଆନନ୍ଦମୟ ଓ ଐଶ୍ୱର୍ଯ୍ୟମୟ ହୋଇଥାଏ ।

*

ଭକ୍ତି ସହିତ କୃତଜ୍ଞତାବୋଧ ଜଡ଼ିତ ହୋଇ ନ ରହିଲେ ସେହି ଭକ୍ତି ଉତ୍କର୍ଷତା ଲାଭ କରେ ନାହିଁ । ଏକଦା ଦେବର୍ଷି ନାରଦ ଶ୍ରୀବିଷ୍ଣୁଙ୍କୁ ଦର୍ଶନ କରିବା ଲାଗି ବୈକୁଣ୍ଠପୁର ଯାଇ ଦେଖିଲେ ଯେ ଶ୍ରୀବିଷ୍ଣୁ କୌଣସି ଗୋଟାଏ ପୁରୁଣା ଦିନଲିପି (Diary) ଧରି ପୃଷ୍ଠା ପରେ ପୃଷ୍ଠା ଓଲଟେଇ ଚାଲିଛନ୍ତି – ଯେପରି କିଛି ଗୋଟାଏ ବିଶେଷ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଖୋଜୁଛନ୍ତି ! ଦେବର୍ଷି ନାରଦ ତ ସବୁକଥାର ରହସ୍ୟ ଜାଣିବା ଲାଗି ସର୍ବଦା ବ୍ୟଗ୍ର ଓ ଉତ୍କଣ୍ଠିତ ହୋଇ ରହିଥା'ନ୍ତି । ବିନୀତ ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଇ ସେ ବିଷ୍ଣୁଙ୍କୁ ପଚାରିଲେ, ''ଆପଣ ଏ ପୁରୁଣା ନଥିପତ୍ରରୁ କ'ଣ ଖୋଜୁଛନ୍ତି ?'' ଶ୍ରୀବିଷ୍ଣୁ କହିଲେ, ମୋର ଶ୍ରେଷ୍ଠ ଭକ୍ତମାନଙ୍କର ତାଲିକାଟା ଖୋଜୁଥିଲି, ତେବେ ପାଇଗଲି ।'' ଦେବର୍ଷି ତ ଅହରହ ''ନାରାୟଣ, ନାରାୟଣ'' କହି ବିଷ୍ଣୁଙ୍କୁ ସ୍ମରଣ କରୁଥା'ନ୍ତି । ତେଣୁ ମନେ ମନେ ଭାବିଲେ ଯେ ମୋଠୁଁ ବଳି ଆଉ କିଏ ଶ୍ରେଷ୍ଠ ଭକ୍ତ ହୋଇପାରେ । ତେଣୁ କୋମଳ ସ୍ୱରରେ ଉତ୍ସୁକ ହୋଇ ଶ୍ରୀବିଷ୍ଣୁଙ୍କର ଖୁବ୍ ନିକଟକୁ ଯାଇ ପଚାରିଲେ, ''ସେହି ଶ୍ରେଷ୍ଠ ଭକ୍ତଟିଏ କିଏ ?'' ବିଷ୍ଣୁଙ୍କ ଉତ୍ତର ଥିଲା ''ବୀର ହନୁମାନ !'' ଏହା ଶ୍ରବଣ କରି ଦେବର୍ଷିଙ୍କ ମୁଖମଣ୍ଡଳ ମଳିନ ହୋଇଗଲା । ତେଣୁ ସେ ସାମାନ୍ୟ ରୁଷ୍ଟ ସ୍ୱରରେ ପଚାରିଲେ, ''ଏହା କିପରି ? କାହିଁକି ?'' ଶ୍ରୀବିଷ୍ଣୁ ସ୍ମିତହାସ୍ୟ ସହ କହିଲେ, ''ହେ ଦେବର୍ଷି ! ଆପଣ ଅବଶ୍ୟ ମୋତେ ସର୍ବଦା ସ୍ମରଣ କରୁଥା'ନ୍ତି । ଆବଶ୍ୟକ ସ୍ଥଳେ ମୋର ସମସ୍ୟାଗୁଡ଼ିକୁ ସମାଧାନ କରିବାରେ ସାହାଯ୍ୟ କରନ୍ତି । କିନ୍ତୁ ହନୁମାନ ତାଙ୍କର ପ୍ରତି ଲୋମକୂପରେ ମୋତେ ଆବଦ୍ଧ କରି ରଖିଥା'ନ୍ତି । ସେ ବି ସର୍ବଦା ମୋତେ ବିନମ୍ରତାର ସହ ସ୍ମରଣ କରୁଥା'ନ୍ତି । ଯେତେବେଳେ ଯେକୌଣସି ଦୁରୂହ କାର୍ଯ୍ୟ କରିବାର ଆବଶ୍ୟକତା ପଡ଼େ ସେତେବେଳେ ମୁଁ ହନୁମାନଙ୍କୁ ସ୍ମରଣ କରିଥାଏ । ସେ ତତ୍‌କ୍ଷଣାତ୍ ମୋର ନାମ ନେଇ ସେହି କାର୍ଯ୍ୟଗୁଡ଼ିକୁ ସଫଳତାର ସହ ସମ୍ପାଦନ କରିଦିଅନ୍ତି । ସାଗର ଲଙ୍ଘନ କରିବା, ସେତୁ ନିର୍ମାଣ କରିବା, ହିମାଳୟରୁ ଜଡ଼ିବୁଟି ଆଣିବା, ଆମକୁ ଇନ୍ଦ୍ରଜିତର ସର୍ପାସ୍ତ୍ରରୁ ମୁକ୍ତ କରିବା ଲାଗି ବିନତାନନ୍ଦନ ଗରୁଡ଼ଙ୍କୁ ଅସମୟରେ ବୁଝେଇ ମନାଇ ଡାକି ଆଣିବା – ଏହିପରି ଅନେକ ନିଦର୍ଶନ ରହିଛି ।

''ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହିପରି ଦୁରୂହ ଦାୟିତ୍ୱ ମୁଁ ଦେଇଥିବା ଯୋଗୁଁ ସେ ସର୍ବଦା କୃତଜ୍ଞତା ଭାବନେଇ ଉଲ୍ଲସିତ ଓ ଆନନ୍ଦିତ ହୋଇଥା'ନ୍ତି ।'' ଦେବର୍ଷି ନାରଦଙ୍କର ସନ୍ଦେହ ମୋଚନ ହୋଇଥିଲା । ସତରେ କୃତଜ୍ଞତାହିଁ ଭକ୍ତିକୁ ସାର୍ଥକ କରିଥାଏ । କୃତଜ୍ଞତା ବିନା ଭକ୍ତି ଅପୂର୍ଣ୍ଣ ରହିଯାଏ ।

‘‘...devotion without gratitude is quite incomplete, gratitude must come with devotion.’’

(MCW : Vol. 8, p. 40)

ଅର୍ଥାତ୍, ‘‘କୃତଜ୍ଞତାର ଅଭାବରେ ଭକ୍ତି ଅସମ୍ପୂର୍ଣ୍ଣ, ଭକ୍ତି ସହିତ ସର୍ବଦା କୃତଜ୍ଞତାବୋଧ ଜଡ଼ିତ ହେବା ଉଚିତ ।’’—

ଶ୍ରୀମା ପୁନଶ୍ଚ କହନ୍ତି :

‘‘କୃତଜ୍ଞତା ବିହୀନ ଭକ୍ତି ପୂରାପୂରି ଅପୂର୍ଣ୍ଣ ଅଟେ ।’’

ସମ୍ପଦରେ ଯେପରି ଭଗବାନଙ୍କ ଆଶୀର୍ବାଦ ଥାଏ, ଯନ୍ତ୍ରଣା ଓ ଦୁଃଖର ଅନ୍ତରାଳରେ ମଧ୍ୟ ତାଙ୍କରି ଆଶୀର୍ବାଦ ରହିଥାଏ । ତେଣୁ ଉଭୟ କ୍ଷେତ୍ରରେ ଆମେ ତାଙ୍କ ପ୍ରତି କୃତଜ୍ଞ ହୋଇ ରହିବା ଉଚିତ ।

ଜଣେ ରାଜା ନିଜ ଦେଶର ପ୍ରଧାନ ମନ୍ତ୍ରୀଙ୍କ ସହ ତରବାରି ନେଇ ଯୁଦ୍ଧ କୌଶଳ ଅଭ୍ୟାସ କରୁଥିଲେ । ଉକ୍ତ ଅବସରରେ ସାମାନ୍ୟ ଅସାବଧାନତା ଯୋଗୁଁ ରାଜାଙ୍କର ବୃଦ୍ଧାଙ୍ଗୁଳିଟି କଟିଗଲା । ଭୀଷଣ ଯନ୍ତ୍ରଣାରେ ରାଜା କଲବଲ ହେଉଥିବା ବେଳେ ପ୍ରଧାନମନ୍ତ୍ରୀ କହି ଉଠିଲେ, ‘‘ଈଶ୍ୱର ଯାହା କରନ୍ତି ପ୍ରାଣୀର ମଙ୍ଗଳ ସକାଶେ’’ । ପୀଡ଼ାରେ ଅସ୍ତବ୍ୟସ୍ତ ହେଉଥିବା ରାଜା କ୍ରୋଧାନ୍ୱିତ ହୋଇ କହିଲେ, ‘‘ମୋର ଅଙ୍ଗହାନି ହେଲା, ରକ୍ତ ବୋହିଯାଉଛି, ଏପରି ଦୁର୍ଯୋଗ ଅବସରରେ ତୁମେ ଏପରି ନିଷ୍ଠୁର କଥା କିପରି କହିପାରୁଛ ?’’ ମନ୍ତ୍ରୀ ସେହି କଥା ପୁଣି ପୁନରାବୃତ୍ତି କରିବାରୁ ରାଜା ଭୀଷଣ କ୍ରୋଧାନ୍ୱିତ ହୋଇ ମନ୍ତ୍ରୀଙ୍କୁ ବନ୍ଦୀ କରିବା ଲାଗି ସୈନ୍ୟଗଣଙ୍କୁ ଆଦେଶ ଦେଲେ । ମନ୍ତ୍ରୀ ବନ୍ଦୀ ହେଲେ । ରାଜା ଅବଶ୍ୟ ଜଣେ ଉତ୍ତମ ପରାମର୍ଶଦାତାଙ୍କ ସାହଚର୍ଯ୍ୟ ହରାଇ ଦୁଃଖିତ ହେଲେ । ରାଜା ଶିକାର କରିବା ଲାଗି ଗଲାବେଳେ ମନ୍ତ୍ରୀ ସର୍ବଦା ତାଙ୍କ ସଙ୍ଗରେ ଯା’ନ୍ତି । ଏବେ ରାଜା ଶିକାର କରିବା ଲାଗି ଏକାକୀ ଘୋର ଜଙ୍ଗଲରେ ପ୍ରବେଶ କଲେ । ହଠାତ୍ ଅପ୍ରତ୍ୟାଶିତ ଭାବେ ଦଳେ ଡକାୟତ ରାଜାଙ୍କୁ କାବୁ କରିନେଇ ଗୋଟିଏ ନିଭୃତ ସ୍ଥାନକୁ ନେଇଗଲେ, ଯେଉଁଠି ଜଣେ କାପାଳିକ ଚଣ୍ଡିଚାମୁଣ୍ଡାଙ୍କୁ ବଳି ଦିଅନ୍ତି । ଡକାୟତମାନେ ଗୋଟିଏ ସିଦ୍ଧି ହାସଲ କରିବା ଲାଗି କାପାଳିକର ପରାମର୍ଶ କ୍ରମେ ନରବଳିର ଅନ୍ୱେଷଣରେ ଜଙ୍ଗଲ ଦେଇ ଗଲାବେଳେ ରାଜାଙ୍କ ପରି ଜଣେ ସୌମ୍ୟ ହୃଷ୍ଟପୁଷ୍ଟ ମଣିଷ ଦେଖି ବାନ୍ଧି ଆଣିଥିଲେ । ରାଜାଙ୍କୁ ନୂଆ ଲୁଗା ପିନ୍ଧାଇ, ମଥାରେ ସିନ୍ଦୂର ଦେଇ, ବେକରେ ଫୁଲମାଳ ପକାଇ ବଳି ଲାଗି ପ୍ରସ୍ତୁତ କରୁଥିବା ସମୟରେ ଜଣେ ଡକାୟତ ଲକ୍ଷ୍ୟ କଲା ଯେ ରାଜାଙ୍କର ବୃଦ୍ଧାଙ୍ଗୁଳିଟି ନାହିଁ । ଅଙ୍ଗହାନୀ ହୋଇଥିବା ଜୀବ ବଳି ଲାଗି ଅନୁପଯୁକ୍ତ । ତେଣୁ କାପାଳିକର ନିର୍ଦ୍ଦେଶ କ୍ରମେ ଡକାୟତମାନେ ରାଜାଙ୍କୁ ମୁକ୍ତ କରିଦେଲେ । ରାଜା ଫେରିବା ଅବଧିରେ ଉପଲବ୍ଧି କଲେ ଯେ ସତରେ ମନ୍ତ୍ରୀ ଯାହା କହୁଥିଲେ ତାହା ସତ୍ୟ, ଯାହା ପ୍ରମାଣିତ ହେଲା । ବୃଦ୍ଧାଙ୍ଗୁଳିଟି କଟିଯାଇ ନଥିଲେ ସେ ଆଜି ଜୀବନ ହରାଇ ଥା’ନ୍ତେ । ଆପଣାର ଭୁଲ୍ ବୁଝିପାରି ସେ ନିଜେ ବନ୍ଦୀଶାଳାକୁ ଯାଇ ମନ୍ତ୍ରୀଙ୍କୁ ମୁକ୍ତ କରିଦେଲେ ଓ ସମସ୍ତ ଘଟଣା ବର୍ଣ୍ଣନା କରି ଅନୁତାପ କଲେ । ରାଜା ମନ୍ତ୍ରୀଙ୍କ ନିକଟରେ ନିଜର ଭୁଲ୍ ଲାଗି କ୍ଷମା ପ୍ରାର୍ଥନା କଲେ । ସେତେବେଳେ ବି ମନ୍ତ୍ରୀ କହିଲେ, ‘‘ଈଶ୍ୱର ଯାହା କରନ୍ତି ପ୍ରାଣୀର ମଙ୍ଗଳ ସକାଶେ । ତେଣୁ ତାଙ୍କୁ ସର୍ବଦା କୃତଜ୍ଞତା ଜ୍ଞାପନ କରିବା ନିତାନ୍ତ ସମୀଚୀନ’’ । ରାଜା କହିଲେ, ‘‘ଆପଣ ବିନା ଦୋଷରେ ଦୀର୍ଘକାଳ ବନ୍ଦୀ ଜୀବନର କଷଣ ଭୋଗ କଲେ । ଏହା କିପରି ମଙ୍ଗଳଦାୟକ ବୋଲି କହିପାରିବା ?’’ ମନ୍ତ୍ରୀ କହିଲେ, ‘‘ହେ ରାଜନ୍ ! ଯଦି ଆପଣ ମୋତେ ବନ୍ଦୀ କରି ନଥା’ନ୍ତେ ତେବେ ମୋତେ ଆପଣଙ୍କ ସହ ଶିକାର କରିବା ଲାଗି ଯିବାକୁ ପଡ଼ିଥା’ନ୍ତା । ଡକାୟତମାନେ ମୋର ପୂର୍ଣ୍ଣାଙ୍ଗ ଅବୟବ ଦେଖି ଦେବୀଙ୍କ ସମ୍ମୁଖରେ ବଳି ଦେଇ ଥାଆନ୍ତେ । ମୁଁ ଅଯଥା ମୃତ୍ୟୁ ମୁଖରେ ପଡ଼ିଥା’ନ୍ତି । ତେଣୁ ଆମେ ମଙ୍ଗଳମୟ ପରମେଶ୍ୱରଙ୍କର ସମସ୍ତ ବିଧାନକୁ କୃତଜ୍ଞତାର ସହ ସ୍ୱୀକାର କରିନେବା ଉଚିତ ।’’ ଏହା ଶୁଣି ରାଜା ଉଲ୍ଲସିତ ଆନନ୍ଦରେ ମନ୍ତ୍ରୀଙ୍କୁ ଆଲିଙ୍ଗନ କଲେ ।

ସତରେ ସବୁ ଘଟଣା ଓ ସବୁ ମୁହୂର୍ତ୍ତରେ, ସଫଳତାରେ ଓ ବିଫଳତାରେ, ସୁଖରେ ଓ ଦୁଃଖରେ, ଜୀବନରେ ଓ ମୃତ୍ୟୁରେ ସେହି ମଙ୍ଗଳମୟ ପରମେଶ୍ୱରଙ୍କ ନିକଟରେ କୃତଜ୍ଞ ହୋଇ ରହିବା । ସେହି କୃତଜ୍ଞତାବୋଧ ଯେଉଁ ଆନନ୍ଦ ଦିଏ ତାହାର କୌଣସି ପଟାନ୍ତର ନଥାଏ । ଏ ସମ୍ବନ୍ଧେ ଦିବ୍ୟଜନନୀ ଶ୍ରୀମା କହନ୍ତି :

‘‘There is nothing which gives you a joy equal to that of gratitude.’’

(MCW : Vol. 8, p. 40)

ଅର୍ଥାତ୍, ‘‘କୃତଜ୍ଞତା ବ୍ୟତୀତ ଆଉ ଅନ୍ୟ କୌଣସି ବିଷୟ ତୁମକୁ ଏତେ ବିପୁଳ ଆନନ୍ଦ ଦେଇପାରିବ ନାହିଁ ।’’

ପୁନଶ୍ଚ : ‘‘Physically, materially, upon earth, it is in gratitude that one finds the source of the purest delight.’’

(MCW : Vol. 15, p. 192)

ଅର୍ଥାତ୍, ‘‘ଭୌତିକ ସ୍ତରରେ, ଜଡ଼ ସ୍ତରରେ, ପୃଥିବୀରେ, କୃତଜ୍ଞତା ମାଧ୍ୟମରେହିଁ ଜଣେ ବିଶୁଦ୍ଧ ଆନନ୍ଦର ଉତ୍ସ ପାଇଥାଏ ।’’

ସାଧାରଣ ଜୀବନରେ କୃତଜ୍ଞତାର ଉପଯୋଗିତା ସମ୍ପର୍କରେ ଶ୍ରୀମା କହନ୍ତି :

(୧) ‘‘There is no better cure for egoism than a happy gratefulness.’’

(MCW : Vol. 14, p. 155)

ଅର୍ଥାତ୍, ‘‘ଯାବତୀୟ ଅହଂକାରର ଆରୋଗ୍ୟ ଲାଗି ଏକ ପ୍ରସନ୍ନ କୃତଜ୍ଞତାବୋଧ ଅପେକ୍ଷା ଆଉ ଅନ୍ୟ କୌଣସି ପ୍ରକୃଷ୍ଟ ପନ୍ଥା ନାହିଁ ।’’

(୨) ‘‘With a true sense of gratitude for the Divine’s infinite mercy, one would be saved from such dangers.’’

(MCW : Vol. 15, p. 20)

ଅର୍ଥାତ୍, ‘‘ଦିବ୍ୟ ପରମସତ୍ତାଙ୍କ ଅସୀମ ଅନୁକମ୍ପା ପ୍ରତି ଯଥାର୍ଥ କୃତଜ୍ଞତା ଜ୍ଞାପନ କରିବା ଦ୍ୱାରା ଜଣେ ଏପରି ବିପଦଗୁଡ଼ିକରୁ ରକ୍ଷା ପାଏ ।’’

ଭିକ୍ଟୋରିଆ ଯୁଗର ଇଂରାଜୀ କବି ତଥା ସାହିତ୍ୟ ସମାଲୋଚକ Coventry Patmore (1823 – 1896) କହନ୍ତି :

‘‘What is greatness without gratitude, and where is gratitude without God ?’’

ଏହାର ଭାବାନୁବାଦ ହେଲା, ‘‘କୃତଜ୍ଞତା ବିନା ମହାନତା କାହିଁ ଓ ଭଗବାନଙ୍କ ବିନା କୃତଜ୍ଞତା କାହିଁ ?’’

ଆମେରିକାର ବିଶିଷ୍ଟ ଧର୍ମ ପ୍ରବର୍ତ୍ତକ ଓ ଲେଖକ Gordon B. Hinckley (1910 – 2008) କହନ୍ତି :

“Gratitude creates the most wonderful feeling. It can resolve disputes. It can strengthen friendships. And it makes us better men and women.”

ଅର୍ଥାତ୍, ‘‘କୃତଜ୍ଞତା ଅତି ଚମତ୍କାର ଅନୁଭବ ଜାଗ୍ରତ୍ କରାଏ । ଏହା ବିବାଦଗୁଡ଼ିକୁ ସମାଧାନ କରିଦେଇପାରେ । ବନ୍ଧୁତାକୁ ସୁଦୃଢ଼ କରିଦିଏ । ଏବଂ ଆମକୁ ଉତ୍ତମ ନରନାରୀ ରୂପେ ଗଢ଼ିତୋଳେ ।’’

ପୁଣି ଅନ୍ୟ ଦେଶର ଚିନ୍ତାନାୟକମାନେ ‘କୃତଜ୍ଞତା’ ପ୍ରସଙ୍ଗରେ କହିଥିବା କେତୋଟି ଉକ୍ତି ନିମ୍ନରେ ଉପସ୍ଥାପନ କରାଯାଇଛି ।

ଜର୍ମାନୀ ଦେଶରେ ଜନ୍ମଲାଭ କରିଥିବା ଅଧ୍ୟାତ୍ମବାଦୀ ଦାର୍ଶନିକ ଓ ଲେଖକ Eckhart Tolle (ଜନ୍ମ : ୧୬ ଫେବ୍ରୁଆରୀ ୧୯୪୮) କହନ୍ତି :

‘‘Acknowledging the good that is already in your life is the foundation for all abundance.’’

ଅର୍ଥାତ୍, ‘‘ତୁମେ ପ୍ରାପ୍ତ କରିସାରିଥିବା ଯାବତୀୟ ସୁଖସୁବିଧା ପ୍ରତି ସ୍ୱୀକୃତି ପ୍ରଦାନ କରିବା ହେଲା ପ୍ରାଚୁର୍ଯ୍ୟଭରା ଜୀବନର ଆଧାରଶିଳା ।’’

ଇଂରାଜୀ ଲେଖକ, ଦାର୍ଶନିକ, ଧର୍ମତତ୍ତ୍ୱବିତ୍ (Theologian) ଓ କଳା, ସାହିତ୍ୟର ସମାଲୋଚକ G. K. Chesterton (1874 – 1936)ଙ୍କ ଉକ୍ତି :

‘‘When it comes to life the critical thing is whether you take things for granted or take them with gratitude.’’

ଏହାର ଭାବାନୁବାଦ ହେଲା –

‘‘ଜୀବନର ପର୍ଯ୍ୟାଲୋଚନା କଲାବେଳେ ନିଷ୍ପତ୍ତିମୂଳକ ବିଷୟ ହେଲା ତୁମେ ପ୍ରାପ୍ତ ବିଷୟଗୁଡ଼ିକର ଗୁରୁତ୍ୱ ଭୁଲିଯାଉଛ ନା ସେଗୁଡ଼ିକୁ କୃତଜ୍ଞତାର ସହ ଗ୍ରହଣ କରୁଛ ।’’

*

ଆମେରିକାର ଧର୍ମଯାଜକ, ସମାଜ ସଂସ୍କାରକ, ସତ୍ୟ, ନ୍ୟାୟ, ମୁକ୍ତି ଓ ମାନବାଧିକାରର ପ୍ରବକ୍ତା Henry Ward Beecher (1813 – 1887)ଙ୍କ ଉକ୍ତି ହେଲା, ‘‘Gratitude is the fairest blossom which springs from the soul.’’

ଅର୍ଥାତ୍, ‘‘କୃତଜ୍ଞତା ହେଲା ସବୁଠୁ କମନୀୟ କଳିକା ଯାହା ଅନ୍ତରାତ୍ମାରୁ ଉଦ୍ଭବ ହୋଇଥାଏ ।’’

ବିଖ୍ୟାତ ବ୍ରିଟିଶ ଲେଖକ ଓ ଦାର୍ଶନିକ C. S. Lewis (1898 – 1963) ଲେଖନ୍ତି :

''Gratitude looks to the Past and love to the Present; fear, avarice, lust and ambition looks ahead.''

ଏହାର ଭାବାନୁବାଦ ହେଲା – ''କୃତଜ୍ଞତା ଅତୀତକୁ ମନେ ପକାଏ, ବର୍ତ୍ତମାନକୁ ଭଲ ପାଏ; ଭୟ, ଅର୍ଥଲିପ୍ସା, ଲାଳସା ଓ ଉଚ୍ଚାଭିଳାଷ ପ୍ରଭୃତି ଭବିଷ୍ୟତ୍ ଦିଗରେ ଚାହିଁ ରହିଥା'ନ୍ତି ।''

ଆମେରିକାରେ ଜନ୍ମଲାଭ କରିଥିବା ଭାରତୀୟ ଦୀପକ ଚୋପ୍ରା ଜଣେ ଲେଖକ ଓ ବୈକଳ୍ପିକ ଔଷଧର ପ୍ରବର୍ତ୍ତକ (advocate of alternative medicine) ରୂପେ ସୁପରିଚିତ । ସେ ଲେଖନ୍ତି :

''Gratitude opens the door to the power, the wisdom, the creativity of the universe. You open the door through gratitude.''

ଏହାର ଭାବାନୁବାଦ ହେଲା –

''କୃତଜ୍ଞତା : ଶକ୍ତି, ପ୍ରଜ୍ଞା, ବିଶ୍ୱର ସୃଜନଶୀଳତାର ଦ୍ୱାର ଉନ୍ମୁକ୍ତ କରିଦିଏ । ତୁମେ କୃତଜ୍ଞତା ମାଧ୍ୟମରେହିଁ ଦ୍ୱାରଟିକୁ ଖୋଲିଥାଅ ।''

୨୭ଟି ପ୍ରେରଣାଦାୟକ ଲୋକପ୍ରିୟ ପୁସ୍ତକର ରଚୟିତା Alen Cohen (ଜନ୍ମ – 28 February 1950) କହନ୍ତି :

''Gratitude, like faith, is a muscle. The more you use it, the stronger it grows.''

ଅର୍ଥାତ୍, ''ବିଶ୍ୱାସ ପରି କୃତଜ୍ଞତା ଗୋଟିଏ ମାଂସପେଶି ସଦୃଶ । ଯେତେ ବେଶୀ ତୁମେ ତା'କୁ ବ୍ୟବହାର କରିବ ସେତେ ବେଶୀ ତାହା ଦୃଢ଼ ହେବ ।''

ଯଦି ଆମେ ଜୀବନରେ ସୁଖୀ ହେବା ଲାଗି ଇଚ୍ଛା କରୁ ତେବେ କୃତଜ୍ଞତାବୋଧଟିକୁ ବିକଶିତ କରିବାକୁ ହେବ । ସାଧାରଣତଃ ସୁଖସୁବିଧା ଆମକୁ କୃତଜ୍ଞ କରେ ନାହିଁ, ବରଂ କୃତଜ୍ଞତା ଆମକୁ ଆନନ୍ଦରେ ଭରିଦିଏ । କୃତଜ୍ଞତାର ଦୃଷ୍ଟିରେ ସମସ୍ତ ବିଷୟ, ଯାବତୀୟ ଘଟଣା ମନେହୁଏ ଅତି ଚମତ୍କାର ଓ ବିସ୍ମୟାତ୍ମକ । କୃତଜ୍ଞତା 'ଅଭାବ'କୁ ମଧ୍ୟ 'ପ୍ରାଚୁର୍ଯ୍ୟ'ରେ ପରିଣତ କରି ଦେଇପାରେ । କୃତଜ୍ଞତା କେବଳ ସର୍ବଶ୍ରେଷ୍ଠ ସଦ୍‌ଗୁଣ ନୁହେଁ, ତାହା ସବୁ ସଦ୍‌ଗୁଣର ଜନକ । କୃତଜ୍ଞତାକୁ ଏକ ମନୋଭାବ ବା ମାନସିକତା ବୋଲି କୁହାଯାଇପାରେ, ଏହା ଏକ ଆହ୍ୱାନ ନୁହେଁ । ଏହା ନିଜ ଲାଗି ନିଜେ ମନୋନୟନ ବା ପସନ୍ଦ କରିବାର ଏକ ବିଭବ ।

ରୁଷିଆରେ ଜନ୍ମିତ ଆମେରିକା ନିବାସୀ Irving Berlin (1888 - 1989) ଜଣେ ବିଖ୍ୟାତ ଗୀତିକାର ଓ ସୁରକାର (Lyrist and Song Composer) ଲେଖନ୍ତି :

''Got no cheque books, got no banks
Still I' d like to express my thanks
I' ve got the sun in the morning
and the moon at night.''

ଅର୍ଥାତ୍, ''ମୋର ଚେକ୍ ବହି ନାହିଁ କି ବ୍ୟାଙ୍କ୍ ଜମା ନାହିଁ, ତଥାପି ମୁଁ ମୋର ଗଭୀର କୃତଜ୍ଞତା ଜଣାଇବାକୁ ଇଚ୍ଛା କରେ, କାରଣ ପ୍ରତ୍ୟୁଷରେ ମୁଁ ସୂର୍ଯ୍ୟୋଦୟ ଦେଖେ ଓ ରାତ୍ରିରେ ଦେଖେ ଚନ୍ଦ୍ରମା ।''

(ସମାପ୍ତ) ❑

ଶ୍ରୀମା ଶ୍ରୀଅରବିନ୍ଦଙ୍କ ପ୍ରଭାବକୁ ଗ୍ରହଣ କରିବା ଲାଗି ବିଶ୍ୱାସ, ଆଧ୍ୟାତ୍ମିକ ସାଧନାର ପଥ ଅନୁସରଣ କରିବା ଦିଗରେ ଏକ ପରିପୂର୍ଣ୍ଣ ଏକନିଷ୍ଠଭାବ ଏବଂ ଏହି ପ୍ରଭାବ ପ୍ରତି ନିଜକୁ ଉନ୍ମୁକ୍ତ ରଖିବା ନିମନ୍ତେ ଏକ ସଂକଳ୍ପ ତଥା ସାମର୍ଥ୍ୟ ଛଡ଼ା ଅନ୍ୟ କୌଣସି ପନ୍ଥା ନାହିଁ; କିନ୍ତୁ ଏହି ସାମର୍ଥ୍ୟ ସାଧାରଣତଃ ଏକନିଷ୍ଠତା ଓ ବିଶ୍ୱାସର ପରିଣାମ ରୂପେହିଁ ଆସିଥାଏ ।

– ଶ୍ରୀଅରବିନ୍ଦ

# କବି ନିଶିକାନ୍ତ

## (୧୮)

ଆମି ତୋମାର୍ ଅଲସ୍ ଛେଲେ,
ଖେଲାର୍ ପଥେ ଚଲବୋ ନା ମା, ଚରଣ୍ ଫେଲେ ।
ରଇବ ସୁଧୁ ତୋମାର୍ କୋଲେ,
ତୋମାର୍ କାଛେ, ତୋମାର୍ ମାଝେ ।
ତୋମାର୍ ନିବିଡ଼ ଅଞ୍ଚଲତେ
ଦିନ୍‌ଗୁଲି ମୋର୍ ରାଖବୋ ବେଁଧେ,
ରାଖ୍‌ବୋ ଗେଁଥେ ଆମାର୍ ସକାଲ୍,
ଆମାର୍ ସନ୍ଧ୍ୟାବେଲା;
ସେଇଖାନେ ମା, ଚୁପ୍‌ଟି କୋରେ
ଦେଖ୍‌ବୋ ତୋମାୟ୍ ଚକ୍ଷୁ ଭ'ରେ,
ଦେଖ୍‌ବୋ ତୋମାର୍ ଭୁବନ୍‌ମୋହନ
ରଙ୍ଗରୂପେର୍ ଖେଲା;
ନୀରବ୍ ହ'ୟେ ରଇବ ଶୁଧୁ
ମୁଗ୍‌ଧମନେର୍ ଦୃଷ୍ଟି ମେଲେ ।
ଆମି ତୋମାର୍ ଅଲସ୍ ଛେଲେ,
ଖେଲାର୍ ପଥେ ଚଲବୋ ନା ମା, ଚରଣ୍ ଫେଲେ ।

— ନିଶିକାନ୍ତ

('ଅଲସ୍', 'ମର୍ମବିହଙ୍ଗ' କାବ୍ୟ ସଂକଳନ, ପୃ. ୧)

କୃଷ୍ଣା ଚକ୍ରବର୍ତ୍ତୀଙ୍କର ନିଶିକାନ୍ତଙ୍କ ସମ୍ବନ୍ଧରେ ରଚନାରୁ : କବି ତନ୍ମୟ ହୋଇ ତାଙ୍କର ସୂକ୍ଷ୍ମଦର୍ଶନ ସବୁ ବର୍ଣ୍ଣନା କରୁଥିବା ବେଳେ ମୁଁ ସେସବୁକୁ ବେଶ୍ ଉପଭୋଗ କରୁଥିଲି । ମୋର ହୃଦୟ ତୀବ୍ର ଆନନ୍ଦରେ ଭରପୂର ହୋଇ ଉଠୁଥିଲା । ସେଦିନ କବି ତାଙ୍କର ନିମ୍ନୋକ୍ତ ସୂକ୍ଷ୍ମଦର୍ଶନ କଥା କହିଲେ, ''ଦିନେ ମୁଁ ଏକ ମହାଶୂନ୍ୟ ଦେଖିଲି । କେଉଁଠି ହେଲେ କିଛି ବି ନାହିଁ । ସେହି ମହାଶୂନ୍ୟ ଭିତରୁ ଏକ ତ୍ରିଭୁଜାକାର ନକ୍ଷତ୍ର ଦୃଶ୍ୟମାନ ହେଲା । ତା'ପରେ ଗଗନ ମଣ୍ଡଳର ବିଶାଳ ବିସ୍ତୃତିର କେନ୍ଦ୍ରସ୍ଥଳରୁ ଆଶ୍ଚର୍ଯ୍ୟଜନକ ଭାବରେ ଅତି ସୁନ୍ଦର ସବୁଜ ଚନ୍ଦ୍ରର ଉଦୟ ହେଲା । ଏହି ସବୁଜ ଚନ୍ଦ୍ରର କିରଣମାଳା ପୃଥିବୀପୃଷ୍ଠରେ ମନ୍ଦମଧୁର ଭାବରେ ଝରି ପଡୁଥିଲା ଏବଂ ପୃଥିବୀର ଏକ ସବୁଜ ବୃକ୍ଷର ଶାଖା-ପ୍ରଶାଖାରୁ ଅସଂଖ୍ୟ ପୁଷ୍ପ ପ୍ରସ୍ଫୁଟିତ ହୋଇ ଉଠିଲା । ଆକାଶ ମାର୍ଗରେ ବିଭିନ୍ନ ଶ୍ରେଣୀର ପଂକ୍ତି ପଂକ୍ତି ପକ୍ଷୀକୁଳ ଉଡ଼ି ବୁଲୁଥା'ନ୍ତି । ତା'ପରେ ସବୁକିଛି ଉଭେଇଗଲା । ପୁଣି ସେଇ ମହାଶୂନ୍ୟ ପ୍ରତିଭାତ ହୋଇ ଉଠିଲା ଏବଂ ପୁନର୍ବାର ସେଇ ତ୍ରିଭୁଜ ନକ୍ଷତ୍ରର ଆବିର୍ଭାବ ହେଲା । ଏଥର କିନ୍ତୁ ଆକାଶରେ ଏକ ନୀଳ ଚନ୍ଦ୍ରର ଉଦୟ ହେଲା ଏବଂ ତା'ର କିରଣମାଳା ପୃଥିବୀପୃଷ୍ଠରେ ଅନବରତ ଝରି ପଡୁଥିଲା । ପୃଥିବୀର ସେଇ ସବୁଜ ବୃକ୍ଷଟି ଆଶ୍ଚର୍ଯ୍ୟଜନକ ଭାବରେ ବିଭିନ୍ନ ରଙ୍ଗର ପୁଷ୍ପ ସମ୍ଭାରରେ ଆଚ୍ଛାଦିତ ହୋଇ ଉଠିଲା ଏବଂ ବିଭିନ୍ନ ଶ୍ରେଣୀର ପକ୍ଷୀକୁଳ ବୃକ୍ଷର ଡାଳରେ ବସି ଆନନ୍ଦରେ କଳରବ କରୁଥା'ନ୍ତି । କିଛି ସମୟ ପରେ ଏହି ଦୃଶ୍ୟଟି ମଧ୍ୟ ଅଦୃଶ୍ୟ ହୋଇଗଲା; ପୁଣି ସେଇ ମହାଶୂନ୍ୟ, ପୁଣି ଶୂନ୍ୟରେ ସେଇ ତ୍ରିଭୁଜାକାର ନକ୍ଷତ୍ରର ଉଦୟ । ଏଥର କିନ୍ତୁ ଆକାଶରେ ଏକ ସୁବର୍ଣ୍ଣ ଚନ୍ଦ୍ରର ଉଦୟ ହେଲା; ପୃଥିବୀପୃଷ୍ଠରେ ତା'ର ସୁବର୍ଣ୍ଣ କିରଣମାଳା ଝରି ପଡୁଥିଲା । ପୁଣି ସେଇ ବିଶାଳ ସବୁଜ ବୃକ୍ଷଟି ବିଭିନ୍ନ ରଙ୍ଗର ପୁଷ୍ପରାଜିରେ ଆଚ୍ଛାଦିତ ହୋଇଗଲା ଏବଂ ଏଥର ଅସଂଖ୍ୟ ପକ୍ଷୀ ସେଥିରେ ଭରପୂର ହୋଇ ଆନନ୍ଦରେ କଳରବ କରୁଥା'ନ୍ତି ।

''ଏଇ ସୂକ୍ଷ୍ମଦର୍ଶନଟିକୁ ବିଶେଷ ଭାବରେ ବର୍ଣ୍ଣନା କରି ଶ୍ରୀଅରବିନ୍ଦଙ୍କୁ ଜଣାଇଲି । ସେ ସେଇଠୁ ଏହି ମର୍ମରେ ଉତ୍ତର ଦେଇଥିଲେ — ତୁମେ ଯାହାସବୁ ଦେଖିଲ, ସେସବୁ ସତ୍ୟ । ତ୍ରିଭୁଜାକାର ନକ୍ଷତ୍ର ହେଉଛି ଦିବ୍ୟଜନନୀ ଶ୍ରୀମାଙ୍କର ନବସୃଷ୍ଟିର ଶକ୍ତି । ସବୁଜ ଚନ୍ଦ୍ର ହେଉଛି ଶ୍ରୀରାମଙ୍କର ଅବତାର; ନୀଳ ଚନ୍ଦ୍ର ଶ୍ରୀକୃଷ୍ଣଙ୍କର । ପକ୍ଷୀରାଜି ଜୀବାତ୍ମାର ପ୍ରତୀକ, ବୃକ୍ଷଟି ପ୍ରାଣଶକ୍ତିର ପ୍ରତୀକ ।

''ତା'ପରେ ମୁଁ ତାଙ୍କୁ ପଚାରିଥିଲି — 'ସୁବର୍ଣ୍ଣ ଚନ୍ଦ୍ରଟି କେଉଁ ଅବତାରଙ୍କର ପ୍ରତୀକ ? ଆପଣଙ୍କର ?' ଗୁରୁଦେବ ଉତ୍ତର ଦେଇଥିଲେ, 'The coming Avatar.''ଆଗାମୀ ଯୁଗର ଅବତାର ।' ''

*

ଶ୍ରୀଅରବିନ୍ଦଙ୍କର ମହାପ୍ରୟାଣ ପରେ ଶ୍ରୀମା ପ୍ରତ୍ୟହ ସକାଳେ ବାଲକୋନିରେ ଦର୍ଶନ ଦେବାକୁ ଆରମ୍ଭ କରିଥିଲେ । ଏହି ଦର୍ଶନ ସମୟରେ କବି ନିତି ସମାନ ଦୃଶ୍ୟ ଦେଖୁଥିଲେ ।

ତାଙ୍କରି ଉକ୍ତିରେ, ''ମୁଁ ବାଲ୍‌କୋନିର ଉପର ଭାଗରେ, ଶ୍ରୀମା ଯେଉଁଠି ଆବିର୍ଭୂତା ହେଉଥିଲେ ଠିକ୍ ତା' ଉପରେ, ଗଗନ ମଣ୍ଡଳରେ ଏକ ସବୁଜ ଚନ୍ଦ୍ର ଦେଖୁଥିଲି ଏବଂ ପାର୍ଶ୍ୱରେ ସ୍ମିତହାସ୍ୟରେ ଏକ ଛୋଟ ବାଳକ । ତା'ପରେ ସବୁ ଉଭେଇଯାଏ; ପୁଣି ଦେଖାଦିଏ ନୀଳ ଚନ୍ଦ୍ର ସହିତ ସେହି ହାସ୍ୟମୁଖର ଛୋଟ ବାଳକ ଏବଂ ପୁଣି ନୀଳ ଚନ୍ଦ୍ର ଉଭେଇଯାଏ, ତା' ସ୍ଥାନରେ ଆସେ ସୁବର୍ଣ୍ଣ ଚନ୍ଦ୍ର ସହିତ ହସ ହସ ମୁହଁରେ ସେହି ଛୋଟ ବାଳକ । ତିନି ଥର ଯାକ ଚନ୍ଦ୍ର ପାର୍ଶ୍ୱରେ ଆବିର୍ଭୂତ ହେଉଥିବା ବାଳକଟି ଦେଖିବାକୁ ପ୍ରାୟ ସମାନ ।

''ସେତେବେଳେ ଆଶ୍ରମର ବଗିଚାରେ ଅଟଳ-ଦା' ବୋଲି ଜଣେ ବୟସ୍କ ସାଧକ କାମ କରୁଥିଲେ ଏବଂ ମୋର ବେଶ୍ ଘନିଷ୍ଠ ବନ୍ଧୁ ଥିଲେ । ତାଙ୍କର ମଧ୍ୟ ସୂକ୍ଷ୍ମଦର୍ଶନ ଲାଭର କ୍ଷମତା ଥିଲା । ତେଣୁ ମୁଁ ଦିନେ ଏକାନ୍ତରେ ମୋର ଉପର ବର୍ଣ୍ଣିତ ସୂକ୍ଷ୍ମଦର୍ଶନ କଥା କହିବାରୁ ସେ ତତ୍‌କ୍ଷଣାତ୍ କହି ଉଠିଲେ ଯେ ବାଲ୍‌କୋନି ଦର୍ଶନ ସମୟରେ ତାଙ୍କର ମଧ୍ୟ ସେହି ସମାନ ଧରଣର ସୂକ୍ଷ୍ମଦର୍ଶନ ହେଉଛି : 'ହାସ୍ୟମୁଖର ସବୁଜ ବାଳକ, ନୀଳ ବାଳକ ଓ ସୁବର୍ଣ୍ଣ ବାଳକ ।' ''

ଦିନେ ମୋ ହାତରେ ଶ୍ରୀଅରବିନ୍ଦଙ୍କର ଏକ ଆବକ୍ଷ ଫଟୋ (ଆଶ୍ରମର ମେଡ଼ିଟେସନ୍ ହଲ୍‌କୁ ପ୍ରବେଶ କରିବା ମାତ୍ରେ ସମ୍ମୁଖରେ ଶ୍ରୀଅରବିନ୍ଦ ସୋସାଇଟିର ପ୍ରତୀକାତ୍ମକ ସିମ୍ବଲ ଭିତରେ ଥିବା ଶ୍ରୀଅରବିନ୍ଦଙ୍କ ଫଟୋ) ଦେଖି କବି ତତ୍‌କ୍ଷଣାତ୍ କହି ଉଠିଥିଲେ, 'ଆହା ! ଗୁରୁଦେବ ଅସାଧାରଣ ଭାବରେ ଅପରୂପ ନୁହନ୍ତି ? ତାଙ୍କର ଲଲାଟ ଉପରେ ତୁମର ଦୃଷ୍ଟି ପଡ଼ିବା ମାତ୍ରେ ଅନୁଭବ କରିବ ଏକ ପର୍ବତ ଶିଖରରୁ ଚନ୍ଦ୍ରୋଦୟ ହେଉଛି !'

ଦିନେ ମୁଁ ନଜର କଲି ଯେ କବିଙ୍କ ଘରେ ଶ୍ରୀରାମକୃଷ୍ଣଙ୍କର ଏକ ପୁରୁଣା ଛିଣ୍ଡା ଫଟୋ ରହିଛି । ତାଙ୍କୁ ପଚାରିଲି, 'ଆପଣ ଏଇ ଫଟୋଟି କାହିଁକି ରଖିଛନ୍ତି ?' ସେଇଠୁ କବି ମୋତେ ବୁଝାଇ କହିଲେ, 'ଥରେ ମୁଁ ହସ୍‌ପିଟାଲ୍‌ରେ ଅନେକ ଦିନ ଧରି ରହିଥିଲି । ଘରକୁ ଫେରି ଦେଖିଲି ଠାକୁରଙ୍କର ଏଇ ପୁରୁଣା ଫଟୋଟି ଛିଣ୍ଡିଯାଇ ଖରାପ ଦେଖାଯାଉଛି । ତେଣୁ ମୁଁ ଭାବିଲି ଠାକୁରଙ୍କର ଏମିତି ଫଟୋଟି ଆଉ ଘରେ ରଖିବି ନାହିଁ । ଯେମିତି ମୁଁ ଫଟୋଟିକୁ ବାହାର କରି ନେବାକୁ ହାତ ବଢ଼ାଇଛି, ହଠାତ୍ ଦେଖିଲି ଠାକୁରଙ୍କର ଶରୀରରୁ ଏକ ଉଜ୍ଜ୍ୱଳ ଆଲୋକ ରଶ୍ମି ନିର୍ଗତ ହେଉଛି । ତା'ପରଠୁ ମୁଁ କେମିତି ଏଇଟିକୁ ବାହାର କରିଦେବି, କୁହ ?'

– କବି, ଆପଣ ତ ନିଶ୍ଚୟ ଶିବଙ୍କୁ ଦର୍ଶନ କରିଥିବେ ! ତାଙ୍କର କପାଳରେ କୁଆଡ଼େ ବକ୍ର ଚନ୍ଦ୍ର ଶୋଭା ପାଉଥାଏ ?

ନିଶିକାନ୍ତ କହିଲେ, ''ମୁଁ କେବେହେଲେ ଶିବଙ୍କ କପାଳରେ ସେମିତି ଚନ୍ଦ୍ର ଦେଖି ନାହିଁ, ଯେମିତି କି ଚନ୍ଦ୍ରକୁ ଆଣି ତାଙ୍କ କପାଳରେ ଥୁଆ ଯାଇଛି । ଚନ୍ଦ୍ର ହେଉଛି ତାଙ୍କ କପାଳର ଏକ ଅଂଶ ବିଶେଷ, ଯେମିତି କପାଳରେ ଏକ ତିଳକ ଶୋଭାପାଏ ।''

କୃଷ୍ଣା ପ୍ରଶ୍ନ କଲେ, ''ରାମାୟଣ, ମହାଭାରତ ତଥା ଭାଗବତରେ ସୂର୍ଯ୍ୟଲୋକ ଓ ଚନ୍ଦ୍ରଲୋକ ସମ୍ବନ୍ଧରେ କେତେ ରକମର ବର୍ଣ୍ଣନା ରହିଛି । ଅବଶ୍ୟ ବୈଜ୍ଞାନିକ ଦୃଷ୍ଟିକୋଣରୁ ସେସବୁର କୌଣସି ମୂଲ୍ୟ ନାହିଁ ବା ସମ୍ପର୍କ ନାହିଁ । ତେବେ ସେହିସବୁ ବର୍ଣ୍ଣନା କ'ଣ କେବଳ କାଳ୍ପନିକ ଗଳ୍ପ ?''

କବି କହିଲେ, ''ଆଧ୍ୟାତ୍ମିକ ଜଗତର ସୂର୍ଯ୍ୟ ଓ ଚନ୍ଦ୍ର ଆମର ଏଇ ଭୌତିକ ଜଗତର ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ସଦୃଶ ନୁହେଁ । ସେ ଜଗତରେ ସେସବୁ ସମ୍ପୂର୍ଣ୍ଣ ଭିନ୍ନ ।''

*

ଦିନେ ଆମେ ସଙ୍ଗୀତ ବିଷୟରେ ଆଲୋଚନା କରୁଥିଲୁ । ସେଇଠୁ ମୁଁ କବିଙ୍କୁ ପଚାରିଲି, 'ଆପଣ କେବେ ଗନ୍ଧର୍ବ ବା କିନ୍ନରଗଣଙ୍କୁ ସଙ୍ଗୀତ ଗାଉଥିବାର ଶୁଣିଛନ୍ତି କି ? କଥିତ ଅଛି ସେମାନେ କୁଆଡ଼େ ପ୍ରତିଭାଧର ସଙ୍ଗୀତଜ୍ଞ ଏବଂ ସେମାନଙ୍କର କଣ୍ଠସ୍ୱର ମଧ୍ୟ ସେମିତି ଅତି ମଧୁର, ମନୋମୁଗ୍ଧକର ?

କବି : ମୁଁ ବାସ୍ତବରେ ସେମାନଙ୍କର କଣ୍ଠସ୍ୱର ଶୁଣିଛି । ସେମାନଙ୍କର ସଙ୍ଗୀତ ମଧ୍ୟ ବେଶ୍ ମନୋମୁଗ୍ଧକର । ସେ ଜଗତର ପୁରୁଷ ଓ ନାରୀ ଉଭୟଙ୍କର ରୂପକାନ୍ତି ଅପୂର୍ବ । ଅବଶ୍ୟ କିନ୍ନର ପୁରୁଷ ଓ ନାରୀମାନଙ୍କର ମୁଖମଣ୍ଡଳଟି ଘୋଡ଼ାର ମୁଖ ସଦୃଶ ।

କୃଷ୍ଣା : (ବିସ୍ମିତ ହୋଇ ତୀକ୍ଷ୍ଣ ହାସ୍ୟୋଦ୍ଦୀପକ ଭାବରେ କହି ଉଠିଲି) କ'ଣ ? ଘୋଡ଼ା ସଦୃଶ ମୁହଁ ? କିନ୍ତୁ ଆପଣ ତ ଏଇ ମୁହୂର୍ତ୍ତକ ପୂର୍ବରୁ କହିଲେ ଯେ ସେମାନେ ଦେଖିବାକୁ ଅବିଶ୍ୱାସ୍ୟ ଭାବରେ ମନୋହର ?

କବି : ହାୟ ଭଗବାନ୍ ! ତୁମେ ଯେଉଁ ଅର୍ଥରେ ଏଇଟିକୁ ଗ୍ରହଣ କରୁଛ, ସେମିତି ନୁହେଁ, ଘୋଡ଼ାଙ୍କ ପରି ମୁଖମଣ୍ଡଳ ନୁହେଁ ! ସେମାନଙ୍କର ମୁଖମଣ୍ଡଳଟି ଅଶ୍ୱମାନଙ୍କ ସଦୃଶ ଲମ୍ବା ମୁହଁ । ମୁଁ ତୁମକୁ ଗୋଟିଏ ଉଦାହରଣ ଦେଇ

ବୁଝାଇ ଦେଉଛି । ଆମେ ଯେତେବେଳେ କଥାଛଳରେ କହୁ ଯେ ଶ୍ରୀଅରବିନ୍ଦଙ୍କ ମୁଖମଣ୍ଡଳଟି ସିଂହ ସଦୃଶ । ଏଥିରୁ ଆମେ କ'ଣ ବୁଝୁ ଯେ ତାଙ୍କର ମୁଖମଣ୍ଡଳଟି ସିଂହ ପରି ? କେବେ ନୁହେଁ । ଆମେ ଏମିତି ବୁଝୁ ଯେ ତାଙ୍କ ମୁଖମଣ୍ଡଳଟିକୁ ଅନାଇବା ମାତ୍ରେ ସିଂହର ଗଭୀର ଶାନ୍ତ-ସମାହିତ ସ୍ଥିରତାର ଅନୁଭୂତିଟି ସାମନାରେ ଭାସିଉଠେ ।

ତେବେ ଶୁଣ, କୃଷ୍ଣା ! ମୋର ଗନ୍ଧର୍ବଗଣଙ୍କୁ ଦର୍ଶନ କରିବା ସମ୍ବନ୍ଧେ ଶ୍ରୀଅରବିନ୍ଦ ମନ୍ତବ୍ୟ ଦେଇଥିଲେ, 'ତୁମେ ସୂକ୍ଷ୍ମ ଦର୍ଶନରେ ଯେଉଁମାନଙ୍କୁ ଦେଖିଲ, ସେମାନେ ଦେବଗଣ ନୁହଁନ୍ତି, ଗନ୍ଧର୍ବଗଣ । ଦେବଗଣଙ୍କ ସଦୃଶ ଗନ୍ଧର୍ବଗଣ ସେମାନଙ୍କ ଶରୀରରୁ ଜ୍ୟୋତିଃ ବା ଆଲୋକ ବିକିରଣ କରନ୍ତି ନାହିଁ ।'

*

କଥାପ୍ରସଙ୍ଗରେ ମୁଁ ପ୍ରାୟ କବିଙ୍କୁ ବେଶ୍ କେତେଥର କହିଛି ଯେ ଆପଣ କେତେ ଭାଗ୍ୟବାନ୍; ଆପଣ କେତେ ରକମର ସୂକ୍ଷ୍ମଦର୍ଶନ କରିପାରନ୍ତି... ମୁଁ କିଛି ବି ଦେଖି ପାରେନି । ପ୍ରାୟତଃ ସେ ସବୁଥର ଏହି ଧରଣର ଉତ୍ତର ଦେଉଥା'ନ୍ତି – 'ତୁମେ ସୂକ୍ଷ୍ମଦର୍ଶନ କରି କ'ଣ ପାଇବ ? ନିଜକୁ ଜାଣିବା, ରୂପାନ୍ତରିତ କରିବା ହେଉଛି ଅସଲ କଥା । ଶହ ଶହ ସୂକ୍ଷ୍ମଦର୍ଶନରେ କିଛି ବି ମୂଲ୍ୟ ନାହିଁ ଯଦି ନିଜକୁ ରୂପାନ୍ତରିତ କରି ନପାରିବ । ତୁମେ ତ ଦିବ୍ୟଜନନୀଙ୍କୁ ସଶରୀରରେ ଦର୍ଶନ କରିଛ ! କିଏ କହିବ ଯେ ତୁମେ ଦେବତାଙ୍କୁ ଦେଖି ନାହଁ !'

ତଥାପି ମୁଁ ତାଙ୍କୁ କହୁଥାଏ – ମୁଁ ତ ଆପଣଙ୍କ ସଦୃଶ ସୂକ୍ଷ୍ମଦର୍ଶନ କରି ପାରେନି ।

ତା'ପରେ କବି ଶାନ୍ତ ସମାହିତ ଭାବରେ ମନ୍ତବ୍ୟ ଦେଲେ : 'ସୂକ୍ଷ୍ମଦର୍ଶନ କରିବା ବେଶ୍ ଭଲ । ଜଣେ ଯେଉଁଦିନ ସୂକ୍ଷ୍ମଦର୍ଶନରେ ବା ସ୍ୱପ୍ନରେ ଶ୍ରୀଅରବିନ୍ଦଙ୍କୁ ଏବଂ ଶ୍ରୀମା'ଙ୍କୁ ଅଥବା ବିଭିନ୍ନ ଦେବତାଙ୍କୁ ଦର୍ଶନ କରେ, ସେଦିନ ସେ ଆତ୍ମସନ୍ତୋଷ ଲାଭ କରେ । ଏହା ନିଶ୍ଚିତ । କିନ୍ତୁ ଯେଉଁଦିନ ସାରା ରାତିଟା ସେ ଦେଖୁଥାଏ ଯେ ତା' ଝରକା ସାମନାରେ ଭୂତଟିଏ ନାଚୁଛି, ସେଦିନ ସେ କେମିତି ଅନୁଭବ କରିବ ? ଭୋର୍‌ରୁ ଉଠି ତାକୁ କେମିତି ଲାଗିବ ?'

କବିଙ୍କର ସେଦିନର ଏଇ କଥା ଶୁଣି ମୁଁ ମର୍ମେ ମର୍ମେ ହୃଦୟଙ୍ଗମ କଲି ଯେ ଯେଉଁମାନଙ୍କର ସୂକ୍ଷ୍ମଦର୍ଶନ କରିବାର କ୍ଷମତା ରହିଛି, ସେମାନଙ୍କର ଭଲ ଓ ମନ୍ଦ ଉଭୟଟିକୁ ଦେଖି ଶାନ୍ତ ସମାହିତ ରହିବାର କ୍ଷମତା ରହିଛି । ତେଣୁ ମୁଁ ତାଙ୍କୁ କହିଥିଲି, 'ଭଗବାନଙ୍କର ଅଶେଷ କୃପା, ମୋତେ ସୂକ୍ଷ୍ମଦର୍ଶନ କରିବାର ସାମର୍ଥ୍ୟ ଦେଇ ନାହାନ୍ତି । ମୁଁ ପ୍ରକୃତରେ ସେସବୁ ଦର୍ଶନ ବ୍ୟତୀତ ବେଶ୍ ଭଲରେ ଅଛି ।' ମୋ କଥା ଶୁଣି କବି ସନ୍ତୋଷ ମନରେ ଅଳ୍ପ ହସି ଉଠିଥିଲେ ।

*

ସୂକ୍ଷ୍ମଦର୍ଶନର ଭଲ ଦିଗ ଓ ମନ୍ଦ ଦିଗ ସମ୍ବନ୍ଧେ କିଞ୍ଚିତ୍ ଆଭାସ ଦେବାର ଦିନେ କି ଦୁଇ ଦିନ ପରେ କବି ପୁଣି ମୋତେ କହିଥିଲେ : ''ଶୁଣ, ଆଜି ତୁମକୁ ମୋର ଏକ ସୂକ୍ଷ୍ମଦର୍ଶନ ସମ୍ବନ୍ଧେ କହିବି । ବେଶ୍ କିଛି ବର୍ଷ ପୂର୍ବରୁ ନିତି ସକାଳୁ କିଛି ଦୂର ବାଟ ପର୍ଯ୍ୟନ୍ତ ମୁଁ ଚାଲି ଯାଉଥିଲି ମା'ଙ୍କ ସକାଶେ ଫୁଲ ସଂଗ୍ରହ କରିବାକୁ । ଦିନେ ସକାଳେ ସେମିତି ଯାଉଥିବା ବେଳେ ଅଳ୍ପ ଦୂରରୁ ଦେଖିଲି କ'ଣ ଗୋଟାଏ ବଡ଼ ଆକାରର ରାସ୍ତାରେ ଡିଆଁଡ଼େଇଁ କରୁଛି । ପାଖକୁ ଯାଇ ଦେଖିଲି ସ୍ଥାନୀୟ କେତେକ ଲୋକ ଗୋଟିଏ ଗରିଲାକୁ ଧରି ଗଛର ତାଳପତ୍ରରେ ଘୋଡ଼ାଇ ବାନ୍ଧି ଦେଇଛନ୍ତି । ତାକୁ ଦେଖି କେହି କେବେ ବି ଧାରଣା କରି ପାରିବେ ନାହିଁ ଯେ ସେହି ତାଳପତ୍ରର ବୁଦା ଭିତରେ ଜୀବନ୍ତ ଗରିଲାଟିଏ ରହିଛି; କିନ୍ତୁ ବୁଦାଟି ଡିଆଁଡ଼େଇଁ କରୁଥିବାରୁ ତୁମର ସନ୍ଦେହ ଜାଗିବ ଯେ ଭିତରେ ଜୀବନ୍ତ କିଛି ରହିଛି ।

''ସେ ଯାହାହେଉ, ସେଦିନ କୌଣସି ଫୁଲ ନମିଳିବାରୁ ମୁଁ ଭାବିଲି, 'ଆଜି ଏଇ ଗରିଲାଟିକୁ ନେଇ ମା'ଙ୍କୁ ଅର୍ପଣ କରିବି ।' ତେଣୁ ପାଖରେ ଭିଡ଼ ଜମାଇଥିବା ଲୋକଙ୍କୁ କହିଲି, 'ମୋତେ ଗରିଲାଟିକୁ ଦିଅନ୍ତୁ !' ସେମାନେ ତତ୍‌କ୍ଷଣାତ୍ ରାଜି ହୋଇଗଲେ । ଗରିଲାକୁ ଶକ୍ତ କରି ବାନ୍ଧି ମୋ ସହିତ ଆଶ୍ରମ ପର୍ଯ୍ୟନ୍ତ ନେଇ ଆସିଲି । ଆଶ୍ରମବାସୀମାନେ ମୋର ଏହି କାଣ୍ଡଟି ଦେଖି ଅବାକ୍ !

''ମୁଁ ଉପର ମହଲାକୁ ଯାଇ ମା'ଙ୍କୁ ସମସ୍ତ କଥା କହି ଗରିଲାଟିକୁ ତାଙ୍କ ପାଦପଦ୍ମରେ ଅର୍ପଣ କରିବାର ସିଦ୍ଧାନ୍ତ ଜଣାଇଲି । ମା ମୋର ଅର୍ପିତ ଜୀବଟିକୁ ଗ୍ରହଣ କରି ନେଲେ ଏବଂ ସିଦ୍ଧାନ୍ତ ନିଆଗଲା ଯେ ଆଶ୍ରମର ପ୍ରଧାନ କୋଠାର ଛାତର ଗୋଟିଏ ପାର୍ଶ୍ୱରେ ତା'ର ରହିବାର ବନ୍ଦୋବସ୍ତ କରାଯିବ । କିନ୍ତୁ ମା'ଙ୍କ ପାଖରେ ଉପସ୍ଥିତ ଜନୈକ ସାଧକ ପ୍ରତିବାଦ କରି କହିଲେ ଯେ ଗରିଲାଟି ଛାତକୁ ନଷ୍ଟ କରି ଦେବ । ଠିକ୍ ଏହି ସମୟରେ ମୁଁ ନୀରଦବରଣଙ୍କ କଣ୍ଠସ୍ୱର ଶୁଣିପାରିଲି ଏବଂ ତତ୍‌କ୍ଷଣାତ୍ ପ୍ରକୃତିସ୍ଥ ହୋଇ ହୃଦୟଙ୍ଗମ କଲି ଯେ ଏତେ ସମୟ ଧରି ମୁଁ ଏକ ସୂକ୍ଷ୍ମଦର୍ଶନ କରୁଥିଲି ।

''ତା'ପରେ ନୀରଦବରଣଙ୍କୁ ସମସ୍ତ କଥା କହି ତାଙ୍କୁ ଅନୁରୋଧ କଲି ଯେ ମୋର ଏହି ସୂକ୍ଷ୍ମଦର୍ଶନଟିର ତାତ୍ପର୍ଯ୍ୟ ସମ୍ବନ୍ଧେ ଗୁରୁଦେବଙ୍କୁ ପଚାରିବେ । ନୀରଦବରଣ ଶାନ୍ତ ଭାବରେ କହିଲେ, 'କବି, ଆପଣ ଅସମ୍ଭବ ଭାବରେ ବିଚିତ୍ର ! ଆପଣ ସବୁବେଳେ ଏମିତି ଯାବତୀୟ ସୂକ୍ଷ୍ମଦର୍ଶନ କରି ଚାଲିଥିବେ ଆଉ ନିଶ୍ଚିତ ରୂପେ ପ୍ରତ୍ୟେକଟି ସମ୍ବନ୍ଧେ ଗୁରୁଦେବଙ୍କୁ ଜଣାଇବାକୁ ହେବ ! ଏହା କ'ଣ ସବୁବେଳେ ସମ୍ଭବ ?' ମୁଁ ନୀରବ ରହିଗଲି ।

''ତେଣୁ ମୋର ଉପରୋକ୍ତ ସୂକ୍ଷ୍ମଦର୍ଶନଟି ସମ୍ବନ୍ଧରେ ବିନ୍ଦୁବିସର୍ଗ ଜାଣିବାର ଉପାୟ ନଥିଲା । ବେଶ୍ ଅନେକ ଦିନ ପରେ ଦିଲୀପ କୁମାର ରାୟ ମୋତେ ଆମନ୍ତ୍ରଣପୂର୍ବକ କହିଲେ, 'କବି, ଆସନ୍ତୁ, କୃଷ୍ଣା ନଦୀ ତଟରେ ଥିବା ଏକ ଗ୍ରାମାଞ୍ଚଳକୁ ଯିବା । ସେଠାକାର ଏକ କୁଟୀରରେ କିଛିଦିନ ବିତାଇ ସଙ୍ଗୀତ ସାଧନାରେ ମଜ୍ଜି ରହିବା ।' ଦିଲୀପଙ୍କ ସହିତ ସେଠାକୁ ଯିବା ସକାଶେ ଶ୍ରୀଅରବିନ୍ଦଙ୍କୁ ଏକ ପତ୍ର ଲେଖି ତାଙ୍କର ଅନୁମତି ପ୍ରାର୍ଥନା କଲି ।

''ନୀରଦବରଣଙ୍କ ମାଧ୍ୟମରେ ଶ୍ରୀଅରବିନ୍ଦ ଉତ୍ତର ଦେଲେ, 'ନିଶିକାନ୍ତ ବାହାରକୁ ଯିବାକୁ ଚାହେଁ ? ସେ କ'ଣ ଭୁଲି ଯାଇଛି ଯେ ସେ ମା'ଙ୍କ ଚରଣରେ ଗରିଲାଟିକୁ ନିବେଦନ କରି ଦେଇଥିଲା ?'

''ଶ୍ରୀଅରବିନ୍ଦଙ୍କ ଉତ୍ତର ଶୁଣି ମୁଁ ତ ଅବାକ୍ ! ତା'ହେଲେ ସତକୁ ସତ କ'ଣ ନୀରଦବରଣ ମୋର ସେଇ ସୂକ୍ଷ୍ମଦର୍ଶନଟି ସମ୍ବନ୍ଧେ ଗୁରୁଦେବଙ୍କୁ ପଚାରିଥିଲେ !!

''ଜାଣିଛ କୃଷ୍ଣା, ଗରିଲା ହେଉଛି ମଣିଷର ପ୍ରାଣ ଶକ୍ତିର ପ୍ରତୀକ ।''

(Mother India : Dec. 2009 ଏବଂ Jan. 2010ରେ କୃଷ୍ଣା ଚକ୍ରବର୍ତ୍ତୀଙ୍କର ରଚନାରୁ ସଂଗୃହୀତ)

*

ପରିଶେଷରେ ୪ ଏପ୍ରିଲ ୧୯୪୦ର ସକାଳ ବୈଠକରେ ଶ୍ରୀଅରବିନ୍ଦଙ୍କ ସହିତ ଶିଷ୍ୟବର୍ଗଙ୍କର ହୋଇଥିବା ଆଳାପ ଆଲୋଚନାରୁ କିଛି :

ନୀରଦ : ଗତ କାଲି ନିଶିକାନ୍ତ ମୋତେ ତିନୋଟି ଯୋଡ଼ା କଦଳୀ ମା'ଙ୍କୁ ଦେଖାଇବାକୁ ଦେଇଥିଲେ ଏବଂ ମା'ଙ୍କୁ ପଚାରିବାକୁ କହିଥିଲେ ଯେ ସେ ଏଇଟିକୁ ନେଇ ପାରିବେ କି ? ମା ଏକଥା ଶୁଣି ହସି ଉଠିଲେ ଏବଂ ପଚାରିଲେ, 'ସେ କ'ଣ ଉପବାସ କରିଛି ! ଦୁଧ ସହିତ କଦଳୀଗୁଡ଼ିକୁ ଭଲ କରି ଚକଟି ସେ ତ ଖାଇପାରେ !' ଆଜି ସକାଳେ ନିଶିକାନ୍ତ ଜଣାଇଛନ୍ତି ଯେ ସେ ସବୁତକ ଖାଇ ପାରିଲେ ନାହିଁ । ତଥାପି ତାଙ୍କ ଦେହଟି ଭାରି ଭାରି ଲାଗୁଛି । ସେଇଠୁ ମୁଁ ତାଙ୍କୁ କହି ଆସିଛି ଯେ ଏ ସମ୍ବନ୍ଧେ ମୁଁ ଆପଣଙ୍କୁ ପଚାରିବି ।

ସତ୍ୟେନ୍ଦ୍ର (ଶିଷ୍ୟ) : କିନ୍ତୁ ଏହିସବୁ ତୁଚ୍ଛ ବିଷୟରେ ସେ କାହିଁକି ଶ୍ରୀଅରବିନ୍ଦଙ୍କର ମନୋଯୋଗ ଆକର୍ଷଣ କରିବାକୁ ଚାହାଁନ୍ତି ? କ'ଣ ତାଙ୍କ ସକାଶେ ଗୁରୁଦେବଙ୍କର ଅନୁକମ୍ପା ଥିବାର ଅନୁଭୂତି ଲାଭ କରିବା, ଯେହେତୁ ସେ ଗୋଟିଏ କଦଳୀ ବି ଖାଇ ପାରୁ ନାହାନ୍ତି ? (ହାସ୍ୟ)

ଶ୍ରୀଅରବିନ୍ଦ : ମୋର ମନେ ହୁଏ ଯୌଗିକ ଧାରାରେ ଆତ୍ମସଂଯମୀ ହୋଇ ଉଠିବାକୁ ସେ ବାଧ୍ୟ ହୋଇଛି ! (ହାସ୍ୟ)

ନୀରଦ : କିଛି ଦିନ ପୂର୍ବରୁ ସେ ଯେଉଁ ସୂକ୍ଷ୍ମଦର୍ଶନ କରିଥିଲେ ସେଇଟି ସତ୍ୟ ବୋଲି ମନେ ହୁଏ । ସୂକ୍ଷ୍ମଦର୍ଶନଟି ଏହିପରି ଥିଲା – ଦିନେ ତାଙ୍କର ନିଦ୍ରିତାବସ୍ଥାରେ ସେ ଦେଖିଲେ ଏକ ପ୍ରାଣ ସତ୍ତା ତାଙ୍କର ତଳି ପେଟକୁ ଲକ୍ଷ୍ୟ କରି କହୁଥାଏ, 'ଏଇଟି ହେଉଛି ତୋର ଶକ୍ତି-ସାମର୍ଥ୍ୟର ଉତ୍ସ ! ମୁଁ ଏଇଟିକୁ ଏକେବାରେ ଶେଷ କରି ଦେବାକୁ ଯାଉଛି ।' ତା'ପରେ ସେଇ ସତ୍ତାଟି ଷଣ୍ଢ ଭଳିଆ ତଳକୁ ମୁହଁ କରି ତାଙ୍କ ବକ୍ଷସ୍ଥଳର ପଞ୍ଜରାସ୍ଥି ତଳେ ଥିବା ଖାଲୁଆ ସ୍ଥାନକୁ ତୀବ୍ର ଭାବରେ ଭୁସା ମାରିଲା । ନିଶିକାନ୍ତ ତୀବ୍ର ଯନ୍ତ୍ରଣାରେ ମୃଦୁ ଗର୍ଜନ କରି ଉଠିଲେ ଏବଂ ପ୍ରତ୍ୟାକ୍ରମଣ ସ୍ୱରୂପ ଅନନ୍ୟୋପାୟ ହୋଇ ହଠାତ୍ ସେଇ ସତ୍ତାର ଅଣ୍ଡକୋଷଟିକୁ ଖୁବ୍ ଜୋର୍‌ରେ ଚିପି ଧରିଲେ । ଫଳରେ ସେଇ ସତ୍ତାଟି ଅଦୃଶ୍ୟ ହୋଇଗଲା । (ହାସ୍ୟ)

ଶ୍ରୀଅରବିନ୍ଦ : ନିଶିକାନ୍ତ ସାମନାରେ ଯେଉଁ ସତ୍ତାଟିର ଆବିର୍ଭାବ ଘଟିଥିଲା ସେଇଟି ସତ୍ୟ ବୋଲି ମନେ ହୁଏ । ବକ୍ଷସ୍ଥଳର ପଞ୍ଜରାସ୍ଥି ତଳେ ଥିବା ଖାଲୁଆ ସ୍ଥାନଟି ହେଉଛି ପ୍ରାଣିକ ଆବେଗପୂର୍ଣ୍ଣ ଚକ୍ର (vital-emotional centre), ଯାହାକି ତା'ର ଶକ୍ତି ସାମର୍ଥ୍ୟର ଉତ୍ସ । ତଥାପି ଏଇ କଥାଟି ଜାଣିଥିଲେ ଖୁବ୍ ଚିତ୍ତାକର୍ଷକ ହୋଇଥା'ନ୍ତା ଯେ ସେଇ ପ୍ରାଣ ସତ୍ତାଟିର ଅଣ୍ଡକୋଷର ଅବସ୍ଥା କ'ଣ ହେଲା ? (ହାସ୍ୟ)

(Nirodbaran : 'Talks with Sri Aurobindo'; P. 588)

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑

# ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ

## (୨୦)

**ଗୟାଧର ଦାଶ**

**ଲକ୍ଷ୍ୟ ପ୍ରତି ସଚେତନ ହେବା,**
**ଆତ୍ମ-ପ୍ରକାଶର କ୍ଷେତ୍ରକୁ ବ୍ୟାପକ କରିବା ଏବଂ**
**ଆତ୍ମ-ଅନୁଶାସନ ଦ୍ୱାରା ପରିଚାଳିତ ହେବା ।**

ମନୁଷ୍ୟ ସର୍ବଦା ସୁଖରେ ରହିବାକୁ ଚାହେଁ । ସୁଖରେ ବଞ୍ଚିବା ପାଇଁ ସେ ନାନା କାର୍ଯ୍ୟ କରେ । କିନ୍ତୁ ସୁଖ ଏକ ପରିଣତି, ଲକ୍ଷ୍ୟ ନୁହେଁ । ଆମେ ସୁଖକୁ ଜୀବନର ଲକ୍ଷ୍ୟ ରୂପେ ଗ୍ରହଣ କରିଥାଉ । ସେଥିପାଇଁ ମଣିଷର ଜୀବନ ଦୁର୍ବିଷହ ହୋଇଯାଏ ଏବଂ ନାନା ଦୁଃଖ, ଦୁର୍ଦ୍ଦଶାରେ ପୂର୍ଣ୍ଣହୋଇ ରହିଥାଏ । ନିଜର ସଂକୀର୍ଣ୍ଣ ବ୍ୟକ୍ତିଗତ ଜୀବନକୁ ନେଇ ବ୍ୟସ୍ତ ରହିବା ଠାରୁ ବଳି କଦର୍ଯ୍ୟ ବସ୍ତୁ ଏ ସଂସାରରେ ନାହିଁ । ଯେଉଁମାନେ ନିଜକୁ ନେଇ ସର୍ବଦା ବ୍ୟସ୍ତ, ସେମାନେ ନିଶ୍ଚୟ ଅନୁଭବ କରୁଥିବେ ଯେ ସେମାନେ କେତେ ଅସହାୟ । ପ୍ରତି ମୁହୂର୍ତ୍ତରେ ଭୟ, ବିପଦ, ଆଶଙ୍କା ଆଦିରେ ଜୀବନ ହୁଏ ଥରହର । ଯଦି ନୀରବରେ ସେ ବସିଯାଏ ଏବଂ ଆତ୍ମସମୀକ୍ଷା କରେ ତେବେ ସେ ଅନୁଭବ କରି ପାରିବ ଯେ ଏ ପ୍ରକାର ଜୀବନ କେଡ଼େ ନିରର୍ଥକ ଆଉ ଶୂନ୍ୟ । ଗୋବର ପୋକ ପରି ଗୋବରରେ ଘାଣ୍ଟି ହେବା କିଂବା ଲାଙ୍ଗୁଡ଼ା ପୋକ ପରି ପୂତିଗନ୍ଧଯୁକ୍ତ ନର୍ଦ୍ଦମାରେ ଘାଣ୍ଟି ହେବାର ଜୀବନ ବିତାଇବା କେବଳ ସେହି ଶ୍ରେଣୀର ପୋକ ଓ ପ୍ରାଣୀମାନଙ୍କୁ ଭଲ ଲାଗେ । ଆମେ କ'ଣ ଏ ପ୍ରକାର ଜୀବନ ବଞ୍ଚିବାକୁ ଭଲ ପାଉ ? କେବେ ନୁହେଁ । ପୁନଶ୍ଚ ଆମ ଆଗରେ ଯଦି କିଛି ଲକ୍ଷ୍ୟ ନାହିଁ ତେବେ ଆମେ କେଉଁ କୁଳର ହେବା ? ବର୍ତ୍ତମାନ ପରିସ୍ଥିତି ଯାହା ଏଥିରେ ଆମ ଜୀବନର ଲକ୍ଷ୍ୟ ବ୍ୟକ୍ତିଗତ ସୁଖଲାଭ କରିବା ନୁହେଁ, ମାତ୍ର ବ୍ୟକ୍ତିସତ୍ତାକୁ କ୍ରମେ ସତ୍ୟ ଚେତନାକୁ ଉଠାଇନେବା । ମା' କହନ୍ତି, ''ତୁମର ଲକ୍ଷ୍ୟ ହେବା ଉଚିତ ସୁମହତ ଓ ବୃହତ୍, ବିଶାଳ ଓ ନିଃସ୍ୱାର୍ଥପର ।'' ଅଳ୍ପକରେ ଜୀବନ ବଞ୍ଚିବା ପାଇଁ ଆମକୁ ଜୀବନ ଦିଆଯାଇ ନାହିଁ, କାରଣ ଅଳ୍ପକରେ ସୁଖ ନଥାଏ, ଭୂମାରେହିଁ ସୁଖ ଥାଏ । କ୍ଷୁଦ୍ରରେ ନୁହେଁ, ବୃହତ୍‌ରେ ସୁଖ ଥାଏ । ଭୋଗରେ ନୁହେଁ, ତ୍ୟାଗରେହିଁ ସୁଖ ଥାଏ । ନେବାରେ ନୁହେଁ, ଦେବାରେ ଏବଂ 'ଯେମିତି ଅଛୁ' ସେଥିରେ ନୁହେଁ 'କିଛି ହୋଇ ଉଠିବାରେ' ସୁଖ ଥାଏ । ଶ୍ରୀମା ବ୍ୟାଖ୍ୟା କରି କହିଛନ୍ତି, — ''ଏପରି କେତେ ଲୋକ ଅଛନ୍ତି ଯେଉଁମାନଙ୍କ ଲକ୍ଷ୍ୟ ହେଉଛି ସୌଭାଗ୍ୟ ଅର୍ଜନ କରିବା ଏବଂ ଆଉ କେତେକଙ୍କ ଲକ୍ଷ୍ୟ ହେଉଛି କିପରିଭାବେ ରୋଗକୁ ଭଲ କରିବାର ସମାଧାନ ଖୋଜି ପାଇବା । ତେଣୁ ସ୍ପଷ୍ଟଭାବରେ ସୌଭାଗ୍ୟ ଚାହୁଁଥିବା ବ୍ୟକ୍ତିର ଲକ୍ଷ୍ୟ ଗୋଟିଏ ରୋଗର ସମାଧାନ ଚାହୁଁଥିବା ବ୍ୟକ୍ତିର ଲକ୍ଷ୍ୟ ଅପେକ୍ଷା ଅଧିକ ଆତ୍ମକେନ୍ଦ୍ରିକ ଏବଂ ଅଧିକ ସଂକୀର୍ଣ୍ଣ । ଆଉ କେତେକଙ୍କର ଲକ୍ଷ୍ୟ ହେଉଛି ସୁଖ ସ୍ୱାଚ୍ଛନ୍ଦ୍ୟମୟ ଜୀବନଯାପନ କରିବା, ନିଜର ପତ୍ନୀ ଓ ପିଲାଙ୍କ ସହ ଯେତେଦୂର ସମ୍ଭବ ସବୁଠାରୁ ବଳି ସର୍ବୋତ୍ତମ ଏକ ସଂସାରରେ ଏକେବାରେ ଭଲଭାବରେ ଜୀବନ-ଯାପନ କରିବା । ସେ ଯାହା ହେଉନା କାହିଁକି ଏହା ଏକ ଅତି ସାଧାରଣ ମାମୁଲି ଲକ୍ଷ୍ୟ । ଆଉ କେତେକ ଲୋକ ଅଛନ୍ତି ଯେଉଁମାନେ ସମଗ୍ର ମାନବଜାତିର ମଙ୍ଗଳ ଚାହାଁନ୍ତି ବା ଯେଉଁମାନେ ନୂଆ ନୂଆ ଆବିଷ୍କାରମାନ କରିବାକୁ ଚାହାଁନ୍ତି । ଉଦାହରଣ ସ୍ୱରୂପ, ମିଷ୍ଟର ଓ ମିସେସ୍ କ୍ୟୁରୀ ଯିଏକି ରେଡ଼ିୟମ୍ ଆବିଷ୍କାର କରିଥିଲେ । ତାହା ଗୋଟିଏ ମହତ୍ତର ଲକ୍ଷ୍ୟ । 'ନିଃସ୍ୱାର୍ଥପରତା'ର ଅର୍ଥ ହେଲା ଯାହା ନିଜର ବ୍ୟକ୍ତିଗତ ଲାଭ ଲାଗି ଉଦ୍ଦିଷ୍ଟ ନଥିବ, ଯାହା ନିଜର ବ୍ୟକ୍ତିଗତ ସନ୍ତୋଷ ଲାଗି ଉଦ୍ଦିଷ୍ଟ ନଥିବ, ମାତ୍ର ତାହା ସମ୍ପୂର୍ଣ୍ଣ ଭାବେ ଅନ୍ୟମାନଙ୍କର ସହାୟତାରେ ଆସୁଥିବ । ବାସ୍ତବରେ ସବୁଠାରୁ ବଳି ଶ୍ରେଷ୍ଠ ଲକ୍ଷ୍ୟ ହେଲା ଭଗବାନଙ୍କ ସହ ଏକ ହୋଇଯିବା; ତାଙ୍କର କର୍ମ ସମ୍ପାଦନ କରିବା,... ... ଏହା କହିବା ଅନାବଶ୍ୟକ ଯେ ନିଜ ଭିତରର ଭଗବାନଙ୍କୁ ଆବିଷ୍କାର କରିବା ଏବଂ ତାଙ୍କ ସହ ଏକାତ୍ମ ହେବା ଏବଂ ତାଙ୍କର କର୍ମ ସମ୍ପାଦନ କରିବା ହେଉଛି ସବୁଠାରୁ ବଳି ସୁମହତ୍ ଓ ସବୁଠାରୁ ବଳି ନିଃସ୍ୱାର୍ଥପର ଲକ୍ଷ୍ୟ ।''

(MCW: Vol. 5, pp. 391-392)

ଏପରି ଏକ ଲକ୍ଷ୍ୟକୁ ଆମେ ଗ୍ରହଣ କରିଛେ କି ?

ମନୁଷ୍ୟ ଭିତରେ ଯେଉଁ ଆତ୍ମସତ୍ତା ରହିଛି, ଯିଏ ଆମ ଜୀବନର ମାର୍ଗଦର୍ଶକ, ଆମ ଯାତ୍ରାର ନେତା, ଆମ ସଂଗ୍ରାମର ସେନାପତି, ଆମର ସକଳ ଚିନ୍ତା, ଭାବନା, ଆବେଗ, ଅନୁଭବ ଓ କାର୍ଯ୍ୟର ସୂତ୍ରଧର; ତାଙ୍କୁ ଛାଡ଼ିଦେଇ ଆମେ ଜୀବନ ପଥରେ କେତେ ଦୂର ଆଗେଇ ଯାଇପାରିବା ? ଅନ୍ଧକାରରେ ଯାହାଙ୍କ ଆଲୋକ ଆମକୁ ବାଟ ଦେଖାଏ, ବିପଦରେ ଯିଏ ବନ୍ଧୁ ପରି ପାଖେ ପାଖେ ଥାଆନ୍ତି, ଅସରନ୍ତି ଦୁଃଖ ଦୁର୍ଦ୍ଦଶାରେ ଯିଏ ସାହା ଓ ଭରସା ଦିଅନ୍ତି, ତାଙ୍କୁ ଆମେ ଭୁଲିଯାଉ କିପରି ? ଆମ ଭିତରେ ଐଶ୍ୱର୍ଯ୍ୟର ଗନ୍ତାଘର ଥିବାବେଳେ ଆମେ ତାହା ବାହାରେ ଖୋଜିଲେ, ଆମକୁ ତାହା ମିଳବ କି ? ଏଇ ତ ବିଡ଼ମ୍ବନା । କି ଅଦ୍ଭୁତ ଆମର ଭାବନା ! କି ଅଦ୍ଭୁତ ଆମର ଯୋଜନା ! ପତି ପାଇଁ ପତ୍ନୀ ଆପଣାର ହୁଏନା କି ପତ୍ନୀ ପାଇଁ ପତି ଆପଣାର ହୁଏନା, ପୁତ୍ର ପାଇଁ ପିତା ଆପଣାର ହୁଏନା କି ପିତା ପାଇଁ ପୁତ୍ର ଆପଣାର ହୁଏନା । ମାତାପିତା ପାଇଁ ସନ୍ତାନ ଆପଣାର ହୁଏ ନାହିଁ କି ସନ୍ତାନ ପାଇଁ ମାତାପିତା ଆପଣାର ହୁଅନ୍ତି ନାହିଁ । କେବଳ ଏହି ଆତ୍ମା ପାଇଁ ଦୁନିଆର ସବୁକିଛି ଆପଣାର ହୁଅନ୍ତି । ଏହି ଆତ୍ମା ସର୍ବତ୍ର, ସର୍ବବସ୍ତୁରେ ବିଦ୍ୟମାନ, ଆମ ଭିତରେ ବି ବିଦ୍ୟମାନ । ସେହିଁ ଆମ ଜୀବନର ମୂଳବସ୍ତୁ । ସେହିଁ ଆମର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ୍ । ସେହି ଆତ୍ମା ପ୍ରତି ସଚେତନ ହେବା, ତାଙ୍କୁ ଆବିଷ୍କାର କରିବା ଏବଂ ତାଙ୍କର ଅନୁଶାସନରେ ବାଟ ଚାଲିବା ହେଉଛି ଜୀବନର ଲକ୍ଷ୍ୟ ବା ଶିକ୍ଷାର ଲକ୍ଷ୍ୟ ।

ପ୍ରଶ୍ନଉଠେ, ଆତ୍ମାର ଅନ୍ୱେଷଣରେ ଆମେ କ'ଣ ସଂସାର ତ୍ୟାଗ କରିବା ? ଆମର ବୃତ୍ତିକୁ ତ୍ୟାଗ କଲେ ଆମେ ବଞ୍ଚିବା କିପରି ? ଗୋଟିଏ ପିଲା ଆଗରେ ଆମେ ଯଦି ଏପରି ଏକ ମହାନ୍ ଲକ୍ଷ୍ୟକୁ ରଖିବା, ତେବେ ସେ ପାଠପଢ଼ି କ'ଣ କରିବ ? ପ୍ରକୃତରେ ସଂସାର କିଂବା ବୃତ୍ତିକୁ ତ୍ୟାଗ କରିବାରେ ଯଥାର୍ଥ ଲକ୍ଷ୍ୟଟି ପ୍ରାପ୍ତ ହୋଇ ପାରିବ ବୋଲି କୌଣସି ନିଶ୍ଚିତତା ନାହିଁ । ସଂସାର ଭିତରେ ରହି ଜଣେ ସତ୍ୟକୁ ଉପଲବ୍ଧି କରିପାରିବ; ବୃତ୍ତି ଯାହା ହେଉ ନା କାହିଁକି ଆମେ ତା' ଭିତରେ ସତ୍ୟକୁ ଆବିଷ୍କାର କରି ପାରିବା । ଜଣେ ପିଲା ତା' ଜୀବନରେ ଯାହା ହେବାକୁ ଚାହୁଁ ନା କାହିଁକି, ଏହା କେବଳ ବ୍ୟାବହାରିକ ଦୁନିଆରେ ଜୀବନ ବଞ୍ଚିବାର ଏକ ଉପାୟ । ଏହାକୁ ଆମେ ପ୍ରକୃତ ଲକ୍ଷ୍ୟ ବୋଲି ଧରିବା ନାହିଁ । କିନ୍ତୁ ଉପାୟ ବା ପଥଟି ସତ୍ ହେବା ବିଧେୟ; କାର୍ଯ୍ୟଟି ନିଃସ୍ୱାର୍ଥପର ହେବା ଆବଶ୍ୟକ । ପଥ ଅନେକ ହୋଇପାରେ; କିନ୍ତୁ ଲକ୍ଷ୍ୟ ହେଉଛି ଏକ । ସେହି ପଥରେ ଆମକୁ ସଂଗ୍ରାମ କରିବାକୁ ହେବ, ସତ୍ୟକୁ ଆରାଧନା କରିବାକୁ ହେବ । ପ୍ରତ୍ୟେକ ବ୍ୟକ୍ତି ଭିତରେ ଯେଉଁ ସ୍ୱାତନ୍ତ୍ର୍ୟ ରହିଛି, ସ୍ୱଧର୍ମ ରହିଛି, ସେହି ସ୍ୱଧର୍ମର ପରିପ୍ରକାଶ ବା ଅଭିବ୍ୟକ୍ତିକୁ ଆମେ ଜୀବନର ଲକ୍ଷ୍ୟ ବୋଲି କହିପାରିବା । ପ୍ରତ୍ୟେକଙ୍କ ଭିତରେ ପରମସତ୍ୟର ଏକ ସ୍ୱତନ୍ତ୍ର ଉପାଦାନ ରହିଛି ଏବଂ ସେହି ଉପାଦାନର ଅଭିବ୍ୟକ୍ତି ସକାଶେ ଆମକୁ ଆମର ଜୀବନ ଦିଆଯାଇଛି । ସେହି ଉପାଦାନକୁ ଚିହ୍ନିବା, ଆବିଷ୍କାର କରିବା ଏବଂ ତା'ର ଅଭିବ୍ୟକ୍ତିରେ ମନ, ପ୍ରାଣ ଓ ଶରୀରକୁ ବିନିଯୋଗ କରିବା ହେଉଛି ଜୀବନର ଉଦ୍ଦେଶ୍ୟ । ବୃତ୍ତି ଓ ପରିସ୍ଥିତି ଯାହା ହେଉନା କାହିଁକି, ଆମର ସଂକଳ୍ପ, ସଦିଚ୍ଛା, ସତ୍ୟାନୁରାଗ ଓ ତୀବ୍ର ଅଭୀପ୍ସା ଦ୍ୱାରା ଆମେ ଆମର ଦିବ୍ୟ ଉପାଦାନ ବା ଆତ୍ମସତ୍ତାକୁ ଆବିଷ୍କାର କରିପାରିବା । ଜୀବନଟି ଏକ ଗବେଷଣାଗାର । ଏହି ଗବେଷଣାଗାରରେ ଆମେ ଦିବ୍ୟସତ୍ତାକୁ ଆବିଷ୍କାର କରି ଜଗତର ମଙ୍ଗଳ କାର୍ଯ୍ୟରେ ନିଜକୁ ବିନିଯୋଗ କରିବା ହେଉଛି ଜୀବନର ଲକ୍ଷ୍ୟ । ଏହା ମଧ୍ୟ ଶିକ୍ଷାର ମହତ୍ ଉଦ୍ଦେଶ୍ୟ । ଏହି ଉଦ୍ଦେଶ୍ୟ ସାଧନ ନିମନ୍ତେ ଛୋଟବେଳୁ ପିଲାକୁ ତା'ର ଏହି ଲକ୍ଷ୍ୟ ପ୍ରତି ସଚେତନ ହେବାକୁ ଅନୁକୂଳ ପରିବେଶ ସୃଷ୍ଟି କରିବା ହେଉଛି ଆମ ସମସ୍ତଙ୍କର କର୍ତ୍ତବ୍ୟ ।

ଛୋଟ ପିଲାର ଆଖିକୁ ଚାହିଁଲେ ଆମେ ଅନୁଭବ କରି ପାରିବା ଯେ ସେହି ଆଖିଦେଇ କେତେ ଦିବ୍ୟ ସମ୍ଭାବନା ବାହାରକୁ ପ୍ରକାଶ ପାଉଛି । ଶାନ୍ତ, ସୁଧୀର, ମୁକ୍ତି ଓ ଆନନ୍ଦର କଥା କହେ ସେହି ଆଖି । ତା'ର ହସରେ ଭରି ରହିଛି ମଧୁରତା ଓ ଅନନ୍ତ ସୌନ୍ଦର୍ଯ୍ୟ । ତା'ର ପ୍ରତିଟି ଗତିଧାରା ଆମକୁ ଭଲ ଲାଗେ । କାରଣ ତା'ର ଅନ୍ତରାତ୍ମା ସମ୍ମୁଖରେ ଥାଆନ୍ତି । ପ୍ରେମହିଁ ତା'ର ଜୀବନର ରହସ୍ୟ, ସରଳତାହିଁ ଦିବ୍ୟ ଆୟୁଧ । ତା'ର ଅନ୍ତରାତ୍ମା ତା'ର ମନ, ପ୍ରାଣ ଓ ଶରୀରକୁ ପରିଚାଳିତ କରୁଥିବାରୁ ସେହିଁ ସର୍ବଦା ଆନନ୍ଦରେ ବିଚରଣ କରୁଥାଏ; ଏକ ଆଧାତ୍ମିକ ଜୀବନ ବଞ୍ଚୁଥାଏ । ଶିଶୁଟି ଧୀରେ ଧୀରେ ଛୋଟରୁ ବଡ଼ ହୁଏ । ପରିବେଶ, ପରିସ୍ଥିତି ତଥା ମାତାପିତାଙ୍କର ପ୍ରଭାବ ଯୋଗୁଁ ଅନ୍ତରାତ୍ମାର ପ୍ରଭାବ କ୍ଷୀଣ ହୋଇ ଆସେ ଏବଂ ସମୟକ୍ରମେ ଅନ୍ତରାତ୍ମା ଘନ ଆବରଣ ମଧ୍ୟରେ ଲୁଚି ଯାଆନ୍ତି, ଯାହା ଆମ କ୍ଷେତ୍ରରେ ହୋଇଛି । ସେତେବେଳେ ଅହଂ ଦ୍ୱାରା ମନ, ପ୍ରାଣ ଓ ଶରୀର ପରିଚାଳିତ ହୁଅନ୍ତି । ଏଭଳି ପରିସ୍ଥିତିରେ

ଶିକ୍ଷାର ପ୍ରକୃତ ମୂଲ୍ୟ ରହିବଟି ? ଯଦି ଆମେ ନିଜର ଆତ୍ମାକୁ ଖୋଜି ପାଇବା ସକାଶେ ସଦିଚ୍ଛା ଓ ସଂକଳ୍ପ ନ ରଖିବା, ନିଷ୍ଠାପର ଉଦ୍ୟମ ଜାରି ନ ରଖିବା ତେବେ ଅନ୍ୟ କାହାକୁ କହିବା ଯୁକ୍ତିଯୁକ୍ତ କି ? ଜୀବନକୁ ସରସ ଓ ସୁନ୍ଦର କରିବାରେ ଏବଂ ସକଳ ପରିସ୍ଥିତିର ସମ୍ମୁଖୀନ ହେବାରେ ଅମୋଘ ଶକ୍ତି ଓ ସାମର୍ଥ୍ୟ ତଥା ଅଭିନବ କୌଶଳ ରହିଛି ଆତ୍ମାଠାରେ । ଏ ଜନ୍ମଟା ଚାଲିଗଲା, ଆର ଜନ୍ମକୁ ଦେଖିବା ଏପରି ଚତୁର କଥା କହି ନିଜକୁ ଠକିବା ଅପେକ୍ଷା ଏହି ଜନ୍ମରେ ପରିବର୍ତ୍ତନ ହେବା ସକାଶେ ଆମର ସମ୍ମତି ରହିବା ଆବଶ୍ୟକ । ଏହି ଜନ୍ମରୁ କାର୍ଯ୍ୟ ଆରମ୍ଭ କଲେ ହୁଏତ ପରଜନ୍ମରେ ଆମେ ଅଧିକ କିଛି ଦୂର ଆଗେଇ ଯାଇପାରିବା । ଏହା ଜାଣିଶୁଣି ଯଦି ଆମେ ଶୋଇଯିବା ତେବେ ଜୀବନଟା ମଧ୍ୟ ଶୋଇଯିବ । ଜୀବନରେ ଆମକୁ ହସିବାକୁ ହେବ ଏବଂ ଶିଶୁକୁ ମଧ୍ୟ ହସାଇବାକୁ ପଡ଼ିବ ।

ଆତ୍ମ-ଅଭିବ୍ୟକ୍ତି ସକାଶେ ଆମର ଅଭୀପ୍ସାହିଁ ଆମକୁ ବାଟ ଦେଖାଇବ । ଆଧ୍ୟାତ୍ମିକତାହିଁ ପ୍ରକୃତ ବାଟ ଏବଂ ଆଧ୍ୟାତ୍ମିକତାକୁ ଆଦରି ନେଲେ ଆତ୍ମାର ଜାଗରଣ ସମ୍ଭବ ହୁଏ । ପୂର୍ଣ୍ଣାଙ୍ଗ ଶିକ୍ଷାର ମୂଳଭିତ୍ତି ହେଉଛି ଆଧ୍ୟାତ୍ମିକତା । ଆତ୍ମାର ଜୀବନ ବଞ୍ଚିବାକୁ ଆଧ୍ୟାତ୍ମିକତା କୁହାଯାଏ ଏବଂ ଏହି ଆତ୍ମାର ଅନୁଶାସନ ମାନି ଚାଲିବାରେ ଜୀବନର ପରିପୂର୍ଣ୍ଣତା ହାସଲ ହୁଏ । ଏହି ପଥରେ ନିଜେ ଆଗେଇବା ସହ ପିଲାମାନେ ଆଗେଇ ଯାଆନ୍ତୁ ବୋଲି ଆମେ ସଦିଚ୍ଛା ପୋଷଣ କରିବା ସହ ଯଥାସାଧ୍ୟ ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବା ଉଚିତ । ଆତ୍ମାର ସ୍ୱଭାବ ହେଉଛି ସରଳତା, ନିଷ୍କପଟତା, ଉଦାରତା, ନମ୍ରତା, ଆନ୍ତରିକତା, ନିଃସ୍ୱାର୍ଥପରତା, ସଚ୍ଚୋଟତା, ସତ୍ୟବାଦିତା, ବିଶ୍ୱସ୍ତତା, ସ୍ୱଚ୍ଛତା, ଐକ୍ୟ, ପ୍ରେମ, ସଂଗତି, ଶାନ୍ତି, ଆନନ୍ଦ ଇତ୍ୟାଦି । ଏହି ସ୍ୱଭାବର ସ୍ପନ୍ଦନ ଯେଉଁଠି ମିଳେ ପିଲାଟି ସେହି ଆଡ଼କୁ ଆକର୍ଷିତ ହୋଇଥାଏ ।

ପିଲାଟି ଯଦି ନୀରବରେ ବସିବାକୁ ଚାହୁଁଛି, ଆମେ ତାକୁ କଦାପି ମନା କରିବା ନାହିଁ କି ତା'ର କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରିବା ନାହିଁ । ନୀରବରେ ବସି ସେ ନିଜକୁ ତଥା ନିଜର କାର୍ଯ୍ୟକୁ ନିରୀକ୍ଷଣ କରେ, ଆତ୍ମସମୀକ୍ଷା କରେ; ନିଜର ଅନ୍ତରାତ୍ମା ସହିତ ବାର୍ତ୍ତାଳାପ କରେ । ଅନ୍ତରାତ୍ମା ସହ ସଂଯୁକ୍ତ ଥିବାବେଳେ ସେ ଏପରି କାର୍ଯ୍ୟ କରେ ଏବଂ ଏପରି କଥା କହେ ଯାହା କଳ୍ପନାତୀତ ଭାବେ ସମସ୍ୟାର ସମାଧାନ ଆଣିଥାଏ । ଶାନ୍ତ ଓ ନୀରବ ରହିବା ଦ୍ୱାରା ପିଲାଟି ଊର୍ଦ୍ଧ୍ୱରୁ ଅବତରଣ କରୁଥିବା ଜ୍ୟୋତି, ଜ୍ଞାନ ଓ ଶକ୍ତିକୁ ଗ୍ରହଣ କରିବାରେ ସମର୍ଥ ହୋଇଥାଏ । ଏପରିକି ବୁଝିପାରୁ ନଥିବା କଥାଟି ସହଜରେ ବୁଝିପାରେ । ସୁତରାଂ ଏକ ଶାନ୍ତ ଓ ଶୁଦ୍ଧ ବାତାବରଣହିଁ ଆତ୍ମ-ଅନ୍ୱେଷଣ ପଥରେ ଅନୁକୂଳ ହୋଇଥାଏ ।

ପିଲାଟିକୁ ସର୍ବଦା ମନେ ପକାଇ ଦେବାକୁ ହେବ ଯେ ସେ ଅମୃତର ସନ୍ତାନ । ତା' ଭିତରେ ଏକ ଦିବ୍ୟସତ୍ୟ ରହିଛି । ସେହି ସତ୍ୟର ପରିପ୍ରକାଶ ନିମନ୍ତେ ସେ ଏହି ପୃଥିବୀକୁ ଆସିଛି । ତେଣୁ ଏହି ଜୀବନ ଏକ ଅମୂଲ୍ୟ ଜୀବନ । ଏହି ଜୀବନରେ ସେହି ସତ୍ୟର ଉପଲବ୍ଧି ସକାଶେ ଅଭୀପ୍ସା ରଖିବାକୁ ହେବ ଏବଂ ସତ୍ୟର ଅନ୍ୱେଷଣରେ ଲାଗି ରହିବାକୁ ପଡ଼ିବ । ଏହାକୁ ଠିକ୍ ଭାବେ ପିଲାଟି ମଧ୍ୟରେ ପ୍ରବେଶ କରାଇବାକୁ ହେଲେ ମାତାପିତା ଓ ଶିକ୍ଷକମାନଙ୍କୁ ବହୁ ତ୍ୟାଗ ସ୍ୱୀକାର କରିବାକୁ ହେବ । ଶିଶୁଟିକୁ ଦେବତା ରୂପେ ଗଢ଼ିବାରେ ମାତାପିତାଙ୍କ ଭୂମିକାର ସାର୍ଥକତା ରହିଛି । ତେଣୁ ନିଜର ଭୂମିକାକୁ ଠିକ୍ ଭାବେ ତୁଲାଇବାକୁ ହେଲେ ମାତାପିତା ନିଜେହିଁ ଏକ ଆଧ୍ୟାତ୍ମିକ ଜୀବନ ବଞ୍ଚିବା ସହ କେବେ ବି ନିଜର ତ୍ୟାଗ ନିମିତ୍ତ ପ୍ରତ୍ୟାଶା ରଖିବେ ନାହିଁ । ପିଲାଟି ଭିତରେ ଆତ୍ମ-ସଚେତନତା ବୃଦ୍ଧି କରିବା ସକାଶେ ପ୍ରାକୃତିକ ମନୋରମ ସ୍ଥାନର ଦର୍ଶନ ସହ ସଦ୍‌ଗ୍ରନ୍ଥ ଅଧ୍ୟୟନ, ସଦ୍‌ବାଣୀ ଶ୍ରବଣ, ସଦ୍‌ରୂପ ଦର୍ଶନ, ସତ୍‌ସଙ୍ଗ ଓ ସତ୍‌କାର୍ଯ୍ୟ ଆଦିର ବ୍ୟବସ୍ଥା ରହିବା ଆବଶ୍ୟକ । ସତ୍ୟ ଓ ସୌନ୍ଦର୍ଯ୍ୟ ପ୍ରତି ତୀବ୍ର ଆସ୍ପୃହା ରଖିବା ନିମନ୍ତେ ଆଗ୍ରହ ସୃଷ୍ଟି କରିବା ସହ ଚେତନାକୁ ଶୁଦ୍ଧ, ବ୍ୟାପକ ଓ ଊର୍ଦ୍ଧ୍ୱମୁଖୀ କରିବା ଦିଗରେ ଯାହା କିଛି ପ୍ରୟୋଜନ ତା'ର ବ୍ୟବସ୍ଥା କରିବା ଆମ ସମସ୍ତଙ୍କର ସର୍ବାଦୌ କର୍ତ୍ତବ୍ୟ ।

ବାହ୍ୟ ଅନୁଶାସନକୁ ପିଲାଟି ଉପରେ ଲଦି ଦେବା କେବେ ବି ଭଲ ନୁହେଁ । ପିଲାଟି ନିଜେ ନିଜକୁ ଶାସନ କରିବ ବା ଶୃଙ୍ଖଳିତ କରିବ । ଏହା ସମ୍ଭବ ହୁଏ ଯଦି ପିଲାଟି ଆତ୍ମାର ଗୁଣ ଧର୍ମକୁ ଜୀବନରେ ଆଦରି ନିଏ । ପ୍ରାଥମିକ ଅବସ୍ଥାରେ ଆମେ ଯେଉଁ ଶୃଙ୍ଖଳାଟି ପିଲାଟି ଆଗରେ ରଖିବା ତାହା କଠୋର ନହୋଇ ନମନୀୟ ହେବା ଉଚିତ; ଯଦ୍ୱାରା ପିଲାଟି ନିଜର ସ୍ୱଭାବ ଅନୁସାରେ ଶୃଙ୍ଖଳାକୁ ବାଛିନେବ । ତା'ର ସ୍ୱାତନ୍ତ୍ର୍ୟଟି ସୁରକ୍ଷିତ ହେବା ଉଚିତ । ତା'ର ଦୈନନ୍ଦିନ କାର୍ଯ୍ୟକଳାପକୁ ନିରୀକ୍ଷଣ କଲେ ଆମେ ତା'ର ଗୁପ୍ତ ପ୍ରତିଭାର ସଙ୍କେତ ପାଇ ପାରିବା ତଥା ସେହି ପ୍ରତିଭାର ବିକାଶ ନିମିତ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ପାରିବା । ଆମେ କେବଳ

ଏତିକି କହିପାରିବା, ''ସତ୍ୟଂ ବଦ, ଧର୍ମଂ ଚର, ସ୍ୱାଧ୍ୟାୟାନ୍ମା ପ୍ରମଦଃ । ମାତୃଦେବୋ ଭବ, ପିତୃଦେବୋ ଭବ, ଆଚାର୍ଯ୍ୟ-ଦେବୋ ଭବ, ଅତିଥିଦେବୋ ଭବ । ଯାନି ଅନବଦ୍ୟାନି କର୍ମାଣି ତାନି ସେବିତବ୍ୟାନି, ନୋ ଇତରାଣି ।''

(ତୈତ୍ତିରୀୟ ଉପନିଷଦ୍)

ଅର୍ଥାତ୍, ''ସତକଥା କୁହ, ଧର୍ମ ଆଚରଣ କର, ସ୍ୱାଧ୍ୟାୟରୁ ବିରତ ହୁଅନା । ମାତା, ପିତା, ଆଚାର୍ଯ୍ୟ ଓ ଅତିଥିଙ୍କର ସମ୍ମାନ କର, ସେବା କର । ଯେଉଁ କର୍ମ ନିନ୍ଦନୀୟ ନୁହେଁ ତାହାହିଁ କର । ଯେଉଁମାନେ ତୁମ ମାର୍ଗରେ ଆଦର୍ଶ ସେମାନଙ୍କୁ ଅନୁସରଣ କର ।''

ଉପନିଷଦ୍‌ର ଏହି ଆଦର୍ଶଟି ଆମ ଜୀବନରେ ପ୍ରତିଫଳିତ ହେବା ଆବଶ୍ୟକ ।

(କ୍ରମଶଃ)

❑❑❑

# ତୁମେ ଅବତରି ଆସ !

**ସୁନାମଣି ରାଉତ**

ଏ ଭୂମିରେ ତୁମେ ରହିଅଛ ହୋଇ
ସାଗର, ଭୂଧର, ଝର,
ନଦନଦୀ, ତୋଟାତମାଳ, ତଡ଼ାଗ
ଅଚର ଖଚର ଚର ।

ମରୁରେ ମରୁରେ ହୋଇ ମରୁଝର
ସରାଗେ ଯାଉଛ ବହି,
କ୍ଷେତ ଖମାରରେ ଫସଲ ଫୁଲରେ
ହସାଇ ଦେଉଛ ମହୀ ।

ଶିଶୁର ଓଠରେ ହୋଇ ହସଧାରେ
ଭୁଲାଉଛ ଦୁଃଖଶୋକ,
ଯୋଗୀର ଥାଳରେ ହୋଇ ମୁଠେ ଅନ୍ନ
ନିଭାଉଛ ଶୋଷ ଭୋକ ।

ପାହାନ୍ତା ପହରେ ଘାସ ଶିଶିରରେ
ଢଳ ଢଳ ତୁମ ମୁହଁ,
ଆମ ଚଉପାଶେ ରହିଅଛ ଲୁଚି
ବେଶୀ ଦୂର ଜମା ନୁହଁ ।

ଭାବକୁ ନିକଟ ଅଭାବକୁ ଦୂର
ତୁମ୍ଭେ ଲୀଳାମୟ ପ୍ରଭୁ,
ଭୂମିରୁ ଭୂମାରେ ପୂରି ରହିଅଛ
ଏକ ବ୍ରହ୍ମ ତୁମେ ସବୁ ।

ସୁନୀଳ ଆକାଶ ବୁକୁ ତଳେ ତୁମେ
ଶୂନ୍ୟ ଶୂନ୍ୟ ମହାଶୂନ୍ୟ,
ସସାଗରା ଧରା ତିନିଲୋକ ପରା
ତୁମ ତିନି ପାଦେ ପୂର୍ଣ୍ଣ ।

ଜଳରେ ସ୍ଥଳରେ, ସ୍ତମ୍ଭରେ ଦମ୍ଭରେ
ତୁମେ ତ ରହିଛ ପୂରି,
ଧର୍ମ ସଂସ୍ଥାପନେ ଅଧର୍ମ ନାଶନେ
ଗର୍ବକୁ ଦେଇଛ ଚୂରି ।

ଦୃଢ଼ ବିଶ୍ୱାସରେ ଅତିମାନସରେ
ତୁମେ ଅବତରି ଆସ,
ଜରା-ବ୍ୟାଧି, ଶୋକ-ଦୁଃଖ କରି ନାଶ
ତୁମ୍ଭ ଲୀଳା ପରକାଶ !! ❑



ପାଠଚକ୍ରରୁ ଶିକ୍ଷାକେନ୍ଦ୍ର (୪) :

# ଆମ ପରୀକ୍ଷାର ବେଳ

## ପ୍ରସାଦ ତ୍ରିପାଠୀ

ପ୍ରଥମ କରି ଆରମ୍ଭ ହୋଇଥିବା ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରଗୁଡ଼ିକ ମଧ୍ୟରେ ଅଷ୍ଟମ ଶିକ୍ଷାକେନ୍ଦ୍ର ଥିଲା ମାତୃଭବନର ଶ୍ରୀଅରବିନ୍ଦ ଉଚ୍ଚଶିକ୍ଷା ଓ ଗବେଷଣା କେନ୍ଦ୍ର (ସ୍କୁଲ ବିଭାଗ)। ସେତେବେଳେ ଯେଉଁ ପିଲାମାନେ ପାଠ ପଢୁଥିଲେ ସେମାନେ ନବମ ଶ୍ରେଣୀ ହେବା ପର୍ଯ୍ୟନ୍ତ କୌଣସି ତଥାକଥିତ ପରୀକ୍ଷା ଦେଇ ନଥିଲେ। ପ୍ରଥମ କରି ନବମ ଶ୍ରେଣୀରେ ସେମାନଙ୍କର ପରୀକ୍ଷା କରାଗଲା। ପରବର୍ଷ ଦଶମ ଶ୍ରେଣୀରେ ଯେହେତୁ ମାଟ୍ରିକ୍ ପରୀକ୍ଷା ଦେବେ – ଅନ୍ତତଃ ପରୀକ୍ଷାରେ ବସିବାର ଅଭ୍ୟାସ କରିବା ପାଇଁ ତାଙ୍କୁ ଘଣ୍ଟାଏ ପାଇଁ ପ୍ରଶ୍ନ ଦେଇ ଲେଖିବାକୁ କୁହାଗଲା। ବୋଧହୁଏ ସ୍କୁଲର ପ୍ରଥମ ବ୍ୟାଚ୍‌ରେ ପଢ଼ିଥିବା ପ୍ରଥମ ୫ଟି ପିଲା ଅନ୍ୟ ସବୁ ପିଲାଙ୍କଠାରୁ ଥିଲେ ସ୍ୱତନ୍ତ୍ର। ସାଧାରଣ ସମାଜରେ ପ୍ରତିଷ୍ଠାଠାରୁ ଆରମ୍ଭ କରି ଆଧ୍ୟାତ୍ମିକ ଜୀବନ ବଞ୍ଚିବା ଧାରାରେ ମଧ୍ୟ ସେମାନେ ସ୍ୱତନ୍ତ୍ର। ସେମାନେ ସାଧାରଣ ପଢ଼ାପଢ଼ି, ପରୀକ୍ଷା ପ୍ରଭୃତି କୌଣସି କାର୍ଯ୍ୟ ଚିରାଚରିତ ଧାରାରେ କରି ନାହାନ୍ତି। ମାତ୍ର ସେଥିପାଇଁ ସେମାନେ ମଧ୍ୟ ଆଦୌ ଅନୁତପ୍ତ ନୁହନ୍ତି କାରଣ ଜୀବନରେ ବାସ୍ତବ ଲକ୍ଷ୍ୟକୁ ସେମାନେ ଅତି ସହଜରେ ଅନୁଭବ କରିଛନ୍ତି। ସେଥିପାଇଁ କେହି ବିଦେଶରେ କାର୍ଯ୍ୟ କରୁଛି ତ କିଏ ଆଲାଏଡ଼୍ ଅଫିସର, କେହି ବ୍ୟବସାୟ କରୁଛି ତ କିଏ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଅଧ୍ୟାପନା କରୁଛି, ମାତ୍ର କାହାରି ଅବଶୋଷ ନାହିଁ। ସମସ୍ତେ ବାସ୍ତବରେ ଗୋଟିଏ ମାର୍ଗରେ ଯାତ୍ରା କରୁଥିବାର ଅନୁଭବ କରନ୍ତି।

ଏହି ଭଳି ଧାରା ବେଶ୍ କିଛି ବର୍ଷ ଚାଲିବା ପରେ ଧୀରେ ଧୀରେ ଆମ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରମାନଙ୍କ ଭିତରେ ସମାଜ ସହିତ ପ୍ରତିଯୋଗିତା କରିବାର କିପରି ଏକ ଅନାବଶ୍ୟକ ମନୋଭାବ ପ୍ରକାଶ ପାଇଲା। ଆମେ ସମାଜକୁ ପରିବର୍ତ୍ତନ କରିବାର ଦାୟିତ୍ୱ ନେଇ ସେମାନଙ୍କ ନିକଟରେ ଶ୍ରୀମାଶ୍ରୀଅରବିନ୍ଦଙ୍କ ବାର୍ତ୍ତା ପହଞ୍ଚାଇବାର ସଙ୍କଳ୍ପ କରି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସବୁ ଆରମ୍ଭ କରିଥିଲୁ ମାତ୍ର କାଳକ୍ରମେ ତା'ରି ଜାଲରେ ପଡ଼ି ତା' ସହିତ ପ୍ରତିଯୋଗିତା କରିବା ଆରମ୍ଭ କଲୁ। ଶ୍ରୀମା କହିଲେ – ଯାହା ଚାଲିଛି ଆମେ ତା'ର ପୁନରାବୃତ୍ତି କରିବୁ ନାହିଁ – ମାତ୍ର ଆମେ ଖାଲି ତ ପୁନରାବୃତ୍ତି କଲୁନି – ପୁନରାବୃତ୍ତିକୁ କେତେ ଭଲ ଭାବରେ କରିବା କଥା କଲୁ। ''ଶ୍ରୀମା ଯାହା କହୁଛନ୍ତି – ଏବେ ସେଥିପାଇଁ ସମୟ ହୋଇ ନାହିଁ, ଆମେ ସବୁ ସେଥିପାଇଁ ପ୍ରସ୍ତୁତ ହୋଇ ନାହୁଁ, ସମାଜ ପ୍ରସ୍ତୁତ ହୋଇ ନାହିଁ'' ଇତ୍ୟାଦି କେତେ କଥା କହି ପୁଣି ଅତୀତର ପୁନରାବୃତ୍ତି କରି ଚାଲିଲୁ। ନିଜେ ଅତି ସହଜରେ, ଆନନ୍ଦରେ, ସ୍ୱଚ୍ଛନ୍ଦରେ ଯାହା କରିଥିଲୁ, ଅନୁଭବ କରିଥିଲୁ, ଉପଲବ୍ଧି କରିଥିଲୁ – ତାକୁ ଅତି ଅନାୟାସରେ ବିସ୍ମରଣ କରି ପୁଣି ଅତୀତ ସହିତ ସନ୍ଧି କରିବା ଆରମ୍ଭ କଲୁ। ଏସବୁର ଏକମାତ୍ର କାରଣ ହେଲା – ପାଠଚକ୍ର ପ୍ରତି ବୀତସ୍ପୃହତା। ଯେତେବେଳେ ପାଠଚକ୍ରକୁ ଆମେ ଆମର ସବୁ କିଛି ବୋଲି ଭାବି ସେହିଠାରୁହିଁ ସବୁ କିଛିର ସୂତ୍ର ଖୋଜୁଥିଲୁ, ସେତେବେଳେ ଆମେ ବିଶ୍ୱାସ, ନିର୍ଭରତା, ଧୈର୍ଯ୍ୟ ଓ ସାହସରେ ଭରପୂର ଥିଲୁ। କାଳକ୍ରମେ ପାଠଚକ୍ରଠାରୁ ଦୂରେଇ ଯିବାରୁ ସେସବୁ ମଧ୍ୟ ଆମଠାରୁ ଦୂରେଇ ଗଲେ।

ପ୍ରତିଯୋଗିତା ଆମର ମୂଳମନ୍ତ୍ର ହେଲା। ଆମ ପିଲାଙ୍କର ଖୁସୀ, ଆନନ୍ଦ ଅପେକ୍ଷା ତାଙ୍କର ପରୀକ୍ଷାରେ ଫଳାଫଳ, ସେମାନଙ୍କର ମା'ଙ୍କ ପ୍ରତି ଶ୍ରଦ୍ଧା ଅନୁରକ୍ତି ଅପେକ୍ଷା ଅନ୍ୟମାନଙ୍କୁ ଟପିଯିବାର ଆବଶ୍ୟକତାକୁ ଆମେ ଅଧିକ ସମ୍ମାନ ଦେଲୁ, ଗୁରୁତ୍ୱ ଦେଲୁ। ବୁଡ଼ିଗଲା ଗୋଡ଼ ତଳକୁ ତଳକୁ ଭଳି – ଆମେ ଯେତେ ଯେତେ ସେସବୁ କାର୍ଯ୍ୟର ଗୁରୁତ୍ୱ ବଢ଼ାଇ ବଢ଼ାଇ ଚାଲିଲୁ – ସେତେ ସେତେ ସମସ୍ୟା ମଧ୍ୟରେ ପଡ଼ି ପଡ଼ି ଚାଲିଲୁ। ଆମକୁ ଏ ସମ୍ପର୍କରେ ସଚେତନ କରାଇ ଥାଆନ୍ତା ଆମର ପାଠଚକ୍ର। ମାତ୍ର ଆମେ ସେଠାରୁ ଆସ୍ଥା ହରାଇ ଦେଲୁ। କେବଳ ନାମକୁ ମାତ୍ର ପାଠଚକ୍ର କଲୁ। ବେଳେ ବେଳେ କାହିଁକି କରିବୁ ବୋଲି ତର୍କ ମଧ୍ୟ କଲୁ।

ଥରେ ଓଡ଼ିଶାର ଗୋଟିଏ ପୁରୁଣା ତଥା ପ୍ରତିଷ୍ଠିତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପରିଚାଳନା ସମିତିର ସଭ୍ୟମାନଙ୍କ ବୈଠକରେ ଅକସ୍ମାତ୍ ପହଞ୍ଚିଗଲି। ବୈଠକଟି ସ୍କୁଲରେ ନ

ହୋଇ ସମ୍ପାଦକଙ୍କ ବାସଗୃହରେ ହେଉଥିଲା । ସ୍କୁଲର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବା ପାଇଁ ସଭାଟି ଆହୂତ ହୋଇଥିଲା । ସେଇ ସଭାରେ ମୁଁ ଅନୁଭବ କଲି ଯେ ଉପସ୍ଥିତ ସମସ୍ତେ ସ୍କୁଲର ଅପାଭାଇମାନଙ୍କ ଆଚରଣ, ଚାଲିଚଳଣ ତଥା କାର୍ଯ୍ୟ ଧାରାରେ ସମ୍ପୂର୍ଣ୍ଣ ଅସନ୍ତୁଷ୍ଟ, ବୀତସ୍ପୃହ ଏବଂ ବିବ୍ରତ । ବିଦ୍ୟାଳୟର ପୁରାତନ ଐତିହ୍ୟ ସମ୍ପୂର୍ଣ୍ଣ ବିଲୁପ୍ତ ପ୍ରାୟ । ପରିଚାଳନା ସମିତିରେ ଶ୍ରୀଅରବିନ୍ଦ ଏବଂ ଶ୍ରୀମାଙ୍କୁ ସମ୍ପୂର୍ଣ୍ଣ ଭାବରେ ଗ୍ରହଣ କରି ନଥିବା ବ୍ୟକ୍ତି କେତେଜଣ ପାଠଚକ୍ରର ମୁଖ୍ୟ କର୍ମକର୍ତ୍ତା ଭାବରେ ମଧ୍ୟ ଦାୟିତ୍ୱ ନେଇଥା'ନ୍ତି । ମୋର ମନେ ପଡ଼ିଲା ଯେତେବେଳେ ସେ ସ୍କୁଲଟି ଆରମ୍ଭ ହୋଇଥିଲା ସେତେବେଳେ ତା'ର ସାପ୍ତାହିକ ପାଠଚକ୍ରଟି କେତେ ସକ୍ରିୟ ଥିଲା । କେତେ ଲୋକ ଆସୁଥିଲେ, କେତେ ଚମତ୍କାର ଆଲୋଚନା ହେଉଥିଲା । କେତେ ପ୍ରେରଣା ମିଳୁଥିଲା । ତା'ରି ମଧ୍ୟରୁ ଉକ୍ତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଟି ମଧ୍ୟ ଆରମ୍ଭ ହେଲା । ପାଠଚକ୍ର ଥିଲା ମୂଳ ଏବଂ ଶିକ୍ଷାକେନ୍ଦ୍ରଟି ବୃକ୍ଷର ଗଣ୍ଡି । ଶିକ୍ଷାକେନ୍ଦ୍ର ବଢ଼ିଲା । ଆମେ ଖୁସୀ ହେଲୁ । ତା'ର ବୟସ ବୃଦ୍ଧି ସହିତ ଆକାର ମଧ୍ୟ ବଢ଼ି ଚାଲିଲା । ଧୀରେ ଧୀରେ ସମସ୍ତେ ପାଠଚକ୍ର ଛାଡ଼ି ଶିକ୍ଷାକେନ୍ଦ୍ରକୁ ଧରିଲୁ । ତା'ର ବପୁ ବୃଦ୍ଧି ହେବାରୁ ତାକୁ ମଧ୍ୟ ଧରିବାକୁ ଅନେକ ଲୋକ ଦରକାର ପଡ଼ିଲେ । ଆମେ ଭୁଲିଗଲୁ ଯେ ଯଦି ପାଠଚକ୍ର ମୂଳକୁ ଅଧିକ ଶକ୍ତ କରିଥା'ନ୍ତେ – ସ୍କୁଲକୁ ସମ୍ଭାଳିବାକୁ ଆଦୌ ସ୍ୱତନ୍ତ୍ର ଆୟୋଜନ କିଂବା ପରିଶ୍ରମର ଆବଶ୍ୟକତା ନଥା'ନ୍ତା । ଯେତେ ବଡ଼ ବୃକ୍ଷ ହେଲେ ମଧ୍ୟ ତା'ର ମୂଳର ଯଥେଷ୍ଟ ସାମର୍ଥ୍ୟ ଥାଏ ବୃକ୍ଷକୁ ସମ୍ଭାଳିବାକୁ । ମୂଳକୁ ଦୁର୍ବଳ କରି ବୃକ୍ଷର ବପୁକୁ ଯେତେ ଲୋକ ସମ୍ଭାଳିବାକୁ ଚେଷ୍ଟା କଲେ ମଧ୍ୟ ତାକୁ ରକ୍ଷା କରିବା ସମ୍ଭବ ନୁହେଁ । ତେଣୁ ସମାଧାନର ସର୍ବୋତ୍ତମ ସରଳ ସୂତ୍ର କାଢ଼ି ମୁଁ କହିଲି – ଆପଣମାନେ ଗୋଟିଏ ବର୍ଷ ସ୍କୁଲକୁ ପୂରାପୂରି ଭୁଲିଯାଇ ପାଠଚକ୍ରକୁ ପୁନର୍ବାର ସକ୍ରିୟ କରାନ୍ତୁ । ପାଠଚକ୍ର ଥରେ ସକ୍ରିୟ ହୋଇଗଲେ ସେ ତା' ବାଟରେ ସ୍କୁଲକୁ ପୁଣି ସମ୍ଭାଳି ନେବ – ଆଉ ଆପଣମାନଙ୍କୁ ବ୍ୟସ୍ତ ହେବାକୁ ପଡ଼ିବ ନାହିଁ । ମୋର ମତାମତ ଶୁଣି ଜନୈକ କର୍ମକର୍ତ୍ତା ମୋ କଥାକୁ ନାପସନ୍ଦ କରି କହିଲେ, ପାଠଚକ୍ର ଯଦି ହେଉଥିଲା, ହେଉଥିଲା – ପୁଣି ଯଦି ହେବା କଥା ହେବ, ମାତ୍ର ତା' ସହିତ ସ୍କୁଲର ସମସ୍ୟାକୁ କାହିଁକି ଯୋଡୁଛ ? ଅନେକ ବୁଝାଇଲା ପରେ ସେ ମହାଶୟ ଅତ୍ୟନ୍ତ କୁଣ୍ଠାର ସହ କହିଲେ : ଠିକ୍ ଅଛି – ଯଦି ନିହାତି ଦରକାର ତେବେ ମାସରେ ଥରେ ପାଠଚକ୍ର କରାଯାଉ, ଯାହାର ସୁବିଧା ଥିବ ଆସିବ । ଆଉ ସବୁ ସାତ ଦିନରେ ଥରେ କରିବା ସମ୍ଭବ ନୁହେଁ, ସେତେବେଳେ ହେଉଥିଲା ସିନା ବର୍ତ୍ତମାନ ସମସ୍ୟା ଭିନ୍ନ । ମୋର ପୂରାପୂରି ଅନୁଭବ ହେଲା ସେ ଶିକ୍ଷାକେନ୍ଦ୍ରକୁ କେବଳ ମା'ହିଁ ରକ୍ଷା କରିବେ, ନଚେତ୍ ବିରୋଧୀ ଶକ୍ତି ଏତେ ପ୍ରବଳ ଭାବରେ ଆକ୍ରମଣ କରିଛି ଯେ ସେଠାରେ କୌଣସି ପରାମର୍ଶ ପ୍ରବେଶ କରିବା ସମ୍ଭବ ନୁହେଁ ।

ଏମିତି ଅନେକ ଦୁର୍ଭାଗ୍ୟ ଆମକୁ ଭୋଗ କରିବାକୁ ପଡ଼ିଲେ ମଧ୍ୟ ହତାଶ ହେବାର କୌଣସି କାରଣ ନାହିଁ । କାରଣ ମନୁଷ୍ୟମାନଙ୍କର ପ୍ରକୃତିକୁ ରୂପାନ୍ତର କରିବା ସକାଶେହିଁ ଶ୍ରୀମା ଶ୍ରୀଅରବିନ୍ଦ ଆବିର୍ଭାବ ହୋଇଛନ୍ତି । ମା'ଙ୍କ ଶକ୍ତି ଯେତିକି ଯେତିକି ପ୍ରଭାବ ବିସ୍ତାର କରୁଥିବ ବିରୋଧୀ ଶକ୍ତି ମଧ୍ୟ ତା'ର ତତୋଽଧିକ କାୟା ବିସ୍ତାର କରିବା ପାଇଁ ତିଳେ ହେଲେ ହେଳା କରିବ ନାହିଁ । ତେଣୁ ଆମକୁ ଅନେକ ସତର୍କ ହେବାକୁ ପଡ଼ିବ ।

ତେଣୁ ସବୁଠାରୁ ସରଳ ଏବଂ ସହଜ ଉପାୟ ହେଲା – ଯାହାବି ହେଉ, ଯେତେ ବିରାଟ ଧରଣର ବିପଦ ଆସୁ ପଛେ ଆମେ ପାଠଚକ୍ରକୁ କେବେହେଲେ ନିଷ୍କ୍ରିୟ ହେବାକୁ ଦେବା ନାହିଁ । ବର୍ତ୍ତମାନ ଓଡ଼ିଶାରେ ଯେତେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଅଛନ୍ତି – ସେମାନଙ୍କ ମଧ୍ୟରୁ ଯେଉଁଠାରେ ପାଠଚକ୍ରଟି ଅଧିକ ନିଷ୍ଠାପର ସେଠାରେ ସ୍କୁଲରେ ଯେତେ ସମସ୍ୟା ଥିଲେ ମଧ୍ୟ ତାହା ସାଧନାର ଅଙ୍ଗ ଭଳି ବୋଧ ହେଉଛି, ମାତ୍ର ଯେଉଁଠାରେ ପାଠଚକ୍ର ନିଷ୍କ୍ରିୟ ସେଠାରେ ସାମାନ୍ୟ ଏକ ସମସ୍ୟା ମଧ୍ୟ ବିରାଟ ଆକାର ଧାରଣ କରି ମାଡ଼ି ବସୁଛି । **ତେଣୁ ଆମକୁ ମନେ ରଖିବାକୁ ହେବ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଯାବତୀୟ ସମସ୍ୟାର ସମାଧାନ ହେଲା – ଶ୍ରୀଅରବିନ୍ଦ ପାଠଚକ୍ର ।**

ଯେଉଁମାନେ ଏକଥା ବୁଝି ପାରୁଛନ୍ତି – ଜାଣି ପାରୁଛନ୍ତି ସେମାନେ ସମସ୍ୟା ଆସିଲେ ତୁରନ୍ତ ପାଠଚକ୍ରରେ ବସି ସମାଧାନ ଖୋଜୁଛନ୍ତି – ସେମାନଙ୍କ ସମସ୍ୟାର ସମାଧାନ ପାଇଁ ତୃତୀୟ ପକ୍ଷ ଲୋଡ଼ା ପଡ଼େ ନାହିଁ । ସେମାନେ କୋର୍ଟ କଚେରି ଦୁଆର ମୁହଁ ଦେଖନ୍ତି ନାହିଁ । କାରଣ ସେମାନଙ୍କର ସମାଧାନର ଧାରା ସ୍ୱତନ୍ତ୍ର ।

ବାବାଜି ଶ୍ରୀ ରାମକୃଷ୍ଣ ଦାସ କୁହନ୍ତି ସାଧାରଣ ଶିକ୍ଷାକେନ୍ଦ୍ର ଏବଂ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର

ସମସ୍ୟାଗୁଡ଼ିକ ସମାନ ହେବେ, ତା'ର କାରଣ ଉଭୟରେ କାମ କରୁଥିବା ବ୍ୟକ୍ତିମାନେ ସମାଜର ଏକ ସ୍ତରରୁ, ଏକ ଅବସ୍ଥାରୁ ଆସିଥା'ନ୍ତି । ନିଜ ମଧ୍ୟରେ ସମାନ ସମସ୍ୟା ବହନ କରି ଆଣିଥା'ନ୍ତି । ମାତ୍ର ସମାଧାନ ଭିନ୍ନ । କାରଣ ଉଭୟଙ୍କର ମାର୍ଗ ଭିନ୍ନ । ଯିଏ ଯେଉଁ ଆଡ଼କୁ ଯିବାକୁ ଚାହୁଁଛି ସେଇ ଧାରାରେ ତା'ର ସମସ୍ୟାର ସମାଧାନ ହେବ । ଯିଏ ଏଇ ପ୍ରକାର ଜୀବନରେ ସନ୍ତୁଷ୍ଟ ତା'ର ସମସ୍ୟା ସମାଧାନର ମାର୍ଗ ଏବଂ ଯିଏ ଏକ ଉଚ୍ଚତର ଜୀବନର ପ୍ରୟାସୀ ତା'ର ସମସ୍ୟା ସମାଧାନର ମାର୍ଗ ଭିନ୍ନ ହେବ । ସାଧାରଣ ଶିକ୍ଷାକେନ୍ଦ୍ରରେ ସେଇ ସମସ୍ୟାର ସମାଧାନ ପାଇଁ ସେମାନେ ପୋଲିସ, ଥାନା, କୋର୍ଟ କଚେରି, ଓକିଲ ପରାମର୍ଶ କେତେ କ'ଣ କରିବେ ମାତ୍ର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ସେଇ ଏକା ସମସ୍ୟାର ସମାଧାନ ପାଇଁ ସମସ୍ତେ ପାଠଚକ୍ରରେ ସାଙ୍ଗ ହୋଇ ବସିବେ । ମା'ଙ୍କୁ ଅନ୍ତରରେ ଆବାହନ କରିବେ, ପ୍ରାର୍ଥନା କରିବେ - ତାଙ୍କଠାରୁ ସମାଧାନ ପାଇବା ପାଇଁ ବ୍ୟାକୁଳ ହେବେ । ଅକ୍ଳେଶରେ ସମାଧାନ ଆସିବ । ସମସ୍ତ ସମସ୍ୟାର ମୂଳ ଯେ ଆମର ଅହଂ ଏବଂ ସ୍ୱାର୍ଥ ସେକଥା ସମସ୍ତେ ଉପଲବ୍ଧି କରିବେ ଏବଂ ତା'ଠାରୁ ଉର୍ଦ୍ଧ୍ୱକୁ ଯିବାକୁ ଯତ୍ପରୋନାସ୍ତି ଚେଷ୍ଟା କରିବେ ।

('ପୂର୍ଣ୍ଣତା ପଥେ', ଫେବ୍ରୁଆରୀ-ଏପ୍ରିଲ : ୨୦୧୨ରୁ ସଂଗୃହୀତ)

❑❑❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Sai Srishti** (Behind Ram Mandir - Hope Diagnostic Bldg.)
Plot No. 34, Kharvel Nagar, Unit 3, Bhubaneswar - 751001
Phone : 6370865575 / 9437066955

Mfr: Ayurlabs India, Pondicherry-1, Ph. 0413-2224935 / 9442249355, Email: sales@ayurlabsindia.com

# ସଂସ୍କୃତ ବିଷୟରେ କେତୋଟି ଜାଣିବା କଥା

## ନରେନ୍ଦ୍ର

୧. ସଂସ୍କୃତ ବର୍ଣ୍ଣମାଳାର ପ୍ରତ୍ୟେକ ଅକ୍ଷରରେ ମନ୍ତ୍ରଶକ୍ତି ଥିବାରୁ ଏବଂ ସଂସ୍କୃତ ବୈଜ୍ଞାନିକ ଭାଷା ହୋଇଥିବାରୁ ଏହା ଆମର ମନକୁ ବଳିଷ୍ଠ, ବିଶାଳ ଓ ନମନୀୟ କରେ । ଫଳରେ ଆମେ ସତ୍ୟର ଜ୍ୟୋତିକୁ ଗ୍ରହଣ ଓ ଧାରଣ କରିବାରେ ସମର୍ଥ ହେଉ । ଏ କଥା ଶ୍ରୀମା ଶ୍ରୀଅରବିନ୍ଦଙ୍କ ରଚନାରୁ ଆମେ ଜାଣୁ ।

ଶ୍ରୀମା କହିଛନ୍ତି – ''ଯଦି ତୁମେ କୌଣସି ଭାଷାକୁ ଶିଖିବାକୁ ଚାହଁ ତା' ହେଲେ ପଢ଼, ପଢ଼, ଆହୁରି ପଢ଼ ଏବଂ ଯେତେ ପାର କୁହ ।'' ଏଣୁ ଭାଷା ଶିଖିବା ଓ କହିବା ବ୍ୟକ୍ତିର ପ୍ରୟାସ ଉପରେ ନିର୍ଭର କରେ । ସେଥିରେ ଶିକ୍ଷକ ସହାୟକ ଓ ମାର୍ଗଦର୍ଶକ ମାତ୍ର ।

ମା ଏକଥା ବି କହିଛନ୍ତି – ''ତୁମେ ଯାହା ପଢ଼ୁଛ ତାକୁ ଯଦି ବୁଝିବାକୁ ଚାହଁ ତା' ହେଲେ ତୁମକୁ ସେହି ଭାଷାର ବ୍ୟାକରଣ ପଢ଼ିବାକୁ ହେବ । ବ୍ୟାକରଣର ନିୟମଗୁଡ଼ିକ ସାଧାରଣତଃ ନୀରସ । କିନ୍ତୁ ସେଗୁଡ଼ିକୁ ଯାନ୍ତ୍ରିକ ଭାବରେ ନ ଘୋଷି ଯଦି ତୁମେ ଭଲ କରି ବୁଝ, ତା' ହେଲେ ତାହା ବୁଦ୍ଧି ବିକାଶରେ ସାହାଯ୍ୟ କରେ ।'' ସଂସ୍କୃତ ଭାଷାରେ ଲେଖା ହୋଇଥିବା ଭଗବଦ୍ ଗୀତା ପଢ଼ିଲେ ମନୁଷ୍ୟ ବୁଦ୍ଧିମାନ୍ ଓ କୃତକୃତ୍ୟ ହୁଏ ବୋଲି ଶ୍ରୀକୃଷ୍ଣ ପଞ୍ଚଦଶ ଅଧ୍ୟାୟର ଶେଷ ଶ୍ଲୋକରେ କହିଛନ୍ତି ।

### ୨. ସରଳ ଓ ସରଳୀକୃତ ସଂସ୍କୃତ

ଶ୍ରୀମା ସଂସ୍କୃତକୁ ସରଳ କରିବାକୁ କହିଛନ୍ତି, କିନ୍ତୁ ଏହାକୁ ସରଳୀକୃତ କରିବାକୁ ମନା କରିଛନ୍ତି । ତାହା ହେଲେ ସରଳୀକୃତ ସଂସ୍କୃତ କ'ଣ ? ତାହା ହେଉଛି –

(କ) 'ତୁମେ' ଶବ୍ଦର ବ୍ୟବହାର ନ କରିବା, 'ତୁମେ' ନ କହି ଛୋଟ, ବଡ଼, ଚୋର, ଠକ ସମସ୍ତଙ୍କୁ 'ଆପଣ' ବୋଲି ସମ୍ବୋଧନ କରିବା ।

(ଖ) ଦ୍ୱିବଚନର ବ୍ୟବହାର ନ କରିବା ।

(ଗ) ଚତୁର୍ଥୀ ବିଭକ୍ତିର ବ୍ୟବହାର ନ କରିବା । ଯଥା – 'ରାମାୟ ଦଦାମି' ସ୍ଥାନରେ 'ରାମସ୍ୟ କୃତେ ଦଦାମି' କହିବା । 'ରାମାୟ ଦଦାମି'ର ଅର୍ଥ ରାମକୁ ଦେଉଛି । 'ରାମସ୍ୟ କୃତେ ଦଦାମି'ର ଅର୍ଥ ରାମ ପାଇଁ ଦେଉଛି । ଦୁଇଟି ବାକ୍ୟର ଅର୍ଥ ସମାନ ନୁହେଁ ।

(ଘ) କେବଳ 'ଅ'କାରାନ୍ତ, 'ଆ'କାରାନ୍ତ ଓ 'ଇ'-କାରାନ୍ତ ଶବ୍ଦର ଏକ ବଚନ ଓ ବହୁ ବଚନ ଶିଖାଇବା ।

(ଙ) 'ଗତ ସପ୍ତାହେ ଗୋବିନ୍ଦଃ/ଗୀତା/ମମ ମିତ୍ରମ୍ ଅପଠତ୍' ନ କହି 'ଗତସପ୍ତାହେ ଗୋବିନ୍ଦଃ ପଠିତବାନ୍, ଗୀତା ପଠିତବତୀ, ମମ ମିତ୍ରଂ ପଠିତବତ୍' କହିବା । ବସ୍ତୁତଃ ପଠିତବାନ୍, ପଠିତବତୀ, ପଠିତବତ୍ – ଏସବୁ ବିଶେଷଣ ପଦ । ଯଥା – ଗୀତାଂ ପଠିତବାନ୍ ଜନଃ ଜୀବନେ ସୁଖୀ ଭବତି (ଗୀତା ପଢ଼ିଥିବା ଲୋକ ଜୀବନରେ ସୁଖୀ ହୁଅନ୍ତି) ।

ଯଦି ପଢ଼ିଥିଲା (ଅପଠତ୍) ପାଇଁ ପଠିତବାନ୍/ ପଠିତବତୀ/ପଠିତବତ୍ କହିବା, ତା'ହେଲେ 'ପଢ଼ି ଅଛି' ପାଇଁ କ'ଣ କହିବା ? ଯଥା – ରାମ ଗୀତା ପଢ଼ିଅଛି । ସଂସ୍କୃତରେ ଏହା 'ରାମଃ ଗୀତାଂ ପଠିତବାନ୍' ହେବ ।

(ଚ) ପଞ୍ଚମୀ ବିଭକ୍ତି ପାଇଁ 'ତଃ'ର ବ୍ୟବହାର କରିବା । ଯଥା –'ଆକାଶାତ୍ ଜଳଂ ପତତି' ନ କହି 'ଆକାଶତଃ ଜଳଂ ପତତି' କହିବା ।

(ଛ) 'ଆବାଂ ଜାନୀବଃ' ନ କହି 'ଅସ୍ମଦ୍ୱୟଂ ଜାନାତି' କହିବା ।

(ଜ) ସଂସ୍କୃତରେ କଥାବାର୍ତ୍ତା ଶିଖାଇଲା ବେଳେ ସରଳୀକୃତ ସଂସ୍କୃତ ଶିଖାଇବା ବ୍ୟକ୍ତିମାନେ ପ୍ରଥମେ ''ମମ ନାମ...'' ଶିଖାନ୍ତି । କିନ୍ତୁ କେଉଁ ନାମ ଶେଷରେ ବିସର୍ଗ ଲାଗିବ ଓ କେଉଁ ନାମ ଶେଷରେ ବିସର୍ଗ ଲାଗିବ ନାହିଁ ଏବଂ କାହିଁକି ଲାଗିବ ଓ କାହିଁକି ଲାଗିବ ନାହିଁ – ଏକଥା ଶିଖାନ୍ତି ନାହିଁ !

(ଝ) ଏମାନେ ସଂସ୍କୃତ ଶବ୍ଦଗୁଡ଼ିକର ଶୁଦ୍ଧ ଉଚ୍ଚାରଣ ଶିଖାନ୍ତି ନାହିଁ । ସଂସ୍କୃତ ଏକ ବୈଜ୍ଞାନିକ ଭାଷା ବୋଲି ଏମାନେ ନିଶ୍ଚୟ କହନ୍ତି; କିନ୍ତୁ ସଂସ୍କୃତ ଭାଷାର ବୈଜ୍ଞାନିକତାକୁ ଛାତ୍ରମାନଙ୍କ ଆଗରେ ପ୍ରମାଣିତ କରି ପାରନ୍ତି ନାହିଁ !

ମଣିଷର ଯେପରି ସ୍ୱଭାବ ସେ ସଂସ୍କୃତର ଅଙ୍ଗ ଛେଦ କରିବ ବୋଲି ଶ୍ରୀମା ବହୁ ବର୍ଷ ପୂର୍ବରୁ ସୂଚନା ଦେଇଥିଲେ ।

ଶ୍ରୀମା କହିଥିଲେ –

I think they are cutting up Sanskrit too, out of habit. (October 8, 1960)

କିନ୍ତୁ ଆଶ୍ଚର୍ଯ୍ୟର କଥା ଏହି ଧରଣର ବ୍ୟକ୍ତିମାନେ ସଂସ୍କୃତ ଶିକ୍ଷାଦାନ ବେଳେ ଉତ୍ସୁକତାର ସହ ଉତ୍ତମ ରୂପେ ଗାନ କରନ୍ତି –

''ସରସ ସୁବୋଧା ବିଶ୍ୱମନୋଜ୍ଞା ଲଳିତା ହୃଦ୍ୟା ରମଣୀୟା ।
ଅମୃତବାଣୀ ସଂସ୍କୃତଭାଷା ନୈବ କ୍ଲିଷ୍ଟା ନ ଚ କଠିନା ।''

ସଂସ୍କୃତ ଭାଷା ଯଦି 'ନୈବ କ୍ଲିଷ୍ଟା ନ ଚ କଠିନା' ବୋଲି ଗାଇ ହେଉଛ, ତା'ହେଲେ ତାକୁ କାଟି ପକାଉଛ କାହିଁକି ବୋଲି ପ୍ରଶ୍ନ କଲେ, ସେମାନେ କହନ୍ତି – ନା, ନା, ଆମେ ପରବର୍ତ୍ତୀ ଶିବିରରେ ସବୁ ଶିଖାଇବୁ । କିନ୍ତୁ ହାୟ ! ପରବର୍ତ୍ତୀ ଶିବିର ପାଇଁ ଏମାନେ ଆସନ୍ତି ନାହିଁ ! ଯଦି କେବେ ଆସିବେ, ସେହି ପୁରୁଣା ଘୋଷା ପଦ୍ଧତିକୁ ଅନୁସରଣ କରିବେ ।

**ସରଳ ସଂସ୍କୃତ କ'ଣ ?**

ସରଳ ସଂସ୍କୃତରେ ଉପରେ କୁହାଯାଇଥିବା ଦୋଷଗୁଡ଼ିକ ନଥାଏ । ଏହା ମାତୃଭାଷା ଓ ସ୍କୁଲ ପାଠ୍ୟକ୍ରମ ସହ ପୂରା ସାମଞ୍ଜସ୍ୟ ରଖିଥାଏ । ଯଥା – ଆମର ଜଣେ ସାଙ୍ଗକୁ ''ଭବାନ୍/ଭବତୀ ଧରତୁ''(ଆପଣ ଧରନ୍ତୁ) ନ କହି ''ତ୍ୱଂ ଧର'' (ତୁମେ ଧର) ବୋଲି କହିଲେ କେଉଁଟା ଆମ ଭାଷାର ନିକଟତର, ସହଜ ଓ ଅନ୍ତରଙ୍ଗ ହେବ ? ନିଶ୍ଚିତ ଭାବରେ 'ତ୍ୱଂ ଧର' । ସେହିପରି – ତ୍ୱଂ ହସ, ତ୍ୱଂ ଖେଳ, ତ୍ୱଂ ପଠ, ତ୍ୱଂ ରକ୍ଷ, ତ୍ୱଂ କୁରୁ, ତ୍ୱଂ ଗାୟ, ତ୍ୱଂ ଚିନ୍ତୟ, ତ୍ୱଂ କଥୟ, ତ୍ୱଂ ରନ୍ଧୟ, ତ୍ୱଂ ପୂଜୟ ଇତ୍ୟାଦି ।

ଓଡ଼ିଆରେ 'ସେମାନେ ହସନ୍ତି' କହିଲେ ସଂସ୍କୃତରେ 'ତେ ହସନ୍ତି' ହୁଏ । ଏହିପରି ସେମାନେ ହସନ୍ତୁ – ତେ ହସନ୍ତୁ । ମୁଁ ସହ୍ୟ କରେ – ଅହଂ ସହେ । ମୁଁ ଶିଖେ – ଅହଂ ଶିକ୍ଷେ । ମୁଁ ପଳାଏ ନାହିଁ – ଅହଂ ନ ପଲାଏ ।

ଏସବୁ ସରଳ ସଂସ୍କୃତର ଉଦାହରଣ ।

**୩. ପିଲାଟି କେଉଁ ଭାଷାରେ କହିବ ?**

ପିଲା ଘରେ ଯେଉଁ ଭାଷାଟି ଶୁଣେ ଓ କହେ, ସେ ଯେଉଁ ଭାଷାକୁ ତା' ପରିବେଶରେ ଶୁଣେ, ତା'ର ମାତା-ପିତାମାନେ ଯେଉଁ ଭାଷା ପାଇଁ ସୁନ୍ଦର ସୁନ୍ଦର ବହି ଓ ଖେଳ ସାମଗ୍ରୀ ଯୋଗାଇ ଦିଅନ୍ତି ଏବଂ ଯେଉଁ ଭାଷାଟିକୁ ସେ ପ୍ରତିଦିନ ଘରେ ଓ ବିଦ୍ୟାଳୟରେ ପଢ଼େ, ସେହି ଭାଷାଟିକୁ ସେ କହିବ ନା ଯେଉଁ ଭାଷାକୁ ସେ ସ୍କୁଲରେ ସପ୍ତାହରେ ଥରେ ବା ଦୁଇଥର ପଢ଼େ ସେହି ଭାଷାଟିକୁ କହିବ ?

ଏଣୁ ଯଥେଷ୍ଟ ସମୟ ନଦେଇ ଏବଂ ସଂସ୍କୃତରେ କଥାବାର୍ତ୍ତା ଶିଖାଇବା ପାଇଁ ଯାହା ଯାହା ଦରକାର ସେସବୁକୁ ଯୋଗାଇ ନଦେଇ ଖାଲି ସଂସ୍କୃତରେ କଥାବାର୍ତ୍ତା ଶିଖାନ୍ତୁ ବୋଲି ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ କହିବା ଆଦୌ ଉଚିତ ନୁହେଁ ।

ଦଶ ଦିନରେ ଅଥବା ୨୦ ଘଣ୍ଟାରେ ସଂସ୍କୃତରେ କଥାବାର୍ତ୍ତା ଶିଖାଇବାକୁ ଆପଣମାନଙ୍କ ପାଖକୁ ଯଦି କେହି ଆସନ୍ତି, ପ୍ରଥମେ ସେମାନେ କ'ଣ କ'ଣ ଶିଖାଇବେ ତାହା ଭଲ କରି ଜାଣିବା ଦରକାର ଏବଂ ସ୍କୁଲ ପାଠ୍ୟକ୍ରମ ଓ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଶିକ୍ଷାନୀତି ସହ ସେସବୁର ପୂର୍ଣ୍ଣ ସାମଞ୍ଜସ୍ୟ ଥିଲେ ଅନୁମତି ଦେବା ଦରକାର ।

ଶ୍ରୀମା ଶ୍ରୀଅରବିନ୍ଦଙ୍କ ଶିକ୍ଷାନୀତିକୁ ଅବଲମ୍ବନ କରି ଆମ୍ଭେମାନେ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ପାଇଁ Onlineରେ ସଂସ୍କୃତ ଶିଖାଇବାର ବ୍ୟବସ୍ଥା କରିଛୁ । ଏହାର ସୁଯୋଗ ନେବା ପାଇଁ 9348027908, 9786601445 ନମ୍ବରରେ ସମ୍ପର୍କ କରିପାରନ୍ତି । ❑

ଏକ ଶାନ୍ତ ଚିରପ୍ରସାରିତ ଚେତନା ମଧ୍ୟରେ କାର୍ଯ୍ୟ କରିବା ଏକାଧାରରେ ଏକ ସାଧନା ଓ ସିଦ୍ଧି ।
- ଶ୍ରୀମା

କାହାଣୀ :

# ଇତିହାସର କେତୋଟି ମୁହୂର୍ତ୍ତ

## ମନୋଜ ଦାସ

## (୧)

## ଅଭାବନୀୟ ଦୃଷ୍ଟାନ୍ତ

ଅଢ଼େଇ ହଜାର ବର୍ଷ ତଳେ ବି ରୋମ ଥିଲା ଏକ ସାଧାରଣତନ୍ତ୍ର (ଜୁଲିଅସ୍ ସିଜର୍‌ଙ୍କ ଅଭ୍ୟୁତ୍‌ଥାନର ପୂର୍ବବର୍ତ୍ତୀ କାଳର କଥା) । ସାଧାରଣ ଲୋକେହିଁ ଶାସକ ନିର୍ବାଚନ କରୁଥିଲେ ।

ଯେତେବେଳେ ପରିସ୍ଥିତି ସ୍ୱାଭାବିକ, ସେତେବେଳେ ରୋମବାସୀମାନେ ମୁଖ୍ୟତଃ କୃଷି କର୍ମରେ ମନୋନିବେଶ କରୁଥିଲେ । କିନ୍ତୁ କୌଣସି ଆକ୍ରମଣକାରୀଙ୍କୁ ସାମନା କରିବାର ପ୍ରୟୋଜନ ପଡ଼ିବା ମାତ୍ରେ ସେହି କୃଷକମାନେ ବନି ଯାଉଥିଲେ ସୈନିକ । ଅବଶ୍ୟ ଏକ ନିୟମିତ ସୈନ୍ୟବାହିନୀ ରହିଥାଏ । ତେବେ ଦେଶର ସୀମାନ୍ତ ଉପରେ ସୁରକ୍ଷା ଦୃଷ୍ଟି ରଖିବା ଥିଲା ସେମାନଙ୍କ କାମ ।

ଦିନେ, ଗୋଟାଏ ଉପତ୍ୟକା ଭିତରେ ସେ ବାହିନୀଟି ବିଶ୍ରାମ କରୁଥିବା ବେଳେ ହଠାତ୍ ଏକ ଶତ୍ରୁ ଦେଶର ଆକ୍ରମଣକାରୀ ସୈନ୍ୟଦଳ ଆସି ସେମାନଙ୍କୁ ଘେରିଗଲେ । ରୋମ ସୈନ୍ୟବାହିନୀ ସହ ବାହାରର ଯୋଗାଯୋଗ ଛିନ୍ନ ହେଲା । ଅନାହାରରେ ସେମାନେ ମରିବେ, ଏହାହିଁ ହେଲା ପରିସ୍ଥିତି ।

ସେତେବେଳେ ରୋମରେ ଥା'ନ୍ତି ସିନ୍‌ସିନାଟାସ୍ ନାମକ ଜଣେ କୃଷକ । ତାଙ୍କ ସାହସ ଓ ଜ୍ଞାନ ଉପରେ ଲୋକଙ୍କର ଥାଏ ବହୁତ ଆସ୍ଥା । ସେ ତାଙ୍କ ଜମିରେ ହଳ ବୁଲାଉଥିବା ବେଳେ ଦୁଃସମ୍ବାଦ ଯାଇ ତାଙ୍କ ପାଖରେ ପହଞ୍ଚିଲା । ହଳଟିକୁ ସେମିତି ସେଇଠି ଛାଡ଼ି ଦେଇ ସେ ଜନପଦ ଭିତରକୁ ଆସିଲେ । ସମସ୍ତ ସବଳ ରୋମାନ୍‌ଙ୍କୁ ସେ ନିର୍ଦ୍ଦେଶ ଦେଲେ, ଖଣ୍ଡିଏ ଲେଖାଏଁ କାଠପଟା ଅଥବା ବିଡ଼ାଏ ଲେଖାଏଁ କାଠଖଣ୍ଡ ଧରି ସେମାନେ ବାହାରି ଆସନ୍ତୁ ।

ରାତିର ପ୍ରଥମ ପ୍ରହରରେ ସିନ୍‌ସିନାଟାସ୍ ସମସ୍ତଙ୍କୁ ଏକଜୁଟ କଲେ । ନିଶାର୍ଦ୍ଧରେ ସେ ତାଙ୍କ କାଠାସ୍ତ୍ରଧାରୀ ବାହିନୀକୁ ଧରି ସନ୍ତର୍ପଣରେ ଉପତ୍ୟକାରେ ପ୍ରବେଶ କଲେ । ରୋମ ବାହିନୀକୁ ବେଢ଼ିଥିବା ଶତ୍ରୁବାହିନୀକୁ ସେମାନେ ବୃତ୍ତାକାରରେ ବେଢ଼ି ଗଲେ ଓ ପ୍ରତ୍ୟେକେ ନିଜ ନିଜ ସାମନାରେ କାଠପଟା ବା କାଠଖଣ୍ଡମାନ ପୋତି ପଛରେ ଠିଆ ହୋଇ ରହିଲେ ।

ଭୋର ହେବା ବେଳକୁ ଶତ୍ରୁବାହିନୀ ଦେଖିଲେ, ସେମାନେ ଯେମିତି ରୋମ ସୈନ୍ୟଦଳକୁ ବେଢ଼ିଛନ୍ତି, ରୋମର ଜନତା ସେମିତି ସେମାନଙ୍କୁ ବେଷ୍ଟନ କରି ରହିଛନ୍ତି । ଗୋଟାଏ କାଠବଳୟ ଭିତରେ ସେମାନେ ବନ୍ଦୀ । ଶତ୍ରୁପକ୍ଷ ଆତ୍ମସମର୍ପଣ କଲା !

ବିଜୟ ଅନ୍ତେ ରୋମବାସୀମାନେ ସିନ୍‌ସିନାଟାସଙ୍କୁ ଅନୁରୋଧ କଲେ, ସେ ରୋମର ସର୍ବୋଚ୍ଚ ଶାସକ ହୁଅନ୍ତୁ । ସିନ୍‌ସିନାଟାସ୍ ବାଟ ଚାଲୁଥା'ନ୍ତି; ରୋମର ସମ୍ଭ୍ରାନ୍ତ ବ୍ୟକ୍ତିମାନେ ତାଙ୍କୁ ଏହି ଅନୁରୋଧର ପୁନରାବୃତ୍ତି କରି ଅନୁସରଣ କରୁଥା'ନ୍ତି ।

ନୀରବ ସିନ୍‌ସିନାଟାସ୍ ତାଙ୍କ କ୍ଷେତକୁ ଯାଇ ଛାଡ଼ି ଯାଇଥିବା ହଳଟି ଧରି ପୁଣି ତାକୁ ବୁଲାଇବାରେ ମନୋନିବେଶ କଲେ । ସର୍ବୋଚ୍ଚ କର୍ତ୍ତା ହେବାର ସୁଯୋଗ ପ୍ରତି କର୍ଣ୍ଣପାତ ମଧ୍ୟ କଲେ ନାହିଁ !

## (୨)

# ଉଦ୍‌ଭ୍ରାନ୍ତର ଅନୁତାପ

ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀର କଥା । ସେତେବେଳେ ଲିଡ଼ିଆ ମୁଲକ (ପଶ୍ଚିମ ଏସିଆ ମାଇନର) ଉପରେ ନରପତି ହେଲେ କ୍ରୋସାସ୍ । ସେ ଅମାପ ବିତ୍ତ ଠୁଳ କରିଥା'ନ୍ତି । ଇଂରାଜୀରେ ପ୍ରବାଦ ଅଛି, Rich as Croessus । ତାଙ୍କଠୁଁ ଧନୀ ସେ ଯୁଗରେ ଆଉ କେହି ନଥିଲେ ।

ସେତେବେଳେ ପାରସ୍ୟ ଶାସନ କରୁଥିଲେ ଦୁର୍ଦ୍ଦାନ୍ତ ରାଜା ସାଇରସ୍ । ସେ ନିଜ ସାମ୍ରାଜ୍ୟ ବିସ୍ତାର ପାଇଁ ଲାଳାୟିତ ଥା'ନ୍ତି । ସାଇରସ୍‌ଙ୍କ ଔଦ୍ଧତ୍ୟ କ୍ରୋସାସ୍ ସହି ପାରିଲେ ନାହିଁ । ପାରସ୍ୟ ଉପରେ ବିଜୟ ହାସଲ କରି ତାକୁ ନିଜ ଉପନିବେଶରେ ପରିଣତ କରିବାକୁ ମନସ୍ଥ କଲେ କ୍ରୋସାସ୍ ।

ତେବେ, ଯୁଦ୍ଧଯାତ୍ରା ପୂର୍ବରୁ ତତ୍କାଳୀନ ପ୍ରଥା ଅନୁସରଣ କରି, ତାଙ୍କ ଅଭିଯାନ ସଫଳ ହେବ କି ନାହିଁ ସେ ପ୍ରଶ୍ନ କ୍ରୋସାସ୍ ଓରାକ୍ଲ (Oracle)ଙ୍କ ପାଖକୁ ପ୍ରେରଣ କଲେ । ସୁପ୍ରାଚୀନ ଗ୍ରୀସ ଏବଂ ଆଖପାଖ ରାଜ୍ୟରେ, ପର୍ବତ ଗୁମ୍ଫା ଭିତରେ ଦେବମୂର୍ତ୍ତିମାନ ଥାଏ । ପୁରୋହିତ ଯଥାବିଧି ପୂଜାର୍ଚ୍ଚନା କରି ପ୍ରଶ୍ନଟିଏ ଉଚ୍ଚାରଣ କରନ୍ତି । ମୂର୍ତ୍ତି ପଛପଟରେ ଲୁଚିଥିବା ଆଉ ଜଣେ ପୁରୋହିତ ଉତ୍ତର ଦିଅନ୍ତି । ତାହା ଦିଅଁଙ୍କ ପାଟିରୁ ବାହାରିବା ଭଳି ଧାରଣା ହୁଏ । ଅବଶ୍ୟ ଅଦୃଶ୍ୟ ଉତ୍ତରଦାତା କେତେକ ଇଙ୍ଗିତ ଅନୁସରଣ କରି ଉତ୍ତର ଦେଉଥିଲେ ବୋଲି ବିଶ୍ୱାସ କରାଯାଏ ।

କ୍ରୋସାସ୍‌ଙ୍କ ପ୍ରଶ୍ନର ଉତ୍ତର ଆସିଲା – ତୁମେ ଯଦି ଯୁଦ୍ଧାଭିଯାନ କରିବ ତେବେ ଗୋଟାଏ ଦେଶ ଛାରଖାର ହୋଇଯିବ !

କ୍ରୋସାସ୍ ପ୍ରୀତ ହେଲେ ।

ଲିଡ଼ିଆର ବିଶାଳ ସୈନ୍ୟବାହିନୀ ପାରସ୍ୟ ଆକ୍ରମଣ କଲେ । କିନ୍ତୁ ସାଇରସ୍‌ଙ୍କ ସାହସ, ବୀରତ୍ୱ ଓ ଯୁଦ୍ଧକୌଶଳ ସେମାନଙ୍କୁ ପରାଜିତ କଲା । ଆକ୍ରମଣକାରୀକୁ ପରାଜିତ ମାତ୍ର କରି ସନ୍ତୁଷ୍ଟ ହେଲେ ନାହିଁ ସାଇରାସ୍ । ସେ ଲିଡ଼ିଆ ଆକ୍ରମଣ କରି ସେ ଦେଶକୁ ଛାରଖାର କରିଦେଲେ । ବନ୍ଦୀ ହେଲେ କ୍ରୋସାସ୍ ।

ସେତେବେଳେ କ୍ରୋସାସ୍‌ଙ୍କ ଜ୍ଞାନୋଦୟ ହେଲା । ଦୈବବାଣୀ କହିଥିଲା ଯେ ଯୁଦ୍ଧାଭିଯାନ କଲେ ଗୋଟାଏ ଦେଶ ଛାରଖାର ହୋଇଯିବ । ସେ ଦେଶ ପାରସ୍ୟ ବୋଲି ତ କୁହାଯାଇ ନଥିଲା ! ବିଜୟ ଆଶାରେ ମତ୍ତ କ୍ରୋସାସ୍ ସେଦିନ ଦୈବବାଣୀକୁ ଧୀର ଚିତ୍ତରେ ବିଶ୍ଳେଷଣ କରି ନଥିଲେ !

ଲିଡ଼ିଆ ଛାରଖାର କରି, କ୍ରୋସାସ୍‌ଙ୍କୁ ବନ୍ଦୀ କରି ମଧ୍ୟ ସାଇରସ୍ ତୃପ୍ତ ହେଲେ ନାହିଁ । ବନ୍ଦୀ ରାଜାଙ୍କୁ ଜୀବନ୍ତ ପୋଡ଼ି ମାରିବାର ଆୟୋଜନ ହେଲା । ସର୍ବସମ୍ମୁଖରେ ତାଙ୍କୁ ଠିଆ କରାଇ ଚାରିପଟେ କାଠ ପୁଞ୍ଜୀଭୂତ କରାଗଲା । ସାଇରସ୍ ନିଜେ ସେ କ୍ରୁର ଅନୁଷ୍ଠାନର ତତ୍ତ୍ୱାବଧାନ କରୁଥା'ନ୍ତି ।

ସାଇରସ୍ ସଙ୍କେତ ଦିଅନ୍ତେ ତାଙ୍କର ଜଣେ ସେନାପତି ରାଜା କ୍ରୋସାସ୍ ଆକଣ୍ଠ ପୋତା ହୋଇଥିବା କାଠଗଦାରେ ଅଗ୍ନି ସଂଯୋଗ କଲେ । ସେତିକିବେଳେ ଶୁଣାଗଲା କ୍ରୋସାସ୍‌ଙ୍କ କଣ୍ଠସ୍ୱର – ''ସଲୋନ୍, ସଲୋନ୍ !''

ସଲୋନ୍ ହେଲେ କ୍ରୋସାସ୍‌ଙ୍କ ରାଜସଭାରେ ସାମୟିକ ଭାବରେ ରହିଥିବା ବିଖ୍ୟାତ ଗ୍ରୀକ୍ ଦାର୍ଶନିକ ଓ ସନ୍ଥ । ସାଇରାସ୍ ବି ସଲୋନ୍‌ଙ୍କୁ ମାନ୍ୟ କରୁଥିଲେ ।

ସାଇରସ୍‌ଙ୍କ ନିର୍ଦ୍ଦେଶରେ ଚିତା ଭିତରୁ କ୍ରୋସାସ୍‌ଙ୍କୁ ବାହାର କରି ଅଣାଗଲା । ସାଇରାସ୍ ତାଙ୍କୁ ପ୍ରଶ୍ନ କଲେ, ''ତୁମେ ସଲୋନ୍‌ଙ୍କୁ ସ୍ମରଣ କରିବାର କାରଣ ?''

କ୍ରୋସାସ୍ ଯେଉଁ ଉତ୍ତର ଦେଲେ, ତା'ର ସଂକ୍ଷିପ୍ତସାର ଏହିପରି – ତାଙ୍କ ପ୍ରତିପତ୍ତି ଓ ଐଶ୍ୱର୍ଯ୍ୟ ଯେତେବେଳେ ଅତୁଳନୀୟ, ସେତେବେଳେ ସେ ଦିନେ ରାଜସଭାରେ ସଗର୍ବ ଘୋଷଣା କରିଥିଲେ – ବାସ୍ତବରେ ତାଙ୍କ ଜୀବନ ସୁଖମୟ ! ସଭାସଦ୍‌ବର୍ଗ ସମସ୍ୱରରେ ତାଙ୍କୁ ସମର୍ଥନ କଲେ । ବାସ୍ତବିକ, ରାଜା କ୍ରୋସାସ୍‌ଙ୍କଠୁ ବଳି ସୁଖୀ କିଏ ହୋଇପାରେ ?

କ୍ରୋସାସ୍ କିନ୍ତୁ ଲକ୍ଷ୍ୟ କରି ଦେଖୁଥିଲେ, ସଭା ଭିତରେ ଜଣେ ମାତ୍ର ବ୍ୟକ୍ତି ନୀରବ ରହିଥିଲେ । ସେ ହେଲେ ସଲୋନ୍ । କ୍ରୋସାସ୍ ତାଙ୍କୁ ଜେରା କଲେ – ସେ କ'ଣ କ୍ରୋସାସ୍‌ଙ୍କ ଜୀବନ ସୁଖମୟ ବୋଲି ବିଚାର କରୁ ନାହାନ୍ତି ?

ସଲୋନ୍ ନମ୍ର ଭାବରେ ଉତ୍ତର ଦେଇଥିଲେ, ''ଜଣେ ନ ମଲାଯାଏ ମୁଁ ତା'ର ଜୀବନ ସୁଖମୟ ବୋଲି କହିପାରିବି ନାହିଁ !''

ଆଜି କ୍ରୋସାସ୍ ବୁଝୁଥିଲେ – ସଲୋନ୍ ସେଦିନ କେଡ଼େ ବଡ଼ ସତ୍ୟ କହିଥିଲେ !

କ୍ରୋସାସ୍‌ଙ୍କ ଏ କୈଫିୟତ ଖୁବ୍ ପ୍ରଭାବିତ କଲା ସାଇରାସ୍‌ଙ୍କୁ । ସେ ବନ୍ଦୀରାଜାଙ୍କୁ ମୁକ୍ତି ଦେଲେ । ତା'ପରେ ସେ ତାଙ୍କୁ ପଚାରିଲେ, ''ତୁମେ କାହିଁକି ମୋ ପାରସ୍ୟ ଦଖଲ କରିବାକୁ ବାହାରି ପଡ଼ିଲ ?''

କ୍ରୋସାସ୍ ଉତ୍ତର ଦେଲେ, ''ମୋତେ ଉଦ୍‌ଭ୍ରାନ୍ତ କରିଥିଲା ଅହମିକା, ଅନ୍ଧ କରିଥିଲା ଅଜ୍ଞତା । କୌଣସି ସ୍ୱାଭାବିକ ମଣିଷ ଶାନ୍ତି ବଦଳରେ ଯୁଦ୍ଧ ଚାହିଁ ପାରେନା । ଶାନ୍ତି ବେଳେ ପୁତ୍ର ପିତାକୁ କବର ଦିଏ । ଯୁଦ୍ଧ ବେଳେ ପିତା ପୁତ୍ରକୁ କବର ଦିଏ !''

('ମନୋଜ ଦାସ ପରିବେଷିତ ଅର୍ଦ୍ଧଶତ କିଶୋର କାହାଣୀ'ରୁ ସଂଗୃହୀତ) ❑


**ପ୍ରାପ୍ତି ସ୍ୱୀକାର**

**ଶ୍ରୀଅରବିନ୍ଦଙ୍କ**

## ଦିବ୍ୟ ଜୀବନ ଗ୍ରନ୍ଥ ପ୍ରସଙ୍ଗେ

**(*On the Life Divine*)**

ପ୍ରଥମ ଭାଗ

ସଂକ୍ଷିପ୍ତ ଆଲୋଚନା : **ପ୍ରଫେସର ଶରତ ଚନ୍ଦ୍ର ରଥ**

(ମୋବାଇଲ : ୯୪୩୭୭ ୫୬୨୪୦)

ପ୍ରକାଶକ : ଶ୍ରୀଅରବିନ୍ଦ ସଂସ୍କୃତି ସଂସଦ, ମାତୃ ବିହାର, ଖଣ୍ଡଗିରି, ଭୁବନେଶ୍ୱର, ପିନ୍ - ୭୫୧ ୦୩୦

ମୁଦ୍ରଣ : ଶ୍ରୀଅରବିନ୍ଦ ଆଶ୍ରମ ପ୍ରେସ, ପଣ୍ଡିଚେରୀ

ମୂଲ୍ୟ : ୩୦୦/- (ତିନି ଶହ ଟଙ୍କା ମାତ୍ର)

ପ୍ରାପ୍ତି ସ୍ଥାନ :

ମାତୃ ବିହାର, ଖଣ୍ଡଗିରି, ଭୁବନେଶ୍ୱର, ପିନ୍ - ୭୫୧ ୦୩୦

**ଶାଶ୍ୱତଭାରତ କଥା :**

# ମନ-ବଚନ-କର୍ମ

## କୃଷ୍ଣାଦେବୀ

ଅଧିକାଂଶ ସମୟରେ ଆମେ ଯାହା କହୁ, ତା'ପଛରେ କିଛି ଗଭୀର ଚିନ୍ତା ବା ଭାବନା ନ ଥାଏ । ସକାଳୁ ସନ୍ଧ୍ୟା ଯାଏ ଯେତେ କଥାର ଆଦାନ-ପ୍ରଦାନ ହୋଇଥାଏ, ସେଥିରୁ ଅଧିକାଂଶ ଯାନ୍ତ୍ରିକ ଅଥବା ତାତ୍କାଳିକ ପ୍ରୟୋଜନର ଖାତିରିରେ । ଆମ ମନ ଯେପରି ବିଚଳିତ, ଆମ ମୁହଁର କଥା ମଧ୍ୟ ସେଇପରି ଖାପଛଡ଼ା, ବେଳେବେଳେ ମନରେ କିଛି ଚାଲୁଥାଏ, ପ୍ରାଣରେ ଆଉ କିଛି ଇଚ୍ଛା ସଂଚାଳିତ ହେଉଥାଏ, ଅଥଚ ପାଟି ଏକାନ୍ତ ବିପରୀତ କଥା କହୁଥାଏ । ସେଇଥିପାଇଁ ଶାସ୍ତ୍ର କହେ ମନ, ବଚନ ଓ କର୍ମର ସଂଯୋଗ ହେଲେ ଅସାଧ ବୋଲି କିଛି ରହେ ନାହିଁ । ସତ୍ୟ ଆଚରଣ, ଧର୍ମାଚରଣ ବି ଏଇ ତିନିଗୋଟି ସ୍ତରରେ ହେବା ଉଚିତ । ଶ୍ରୀମା ମଧ୍ୟ କହିଛନ୍ତି : ''ଯାହା କରିବାକୁ ଯାଉଛ ଅବା କରିବାକୁ ଭାବୁଛ, ତୁମ ଚେତନାର ଉଚ୍ଚତମ ଶିଖରରେ ରହି ସେଇଟି କର, ସେତେବେଳେ ତାହା ଆଉ ଅଜ୍ଞାନ-କୃତ୍ ହେବ ନାହିଁ ।'' ସାଧାରଣ ଜୀବନରେ ବି ଏଇ କଥାଟି ମନେ ରଖିବା ବହୁତ ଦରକାର, ତା' ନ ହେଲେ ସାମାନ୍ୟ ଜିନିଷ ବି ତୁମେ କରାୟତ୍ତ କରିପାରିବ ନାହିଁ, ଯାହା ମିଳିବାର ସମ୍ଭାବନା ଥିବ, ସେଇଟି ମଧ୍ୟ ହାତରୁ ଚାଲିଯିବ; ଧ୍ୟେୟ ବସ୍ତୁଟି ପାଇବା ଲାଗି କେତେ ଆତ୍ମ-ନିୟନ୍ତ୍ରଣ ଓ ଆତ୍ମ-ସଂହତି ଦରକାର ହୁଏ ତାହା ବୁଝି ହେଉଛି । ଏଠାରେ ଆମେ ସାଧାରଣ ଗପଟିଏ ଉତ୍ଥାପନ କରିବା, ଯେଉଁଥିରେ ନିଶ୍ଚିତ ଦ୍ରବ୍ୟଟି, ଯାହା ମିଳିବାର ସମ୍ଭାବନା ଥିଲା, କେମିତି ହାତରୁ ଖସିଗଲା, ତାହା ଦେଖିବା – କେବଳ ମନ ଓ ବଚନ ସହିତ ସଂକଳ୍ପର ଯୋଗାଯୋଗ ନ ରହିବାରୁ । କାରଣ ଆମ ଭିତରେ ଯାହା ସବୁଠାରୁ ଦୁର୍ବଳ, ସେଇଟି ହେଉଛି ଆମର ସଂକଳ୍ପ, ଯାହାର ଅଭାବ ଆମ ମନ, ପ୍ରାଣ ତଥା ବଚନରେ ଦ୍ୱନ୍ଦ୍ୱ ସୃଷ୍ଟି କରେ । ଫଳରେ ଆମ ଜୀବନ ମହାସମୁଦ୍ରରେ କୁଟାଖଣ୍ଡଟାଏ ଭଳି ଏପଟ ସେପଟ ହେଉଥାଏ ଅବସ୍ଥାର ତାଡ଼ନାରେ ।

କଥାଟି ଏଇପରି । କୌଣସି ଗ୍ରାମାଞ୍ଚଳରେ ଜଣେ ସାଧୁବାବା ଛୋଟିଆ ଆଶ୍ରମଟିରେ ରହୁଥିଲେ । ଧ୍ୟାନ, ଜପ, କୀର୍ତ୍ତନ, ପଠନ, ଅଧ୍ୟୟନରେ ତାଙ୍କ ସମୟ ବ୍ୟତୀତ ହେଉଥିଲା । ପ୍ରତିଦିନ ସନ୍ଧ୍ୟାସମୟରେ ସେ ପୁରାଣଶାସ୍ତ୍ର ପଢ଼ି ଗ୍ରାମର ଆଗ୍ରହୀ ନାରୀ, ପୁରୁଷଙ୍କୁ ଶୁଣାଉଥିଲେ ଓ ତାହାର ସରଳ ବ୍ୟାଖ୍ୟା ମଧ୍ୟ କରୁଥିଲେ । ତାଙ୍କର ଗୋଟିଏ ଘୋଡ଼ା ଥିଲା, କେହି ଜଣେ ସହୃଦୟ ବ୍ୟକ୍ତି ତାଙ୍କ ପାଇଁ ଏହା ଦେଇଥିଲେ । ଦୂର ଜାଗାକୁ ଯିବାକୁ ପଡ଼ିଲେ ତା' ଉପରେ ବସି ସେ ଯାତ୍ରା କରୁଥିଲେ । କାରଣ ଆଖପାଖ ଗ୍ରାମର ଲୋକେ ବି ତାଙ୍କ ପ୍ରଜ୍ଞା ଦ୍ୱାରା ପ୍ରଭାବିତ ହେବା ପାଇଁ, କିଛି ସମୟ ସେଇ ସାଧୁଙ୍କ ସହିତ କଟାଇବା ଲାଗି ତାଙ୍କୁ ଆମନ୍ତ୍ରଣ କରୁଥିଲେ ଏବଂ ସେ କ୍ଷେତ୍ରରେ ସେ ଘୋଡ଼ାଟିର ଉପଯୋଗ କରୁଥିଲେ । ଗ୍ରାମବାସୀମାନେ ସେଇ ଘୋଡ଼ାର ଯତ୍ନ ନେଉଥିଲେ, ଦାନା ଯୋଗାଇ ଦେଉଥିଲେ । ଥରେ ସେଇଟିରେ ଚଢ଼ି ସେ ଗ୍ରାମାନ୍ତରକୁ ଯାଉଥିଲେ । କିଛି ବାଟ ଯିବା ପରେ ସେ ଅଶ୍ୱଟିରୁ ଓହ୍ଲାଇ ଗୋଟାଏ ପୁଷ୍କରିଣୀରୁ ଜଳପାନ କଲେ, ଘୋଡ଼ାକୁ ବି ଜଳପାନ କରାଇଲେ । ସେତିକିବେଳେ ପଥିକଟିଏ ତାଙ୍କୁ ଆସି ଜୁହାର ହେଲା, ଲୋକଟି ଅପରିଚିତ ଥିଲା । ଯା'ହେଉ ସାଥିଟିଏ ମିଳିବାରୁ ସାଧୁବାବା ଅଶ୍ୱପୃଷ୍ଠରେ ନ ବସି ଚାଲିକରି ଯିବାକୁ ସ୍ଥିର କଲେ ।

ପଥିକଟି ଗପୁଡ଼ି, ସେ ତା'ର ଆପଣା ପରିଚୟ ଦେଇସାରି ବ୍ୟବସାୟ-ବାଣିଜ୍ୟ, ଚାଷବାସର କଥା ଉଠାଇଲା । ସାଧୁବାବା କିଛି ପ୍ରଶ୍ନ ନ କରି ଖାଲି ଶୁଣୁଥା'ନ୍ତି । କିଛି ସମୟ ପରେ ଲୋକଟି ପଚାରିଲା, ଆଚ୍ଛା ବାବା, ଆପଣଙ୍କର ଏ ଘୋଡ଼ାଟି ତ ବେଶ୍ ହୃଷ୍ଟପୁଷ୍ଟ ହୋଇଛି ? କେତେ ବର୍ଷ ହେବ କିଣିଛନ୍ତି ? ଏହାର ମୂଲ୍ୟ କେତେ ଥିଲା ସେତେବେଳେ ?

– ନାହିଁ ବାବୁ, ମୁଁ ଏଇଟି କିଣି ନାହିଁ – ମୁଁ ତ ସାଧୁସନ୍ନ୍ୟାସୀ ଲୋକ, ପଇସା କେଉଁଠୁ ପାଇବି ଯେ ଘୋଡ଼ାଟିଏ କିଣିବି ? କେହି ଜଣେ ସଜ୍ଜନ ଦେଇଥିଲେ ମୋର ପଦଚଲାର ଶ୍ରମଟା ଲାଘବ କରିବାକୁ ।

ପଥିକ : ଆଚ୍ଛା ସାଧୁବାବା, ଆପଣ ଯଦି କେବେ ବିକିବାକୁ ମନ କରିବେ, କେତେରେ ବିକିବେ ? କେବେ ତ ଦିନେ ବିକିବେ... ।

ସାଧୁବାବା : ବିକିବି କାହିଁକି ? ମୋର ଦରକାର ହେଉଥିବା ଯାଏଁ ଚଢ଼ୁଥିବି, ତା'ପରେ ଯାହାର ବେଶୀ ଲୋଡ଼ା ଥିବ, ସେଇଭଳି ଲୋକଟିଏ ଦେଖି ଦେଇଦେବି ।

ପଥିକ : ସେଭଳି ଲୋକ ଆପଣ ପାଇବେ କେଉଁଠୁ ? ମୋତେ ଦେଇଦିଅନ୍ତେ ହେଲେ – ମୋ'ଠୁ ଆଉ ବେଶୀ ଦରକାର ଥିବା ଲୋକଟିଏ କେଉଁଠୁ ପାଇବେ ? ମୋର କାହିଁକି ବିଶ୍ୱାସ ହେଉ ନାହିଁ ଯେ ଆପଣ ବିନା ମୂଲ୍ୟରେ ଏଇଟି ଦେଇ ଦେବେ କାହାକୁ ।

ସାଧୁବାବା : ହେ ବାଟୋଇ ମହାଶୟ, ତୁମେ ଏତେ କୌତୂହଳୀ କାହିଁକି, ତୁମର ବିଶ୍ୱାସ ହେଉ ନାହିଁ କାହିଁକି ? ସାଧୁ ସନ୍ନ୍ୟାସୀ କ'ଣ ଥଟ୍ଟା ତାମସା କରନ୍ତି ନା ମିଛ କହନ୍ତି ? ମୋର ପ୍ରୟୋଜନ ଏହାଠାରୁ ସରିଗଲେ କାହାକୁ ନା କାହାକୁ ଦେଇ ଦେଇଥା'ନ୍ତି । କାରଣ ମୁଁ ତ କିଣି ନ ଥିଲି । ତୁମେ ଯଦି ଚାହୁଁଛ, ତେବେ ତୁମେହିଁ ପାଇବ । ତେବେ...

ଲୋକଟି ତାଙ୍କ ମୁହଁରୁ କଥା ଛଡ଼ାଇ କହିଲା – ''ଓଃ ଘୋଡ଼ାର ଯତ୍ନନେବା କଥା !''

ଆପଣା କାନକୁ ବିଶ୍ୱାସ କରିପାରୁ ନ ଥାଏ, ସତରେ କ'ଣ ସାଧୁବାବା ତାକୁ ଘୋଡ଼ାଟି ଦେବେ, ପୁଣି ବିନା ମୂଲ୍ୟରେ !

ବାଟୋଇର କଥାକୁ ସ୍ଥଗିତ କରାଇ ସେତେବେଳେ ସାଧୁବାବା କହିଲେ, ''ତେବେ ଗୋଟିଏ ସର୍ତ୍ତ ପାଳିବାକୁ ପଡ଼ିବ । ଅଶ୍ୱର ମୂଲ୍ୟ ସ୍ୱରୂପ ତୁମକୁ କିଛି କରିବାକୁ ପଡ଼ିବ ।''

– ନିଶ୍ଚୟ ନିଶ୍ଚୟ, ଘୋଡ଼ାଟିର ଭଲ ଭାବେ ଯତ୍ନ ମୁଁ ନେବି, ବେଶୀ ଦଉଡ଼ାଇବି ନାହିଁ, ତାକୁ କ୍ଳାନ୍ତ କରିବି ନାହିଁ, ଭଲ ଦାନାପାଣି ଦେବି ।... ଇତ୍ୟାଦି କଥା ପଥିକଟି ଗୋଟାଏ ନିଃଶ୍ୱାସରେ କହି ଦେଇଗଲା – ସତେ ଯେମିତି ସାଧୁବାବା ତାକୁ ଅଶ୍ୱଟି ସଁପି ଦେଉଛନ୍ତି ।

ସାଧୁବାବା ବାଟୋଇର କଥା ବନ୍ଦ କରିବାକୁ କହିଲେ, ଆଗେ ମୋ ସର୍ତ୍ତଟି ମନଦେଇ ଶୁଣ, ଭାବିଚିନ୍ତି କୁହ ପାଳନ କରିପାରିବ କି ନାହିଁ । ତେବେ ସିନା ଅଶ୍ୱଟି ତୁମର ହେବ ?

ବାଟୋଇଟି ଜୋର୍‌ରେ 'ହଁ' ମାରିଲା । ତହୁଁ ସାଧୁବାବା କହିଲେ – ଏଠାରୁ ପାଖ ଗାଁ ତିନିକୋଶ ଦୂର । ସେତିକି ବାଟ ମୁଁ ଯିବି । ସେତିକି ସମୟ ତୁମକୁ ମୋ ସାଙ୍ଗରେ ଯିବାକୁ ହେବ, ଯିବ ତ ?

ବାଟୋଇ : ହଁ, ହଁ, ଯାହା କହିବେ ସାଧୁ ମହାରାଜ ।

ସାଧୁବାବା : ସେତିକିଟି ରାସ୍ତା 'ଶ୍ରୀକୃଷ୍ଣ ଗୋବିନ୍ଦ ହରେ ମୁରାରେ, ହେ ନାଥ ନାରାୟଣ ବାସୁଦେବ' – ଏଇ ପଦଟିକୁ ତୁମକୁ ଆବୃତ୍ତି କରିବାକୁ ହେବ । ଆଉ କିଛି କହିବ ନାହିଁ । ମୁଁ ପ୍ରଥମେ ଆବୃତ୍ତି କରୁଛି, ତୁମେ ମୋ ସାଙ୍ଗରେ ବୋଲ । ତା'ପରେ ମୁଁ ମନେ ମନେ କହି ଚାଲିବି, ତୁମର ତ ସେପରି ମନେ ମନେ ବୋଲିବା, କହିବା ଅଭ୍ୟାସ ନାହିଁ; ତୁମେ ପାଟି କରି କହିଚାଲ । ସେ ଗାଁରେ ପହଞ୍ଚିବା ଯାଏଁ ଆମେ ଦୁହେଁ ଏହିପରି କହି କହି ଚାଲିବା । ଏ ସର୍ତ୍ତଟି ପୂରା କରିବାକୁ ହେବ, ତା'ହେଲେ ଜାଣ ଅଶ୍ୱଟି ତୁମର । ଆଉ କିଛି କଥା ନାହିଁ । କ'ଣ ରାଜି ଅଛ ? ତୁମେ ଗାଇବ ଓ ମୁଁ ଶୁଣିବି ।

ବାଟୋଇ : ଓ, ଏଇ ସର୍ତ୍ତ ! ଏଇଟା ଏମିତି କି କଷ୍ଟକାମ ଯେ ପାରିବି ନାହିଁ । ଠିକ୍ ଅଛି, ଆପଣ ଆରମ୍ଭ କରନ୍ତୁ ତେବେ । ନ ପାରିବାର ଏଥିରେ କ'ଣ ଅଛି ଯେ ।

ସାଧୁବାବା ପ୍ରଥମେ ଜୋର୍ ଗଳାରେ ବୋଲିଲେ – 'ଶ୍ରୀକୃଷ୍ଣ ଗୋବିନ୍ଦ ହରେ ମୁରାରେ, ହେ ନାଥ ନାରାୟଣ ବାସୁଦେବ ।' ବାଟୋଇଟି ମଧ୍ୟ ବେଶ୍ ବଡ଼ ଗଳାରେ କିଛି ସମୟ ଧରି ସେଇଟି ଆବୃତ୍ତି କଲା ।

ତା'ପରେ ସାଧୁବାବା ସମ୍ମୁଖ ରାସ୍ତାକୁ ଚାହିଁ ଚାଲିବାକୁ ଲାଗିଲେ, ତାଙ୍କର ତୁଣ୍ଡ ଆଉ ଶୁଭିଲା ନାହିଁ, ଅଥଚ ପାଟିରୁ ମନେ ହେଉଥିଲା ଯେ ଆବୃତ୍ତି ତାଙ୍କର ଅନବରତ ଚାଲିଛି । ମାତ୍ର କିଛି ସମୟ ପରେ ବାଟୋଇଟିକୁ ଏଇ ଆବୃତ୍ତିଟି ବେଜାର ଲାଗିଲାଣି – କ'ଣ କଥା ନାହିଁ ବାର୍ତ୍ତା ନାହିଁ, ସେଇ ସମାନ ଶବ୍ଦକୁ ବାରଂବାର ଉଚ୍ଚାରଣ କରି ଲାଭ କ'ଣ ? ମନ ତା'ର ଅନ୍ୟ ଆଡ଼େ ଧାଇଁଲାଣି । ମନ ଢିଲା ହୋଇ ଲଗାମଛଡ଼ା ହେଲାଣି କେବେଠାରୁ, ଆଜି ଚାହିଁଲେ ସେ ମନଟା ଲଗାମ ଭିତରକୁ ଆସୁଛି କେତେବେଳେ ? ସେ ଭାବି ଚାଲିଛି, ଆଜି କାହା ମୁହଁ ଚାହିଁ ସକାଳ ହୋଇଥିଲା ମୋର, ସୌଭାଗ୍ୟର ଦିନ ! ଖୁବ୍ ଗୋଟାଏ ଶୁଭଦିନ କହିବାକୁ ହେବ – ନ ହେଲେ ସାଧୁବାବାଙ୍କ ସଙ୍ଗେ ଦେଖା ହୋଇ ନ ଥା'ନ୍ତା କି ଘୋଟକ ପ୍ରାପ୍ତି ଘଟି ନ ଥା'ନ୍ତା ।

ଚିନ୍ତା ଗଡ଼ି ଚାଲିଲା, ମାତ୍ର ମୁଖର ଭାଷା ସେଥିରେ ବ୍ୟାହତ ହେଲା, କଣ୍ଠର ଶବ୍ଦ ଅସଂଲଗ୍ନ ହେଲା– 'ଶ୍ରୀକୃଷ୍ଣ ଗୋବିନ୍ଦ' ପର ପଦ ମନେ ପଡ଼ିଲା ନାହିଁ ଖାଲି ମନେପଡ଼ିଲା '...ନାରାୟଣ ବାସୁଦେବ' । ସାଧୁବାବା ପୁଣି ଥରେ ଦୁଇଥର ବୋଲିଲେ ସେଇ ପ୍ରାର୍ଥନାର ପଦଟିକୁ, ବାଟୋଇ ବାପୁଡ଼ା

ପୁନରାୟ ଖିଅ ଧରିଲା । କିଛିବାଟ ଗଲା ପରେ ଭାବନା ଆସିଲା, 'ଆଚ୍ଛା, ଏ ସାଧୁବାବା ଘୋଡ଼ାଟା ତ ଦେବେ, ଲଗାମଟା ଦେବେ କି ନାହିଁ ? ଲଗାମ ନ ଥିଲେ ସେ ତ ବୋଲ ମାନିବ ନାହିଁ, ମୋ ଅକ୍ତିଆର ବାହାରକୁ ଚାଲିଯିବ, ମୋତେ ପକାଇ ଦେବ ।' ଆବୃତ୍ତି ଚାଲୁଥାଏ, କିନ୍ତୁ ମଝିରେ ମଝିରେ ପଦ ବନ୍ଦ ହୋଇ ଯାଉଥାଏ କାରଣ ଆଶଙ୍କାର ସମ୍ଭାବନା ମନକୁ ତଥା ଭାଷାକୁ ଆକ୍ରମଣ କଲାଣି । 'ଏ ସାଧୁ ସତ କହୁଛନ୍ତି ତ ? ସତେ କ'ଣ କଥା ରଖିବେ ? ଯଦିବା ଦିଅନ୍ତି, ଘୋଡ଼ା ତ ମୋତେ ଚିହ୍ନେ ନାହିଁ, ମୁଁ ତ ଚଢ଼ିବା ଶିଖି ନାହିଁ, ମୋତେ ପିଠିରେ ବସାଇବ ତ, ମୋ ବୋଲ ମାନିବ ତ ?'– ଏଥର କିନ୍ତୁ ଖାଲି 'ହେ ନାଥ ନାରାୟଣ ବାସୁଦେବ' ଶେଷପଦଟି ପାଟିରୁ ବାହାରୁ ଥାଏ, ତା' ବି ଖନେଇ ଖନେଇ ଅସ୍ପଷ୍ଟ ଭାବରେ ।

ସାଧୁବାବା ଟିକିଏ ତାକୁ କଠୋର ଆଖିରେ ଅନାଇଲେ । ବାଟୋଇର ତରତର ହେବାରେ ବାଧା ପଡ଼ିଲା ଓ ସେ ପୁଣି ବାଟକୁ ଆସିଲା, ଟିକିଏ ସମୟ ପରେ ତା' ମନକୁ ଆସିଲା – 'ଆଚ୍ଛା ଘୋଡ଼ାଟା ତ ମିଳିବ, ତାକୁ ବାନ୍ଧିବି କେଉଁଠି ? ଆମର ତ ଘର ଛୋଟ, ସମ୍ବଳ ବିଶେଷ ନାହିଁ । ହଉ, ତେବେ ଅଗଣାରେ ବାନ୍ଧି ଦେବି । ଆଖପାଖର ଲୋକ ଆସି ପଚରା-ଉଚରା କରିବେ, ପିଲାଏ ଆସି ତା'ର ଲଗାମ ଧରି ଟାଣିବେ । ଏ ସାଧୁବାବା ଲଗାମଟା ଦେବେ କି ନାହିଁ ପଚାରି ନେଲେ ଭଲ ହୁଅନ୍ତା, ତା' ନ ହେଲେ ଆଗ ଗାଁରେ ପହଞ୍ଚିବା ମାତ୍ରେ ଅନ୍ତତଃ ଦଉଡ଼ିଟିଏ ମୋତେ ଯୋଗାଡ଼ କରିବାକୁ ପଡ଼ିବ, ସେଇଥିରେ ବାନ୍ଧି ଆଗାମୀ ହାଟପାଳି ଯାଏ କାମ ଚଳାଇବି ।' ମନଟା ସେଇ ଲଗାମ ପାଖରେ ଲାଖି ରହିଲା ।

ଆଉ ପ୍ରାର୍ଥନା ପଦଟା ଶୁଣାଯାଉ ନାହିଁ । ମନର ଭାବନା କେଉଁଆଡ଼େ ଧାଇଁ ଚାଲିଛି, ସର୍ତ୍ତର କଥା ବା ପଦଟିର ସ୍ମୃତିଟି ମଧ ଆଉ ସ୍ଥିର ହୋଇ ରହି ନାହିଁ । ତେଣୁ ସେ ଯେ ପଦଟା ବୋଲିଲେ ଯାଇ ଘୋଟକଟି ପାଇବ – ସେ କଥାଟା ପାସୋର ହୋଇ ଗଲାଣି । ସାଧୁବାବା ବାଟୋଇ ଭାଇର ମତିଗତି ବୁଝି ପାରୁଥା'ନ୍ତି; କଠୋର ଦୃଷ୍ଟିରେ ଚାହିଁ, ଇଙ୍ଗିତରେ ଇସାରା କରି, ମଝିରେ ମଝିରେ ପଦଟିକୁ ନିଜେ ବୋଲି ଦେଇ ମନେ ପକାଇ ଦେଉଛନ୍ତି । ତଥାପି ବାଟୋଇଟି ପୂରା ସମୟ ଅନ୍ୟମନସ୍କ ରହିଗଲା । ତା' ମନ ତ ଘୋଡ଼ା ପାଖରେ, ପଦ ପାଖରେ କାହୁଁ ରହିବ ? କୌଣସି ପ୍ରକାରେ ଅନିଚ୍ଛାରେ 'ହରେ ମୁରାରେ...' ଶବ୍ଦଟି ବାହାରୁଛି, ସେତକ ବି ଟିକିଏ ଛାଡ଼ି ଛାଡ଼ି । ଗୋଟାଏ ସଂକଳ୍ପରେ ଲାଗି ରହିଲେ ଯେ କିଛି ପ୍ରାପ୍ତ ହେବ, ସେତିକି ଯତ୍ନ କିଏ କରୁଛି ? ଭାବନା ଦୌଡ଼ି ଚାଲିଛି – ଘୋଡ଼ାଟି ପାଇଲେ ଆମ ସାଇପଡ଼ିଶାର ଲୋକେ ମୋତେ ଈର୍ଷା କରିବେ । ଅନ୍ୟ ପିଲାମାନେ ଆସି ମୋ ପିଲାଙ୍କୁ ଅଯଥାରେ ଚିହାଇବେ । ତେବେ ଘୋଡ଼ାର ଦାନାପାଣି ପାଇଁ କି ବ୍ୟବସ୍ଥା କରିବି ? ପିଲାଙ୍କୁ ଭଲ ତାଜା ଘାସ ଆଣିବା କାମରେ ଲଗାଇଦେବି । କାରଣ ମୋର ତ ପଇସାକଉଡ଼ି ଏମିତି ବେଶୀ କିଛି ନାହିଁ ଘୋଡ଼ା ପାଳିଲା ଭଳି । ପାଖ ଗାଁ ପାଖେଇ ଆସିଲାଣି, ଛପର ଘରର ମୁଣ୍ଡିସବୁ ଦେଖାଗଲାଣି, ଏଣେ ବାଟୋଇ ଭାଇ ପଦଟିକୁ ବୋଲିବା କଥା ପୂରା ପାସୋରି ଯାଇଛି, ଘୋଡ଼ାଟି ସତେ ଯେମିତି ହସ୍ତଗତ ହୋଇଯାଇଛି, ସେମିତି ଭାବରେ ନିଶ୍ଚିନ୍ତ ମନରେ ପାଦପକାଇ ଚାଲିଛି ସାଧୁବାବାଙ୍କ ସାଙ୍ଗରେ । ସାଧୁବାବା ଅଶ୍ୱର ଲଗାମଟାକୁ ଟାଣି ରଖିଛନ୍ତି, କାରଣ ପରିଚିତ ପଥଘାଟ ଦେଖି ସେଇଟି ଟିକିଏ ଦ୍ରୁତ ଗତିରେ ଚାଲିବାକୁ ଆରମ୍ଭ କରିଛି । ବାଟୋଇ ବି ତାହା ଲକ୍ଷ୍ୟ କରିଛି । ସେ ଆଉ ରହିପାରିଲା ନାହିଁ, ପଚାରି ବସିଲା, ''ସାଧୁବାବା, ଆପଣ ଘୋଡ଼ାଟି ଲଗାମ ସହିତ ଦେବେ ନା ଲଗାମଟି ଆପଣ ରଖିବେ, ପ୍ରଥମରୁ ତ ସେ ବିଷୟଟା ଖୋଲାଖୋଲି ଆଲୋଚନା ହୋଇ ନାହିଁ । ବିନା ଲଗାମରେ ଏହାକୁ ନେବା ତ କାଠିକର ପାଠ ହେବ । କହନ୍ତୁ ନା ସାଧୁବାବା !''

ସାଧୁବାବା କହିଲେ, ''ବାଟୋଇ ମହାରାଜ, ଆପଣ ବି ତ ସର୍ତ୍ତଟି ଭୁଲି ଯାଇଛନ୍ତି । 'ବିନା ମୂଲ୍ୟ' ଅବଶ୍ୟ କହିଥିଲି କିନ୍ତୁ ପଦଟି ବୋଲି ବୋଲି ପାଖ ଗାଁ ଯାଏଁ ଆସିବାକୁ ହେବ ବୋଲି ତ କହିଥିଲି, ସେଇଟି ତ ଆପଣ କରିପାରି ନାହାନ୍ତି । ତେଣୁ ଆପଣ ହାରିଗଲେ ଏଥର । ଘୋଡ଼ା ପାଇବା ଆଶା ଛାଡ଼ି ଦିଅନ୍ତୁ । ଆଉ କେବେ ଦେଖିବା । ତେଣୁ ଲଗାମଟା ପାଇବେ କି ନାହିଁ ସେ ବିଷୟରେ ମୁଣ୍ଡ ଖେଳାଇବା ଆଉ ଦରକାର ନାହିଁ, ଅନ୍ତତଃ ଏଥରକ ଲାଗି । ପୁଣି କେବେ ଦେଖା ହେଲେ ଭାଗ୍ୟ ପରଖି କରିବା ।

ଏହା କହି ସାଧୁବାବା ଘୋଡ଼ାରେ ଚଢ଼ି ଚାଲିଗଲେ ।

ବାଟୋଇ ବିଚରା ନିଜ ଭାଗ୍ୟକୁ ନିନ୍ଦା କରି ଗାଁରେ ପ୍ରବେଶ କଲା, ନିଜର ତ୍ରୁଟିଟି କେଉଁଠି ଅଛି ତା' ଭାବିବା ଆଗରୁ ସାଧୁବାବା ଯେ କଥା ରଖିଲେ ନାହିଁ, ସେ ଅଭିଯୋଗଟା

ତାଙ୍କୁ ବଡ଼ ହୋଇ ଦେଖାଗଲା; ଯେହେତୁ ଘୋଡ଼ା, ତା' ସହିତ ଲଗାମଟି ତା'ର ହସ୍ତଗତ ହେଲା ନାହିଁ ।

ପରିଶେଷରେ, ଆମ ମନର ଦୌଡ଼ିବାର ପ୍ରବୃତ୍ତି ଯେ ଏଇପରି,– ତହିଁରେ ଇଷ୍ଟ ଚିନ୍ତାରେ ତାକୁ ଲଗାଇବା କେତେ କଷ୍ଟ ତାହା ଭାବନାର ବିଷୟ । କାରଣ ସାଧାରଣ ଭାବରେ ଆମର ସଂକଳ୍ପ ବଡ଼ ହୁଗୁଳା ଓ ଅଧ୍ୟବସାୟ ଶୂନର ଘରେ । ପିଲାଦିନରୁ ଏଇ କେତୋଟି ବିଷୟରେ ପିଲାଙ୍କୁ ସଚେତନ କରିବା ବହୁତ ଦରକାର । ସେଥିପାଇଁ ବ୍ରହ୍ମଚାରୀଗଣ ବିଦ୍ୟାଶିକ୍ଷା ଆରମ୍ଭ କରିବା ଆଗରୁ ସମବେତ କଣ୍ଠରେ ଶାନ୍ତିପାଠ କରୁଥିଲେ : ମୋ ବାକ୍ୟ ମନରେ ପ୍ରତିଷ୍ଠିତ ହେଉ, ମୋ ମନ ମଧ୍ୟ ବାକ୍ୟରେ ପ୍ରତିଷ୍ଠିତ ହେଉ । ହେ ସ୍ୱପ୍ରକାଶ ବ୍ରହ୍ମ, ଆମ ନିକଟରେ ପ୍ରକାଶିତ ହୁଅ । (ହେ ବାକ୍ୟ ଓ ମନ !) ତୁମେ ଯେପରି ମୋ ନିକଟକୁ ବେଦାର୍ଥ ନେଇ ଆସିବାକୁ ସମର୍ଥ ହୁଅ । ଶ୍ରୁତ ବିଷୟସମୂହ ଯେପରି ମୋ ସ୍ମୃତିରୁ ହଜି ନ ଯାଏ (ମୋତେ ତ୍ୟାଗ ନ କରେ) । ଏଇ ଅଧ୍ୟୟନ ଦ୍ୱାରା ଦିବସ ଓ ରାତ୍ରିକୁ ମୁଁ ସଂଯୋଜିତ କରେ । ମୁଁ ମାନସିକ ସତ୍ୟଭାଷଣ କରିବି, ବାଚନିକ ସତ୍ୟ କହିବି । ବ୍ରହ୍ମ ମୋତେ ରକ୍ଷା କରନ୍ତୁ, ବ୍ରହ୍ମ ଆଚାର୍ଯ୍ୟଙ୍କୁ ରକ୍ଷା କରନ୍ତୁ । ଓଁ ଶାନ୍ତିଃ, ଓଁ ଶାନ୍ତିଃ, ଓଁ ଶାନ୍ତିଃ । ଅର୍ଥାତ୍ ଶାନ୍ତି ହେଉ, ଶାନ୍ତି ସର୍ବତ୍ର ପରିବ୍ୟାପ୍ତ ହେଉ ।

ଏଇ ଶାନ୍ତିବଚନ ଏକପ୍ରକାର ପ୍ରାର୍ଥନା, ଏକାଗ୍ରତା ଥିଲା – ଯାହା କେବଳ ଅଧ୍ୟୟନ ସମୟରେ ସୀମାବଦ୍ଧ ନ ରହି ଜୀବନକୁ, ଚରିତ୍ରକୁ ସମଗ୍ର ଭାବରେ ପ୍ରଭାବିତ କରୁଥିଲା; ତେଣୁ ମନ, ବଚନ ଓ କର୍ମ ଏକ ସଙ୍ଗରେ ସତ୍ୟ ଉପରେ ପ୍ରତିଷ୍ଠିତ ହେଉ ବୋଲି ଅଭୀପ୍ସା ଓ ଯତ୍ନ ଥିଲା । ଶ୍ରୀମା ମଧ୍ୟ ଜୀବନ ଉପରେ ସତ୍ୟସଂକଳ୍ପର ପ୍ରଭାବକୁ ଦୃଢ଼ କରିବା ସକାଶେ ବାଳକ ବୟସରୁ ସେ ଦିଗରେ ଦୃଷ୍ଟି ଦେବା ପାଇଁ କହିଛନ୍ତି । ତାଙ୍କ ମତରେ ଶିକ୍ଷା ହେଉଛି ଏକ ଅନୁଶୀଳନ ଓ କୃଷ୍ଟି ଯାହାକୁ ଦୈନନ୍ଦିନ ଜୀବନ ମଧ୍ୟକୁ ଅଣା ଯାଇପାରେ ଯାହା ପରିଶେଷରେ ସଂକଳ୍ପ ସହିତ କର୍ମ ସମୂହକୁ ଯୋଡ଼ିଦେଇ ପାରିବ ।

ଶ୍ରୀମାଙ୍କ ଭାଷାରେ : ''...ଆମେ ସମଗ୍ର ଜୀବନକୁହିଁ ଏକ ଶିକ୍ଷାର କ୍ଷେତ୍ର ବୋଲି କହିପାରିବା ଏବଂ ଆମେ ସମସ୍ତେ ଅଳ୍ପ ବହୁତ ସଚେତନ ଭାବରେ ଓ ଅଳ୍ପ ବହୁତ ଇଚ୍ଛା ପ୍ରଣୋଦିତ ଭାବରେ ସେହି ଶିକ୍ଷାର ଅନୁଧାବନ କରୁଥାଉ । କେତେକ କ୍ଷେତ୍ରରେ ଏହି ଶିକ୍ଷା ଆମ ଭିତରେ ଆଲୋକର ଅଭିବ୍ୟକ୍ତି କରିଆଣୁଥିବା ଗତିସ୍ପନ୍ଦନଗୁଡ଼ିକୁ ପ୍ରୋତ୍ସାହନ ଦିଏ ଏବଂ ଅନ୍ୟ କେତେକ କ୍ଷେତ୍ରରେ ତାହା ଓଲଟି ଛାୟାଟିକୁ ପ୍ରକଟ କରି ଆଣୁଥିବା ଗତିସ୍ପନ୍ଦନଗୁଡ଼ିକୁ ମଧ୍ୟ ପ୍ରୋତ୍ସାହନ ଦେବାରେ ଲାଗିଥାଏ । ଯଦି ଆମର ପରିସ୍ଥିତି ଏବଂ ପରିବେଶ ଅନୁକୂଳ ହୋଇ ରହିଥାଏ, ତେବେ ଛାଇଟାକୁ ପଛକୁ ଠେଲିଦେଇ ଆଲୋକହିଁ ବୃଦ୍ଧିଲାଭ କରେ; ତା' ନହେଲେ ଓଲଟା କଥାଟିହିଁ ଘଟିବାରେ ଲାଗିଥାଏ । ଏବଂ ଏହିପରି ଭାବରେ କାର୍ଯ୍ୟ କରୁଥିବା ପ୍ରକୃତିର ଖିଆଲ ଏବଂ ଭୌତିକ ତଥା ପ୍ରାଣିକ ଜୀବନର ନିୟତି ନିର୍ଦ୍ଦେଶଗୁଡ଼ିକ ଅନୁସାରେହିଁ ଜଣେ ବ୍ୟକ୍ତିର ସ୍ୱଭାବ ଓ ଚରିତ୍ର ଏକ ନିର୍ଦ୍ଦିଷ୍ଟ ପ୍ରକାରେ ଦାନା ବାନ୍ଧିବାକୁ ଆରମ୍ଭ କରେ । ଅବଶ୍ୟ, ଯଦି ଏହି କ୍ଷେତ୍ରରେ ଏକ ଉଚ୍ଚତର ଉପାଦାନର ପ୍ରବେଶ ଘଟେ, ଯଦି ଏକ ସଚେତନ ଇଚ୍ଛା ପ୍ରକୃତିକୁ ତା'ର ଖାମଖିଆଲୀ ଧାରାଗୁଡ଼ିକରେ ଗତି କରିବାକୁ କୌଣସି ଅନୁମତି ନଦେଇ ସେଗୁଡ଼ିକର ସ୍ଥାନରେ ଏକ ନ୍ୟାୟାନୁମୋଦିତ ଏବଂ ସ୍ପଷ୍ଟଦୃଷ୍ଟିସମ୍ପନ୍ନ ଶୃଙ୍ଖଳାର ପ୍ରତିଷ୍ଠା ସମ୍ଭବ କରିଦିଏ, ତେବେ ପରିଣାମ ଅନ୍ୟ ପ୍ରକାରର ହୋଇଥାଏ । ଶିକ୍ଷାର ଏକ ବୁଦ୍ଧି ସମର୍ଥିତ ପଦ୍ଧତି କହିଲେ ଆମେ ଏହି ସଚେତନ ସଂକଳ୍ପକୁହିଁ ବୁଝିଥାଉ ।''

(CWM Vol. 12, p. 19 - 20)

ଆମେ ଆମର ଚିନ୍ତା-ଭାବନାରେ ତଥା କଥାବାର୍ତ୍ତାରେ ଏବଂ କିଛି ଅନ୍ୟ କାମରେ ଲାଗି ରହିଥିବା ବେଳେ ଏଇ ସଂକଳ୍ପଟିକୁ ଧରିରଖିବାକୁ ପ୍ରଯତ୍ନ କରିବା, ତାହାଫଳରେ ଉଚ୍ଚତର ଜୀବନରେ ତଥା ମାନବୀୟ ସ୍ତରରେ ତାହା ଆମକୁ କୃତକାର୍ଯ୍ୟ ହେବାରେ ସାହାଯ୍ୟ କରିବ ।

❑❑❑

ଅତ୍ୟଧିକ ବ୍ୟଗ୍ର ନ ହେବା ପାଇଁ ସାବଧାନ ରହ, କାରଣ ଏହା ଫଳରେ ତୁମ ପ୍ରାଣ-ପ୍ରକୃତିରେ ପ୍ରତିଷ୍ଠିତ ହୋଇଥିବା ନିଶ୍ଚଳତା ଓ ଭାରସାମ୍ୟ ପୁଣି ବିକ୍ଷୁବ୍‌ଧ ହୋଇପାରେ ।

– ଶ୍ରୀଅରବିନ୍ଦ

# ବିଭିନ୍ନ ଯୋଗମାର୍ଗ : ହେତୁ ଓ ପରିଣତି

***ପ୍ରଶ୍ନ :*** *କର୍ମ ଯୋଗ ଏବଂ ଭକ୍ତି ଯୋଗ ଭିତରେ କେଉଁ ଗୋଟିକ ବଡ଼ ଏବଂ କାହିଁକି ?*

**ଉତ୍ତର :** ଆଶା କରେ ଯୋଗର ଉଦ୍ଦେଶ୍ୟ ସମ୍ପର୍କରେ ଆପଣ ନିଶ୍ଚିତ – ଯାହାକି ଆମର ଉତ୍ସ ଯେଉଁ ଦିବ୍ୟ ଶକ୍ତି, ତାହା ସହ ସଂଯୋଗ ସାଧନ ।

ବିଭିନ୍ନ ଯୋଗ ଧାରା ଚାଲୁ ହେବାର କାରଣ, ସବୁ ଯୋଗାର୍ଥୀଙ୍କର ଚେତନାଗତ ଗଠନ ସମାନ ନୁହେଁ । କିଏ ହୁଏତ ମାନସିକ ପର୍ଯ୍ୟାୟରେ ବିକଶିତ, କିନ୍ତୁ ଆବେଗ-ପ୍ରବେଗ ଦୃଷ୍ଟିରୁ ଦୁର୍ବଳ, କିଏ ହୁଏତ ଏହାର ବିପରୀତ – ଏମିତି ଆମ ଭିତରେ ରହିଛନ୍ତି ସ୍ୱଭାବ, ଆଗ୍ରହ ଓ ବିକାଶର ବହୁ ଭିନ୍ନ ଭିନ୍ନ ଗୁଣ-ସମନ୍ୱିତ ମଣିଷ । ଯୋଗ ନିମନ୍ତେ ଆଗ୍ରହ ମଧ୍ୟ ସେହି ଅନୁସାରେ ଭିନ୍ନ ଭିନ୍ନ ଧାରାରେ ପ୍ରବାହିତ ହୁଏ । ଜଣେ ଅଧିକରୁ ଅଧିକ ଭଗବତ୍ ଜ୍ଞାନାର୍ଜନରେ ଅଗ୍ରସର ହୋଇ ଭଗବାନଙ୍କ ନିକଟତର ହୁଏ, ଅନ୍ୟ ଜଣେ ପ୍ରେମ ବା ଭକ୍ତି ଭାବରେ ଉଦ୍‌ବେଳିତ ହୋଇ ତାଙ୍କ ସାନ୍ନିଧ୍ୟ ଲାଭ କରିପାରେ; ଆଉ ଜଣେ ମନେ କରିପାରେ ଯେ ଏ ସମଗ୍ର ସୃଷ୍ଟିହିଁ ଭଗବାନଙ୍କର ଏକ କର୍ମ; ଅତଏବ ସେ କର୍ମ କରେ ତାଙ୍କରି ଆୟୁଧ ଭାବରେ ନିଜକୁ ଉତ୍ସର୍ଗ କରି । ଏ ପ୍ରତ୍ୟେକ ଧାରା ତା'ର ପରିଣତ ପର୍ଯ୍ୟାୟରେ ସାଧକକୁ ସ୍ୱତଃ ଆଣିଦିଏ ଅନ୍ୟ ସବୁ ଧାରାର ଫଳ । ଯିଏ ଜ୍ଞାନ ମାଧ୍ୟମରେ ଭଗବାନଙ୍କ ନିକଟତର ହୁଏ, ବଳେ ବଳେ ସେ ତାଙ୍କ ପ୍ରତି ଭକ୍ତି ଅନୁଭବ କରେ ଏବଂ ନିଜର ସମସ୍ତ କର୍ମ ତାଙ୍କୁ ସମର୍ପଣ କରେ – ଭକ୍ତି ଯୋଗୀ ଏବଂ କର୍ମ ଯୋଗୀ ଭଳି । ଯିଏ ଭକ୍ତି ମାଧ୍ୟମରେ ତାଙ୍କର ସାନ୍ନିଧ୍ୟ ପାଏ, ସିଏ ସାନ୍ନିଧ୍ୟ ଲାଭ ମାତ୍ରେ ତାଙ୍କ ସ୍ୱରୂପ ଜାଣେ, ଅର୍ଥାତ୍ ଜ୍ଞାନଯୋଗର ସିଦ୍ଧି ତା'ର ଆୟତ୍ତ ହୋଇଯାଏ ଏବଂ କହିବା ବାହୁଲ୍ୟ ତା' ନିଜର ସ୍ୱାର୍ଥଗତ କର୍ମ ବୋଲି କିଛି ନଥାଏ । ତା' କର୍ମ ହୋଇଥାଏ ଭଗବତ୍-ସମର୍ପିତ । ଅତଏବ ସେ କର୍ମଯୋଗର ଫଳ ମଧ୍ୟ ପାଏ ।

ତେଣୁ ଗୋଟାଏ ଯୋଗ ବଡ଼ ଓ ଅନ୍ୟ ଗୋଟାଏ ସାନ – ମହାଯୋଗୀଙ୍କର ଚରମ ଅଭିଜ୍ଞତା ଦୃଷ୍ଟିରୁ ସେମିତି ବିଚାର ଅଳୀକ । ସମସ୍ୟା ହେଲା, ସାଧକ ମାତ୍ରେ ଅହଂଶୂନ୍ୟ ନୁହନ୍ତି । ଅହଂଶୂନ୍ୟତା ଏକ ଭିନ୍ନ ଶୃଙ୍ଖଳା । ଅନ୍ୟାନ୍ୟ ବହୁ ସିଦ୍ଧି ସତ୍ତ୍ୱେ ତାହା ହାସଲ ନ ହୋଇଥାଇପାରେ । ତେଣୁ ଏକ ନିର୍ଦ୍ଦିଷ୍ଟ ମାର୍ଗର ସାଧକ ଅନ୍ୟ ମାର୍ଗର ସାଧକକୁ ନ୍ୟୁନ ଦୃଷ୍ଟିରେ ଦେଖିପାରେ । କହିବା ବାହୁଲ୍ୟ, ସର୍ବୋଚ୍ଚ ନ ହେଲେ ମଧ୍ୟ ମହତ୍ତର ସିଦ୍ଧିରେ ଉପନୀତ ସାଧକ ସେଭଳି ଉଚ୍ଚ, ନୀଚ ଭାବ ପୋଷଣ କରିବ ନାହିଁ । ଆପଣଙ୍କ ଆଗ୍ରହ ବଳବତ୍ତର ଥିଲେ ଆପଣ ସବୁ ଯୋଗର ସମନ୍ୱୟ ସୂତ୍ର ମଧ୍ୟ ଶିକ୍ଷା କରିପାରିବେ ଯଦି ଶ୍ରୀଅରବିନ୍ଦଙ୍କର *The Synthesis of Yoga* (ଯୋଗ ସମନ୍ୱୟ) ଅଧ୍ୟୟନ କରିବେ ।

# ଅହଂର ପ୍ରଥମ ଲକ୍ଷଣ

***ପ୍ରଶ୍ନ :*** *ଅହଂର ପ୍ରଥମ ଲକ୍ଷଣ କ'ଣ ?*

**ଉତ୍ତର :** ପ୍ରତ୍ୟେକ ବ୍ୟକ୍ତି ଭିତରେ ଅହଂ ଥାଏ; ତେବେ ପୂର୍ବଜନ୍ମାର୍ଜିତ ଚେତନାର ବିକାଶ ଅନୁସାରେ ମାତ୍ରାରେ ତାରତମ୍ୟ ରହିଥାଏ । ଅହଂର ପ୍ରଥମ ଲକ୍ଷଣ ହେଲା ଅତୀବ ସ୍ଥୂଳ ପର୍ଯ୍ୟାୟର

ଅହଂକାରୀ ନିଜକୁ ଜମାରୁ ସନ୍ଦେହ କରେ ନାହିଁ — କାହାଣୀର କାଠହଣା ଚଢ଼େଇ ଭଳି । ନିଜର ଛୋଟିଆ ବଣ ଭିତରେ ଆଜନ୍ମ ବାସ କରୁଥିବା ଚଢ଼େଇଟି ନିଜ ଉଚ୍ଚାଭିଳାଷୀ ଧର୍ମପତ୍ନୀଙ୍କ ପରାମର୍ଶ ଅନୁସାରେ ଅଦୂରର ଏକ ବୃହତ୍ତର ଅରଣ୍ୟକୁ ଗଲା ଉତ୍ତମ କାଠ ସନ୍ଧାନରେ । ଗଛଟିଏ ମନୋନୀତ କରି ତାକୁ ଜାବୁଡ଼ି ଧରି ସେଥିରେ ପକାଇଲା ଏକ ଚୋଟ । ଦୈବକୁ ସେହି ମୁହୂର୍ତ୍ତରେ ବଜ୍ରପାତବଶତଃ ଗଛ ଗୋଟିକ ବିଦୀର୍ଣ୍ଣ ହୋଇଗଲା । ଛିଟିକି ତଳେ ପଡ଼ିଲା ଆଗନ୍ତୁକ ଚଢ଼େଇଟି ମଧ୍ୟ । ମୁହୂର୍ତ୍ତକ ପରେ ଉଠିବସି ଝାଡ଼ିଝୁଡ଼ି ହୋଇ ସେ ନିଜକୁ ଦେଲା ଏହି ଅଭିନନ୍ଦନ; ''ବାପ୍‌ରେ ! ଘରୁ ବାହାରି ଆସି ନଥିଲେ ମୁଁ କି ବୁଝିଥା'ନ୍ତି ମୋର ତାକତ ଏତେ ବୋଲି ?''

କାହାଣୀଟି ହାଲୁକା ହେଲେ ମଧ୍ୟ ଏହାର ମର୍ମ ନିର୍ମମ ସତ୍ୟ : ଅଧିକାଂଶ ମଣିଷ ସର୍ବଦା ନିଜକୁ କେନ୍ଦ୍ରରେ ରଖିହିଁ ଯାବତୀୟ ଘଟଣାବଳୀର ବ୍ୟାଖ୍ୟା କରିଥା'ନ୍ତି । ସଭିଙ୍କ ଚେତନାରେ ଅହଂ ଓତପ୍ରୋତ ଜଡ଼ିତ — ତାମସିକ ବା ରାଜସିକ ଅଥବା ସାତ୍ତ୍ୱିକ ଅହଂ — ବ୍ୟକ୍ତିର ପ୍ରକୃତି ଅନୁସାରେ ।

ଆମକୁ ଏକ ସଜ୍ଞାନ ବ୍ୟକ୍ତି ଭାବରେ ସଚେତନ କରିବା ଥିଲା କ୍ରମବିକାଶରେ ଅହଂର ଭୂମିକା । କିନ୍ତୁ ଥରେ ସଚେତନ ହେବା ଅନ୍ତେ ସେ ସଚେତନତାର ଆଭିମୁଖ୍ୟ ହେଲା ଆମେ ଅହଂ ଅତିକ୍ରମ କରିବା । କାରଣ ଜନ୍ମଜନ୍ମାନ୍ତର ଅବ୍ୟାହତ ରହିଥିବା ଆମର ଏ ଜୀବନର ଅନ୍ତିମ ଲକ୍ଷ୍ୟ ହେଲା ଭଗବାନଙ୍କୁ ଉପଲବ୍ଧି କରିବା । ସେ ଦିଗରେ ଅନ୍ତରାୟ ହେଲା ଅହଂ । କହିବା ବାହୁଲ୍ୟ, ଏହା ସହଜ ନୁହେଁ । ଆମ ଅବଚେତନାରେ ଅନେକ ସ୍ତର ବ୍ୟାପୀ ଅହଂର ପ୍ରଚ୍ଛନ୍ନ ନିବାସ । କଞ୍ଚା ଅହମିକା ସ୍ତରରୁ ଆମେ ଉତ୍ତୀର୍ଣ୍ଣ ହେବା ଅନ୍ତେ ଏହା ନାନାଦି ଆଦର୍ଶ ଆଳରେ ଆମକୁ ଆୟତ୍ତରେ ରଖେ । ଜନସେବା, ଦେଶସେବା, ଦାନ ଧର୍ମ — ଏସବୁ ଏକାନ୍ତ ପ୍ରୟୋଜନୀୟ ଏବଂ ଏସବୁ ନିଃସ୍ୱାର୍ଥ ହୋଇଥିଲେ ମହତ୍ କର୍ମ ନିଶ୍ଚୟ; କିନ୍ତୁ ଯଦି ଏସବୁ ଅହଂଶୂନ୍ୟ, ଅର୍ଥାତ୍, ଭଗବତ୍ ନିବେଦିତ କର୍ମ ପର୍ଯ୍ୟାୟକୁ ଉନ୍ନୀତ ହୋଇ ପାରିବେ, ତେବେ ହେବେ ଯୋଗର ଅନ୍ତର୍ଭୁକ୍ତ ।

**— ମନୋଜ ଦାସ**

('ଜିଜ୍ଞାସାର ଦିଗ୍‌ଦିଗନ୍ତ'ରୁ ସଂଗୃହୀତ, ପୃ. ୧୦୨ - ୧୦୫) ❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** Sri Aurobindo Ashram Trust 'Donation' website (donations.sriaurobindoashram.org) ସହାୟତାରେ ପ୍ରଣାମୀ ଦାଖଲ କରିପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।

ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ - ୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

tarika

## AYURVEDIC HERBAL REMEDIES

### Pimple / Acne Remover

Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face

Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and
texture within 3 to 4 weeks.*

### Hair Vitaliser oil

Controls hair loss and improves hair growth
*Regular use prevents hair thinning
and receding hair line*

### Gum oil

Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil

Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,
Germany, Italy, Australia etc.*

Available in Bhubaneswar *(wholesale/retail)*:
**Sai Srishti** (Behind Ram Mandir - Hope Diagnostic Bldg.)
Plot No. 34, Kharvel Nagar, Unit 3, Bhubaneswar - 751001
Phone : 6370865575 / 9437066955

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935 / 9442249355
Email :sales@ayurlabsindia.com
Website: www.ayurlabsindia.com

Statement about ownership and other particulars about the newspaper (NAVAPRAKASH) to be published in the first issue of every year after the last day of February.

**Form–IV**

(See Rule 8)

| | | |
|---|---|---|
| 1. Place of Publication | ··· | Sri Aurobindo Ashram, Pondicherry - 605 002 |
| 2. Periodicity of its Publication | ··· | Monthly |
| 3. Printer's Name | ··· | Swadhin Chatterjee |
| Nationality | ··· | Indian |
| Address | ··· | Sri Aurobindo Ashram Press, Pondicherry - 605 002 |
| 4. Publisher's Name | ··· | Manoj Das Gupta |
| Nationality | ··· | Indian |
| Address | ··· | Sri Aurobindo Ashram, Pondicherry - 605 002 |
| 5. Editor's Name | ··· | Madhusudan Mishra |
| Nationality | ··· | Indian |
| Address | ··· | Sri Aurobindo Ashram, Pondicherry - 605 002 |
| 6. Name and Address of individuals who own the newspaper and partners or shareholders holding more than one percent of the total capital. | ··· | Sri Aurobindo Ashram Trust, Pondicherry - 605 002 |

I, Sri Manoj Das Gupta, hereby declare that the particulars given above are true to the best of my knowledge and belief.

(Sd/) Manoj Das Gupta

*Date : 8.3.2022* *Signature of Publisher*

**Vol. LIII, No. 3** **R.N.I. No. 18163/70.**
Navaprakash (Monthly), March, 2022 Registration No. PY/51/2021-23
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2021-23

**ବିଶେଷ ସୂଚନା :**

ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ପାଳନର ପ୍ରାକ୍ କାଳରେ ତାଙ୍କ ରଚିତ ମହାର୍ଘ କାବ୍ୟଗ୍ରନ୍ଥ ମନ୍ତ୍ରମୟୀ 'ସାବିତ୍ରୀ'ର ପ୍ରଥମ ଭାଗର ଓଡ଼ିଆ ପଦ୍ୟାନୁବାଦ ପ୍ରକାଶ ପାଇଲା । ଏହାର ଅନୁବାଦକ ପ୍ରଥିତଯଶା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗଭୀର ସାଧନାଲବ୍ଧ, ପ୍ରତୀକଧର୍ମୀ ଗ୍ରନ୍ଥଟିକୁ ସହଜ ପଠନ ଓ ମନନ କରିବା ଉଦ୍ଦେଶ୍ୟରେ ମୂଳଗ୍ରନ୍ଥ ସହ ଓଡ଼ିଆ ଅନୁବାଦକୁ ଏକତ୍ର ସନ୍ନିବେଶିତ କରାଯାଇଛି ।




**ସାବିତ୍ରୀ**
**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**
**(ପ୍ରଥମ ଭାଗ)**

୮୪୧ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : ୫୦୦/- ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**